# ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ଡିସେମ୍ବର ୧୬/୨୦୧୮ (୨୦ ପୃଷ୍ଠା+ଛୁଟିଦିନ) Sambalpur, Sunday, December 16/ 2018 ★★

୧୫ଶ ଭାଗ ୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-







“ମିଜୋ ନ୍ୟାଶନାଲ୍ ଫ୍ରଣ୍ଟ (ଏମ୍ଏନ୍ଏଫ) ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ଏବଂ ଉତ୍ତରପୂର୍ବାଞ୍ଚଳ ଗଣତାନ୍ତ୍ରିକ ମେଣ୍ଟ (ଏନ୍ଇଡିଏ)ରୁ ଓହରିଯିବ ନାହିଁ।

-ଜୋରାମଥାଙ୍ଗା, ମିଜୋରାମ ମୁଖ୍ୟମନ୍ତ୍ରୀ

## ସଂକ୍ଷେପରେ

### ମିକ୍ ମୁଲଭାନୀ ଆମେରିକାର ଅନ୍ତରୀଣ ଚିଫ୍ ଅଫ୍ ଷ୍ଟାଫ



ୱାଶିଂଟନ,୧୫ା୧୨(ପି.ଟି.): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କର ବଜେଟ ନିର୍ଦ୍ଦେଶକ ମିକ୍ ମୁଲଭାନୀଙ୍କୁ ହ୍ୱାଇଟ ହାଉସ୍‌ର ଅନ୍ତରୀଣ ଚିଫ୍ ଅଫ୍ ଷ୍ଟାଫ ମନୋନୀତ କରିଛନ୍ତି। ଫଳରେ ଏହି ପଦବୀକୁ ନେଇ ଲାଗି ରହିଥିବା କଳ୍ପନାଜଳ୍ପନାର ଅବସାନ ଘଟିଛି। ମୁଲଭାନୀ ତାଙ୍କ ପ୍ରଶାସନରେ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି ଏବଂ ନୂଆବର୍ଷରେ ସେ ଜନ୍ କେଲିଙ୍କ ସ୍ଥାନ ନେବେ ବୋଲି ଟ୍ରମ୍ପ ଟୁଇଟ କରିଛନ୍ତି।

### କାର୍ ସହ ଜଳିଗଲେ ୪ ଜଣ

ହାଥ୍ରାସ୍ (ୟୁପି),୧୫ା୧୨(ପି.ଟି.): ଉତ୍ତରପ୍ରଦେଶର ଫୈଜାବାଦ ଜିଲା ଅନ୍ତର୍ଗତ ପୋରା ଗ୍ରାମରେ ଏକ କାର ଦୁର୍ଘଟଣାରେ ବର୍ଷକର ଶିଶୁ ସମେତ ୪ ଜଣ ଜଳିଯାଇଛନ୍ତି। ଅନ୍ୟ ୨ ଗୁରୁତର ଆହତ ହୋଇଛନ୍ତି। ଶୁକ୍ରବାର ରାତିରେ ସେମାନେ ଏକ ବିବାହ ଉତ୍ସବରେ ଯୋଗଦେଇ ଫେରୁଥିଲା ବେଳେ କାର୍‌ଟି ଓଲଟିପଡି ଜଳିଯାଇଥିଲା।

### [ଇତିହାସର ଆଇନାରେ]

### ଡିସେମ୍ବର ୧୬ର ପ୍ରମୁଖ ଘଟଣା

୧୯୭୧ ଡିସେମ୍ବର ୧୬ରେ ବାଂଲାଦେଶ ମୁକ୍ତିଯୁଦ୍ଧ ଓ ଭାରତ-ପାକିସ୍ତାନ ଯୁଦ୍ଧ ଆରମ୍ଭ ହୋଇଥିଲା। ପାକିସ୍ତାନୀ ସେନା ଆତ୍ମସମର୍ପଣ କରିବା ପରେ ଏହି ଯୁଦ୍ଧର ପରିସମାପ୍ତି ଘଟିଥିଲା।

୧୯୫୦ ଡିସେମ୍ବର ୧୬ରେ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ହ୍ୟାରି ଏସ୍. ଟ୍ରୁମ୍ୟାନ୍ ଦେଶରେ ଜରୁରୀ ପରିସ୍ଥିତି ଘୋଷଣା କରିଥିଲେ। ଏହା ପଛର କାରଣ ଥିଲା ଉତ୍ତର କୋରିଆର କମ୍ୟୁନିଷ୍ଟ ସରକାର ସହାୟତାରେ ଚାଇନା ସେନା ଯୁଦ୍ଧରେ ଅବତୀର୍ଣ୍ଣ ହେବା।

# କ୍ଷମତାଯୁଦ୍ଧର ଅବସାନ

କଲମ୍ବୋ,୧୫ା୧୨(ପି.ଟି.)



ମହିନ୍ଦା ରାଜପାକ୍‌ସେ



ରାନିଲ ୱିକ୍ରମସିଂଘେ

**ଶ୍ରୀଲଙ୍କା ସଙ୍କଟ**

- ଇସ୍ତଫା ଦେଲେ ବିବାଦୀୟ ପ୍ରଧାନମନ୍ତ୍ରୀ ରାଜପାକ୍‌ସେ
- ୱିକ୍ରମସିଂଘେଙ୍କୁ ପୁନଃ ଅବସ୍ଥାପିତ କରିବେ ରାଷ୍ଟ୍ରପତି
- ସୁପ୍ରିମକୋର୍ଟଙ୍କ ରାୟ ପରେ ବିବାଦର ସମାଧାନ

ଦୁଇମାସ ତଳେ ଏକ ବିବାଦୀୟ ଘଟଣାକ୍ରମରେ ରାଷ୍ଟ୍ରପତି ମୈତ୍ରୀପାଲ୍ ସିରିସେନାଙ୍କ ଦ୍ୱାରା ପ୍ରଧାନମନ୍ତ୍ରୀ ନିଯୁକ୍ତ ହୋଇଥିବା ମହିନ୍ଦା ରାଜପାକ୍‌ସେ ଶନିବାର ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ତାଙ୍କ ଇସ୍ତଫା ଫଳରେ ଉକ୍ତ ଦ୍ୱୀପ ଦେଶରେ ସୃଷ୍ଟି ହୋଇଥିବା ରାଜନୈତିକ ଅଚଳାବସ୍ଥାର ଅବସାନ ଘଟିଛି ଏବଂ ରାନିଲ ୱିକ୍ରମସିଂଘେ ପୁଣିଥରେ କ୍ଷମତାକୁ ଫେରିବା ପଥ ପରିଷ୍କାର ହୋଇଯାଇଛି। ରବିବାର ୱିକ୍ରମସିଂଘେ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବେ ବୋଲି ଜଣାପଡିଛି। ରାଜପାକ୍‌ସେଙ୍କ ଇସ୍ତଫାପତ୍ରକୁ ରାଷ୍ଟ୍ରପତି ଗ୍ରହଣ କରିନେବା ସହ ୱିକ୍ରମସିଂଘେଙ୍କୁ ପୁନଃ ଅବସ୍ଥାପିତ କରିବା ଲାଗି ରାଜି ହୋଇଛନ୍ତି। ପୂର୍ବରୁ ସିରିସେନା ୱିକ୍ରମସିଂଘେଙ୍କୁ ପ୍ରଧାନମନ୍ତ୍ରୀ ପଦରେ ପୁନଃ ନିଯୁକ୍ତି ନ ଦେବା ଜିଦ୍‌ରେ ଅଟଳ ରହିଥିଲେ। ରାଜପାକ୍‌ସେ ପ୍ରଧାନମନ୍ତ୍ରୀ ପଦରେ ଅଧିଷ୍ଠିତ ହୋଇଥିଲେ ହେଁ ପାର୍ଲାମେଣ୍ଟରେ ସଂଖ୍ୟାଗରିଷ୍ଠତା ଦେଖାଇବାରେ ବିଫଳ ହୋଇଥିଲେ। ସୁପ୍ରିମକୋର୍ଟ ୱିକ୍ରମସିଂଘେଙ୍କ ପ୍ରଧାନମନ୍ତ୍ରିତ୍ୱକୁ କାଏମ ରଖିବା ସହ ରାଷ୍ଟ୍ରପତି ସିରିସେନାଙ୍କ ପାର୍ଲାମେଣ୍ଟ ଭଙ୍ଗ ନିଷ୍ପତ୍ତିକୁ ଅସାମ୍ବିଧାନିକ ଓ ବେଆଇନ କହିବା ପରେ ରାଜପାକ୍‌ସେ ତାଙ୍କ ପଦରୁ ଇସ୍ତଫା ଦେବାକୁ ବାଧ୍ୟ ହୋଇଛନ୍ତି। ସୂଚନାଯୋଗ୍ୟ ୱିକ୍ରମସିଂହେଙ୍କ ସହ ମତାନ୍ତରରୁ ଗତ ଅକ୍ଟୋବର ୨୬ରେ ରାଷ୍ଟ୍ରପତି ତାଙ୍କୁ ପଦଚ୍ୟୁତ କରି ରାଜପାକ୍‌ସେଙ୍କୁ ପ୍ରଧାନମନ୍ତ୍ରୀ କରିଥିଲେ। ରାଜପାକ୍‌ସେ ସଂଖ୍ୟାଗରିଷ୍ଠତା ଦେଖାଇବାରେ ବିଫଳ ହେବା ପରେ ସିରିସେନା ପାର୍ଲାମେଣ୍ଟ ଭଙ୍ଗ କରି ଜାନୁୟାରୀ ୫ରେ ଆଗୁଆ ନିର୍ବାଚନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସୁପ୍ରିମକୋର୍ଟ ରାଷ୍ଟ୍ରପତିଙ୍କ ନିଷ୍ପତ୍ତି ଉପରେ ରୋକ୍ ଲଗାଇବାରୁ ଆଗୁଆ ନିର୍ବାଚନ ପ୍ରସ୍ତୁତି ଅଟକି ରହିଥିଲା। ରାଷ୍ଟ୍ରପତି ପାର୍ଲାମେଣ୍ଟ ଭଙ୍ଗ କରିବା ବେଆଇନ ବୋଲି ଗତ ଗୁରୁବାର ସୁପ୍ରିମକୋର୍ଟ ରାୟ ଦେଇଥିଲେ।

## ଛତିଶଗଡ଼ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ଆଜି



ନୂଆଦିଲ୍ଲୀ,୧୫ା୧୨(ପି.ଟି.)

ଛତିଶଗଡ଼ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଚୟନକୁ ନେଇ ଅଚଳାବସ୍ଥା ଜାରି ରହିଛି। ଶନିବାର କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ବରିଷ୍ଠ ନେତାମାନଙ୍କ ସହ ବୈଠକ କରିଥିଲେ ମଧ୍ୟ ସହମତି ହୋଇ ନ ପାରିବାରୁ ନିଷ୍ପତ୍ତି ରବିବାରକୁ ଅଟକିଛି। ମୁଖ୍ୟମନ୍ତ୍ରୀ ପଦ ଲାଗି ଏକାଧିକ ଦାବିଦାରଙ୍କୁ ନେଇ ଉପୁଜିଥିବା ସମସ୍ୟାର ସମାଧାନ ହୋଇଯାଇଛି ବୋଲି ରାହୁଲ କହିଛନ୍ତି। ଏଥିସହିତ ସେ ୪ ଦାବିଦାରଙ୍କ ସହ ଏକ ଫଟୋ ଟୁଇଟ୍ କରିଛନ୍ତି।

ମୁଖ୍ୟମନ୍ତ୍ରୀ ପଦ ଲାଗି ଭୂପେଶ ବାଘେଲ, ଟି.ଏସ୍. ସିଂ ଦେଓ, ତାମ୍ରଧ୍ୱଜ ସାହୁ ଏବଂ ଚରଣ ଦାସ ମହନ୍ତ ଦାବିଦାର ଅଛନ୍ତି। ତେବେ ନିର୍ବାଚନ ଜିତାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିବା ବାଘେଲଙ୍କୁ ମୁଖ୍ୟମନ୍ତ୍ରୀ ବଛାଯାଇଥିବା ଚର୍ଚ୍ଚା ହେଉଛି। କେବଳ ଆନୁଷ୍ଠାନିକ ଘୋଷଣା ବାକି ରହିଛି। ରବିବାର ମୁଖ୍ୟମନ୍ତ୍ରୀ ଘୋଷଣା କରାଯିବ ବୋଲି ଛତିଶଗଡ଼ କଂଗ୍ରେସ ଦାୟିତ୍ୱରେ ଥିବା ପି.ଏଲ୍.ପୁନିଆ କହିଛନ୍ତି। ରବିବାର ମଧ୍ୟାହ୍ନ ୧୨ଟାରେ ବୈଠକ ବସି ମୁଖ୍ୟମନ୍ତ୍ରୀଙ୍କ ନାଁ ଘୋଷଣା କରାଯିବ ବୋଲି ସେ ଗଣମାଧ୍ୟମକୁ କହିଛନ୍ତି। ଶନିବାର ରାହୁଲ ଛତିଶଗଡ଼ର ନେତାମାନଙ୍କ ସମେତ ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ମଲ୍ଲିକାର୍ଜୁନ ଖାର୍ଗେ, ଛତିଶଗଡ ପାଇଁ ନିଯୁକ୍ତ ଦଳର ପର୍ଯ୍ୟବେକ୍ଷକ ଏବଂ ପୁନିଆଙ୍କ ସହ ବୈଠକ କରିଥିଲେ।

### ରାଫାଲ ରାୟର ସଂଶୋଧନ ଦାବି

# ସୁପ୍ରିମକୋର୍ଟ ଗଲେ ସରକାର

ନୂଆଦିଲ୍ଲୀ,୧୫ା୧୨(ପି.ଟି.)



**ଜେପିସି ତଦନ୍ତ ଦାବିରେ କଂଗ୍ରେସ ଅଟଳ**

ରାଫାଲ ଯୁଦ୍ଧବିମାନ କିଣା ଚୁକ୍ତିନାମାରେ ସୁପ୍ରିମକୋର୍ଟ ଶୁକ୍ରବାର କେନ୍ଦ୍ର ସରକାରଙ୍କୁ କ୍ଲିନଚିଟ୍ ଦେଇଥିଲେ। ତେବେ କମ୍ପ୍ଟ୍ରୋଲର ଆଣ୍ଡ ଅଡିଟ ଜେନେରାଲ (ସିଏଜି) ରିପୋର୍ଟ ଏବଂ ପାର୍ଲାମେଣ୍ଟର ପବ୍ଲିକ ଆକାଉଣ୍ଟ୍ସ କମିଟି (ପିଏସି) ସମ୍ପର୍କରେ ଯେଉଁ ସୂଚନା ଉକ୍ତ ରାୟରେ ଦିଆଯାଇଛି ସେଥିରେ ସଂଶୋଧନ ଲାଗି ସରକାର ଶନିବାର ସୁପ୍ରିମକୋର୍ଟ ଯାଇଛନ୍ତି। କୋର୍ଟରେ ସରକାର ଦାଖଲ କରିଥିବା ସିଏଜି ଏବଂ ପିଏସି ସମ୍ପର୍କିତ ଦସ୍ତାବିଜ୍‌ରେ ତ୍ରୁଟି ଥିବା ଆଇନ ଅଧିକାରୀ କୋର୍ଟଙ୍କୁ ଜଣାଇଛନ୍ତି। ସରକାର ସିଏଜିଙ୍କୁ ରାଫାଲ ମୂଲ୍ୟ ସମ୍ପର୍କରେ ତଥ୍ୟ ଦେଇଛନ୍ତି ଏବଂ ସିଏଜି ରିପୋର୍ଟ ପିଏସି ଯାଞ୍ଚ କରିଥିବା କୋର୍ଟ ଶୁକ୍ରବାର ରାୟର ପାରା ୨୫ରେ ଉଲ୍ଲେଖ କରିଥିଲେ। ତେବେ ସେପରି କୌଣସି ରିପୋର୍ଟ ପାଇ ନ ଥିବା ପିଏସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଥିଲେ। ଅନ୍ୟ ପକ୍ଷରେ ଅଦାଲତ ରାଫାଲ ଜେଟ୍‌ର ମୂଲ୍ୟ ଏବଂ ବୈଷୟିକ ପ୍ରସଙ୍ଗକୁ ଯାଇନାହାନ୍ତି ବୋଲି କଂଗ୍ରେସ କହିଛି। ଏହି ଚୁକ୍ତିନାମାରେ ଅନିୟମିତତା ହୋଇଛି କି ନାହିଁ ତାହା ଯୁଗ୍ମ ସଂସଦୀୟ କମିଟି (ଜେପିସି) ତଦନ୍ତ ହେଲେ ଜଣାପଡିବ ବୋଲି କଂଗ୍ରେସ ନେତା କପିଲ୍ ଶିବଲ କହିଛନ୍ତି।

### ଶିଖ୍ ବିରୋଧୀ ଦଙ୍ଗା ମାମଲାର ରାୟ ସୋମବାର

ନୂଆଦିଲ୍ଲୀ,୧୫ା୧୨(ପି.ଟି)

ସୋମବାର ଦିଲ୍ଲୀ ହାଇକୋର୍ଟରେ ୧୯୮୪ ଶିଖ୍ ବିରୋଧୀ ଦଙ୍ଗା ମାମଲାର ରାୟ ପ୍ରକାଶ ପାଇବ। ନିମ୍ନ ଅଦାଲତର ରାୟ ବିରୋଧରେ କରାଯାଇଥିବା ଆବେଦନ ଉପରେ ହାଇକୋର୍ଟ ତାଙ୍କର ରାୟ ଶୁଣାଇବେ। ପୂର୍ବରୁ ଉକ୍ତ ମାମଲାରେ କଂଗ୍ରେସ ନେତା ସଜନ କୁମାର ଦୋଷମୁକ୍ତ ହୋଇଥିଲେ। ଉକ୍ତ ରାୟକୁ ଚ୍ୟାଲେଞ୍ଜ୍ କରି ଦିଲ୍ଲୀ ହାଇକୋର୍ଟରେ ଏକ ଆବେଦନ କରାଯାଇଥିଲା। ସିବିଆଇ ଓ ଦଙ୍ଗାପୀଡ଼ିତଙ୍କ ଦ୍ୱାରା କରାଯାଇଥିବା ଆବେଦନ ଉପରେ ବିଚାରପତି ଏସ୍. ମୁରଲୀଧର ଏବଂ ବିନୋଦ ଗୋଏଲଙ୍କୁ ନେଇ ଗଠିତ ଖଣ୍ଡପୀଠ ରାୟ ସଂରକ୍ଷିତ ରଖିଥିଲେ।

## ଆର୍ଏଲ୍ଏସ୍‌ପିରେ ବିଦ୍ରୋହ

ପାଟନା,୧୫ା୧୨(ପି.ଟି.)

**ଏନ୍‌ଡିଏକୁ ୩ ବିଧାୟକଙ୍କ ସମର୍ଥନ**

ରଷ୍ଟ୍ରୀୟ ଲୋକ ସମତା ପାର୍ଟି (ଆରଏଲ୍ଏସ୍‌ପି)ରେ ବିଦ୍ରୋହ ଦେଖାଦେଇଛି। ବିହାରର ୩ ବିଧାୟକ ଏବେ ବି ଏନ୍‌ଡିଏରେ ରହିଥିବା ଶନିବାର ଘୋଷଣା କରିଛନ୍ତି। ଦଳ ଅଧ୍ୟକ୍ଷ ଉପେନ୍ଦ୍ର ଖୁଶ୍‌ୱାହା ନିଜର ବ୍ୟକ୍ତିଗତ ସ୍ୱାର୍ଥ ଲାଗି ଏନ୍‌ଡିଏ ମେଣ୍ଟରୁ ଓହରିଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ବିହାର ବିଧାନସଭା ସଦସ୍ୟ ସୁଧାଂଶୁ ଶେଖର ଏବଂ ଲଲନ ପାଶ୍ୱାନ ଏବଂ ବିଧାନ ପରିଷଦ ସଦସ୍ୟ ସଞ୍ଜୀବ ସିଂ ଶ୍ୟାମ ଏକ ମିଳିତ ଖବରଦାତା ସମ୍ମିଳନୀରେ ଉପରୋକ୍ତ ସୂଚନା ଦେଇଛନ୍ତି। ଶେଖରଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରିବା ଲାଗି ସେମାନେ ଦାବି କରିଛନ୍ତି। ସେମାନଙ୍କ ପଛରେ ଅଧିକାଂଶ ଦଳୀୟ କର୍ମୀ ଓ ନେତାଙ୍କ ସମର୍ଥନ ଥିବା ନିର୍ବାଚନ କମିଶନଙ୍କୁ ଜଣାଇବେ ବୋଲି କହିଛନ୍ତି। ଆରଏଲ୍ଏସ୍‌ପିରେ ବିଭାଜନ ହେବାକୁ ଯାଉଥିବା ଏଥିରୁ ସ୍ପଷ୍ଟ ହୋଇଯାଇଛି। ଗତ ସୋମବାର ଆରଏଲ୍ଏସ୍‌ପି ଅଧ୍ୟକ୍ଷ ଖୁଶୱାହା ଏନ୍‌ଡିଏରୁ ଓହରିଯିବା ସହ କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଥିଲେ।



MEN'S WEAR LADIES WEAR KIDS WEAR LIFESTYLE
CUTTACK: BRAJRAJ COMPLEX, P.S. - BADAMBADI MOB - 8093680833 | BHUBANESWAR: NAYAPALLI, NEAR ISKCON TEMPLE, MOB- 8280151273 | BERHAMPUR: K K COMPLEX, TELEPHONE BHAVAN ROAD MOB - 8249997107 | JEYPORE: 240, PARABEDA, DIST-KORAPUT - 764001 MOBILE: 8114996635 | PATRAPADA: 98/1934, NEAR INDIAN OIL PETROL PUMP - 751019 MOB: 8114996635 | PATIA: KIIT ROAD, NEAR DOMINOS PIZZA, BHUBANESHWAR - 751024 PH-8280151273 | JAJPUR: PLOT NO,1297,1298, CHORDA BY-PASS, JAJPUR ROAD - 755019 MOBILE: 6371134485
Also available at: DELHI . HARYANA . BIHAR . JHARKHAND . UTTAR PRADESH . HIMACHAL PRADESH . KARNATAKA . ODISHA . ASSAM . WEST BENGAL . TRIPURA . ARUNACHAL PRADESH . UTTRAKHAND . MADHYA PRADESH. JAMMU & KASHMIR . TELANGANA . RAJASTHAN. GOA
7 DAYS OPEN
*Terms & Conditions strictly apply. Offer valid till stock last. Prices/Offers are subject to change and can be withdrawn without prior notice. Quantity Restrictions apply. Product pictures are indicative of the offers only and may not match with the actual products. Offers for retail customer only. Offers may vary as per location. In case of any dispute V2 reserves the right to take the final decision. All major credit cards accepted.

# ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ଡିସେମ୍ବର ୧୬/୨୦୧୮ | Sambalpur, Sunday, December 16/ 2018 | ପୃଷ୍ଠା-୧




**ପ୍ରସିଦ୍ଧ ହେବାକୁ ତରବର ନୁହେଁ: ସାନ୍ୟା**

ପ୍ରସିଦ୍ଧି ଅର୍ଜନ କରିବା ଅଥବା ଏକ ସ୍ୱତନ୍ତ୍ର ସ୍ଥାନରେ ପହଞ୍ଚିବାକୁ ଏତେ ତରବର ନୁହେଁ ବୋଲି ବଲିଉଡ୍ ଅଭିନେତ୍ରୀ ସାନ୍ୟା ମଲହୋତ୍ରା ପ୍ରକାଶ କରିଛନ୍ତି।

୦୨

୧୨

**ସିନ୍ଧୁ ଫାଇନାଲରେ**

ଭାରତୀୟ ବ୍ୟାଡ୍‌ମିଣ୍ଟନ ଷ୍ଟାର ପି.ଭି. ସିନ୍ଧୁ କ୍ରମାଗତ ଦ୍ୱିତୀୟ ଥର ପାଇଁ ୱାର୍ଲ୍ଡ ଟୁର୍ ଫାଇନାଲ୍ସ ଟାଇଟଲ ମୁକାବିଲାରେ ପ୍ରବେଶ କରିଛନ୍ତି।



# ଚୂଡ଼ାନ୍ତ ସଂଘର୍ଷ ଆଜି

- ଅଷ୍ଟ୍ରେଲିଆର ହ୍ୟାଟ୍ରିକ ଚାମ୍ପିୟନ ଆଶା ଧୂଳିସାତ୍
- ନେଦରଲାଣ୍ଡ୍ସ-ବେଲଜିୟମ ମୁକାବିଲା



ନେଦରଲାଣ୍ଡର ଜେରନ ହର୍ଜବର୍ଗର

ଭୁବନେଶ୍ୱର, ୧୫।୧୨(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପ୍‌ରେ ବିଶ୍ୱ ଚାମ୍ପିୟନ ଅଷ୍ଟ୍ରେଲିଆର ଟାଇଟଲ ଅଭିଯାନ ସେମିଫାଇନାଲରେ ଶେଷ ହୋଇଛି। ଶନିବାର ଅନୁଷ୍ଠିତ ତୀବ୍ର ସଂଘର୍ଷପୂର୍ଣ୍ଣ ଦ୍ୱିତୀୟ ସେମିଫାଇନାଲରେ ଅଷ୍ଟ୍ରେଲିଆକୁ ଶୁଟ୍‌ଆଉଟ୍/ସଡନ୍‌ଡେଥ୍ ୪-୩ ଗୋଲରେ ହରାଇ ନେଦରଲାଣ୍ଡ୍ସ ଫାଇନାଲରେ ପ୍ରବେଶ କରିଛି। ନିର୍ଦ୍ଧାରିତ ସମୟ ଖେଳ ୨-୨ ସ୍ଥିତିରେ ରହିଥିଲା। ନେଦରଲାଣ୍ଡ୍ସ ଫାଇନାଲରେ ରବିବାର ବେଲଜିୟମକୁ ଭେଟିବ। ପ୍ରଥମ ସେମିଫାଇନାଲରେ ବେଲଜିୟମ ୬-୦ ଗୋଲରେ ଇଂଲଣ୍ଡକୁ ହରାଇ ଟାଇଟଲ ପର୍ଯ୍ୟାୟରେ ପହଞ୍ଚିଥିଲା। ରବିବାର ଫାଇନାଲ ପୂର୍ବରୁ ବ୍ରୋଞ୍ଜ ପଦକ ପାଇଁ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ଲଢ଼େଇ ହେବ। ୧୯୭୩, ୧୯୯୦, ୧୯୯୮ ଚାମ୍ପିୟନ ନେଦରଲାଣ୍ଡ୍ସ ୪ର୍ଥ ଟାଇଟଲ ଲକ୍ଷ୍ୟରେ ଥିବାବେଳେ ବେଲଜିୟମ ପ୍ରଥମଥର ପାଇଁ ବିଶ୍ୱକପ୍ ଫାଇନାଲ ଖେଳିବ।

ଏହି ପରାଜୟ ସହ ଡିଫେଣ୍ଡିଂ ଚାମ୍ପିୟନ ଅଷ୍ଟ୍ରେଲିଆର ହ୍ୟାଟ୍ରିକ ଟାଇଟଲ ଆଶା ଧୂଳିସାତ୍ ହୋଇଛି। ବିଶ୍ୱକପ୍ ଇତିହାସରେ ଏପର୍ଯ୍ୟନ୍ତ ନେଦରଲାଣ୍ଡ୍ସ ଓ ଅଷ୍ଟ୍ରେଲିଆ ୩ଥର ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି। ତେବେ ପାକିସ୍ତାନ ୪ଥର ଟାଇଟଲ ଜିତି ବିଶ୍ୱକପ୍‌ର ସଫଳତମ ଦଳ ସାବ୍ୟସ୍ତ ହୋଇଛି। ଆୟୋଜକ ଭାରତ ଥରେ ମାତ୍ର ଚାମ୍ପିୟନ ହୋଇଛି।

(ସମ୍ପୂର୍ଣ୍ଣ ରିପୋର୍ଟ ଖେଳ ପୃଷ୍ଠାରେ)

**ହକି ବିଶ୍ୱକପ୍ ଫଳାଫଳ**

ODISHA HOCKEY MEN'S WORLD CUP BHUBANESWAR 2018

**ଶନିବାର**

ପ୍ରଥମ ସେମିଫାଇନାଲ

ବେଲଜିୟମ-୬
ଇଂଲଣ୍ଡ-୦

ଦ୍ୱିତୀୟ ସେମିଫାଇନାଲ

ଅଷ୍ଟ୍ରେଲିଆ-୨
ନେଦରଲାଣ୍ଡ୍ସ-୨
ଶୁଟ୍ ଆଉଟ
ନେଦରଲାଣ୍ଡ୍ସ-୪
ଅଷ୍ଟ୍ରେଲିଆ-୩

## ତେନ୍ଦୁଲକର ଉଦ୍‌ଯାପନୀ ଅତିଥି



ଭୁବନେଶ୍ୱର,୧୫।୧୨(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପର ଉଦ୍‌ଯାପନୀ ଉତ୍ସବରେ ଅତିଥିଭାବେ ଯୋଗଦେବେ କ୍ରିକେଟ କିମ୍ବଦନ୍ତୀ ସଚିନ ତେନ୍ଦୁଲକର। ସମଗ୍ର ଦେଶ ହକିକୁ ସମର୍ଥନ ଜଣାଉଥିବାରୁ ମୁଁ ବହୁତ ଖୁସି। ଏପରି ଏକ ବିଶ୍ୱସ୍ତରୀୟ ଆୟୋଜନ ହୋଇଥିବାରୁ ମୁଁ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ହକି ଇଣ୍ଡିଆକୁ ଧନ୍ୟବାଦ ଜଣାଉଛି। ହକିକୁ ସମର୍ଥନ ଜଣାଇ ମୁଁ ରବିବାର କଳିଙ୍ଗ ଷ୍ଟାଡିୟମରେ ଉପସ୍ଥିତ ହେବି ବୋଲି ସଚିନ ନିଜ ଟୁଇଟର ପେଜ୍‌ରେ ଉଲ୍ଲେଖ କରିଛନ୍ତି। ତେଣୁ ଉଦ୍‌ଯାପନୀ ଉତ୍ସବରେ କୌଣସି ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ନ ଥିଲେ ହେଁ ସଚିନଙ୍କ ପରି କିମ୍ବଦନ୍ତୀ ଖେଳାଳିଙ୍କ ଉପସ୍ଥିତି ନିଶ୍ଚିତଭାବେ ଦର୍ଶକଙ୍କୁ ଆକୃଷ୍ଟ କରିବ ଏଥିରେ ଦ୍ୱିମତ ନାହିଁ।

**ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ**



**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**

# ଜିଲାପାଳଙ୍କ ହାତରୁ ଗଲା ଲିଜ୍ କ୍ଷମତା

**ବାଲି, ମୋରମ ଚୋରା ଚାଲାଣ**

- ଏଇଆଇଏ, ଇଏମ୍‌ପି, ଜନଶୁଣାଣି ବାଧ୍ୟତାମୂଳକ
- ବେଆଇନ ବାଲି ଚାଲାଣ ଉପରେ ହେବ ଜରିମାନା

ଭୁବନେଶ୍ୱର,୧୫।୧୨(ବ୍ୟୁରୋ)

ବାଲି, ମାଟି, ମାଙ୍କଡ଼ା ପଥର, ମୋରମ ଆଦି ଲଘୁଖଣିଜ ପଦାର୍ଥ ଚୋରା କାରବାରକୁ ନେଇ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (ଏନଜିଟି)କଡ଼ା ଆଭିମୁଖ୍ୟ ପୋଷଣ କରିଛନ୍ତି। ଜିଲାସ୍ତରରେ ଜିଲାପାଳ ଆଉ କୌଣସି ବାଲିଘାଟ, ପଥର ଖାଦାନ, ମୋରମ ଖଣି ଆଦି ଲିଜ୍ ଦେଇ ପାରିବେ ନାହିଁ। ଏଣିକି ରାଜ୍ୟସ୍ତରରେ ଥିବା ଷ୍ଟେଟ ଏନଭାଇରନମେଣ୍ଟ ଇମ୍ପାକ୍ଟ ଆସେସମେଣ୍ଟ ଅଥରିଟି (ଏସଆଇଇଏଏ) ହାତରେ ୦ରୁ ୫୦ ହେକ୍ଟର ଯାଏ ଲିଜ୍ ଦେବା କ୍ଷମତା ରହିବ। ଏହାଛଡ଼ା ସମସ୍ତ ଲିଜ୍ ଅଞ୍ଚଳ ପାଇଁ ଏନଭାଇରନମେଣ୍ଟ ଇମ୍ପାକ୍ଟ ଆସେସମେଣ୍ଟ(ଇଆଇଏ) ଏବଂ ଏନଭାଇରନମେଣ୍ଟ ମ୍ୟାନେଜମେଣ୍ଟ ପ୍ଲାନ (ଇଏମପି) ଦାଖଲ କରିବା ବାଧ୍ୟତାମୂଳକ ହେବ। ଏଥିସହିତ ଯେଉଁ ଅଞ୍ଚଳରେ ଲିଜ୍ ଦିଆଯିବ ସେଠାରେ ଜନଶୁଣାଣି କରାଯିବ। ଏ ନେଇ ଆବଶ୍ୟକ ପଦକ୍ଷେପ ନେବାକୁ କେନ୍ଦ୍ର ସରକାର ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ ଜଣାଇ ଦେଇଛନ୍ତି। ଏହି ଚିଠି ପାଇବା ପରେ ରାଜ୍ୟ ପରିବେଶ ନିର୍ଦ୍ଦେଶକ କେ. ମୁରୁଗୁସେନ ଏ ନେଇ ଶନିବାର ଜିଲାପାଳମାନଙ୍କୁ ଚିଠି ଲେଖିଛନ୍ତି।

୦ରୁ ୫ ହେକ୍ଟର ଯାଏ ଖଣି ଲିଜ୍ ଦେବା କ୍ଷମତା ଡିଷ୍ଟ୍ରିକ୍ଟ ଏନଭାଇରନମେଣ୍ଟ ଇମ୍ପାକ୍ଟ ଆସେସମେଣ୍ଟ ଅଥରିଟି ଅଧ୍ୟକ୍ଷ ଜିଲାପାଳଙ୍କ ଉପରେ ନ୍ୟସ୍ତ ରହିଥିଲେ। ଏହି ଅଞ୍ଚଳ ଲିଜ୍ ପାଇଁ ସେ ପରିବେଶ ମଞ୍ଜୁରୀ ଦେଉଥିଲେ। ବେଆଇନ ବାଲି ଚାଲାଣ ରୋକିବା ପାଇଁ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ହାଇକମାଣ୍ଡ

**ଆଜିର ମନ୍ତବ୍ୟ**

"ରାଫାଲ ସମ୍ପର୍କରେ ଶୀର୍ଷ ଅଦାଲତଙ୍କ ରାୟ ପରେ ଜେପିସି ତଦନ୍ତର ଆବଶ୍ୟକତା ନାହିଁ।

– ଅଖିଳେଶ ଯାଦବ, ସମାଜବାଦୀ ପାର୍ଟି ମୁଖ୍ୟ

ଅନିବାର୍ଯ୍ୟ କାରଣବଶତଃ ଏ ସପ୍ତାହରେ 'ଆଗାମୀ ଆଶା' ପ୍ରକାଶ ପାଇପାରୁନାହିଁ।

# ଏନ୍‌କାଉଣ୍ଟରବେଳେ ୧୧ ନିହତ

**ପୁଲୱାମା ଅପରେଶନ୍**

- ଯବାନ ଶହୀଦ
- ଟଳିଲେ ୩ ଆତଙ୍କବାଦୀ
- ଜବାବୀ କାର୍ଯ୍ୟାନୁଷ୍ଠାନରେ ୭ ନାଗରିକ ମୃତ
- ବିଚ୍ଛିନ୍ନତାବାଦୀଙ୍କ ୩ ଦିନିଆ ବନ୍ଦ ଡାକରା



ଶ୍ରୀନଗର,୧୫।୧୨(ପି.ଟି.)

ଜମ୍ମୁ-କଶ୍ମୀରର ପୁଲୱାମା ଜିଲାରେ ଶନିବାର ଏନ୍‌କାଉଣ୍ଟର ସ୍ଥଳରେ ସଂଘର୍ଷ ବେଳେ ୭ ନାଗରିକଙ୍କ ସମେତ ୧୧ ଜଣ ନିହତ ହୋଇଛନ୍ତି। ଗୁଳି ବିନିମୟବେଳେ ୩ ଆତଙ୍କବାଦୀ ନିହତ ଓ ଜଣେ ଯବାନ ଶହୀଦ ହୋଇଛନ୍ତି। ସେଠାରେ ଉତ୍ତ୍ୟକ୍ତ ଲୋକଙ୍କୁ ନିୟନ୍ତ୍ରଣ କରିବାକୁ ଯାଇ ସୁରକ୍ଷା ବଳ ଗୁଳି ଚଳାଇବାରୁ ୭ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଛି।

ପୁଲୱାମା ଜିଲାର ସିର୍‌ନୁ ଗ୍ରାମରେ ସେନାରୁ ଖସି ପଳାଇଯାଇଥିବା ଜହୁର ଅହମଦ ଠୋକେରଙ୍କ ସମେତ ୩ ଆତଙ୍କବାଦୀ ଲୁଚି ରହିଥିବା ଗୋଇନ୍ଦା ସୂଚନା ମିଳିଥିଲା। ଶନିବାର ସକାଳେ ସୁରକ୍ଷା ବଳ ଉକ୍ତ ଅଞ୍ଚଳକୁ ଘେରି ତଲାସି ଚଳାଇଥିଲା। ଠୋକେର ଏନ୍‌କାଉଣ୍ଟରରେ ଫସିଥିବା ଖବର ପ୍ରଚାରିତ ହେବା ପରେ ବହୁସଂଖ୍ୟାରେ ଲୋକେ ସେଠାରେ ପହଞ୍ଚିଥିଲେ। ଯଦିଓ ୨୫ ମିନିଟରେ ଏନ୍‌କାଉଣ୍ଟର ଶେଷ ହୋଇଥିଲା ଏବଂ ୩ ଆତଙ୍କବାଦୀ ନିହତ ହୋଇଥିଲେ, ତେବେ ଉତ୍ତ୍ୟକ୍ତ ଲୋକଙ୍କ ବିରୋଧ ଯୋଗୁ ସେନାକୁ ଅଡୁଆ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡିଥିଲା। ବିକ୍ଷୋଭକାରୀ ସୁରକ୍ଷା ବଳ ସହ ସଂଘର୍ଷ ଆରମ୍ଭ କରିଦେଇଥିଲେ। ଫାଙ୍କା ଗୁଳିଚାଳନା ସତ୍ତ୍ୱେ ସେମାନେ ନ ହଟିବାରୁ ସୁରକ୍ଷା ବଳ ପକ୍ଷରୁ ଗୁଳିଚାଳନା କରାଯାଇଥିଲା। ଫଳରେ ୭ ସାଧାରଣ ନାଗରିକ ନିହତ ହେବା ସହ ୪୦ ଜଣ ଆହତ ହୋଇଥିଲେ। ଆହତଙ୍କ ମଧ୍ୟରୁ ଜଣକର ଅବସ୍ଥା ଗୁରୁତର ଥିବା କୁହାଯାଉଛି।

ଗତବର୍ଷ ଜୁଲାଇରେ ଉତ୍ତର କଶ୍ମୀରର ବାରମୁଲ୍ଲା ଜିଲା ଅନ୍ତର୍ଗତ ଗଣ୍ଟମୁଲ୍ଲାରେ ଥିବା ସେନା କ୍ୟାମ୍ପରୁ ଠୋକେର ନିଜ ସର୍ଭିସ ରାଇଫଲ ଓ ୩ ମାଗାଜିନ ସହ ଫେରାର ☞ପୃଷ୍ଠା-୨






# ଶପଥ ନେଲେ ଜୋରାମଥାଙ୍ଗା



ଆଇଜଲ,୧୫।୧୨: ମିଜୋ ନ୍ୟାଶନାଲ ଫ୍ରଣ୍ଟ (ଏମ୍‌ଏନ୍‌ଏଫ୍) ଅଧ୍ୟକ୍ଷ ଜୋରାମଥାଙ୍ଗା ଶନିବାର ମିଜୋରାମର ମୁଖ୍ୟମନ୍ତ୍ରୀ ଭାବେ ଶପଥଗ୍ରହଣ କରିଛନ୍ତି। ଆଇଜଲସ୍ଥିତ ରାଜଭବନରେ ରାଜ୍ୟପାଳ କେ. ରାଜାଶେଖରନ ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ଜୋରାମଥାଙ୍ଗାଙ୍କ ସମେତ ଅନ୍ୟ ୧୧ ବିଧାୟକ ମଧ୍ୟ ଶପଥପାଠ କରିଛନ୍ତି।

ଏମ୍‌ଏନ୍‌ଏଫ୍‌ର ପ୍ରତିଷ୍ଠାତା ଲାଲ୍‌ଡେଙ୍ଗାଙ୍କ ଅତ୍ୟନ୍ତ ବିଶ୍ୱସ୍ତ ଜୋରାମଥାଙ୍ଗା (୧୯୯୮ରୁ ୨୦୦୩ ଏବଂ ୨୦୦୩ରୁ ୨୦୦୮) ଲଗାତର ୧୦ ବର୍ଷ ଧରି ☞ପୃଷ୍ଠା-୨

**CBSE Exam Mate**

ପୃଷ୍ଠା-୧୩

# ବିଦେଶୀ ପାଣ୍ଠିର ତଦନ୍ତ କରିବ ଇଡି

ଭୁବନେଶ୍ୱର (ବ୍ୟୁରୋ)/ଢେଙ୍କାନାଳ ଅଫିସ, ୧୫।୧୨

**ବେଲଟିକିରି ଶେଲ୍‌ଟର ହୋମ ଯୌନଶୋଷଣ ମାମଲା**



ଢେଙ୍କାନାଳ ସଦର ଥାନା ବେଲଟିକିରିସ୍ଥିତ 'ଗୁଡ୍‌ନ୍ୟୁଜ୍ ଇଣ୍ଡିଆ ଡ୍ରିମ୍ ସେଣ୍ଟର' ଶାଖାରେ ଲାଗିଛି ବିପୁଳ ବିଦେଶୀ ପାଣ୍ଠି। ଅନ୍ତେବାସୀଙ୍କୁ ଯୌନଶୋଷଣ ମାମଲାରେ ବନ୍ଧା ହୋଇଥିବା ଅଭିଯୁକ୍ତ ତଥା ଅନୁଷ୍ଠାନର ଚେୟାରମ୍ୟାନ୍ ଡ. ଫୟାଜ୍ ରେହମାନଙ୍କୁ ଜେରାବେଳେ ଏ ନେଇ ଅନେକ ସାଂଘାତିକ ତଥ୍ୟ ପଦାକୁ ଆସିଛି। ବିଦେଶୀ ପାଣ୍ଠିର ଚେର କେତେ ଗଭୀରକୁ ଲମ୍ବିଛି ସେ ସମ୍ପର୍କରେ ଅଧିକ ତଥ୍ୟ ହାତେଇବାକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଖୋଳତାଡ଼ କରିବ ବୋଲି ଜଣାପଡ଼ିଛି।

ବିଦେଶର କେଉଁ କେଉଁ ସ୍ଥାନରୁ ଅର୍ଥ ଆସୁଥିଲା ଏବଂ ପାଣ୍ଠିର ପ୍ରକୃତ ଉତ୍ସ ସମ୍ପର୍କରେ ଛାନ୍‌ଭିନ କରିବେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଅଧିକାରୀ। ଅନୁଷ୍ଠାନ ପରିଚାଳନାରେ କୋଟି କୋଟି ଟଙ୍କା ବ୍ୟୟ ହୋଇଛି। ହେଲେ ପ୍ରକୃତପକ୍ଷେ କେତେ ଟଙ୍କା ଆସିଛି ସେ ନେଇ ସ୍ପଷ୍ଟ ସୂଚନା ମିଳୁନାହିଁ। ଏତେ ପରିମାଣର ଟଙ୍କାକୁ ଅନୁଷ୍ଠାନ କିଭଳି ଏବଂ କେଉଁସ୍ଥାନରୁ ଆଣି ଖର୍ଚ୍ଚ କରୁଥିଲା ତାହା ମଧ୍ୟ ଅନେକ ☞ପୃଷ୍ଠା-୨


NATIONAL EGG CO-ORDINATION COMMITTEE — 15.12.2018 — Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 70 | 119 | 129 |
| CTC | 71 | 120 | 130 |
| DKL | 71 | 120 | 130 |
| BDK | 70 | 119 | 129 |
| BLS | 70 | 119 | 129 |
| ANG | 72 | 122 | 132 |

*Conditions Apply

Eggs Retail Price- 53/-Dozen
Issued in the Interest of Consumers






ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ।

- ବ୍ୟାସଦେବ

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଭୂମିକା
ପରିବାରବର୍ଗ



ସୋମ
ପରିବାରବର୍ଗ



ଶୁଭଲକ୍ଷ୍ମୀ
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## Ph.D. ଲାଭ



ଗବେଷିକା **ସୁମନ ଜଗତୀ** ଉତ୍କଳ ବିଶ୍ୱବିଦ୍ୟାଳୟରୁ ମାଇକ୍ରୋବାୟୋଲୋଜିରେ ପିଏଚ୍.ଡି ଉପାଧି ପାଇବା ନିମିତ୍ତ ଯୋଗ୍ୟା ବିବେଚିତ ହୋଇଛନ୍ତି। ତାଙ୍କର ଗବେଷଣାତ୍ମକ ନିବନ୍ଧର ବିଷୟବସ୍ତୁ ଥିଲା "Saccharification and fermentation of sweet potato (Ipomoea batatus L) for enhanced production of bioethanol." ଡକ୍ଟର ସୁମନ ଜଗତୀ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ରାମ ଚନ୍ଦ୍ର ମହାନ୍ତି ଏବଂ ପ୍ରଫେସର ଶାନ୍ତିଲତା ସାହୁଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ସେ ଏହାର ସମସ୍ତ ଶ୍ରେୟ ବାପା: ସଦାନନ୍ଦ ଜଗତୀ, ମାତା: ରୁକ୍ମିଣୀ ଜଗତୀ, ଭଉଣୀ: ସ୍ମୃତି ଜଗତୀ ଏବଂ ଭାଇ: ସୁଦୀପ ଜଗତୀଙ୍କୁ ଦେଇଛନ୍ତି। ଧ-୬୫୪୦୬

## କିଛି ତଥ୍ୟ

୨୦୧୭-୧୮ ଆର୍ଥିକ ବର୍ଷରେ କୋଇଲା ଆମଦାନୀ ୯.୧% ବୃଦ୍ଧି ଘଟି ୨୦୮.୨୭ ନିୟୁତ ଟନ ରହିଛି। ଏହା ୨୦୧୬-୧୭ରେ ୧୯୦.୯୫ ନିୟୁତ ଟନ୍ ଥିଲା।

**– କୋଇଲା ମନ୍ତ୍ରଣାଳୟ**

### ଆସୁଛି ବାତ୍ୟା: ପାଚିଲା ଧାନକୁ ବିପଦ

# ଆଜି ୪ ଜିଲାରେ ବର୍ଷିବ

**ଭୁବନେଶ୍ୱର,୧୫।୧୨(ବ୍ୟୁରୋ)**

- **ସବୁ ବନ୍ଦରରେ ୧ ନମ୍ବର ବିପଦ ସଙ୍କେତ**
- **୧୮ ଯାଏ ସମୁଦ୍ରକୁ ନ ଯିବା ଲାଗି ମତ୍ସ୍ୟଜୀବୀଙ୍କୁ ସତର୍କ**

ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ସାମୁଦ୍ରିକ ଝଡ଼ ରୂପ ନେଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ଆହୁରି ଭୟଙ୍କର ରୂପ ଧାରଣ କରି ସ୍ଥଳଭାଗ ଆଡ଼କୁ ମାଡ଼ି ଆସିବ। ଶନିବାର ଝଡ଼ ଦକ୍ଷିଣ ପୂର୍ବ ଚେନ୍ନାଇ ଉପକୂଳରୁ ୪୪୦ କି.ମି ଏବଂ ଦକ୍ଷିଣ-ପୂର୍ବ ଆନ୍ଧ୍ର ପ୍ରଦେଶର ମଛିଲିପଟ୍ଟନମ୍ ଠାରୁ ୮୯୦ କି.ମି ଦୂରରେ ଝଡ଼ କେନ୍ଦ୍ରୀଭୂତ ହୋଇଛି। ଆସନ୍ତା ୧୭ ତାରିଖ ମଧ୍ୟାହ୍ନରେ ବାତ୍ୟା ଆନ୍ଧ୍ର ପ୍ରଦେଶ ଉପକୂଳ ଓଙ୍ଗଲ ଏବଂ କାକିନଡ଼ା ମଧ୍ୟଦେଇ ସ୍ଥଳଭାଗ ଅତିକ୍ରମ କରିବ। ଏହାର ପ୍ରଭାବରେ ଆସନ୍ତା ୧୬,୧୭ ଓ ୧୮ ତିନିଦିନ ଧରି ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାର ୧୩ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ୧୬ ତାରିଖରେ ଗଞ୍ଜାମ, ଗଜପତି, ରାୟଗଡ଼ା ଓ କଳାହାଣ୍ଡି ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ। ୧୭ ତାରିଖରେ ୧୧ଟି ଜିଲାରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ସେହି ଜିଲାଗୁଡ଼ିକ ହେଲା ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ନୂଆପଡ଼ା, ବରଗଡ଼, ବଲାଙ୍ଗୀର, ଝାରସୁଗୁଡ଼ା ଏବଂ ସମ୍ବଲପୁର। ବାତ୍ୟା ଯୋଗୁ ସମୁଦ୍ର ଅଶାନ୍ତ ରହିବ। ଘଣ୍ଟାକୁ ୧୦୦ରୁ ୧୨୦ କିଲୋମିଟର ବେଗରେ ପବନ ବହିବା ସମ୍ଭାବନା ରହିଛି । ୧୮ ତାରିଖ ଯାଏ ସମୁଦ୍ର ମଧ୍ୟକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ସତର୍କ କରାଯାଇଛି। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ପାରାଦୀପ, ଗୋପାଳପୁର, ଚାନ୍ଦାବଲି, ପୁରୀରେ ୧ ନମ୍ବର ବିପଦ ସଙ୍କେତ ଦିଆଯାଇଛି। ଓଡ଼ିଶା ପ୍ରତି ପବନର ଭୟ ନ ଥିଲେ ମଧ୍ୟ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି। ବାତ୍ୟାଜନିତ ବର୍ଷାକୁ ଦୃଷ୍ଟିରେ ରଖି ଜିଲାପାଳମାନଙ୍କୁ ସତର୍କ ରହିବାକୁ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ସତର୍କ କରାଯାଇଥିଲା। ଅମଳ ସମୟ ହୋଇଥିବାରୁ ବିଲରେ ପାଚିଲା ଧାନ ପଡିରହିଛି। ବର୍ଷା ଯୋଗୁ ସେଗୁଡ଼ିକ ନଷ୍ଟ ହୋଇଯିବା ଆଶଙ୍କା ରହିଛି। ତୁରନ୍ତ ଧାନ ସୁରକ୍ଷିତ ସ୍ଥାନକୁ ନେଇଯିବାକୁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଇଛି। ଚାଷୀମାନଙ୍କୁ ଏ ନେଇ ସଚେତନ କରାଇବା ପାଇଁ ପଦକ୍ଷେପ ନେବା ସକାଶେ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟା ଯୋଗୁ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାରେ କିଛିଟା ପ୍ରଭାବ ପଡ଼ିବ। ପବନ ନ ହେଲେ ମଧ୍ୟ ପ୍ରବଳ ବର୍ଷା ଯୋଗୁ ଧାନ ଫସଲ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ରହିଛି। ମଣ୍ଡିରେ ଥିବା ଧାନକୁ ସୁରକ୍ଷିତ ରଖିବାକୁ ଜିଲାପାଳଙ୍କୁ କୁହାଯାଉଛି।

## ଜାନୁୟାରୀ ୧୭ରୁ ଆଇପିଏସ୍ ସମ୍ମିଳନୀ

**କଟକ ଅଫିସ,୧୫।୧୨**

ଆସନ୍ତା ଜାନୁୟାରୀ ୧୭ରୁ ଓଡ଼ିଶାର ଆଇପିଏସ୍ ଅଫିସରମାନଙ୍କ ସମ୍ମିଳନୀ ଆରମ୍ଭ ହେବ। ଓଡ଼ିଶା ପୋଲିସ ମୁଖ୍ୟ କାର୍ଯ୍ୟାଳୟରେ ୩ଦିନ ଧରି ଚାଲିବାକୁ ଥିବା ଏହି ସମ୍ମିଳନୀରେ ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଥିବା ବିଭିନ୍ନ ଦିଗ ଉପରେ ଆଲୋଚନା ହେବ ବୋଲି ଶନିବାର ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା କହିଛନ୍ତି। ତେବେ ଡିଜିପିଙ୍କ ଏହି ସୂଚନା ପରେ ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଏହି ସମ୍ମିଳନୀ ଆୟୋଜନ କରାଯାଇଥିବା ଆଲୋଚନା ହେଉଛି।

### ଇଣ୍ଡିଆଜ ଗଟ୍ ଟ୍ୟାଲେଣ୍ଟ

## ସେମିଫାଇନାଲରେ ଓଡ଼ିଆ ଦମ୍ପତି

**ପୁରୀ ଅଫିସ,୧୫।୧୨**

ରିୟଲିଟି ଶୋ ଇଣ୍ଡିଆଜ ଗଟ୍ ଟ୍ୟାଲେଣ୍ଟ (ଆଇଜିଟି) ସେମିଫାଇନାଲରେ ପହଞ୍ଚିଛନ୍ତି ପୁରୀର ସୁଜାତା ରାୟ ଏବଂ ତାଙ୍କ ସ୍ୱାମୀ ଉମାକାନ୍ତ (ଗୁନା) ସାହୁ। ମାଲଖମ୍ବ ଗୁରୁ ମଧୁସୂଦନ ରାୟଙ୍କ ବଡ଼ଝିଅ ସୁଜାତା ଏବଂ ଜ୍ୱାଇଁ ଗୁନା ଆଇଜିଟିରେ ସଫଳ ହେବେ ବୋଲି ଆଶା ରଖିଛନ୍ତି। ଏଥିପାଇଁ ସେମାନେ ଓଡ଼ିଶାବାସୀଙ୍କ ସହଯୋଗ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ କାମନା କରିଛନ୍ତି। ରବିବାର ରାତି ୧୦ଟାରେ କଲର୍ସ ଚ୍ୟାନେଲରେ ଆଇଜିଟି ସିଜନ-୮ର ସେମିଫାଇନାଲ ଏପିସୋଡ୍ ପ୍ରସାରିତ ହେବ। ସେମାନେ ଏରିୟଲ ପ୍ରବ୍ ପ୍ରଦର୍ଶିତ କରିବେ। ଓଡ଼ିଶାବାସୀ ଏବଂ ତାଙ୍କ ଶୁଭେଚ୍ଛୁ ଏହାକୁ ବିପୁଳ ସଂଖ୍ୟାରେ ଦେଖି ଭୋଟ ଦେବାକୁ ସେମାନେ ନିବେଦନ କରିଛନ୍ତି। voot ଆପ୍ଲିକେଶନ ଡାଉନ୍‌ଲୋଡ କରି କିମ୍ବା www.voot.com ଲଗଅନ୍ କରି ଭୋଟ ଦେଇପାରିବେ ବୋଲି ସୁଜାତା-ଗୁନା ଅନୁରୋଧ କରିଛନ୍ତି। ରବିବାର ରାତି ୧୦ଟାରୁ ସୋମବାର ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଭୋଟିଂ ଲାଇନ ଖୋଲା ରହିବ।ଏହି ଅଭିଯାନ ସମ୍ପର୍କରେ ସୁଜାତା କହିଛନ୍ତି ଗତ ଅଗଷ୍ଟ ୩୦ରେ ଦିଲ୍ଲୀରେ ସେମାନେ ଅଡିଶନ ଦେଇଥିଲେ। ଏଥିରେ ଉଭୟେ ପୋଲ ମାଲଖମ୍ବ ପ୍ରଦର୍ଶନ କରି ଇଣ୍ଡିଆଜ ଗଟ୍ ଟ୍ୟାଲେଣ୍ଟରେ ସ୍ଥାନ ପାଇଥିଲେ। ମେଗା ଅଡିଶନରେ ପୋଲ ମାଲଖମ୍ବ ପ୍ରଦର୍ଶନ କରି ଜୁରି କିରଣ ଖେର, ମଲାଇକା ଆରୋରା ଏବଂ କରଣ ଜୋହରଙ୍କଠାରୁ ଷ୍ଟାଣ୍ଡିଂ ଓଭେଶନ ପାଇଥିଲେ।

## ବନ୍ଧୁକଚାଳନାରେ ଓଡ଼ିଶା ପୋଲିସକୁ ସଫଳତା

**କଟକ ଅଫିସ,୧୫।୧୨**

ହରିୟାଣାର ମାନେଶ୍ୱରଠାରେ ଚାଲିଥିବା ୧୯ତମ ସର୍ବଭାରତୀୟ ପୋଲିସ ବନ୍ଧୁକଚାଳନା ପ୍ରତିଯୋଗିତାରେ ଓଡ଼ିଶା ପୋଲିସ ଦଳଗତ ଭିତ୍ତିରେ ତୃତୀୟ ସ୍ଥାନ ଅଧିକାର କରିଛି। ଚଳିତମାସ ୬ରୁ ୧୧ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଏହି ପ୍ରତିଯୋଗିତାରେ ରାଜସ୍ଥାନ ପୋଲିସ ୧୭୦୬ ପଏଣ୍ଟ ପାଇ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ତାମିଲନାଡୁ ପୋଲିସ ୧୬୭୦ ପଏଣ୍ଟ ସହ ଦ୍ୱିତୀୟ ଏବଂ ଓଡ଼ିଶା ପୋଲିସ ୧୬୬୨ ପଏଣ୍ଟ ପାଇ ତୃତୀୟସ୍ଥାନ ହାସଲ କରିଛି। ଏହି ପ୍ରତିଯୋଗିତାରେ ଓଡ଼ିଶା ପୋଲିସର ହାବିଲଦାର ଯୁବରାଜ ଥାପା ୫୦ମିଟର କାର୍ବାଇନ(ନିଲିଙ୍ଗ୍ ପୋଜିଶନ)ରେ ପ୍ରଥମସ୍ଥାନ ଅଧିକାର କରି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଯୁବରାଜ ଏବେ ଚନ୍ଦକା ଏସ୍‌ଓଜିରେ ହାବିଲ୍‌ଦାର ଭାବେ କାର୍ଯ୍ୟ କରୁଛନ୍ତି। ଓଡ଼ିଶା ପୋଲିସର ଏହି ସଫଳତା ପାଇଁ ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା ସବୁପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଯୋଗ୍ୟ, ଏହିପ୍ରତିଯୋଗିତାରେ ୨୩ ରାଜ୍ୟ ପୋଲିସ ଦଳ ସହ ୮ କେନ୍ଦ୍ରୀୟ ପୋଲିସ ଦଳ ଭାଗ ନେଇଥିଲେ।

# ପ୍ରସିଦ୍ଧ ହେବାକୁ ତରବର ନୁହନ୍ତି ସାନ୍ୟା



**ନୂଆଦିଲ୍ଲୀ**

ପ୍ରସିଦ୍ଧି ଅର୍ଜନ କରିବା ଅଥବା ଏକ ସ୍ୱତନ୍ତ୍ର ସ୍ଥାନରେ ପହଞ୍ଚିବାକୁ ଏତେ ତରବର ନୁହେଁ। ଭଲ ଲୋକଙ୍କ ସହିତ ମିଶି କାର୍ଯ୍ୟକରିବା ଉପରେ ଗୁରୁତ୍ୱ ଦିଏ ବୋଲି ବଲିଉଡ୍ ଅଭିନେତ୍ରୀ ସାନ୍ୟା ମଲହୋତ୍ରା ପ୍ରକାଶ କରିଛନ୍ତି।

ସାନ୍ୟା ପ୍ରଥମକରି 'ଦଙ୍ଗଲ'ରେ ଅଭିନୟ କରି ବଲିଉଡ୍‌ରେ ପାଦ ଥାପିଥିଲେ। ଏହାପରେ 'ପଟ୍‌ଖା' ଏବଂ ଚିତ୍ତବିନୋଦନକାରୀ ଫିଲ୍ମ 'ବଧାଇ ହୋ'ରେ ଅଭିନୟ କରି ସେ ଦର୍ଶକଙ୍କ ମନ ଜିଣିପାରିଛନ୍ତି। ତାଙ୍କ କହିବାନୁସାରେ ସେ ସ୍ୱପ୍ନକୁ ନେଇ ବଞ୍ଚନ୍ତି। ଅଭିନୟ କ୍ଷେତ୍ରରେ ସେ ଶିଶୁ ହୋଇଥିବା ବେଳେ ବର୍ତ୍ତମାନ ସମୟକୁ ବେଶ୍ ଭଲଭାବେ ଉପଯୋଗ କରିବାକୁ ଚାହାନ୍ତି। ଶିଖର ଦେଶରେ ପହଞ୍ଚିବାକୁ ଅଥବା ଜଣେ ପ୍ରଖ୍ୟାତ ବ୍ୟକ୍ତିତ୍ୱ ହେବାକୁ ଏତେ ତରବର ନୁହେଁ। କେବଳ ଭଲ ଲୋକଙ୍କ ସହଯୋଗରେ ସୁନ୍ଦର କାମ କରିବାକୁ ଚାହେଁ। ନିରନ୍ତର ସଫଳତାର ପାହାଚ ଚଢ଼ିବା ପରେ ସାନ୍ୟା 'ଫଟୋଗ୍ରାଫ୍'ରେ ତାଙ୍କ ଅଭିନୟ ପ୍ରଦର୍ଶନ କରିବେ। ଅଭିନୟ ପାଇଁ ତାଙ୍କ ଉପରେ କୌଣସି ଚାପ ନାହିଁ। ଜଣେ ଅଭିନେତ୍ରୀ ଭାବରେ ଯେଉଁ କ୍ୟାରିୟର ଆରମ୍ଭ କରିଛନ୍ତି ସେଥିରେ ସେ ଖୁସି। 'ବଧାଇ ହୋ' ଏବେ ବି ଦର୍ଶକମାନଙ୍କ ଦ୍ୱାରା ପ୍ରଶଂସିତ ହୋଇ ସଫଳତା ସାଉଁଟୁଥିବା ସେ ପ୍ରକାଶ କରିଛନ୍ତି।

### ଓଡ଼ିଶାକୁ ଆନ୍ତଃ ନଦୀ ଜଳ ବିବାଦ ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ

# ସତ୍ୟପାଠ ଦାଖଲ କର

ଭୁବନେଶ୍ୱର,୧୫।୧୨(ବ୍ୟୁରୋ)

- **୨୦ ବର୍ଷ ଧରି କେତେ ବର୍ଷାଜଳ ମହାନଦୀରେ ଯାଉଥିଲା ତା'ର ତଥ୍ୟ ଦିଅ**
- **ଫେବୃୟାରୀ ୯ରେ ପରବର୍ତ୍ତୀ ଶୁଣାଣି**

ଗତ ୨୦ ବର୍ଷ ଧରି ମହାନଦୀରେ କେତେ ପରିମାଣ ବର୍ଷା ଜଳ ପ୍ରବାହିତ ହେଉଥିଲା। ତାହାର ସମ୍ପୂର୍ଣ୍ଣ ତଥ୍ୟ ଦିଅ। ଶନିବାର ଛତିଶଗଡ଼ ସରକାର ନିର୍ମାଣ କରିଥିବା ୬ଟି ବ୍ୟାରେଜ ଉପରେ ସ୍ଥଗିତାଦେଶ ଦେବାକୁ ରାଜ୍ୟ ସରକାର କରିଥିବା ଆବେଦନର ଶୁଣାଣି ବେଳେ ଆନ୍ତଃ ନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଏହି ନିର୍ଦ୍ଦେଶ ଦେଇଛନ୍ତି । ଜଷ୍ଟିସ ଏ.ଏମ ଖାନ୍‌ୱିଲକରଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ଛତିଶଗଡ଼ ବ୍ୟାରେଜ ନିର୍ମାଣ କରିବା ପୂର୍ବରୁ ମହାନଦୀରେ ପ୍ରବାହିତ ହେଉଥିବା ଜଳ ଓ ଏହାର ପରବର୍ତ୍ତୀ ଜଳ ପ୍ରବାହ ସମ୍ପର୍କରେ ଏକ ସତ୍ୟପାଠ ୨୦୧୯ ଜାନୁୟାରୀ ୧୦ ତାରିଖ ସୁଦ୍ଧା ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ଜବାବ ରଖିବାକୁ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦେଇଛନ୍ତି। ୨୦୦୮-୦୯ରେ ବ୍ୟାରେଜ ନିର୍ମାଣ ସମୟରେ ଜଳ ପ୍ରବାହ ନେଇ ବହୁତ ବଡ଼ ସମସ୍ୟା ସୃଷ୍ଟି ହୋଇଥିବା ଟ୍ରିବ୍ୟୁନାଲ ହୃଦୟଙ୍ଗମ କରିଛନ୍ତି। ୧୯୭୫ରୁ ୨୦୦୫ ପର୍ଯ୍ୟନ୍ତ ହୀରାକୁଦକୁ କେତେ ପରିମାଣ ଜଳ ପ୍ରବାହିତ ହେଉଥିଲା। ଜଳ ପ୍ରବାହ କିପରି ଥିଲା। ବ୍ୟାରେଜ ନିର୍ମାଣ ପରେ ହୀରାକୁଦ ଏବଂ ମହାନଦୀ ଉପରେ କି ପ୍ରଭାବ ପଡ଼ିଛି। କେବଳ ବର୍ଷା ଜଳ ପ୍ରଭାବିତ ହୋଇଛି କିମ୍ବା ଜଳ ସ୍ରୋତକୁ ଛତିଶଗଡ଼ର ଅନ୍ୟ ଆଡ଼କୁ ଦିଗ ପରିବର୍ତ୍ତନ କରାଯାଇଛି। ସେ ସବୁକୁ ଟ୍ରିବ୍ୟୁନାଲ ପରୀକ୍ଷା ନିରୀକ୍ଷା କରିବେ। ଟ୍ରିବ୍ୟୁନାଲ ଦୁଇଟି ବିଷୟରେ ସମ୍ପୂର୍ଣ୍ଣ ତର୍ଜମା କରିବେ । ପ୍ରଥମଟି ହେଉଛି ମହାନଦୀ ଜଳ ବ୍ୟବହାର ନେଇ ମଧ୍ୟ ପ୍ରଦେଶ ଏବଂ ଛତିଶଗଡ଼ ମଧ୍ୟରେ କେଉଁ ପ୍ରକାର ଚୁକ୍ତି ହୋଇଥିଲା। ଅନ୍ୟଟି ହେଉଛି ବ୍ୟାରେଜ ନିର୍ମାଣ ହେବା ଦ୍ୱାରା କେତେକ ପରିମାଣ ଜଳ ପ୍ରବାହିତ ବାଧାପ୍ରାପ୍ତ ହୋଇଛି। କୌଣସି ନିଷ୍ପତ୍ତି ନେବା ପୂର୍ବରୁ ଟ୍ରିବ୍ୟୁନାଲ ଏ ସମସ୍ତ ବିଷୟକୁ ପୁଙ୍ଖାନୁପୁଙ୍ଖ ତର୍ଜମା କରିବେ ବୋଲି ଖଣ୍ଡପୀଠ ସୂଚାଇଛନ୍ତି।

ଶୁଣାଣିବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ପୂର୍ବତନ ଆଟର୍ନି ଜେନେରାଲ ମୁକୁଲ ରୋହତ୍‌ଗି ଓଡ଼ିଶା ମହାନଦୀ ଜଳର ଅଧା ପାଣି ପାଉଛି ବୋଲି ଟ୍ରିବ୍ୟୁନାଲରେ ଉପସ୍ଥାପନ କରିଥିଲେ। ବ୍ୟାରେଜ ନିର୍ମାଣ ଯୋଗୁ ଚାଷ, ବିଦ୍ୟୁତ ଶକ୍ତି ଏବଂ ଚିଲିକା ହ୍ରଦ ବହୁମାତ୍ରାରେ ପ୍ରଭାବିତ ହୋଇଛି। ଛତିଶଗଡ଼ ବ୍ୟାରେଜ ଗେଟକୁ ବନ୍ଦକରି ଜଳ ପ୍ରବାହକୁ ରୋକିଛନ୍ତି। ଏବେ ମଧ୍ୟ ଦୁଇଟି ବ୍ୟାରେଜର ସମସ୍ତ ଗେଟ ବନ୍ଦ ରହିଛି। ମାମଲା ଫଇସଲା ନ ହେବା ଯାଏ ୬ଟି ବ୍ୟାରେଜର କୌଣସି ଗେଟ ବନ୍ଦ ନ କରିବାକୁ ଛତିଶଗଡ଼ ସରକାରଙ୍କୁ ନିର୍ଦ୍ଦେଶ ଦେବା ଲାଗି ରୋହତଗି ଯୁକ୍ତି ବାଢିଥିଲେ। ମହାନଦୀରେ ଅଣ ମୌସୁମୀ ସମୟରେ (ନଭେମ୍ବରରୁ ମେ ) ୧.୭୪ ନିୟୁତ ଏକର ଫୁଟ (ଏମଏଏଫ) ଜଳ ଛାଡ଼ିବା ପାଇଁ ଛତିଶଗଡ଼କୁ ନିର୍ଦ୍ଦେଶ ଦେବା ଲାଗି ଓଡ଼ିଶା ସରକାରଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ କରାଯାଇଥିଲା। ମହାନଦୀ ଜଳ ବଣ୍ଟନ ନେଇ ଓଡ଼ିଶା ସରକାର ୧୯୪୭ରେ ମଧ୍ୟ ପ୍ରଦେଶ ସରକାରଙ୍କ ସହ କୌଣସି ଲିଖିତ ବୁଝାମଣା କରି ନାହାନ୍ତି। ତେବେ ଜଳ ବଣ୍ଟନ ନେଇ ମଧ୍ୟପ୍ରଦେଶ ସହ ହୋଇଥିବା ୪୫ଟି ଚୁକ୍ତିପତ୍ରକୁ ଓଡ଼ିଶା ସରକାର ଟ୍ରିବ୍ୟୁନାଲ ନିକଟରେ ଉପସ୍ଥାପନ କରିଛନ୍ତି। ଏହାଛଡ଼ା ହୀରାକୁଦକୁ କେତେ ପରିମାଣ ଜଳ ପ୍ରବାହିତ ହେବ ସେ ନେଇ ମଧ୍ୟପ୍ରଦେଶ ଦେଇଥିବା ପ୍ରତିଶ୍ରୁତିର ତଥ୍ୟ ପ୍ରମାଣ ରାଜ୍ୟ ସରକାରଙ୍କ ଓକିଲ ଟ୍ରିବ୍ୟୁନାଲ ନିକଟରେ ଦାଖଲ କରିଛନ୍ତି। ଆସନ୍ତା ଫେବୃୟାରୀ ୯ ତାରିଖରେ ଟ୍ରିବ୍ୟୁନାଲରେ ହେବ ପରବର୍ତ୍ତୀ ଶୁଣାଣି।

## ପ୍ରଥମ ପୃଷ୍ଠାରୁ...

### ଏନ୍‌କାଉଣ୍ଟର...

ହୋଇଯାଇ ଆତଙ୍କବାଦୀଙ୍କ ସହ ହାତ ମିଳାଇଥିଲେ। ପୁଲଓ୍ୱାମା ଜିଲାର ଅନେକ ହତ୍ୟାକାଣ୍ଡରେ ଠୋକେର ସମ୍ପୃକ୍ତ। ଏନ୍‌କାଉଣ୍ଟର ବେଳେ ଜଣେ ସେନା ଯବାନ ଶହୀଦ ହୋଇଥିବାବେଳେ ଅନ୍ୟ ଦୁଇ ଯବାନ ଗୁରୁତର ହୋଇଛନ୍ତି। ଉତ୍ତେଜନା ବଢ଼ିବା ଆଶଙ୍କାରେ ସମଗ୍ର ଦକ୍ଷିଣ କଶ୍ମୀରର ୪ଟି ଜିଲାରେ ମୋବାଇଲ ଇଣ୍ଟରନେଟ ସେବା ବନ୍ଦ କରିଦିଆଯାଇଛି।

ପୁଲଓ୍ୱାମା ଏନ୍‌କାଉଣ୍ଟରରେ ୭ ସାଧାରଣ ନାଗରିକ ନିହତ ହେବା ପ୍ରତିବାଦରେ ବିଚ୍ଛିନ୍ନତାବାଦୀ ସଂଗଠନ ପକ୍ଷରୁ ୩ ଦିନିଆ ବନ୍ଦ ଡାକରା ଦିଆଯାଇଛି। ସୟେଦ ଅଲି ଶାହ ଗିଲାନୀ, ମିରଓ୍ୱେଜ ଉମାର ଫାରୁକ ଏବଂ ମହମ୍ମଦ ୟାସିନ ମଲିକଙ୍କୁ ନେଇ ଗଠିତ ମିଳିତ ପ୍ରତିରୋଧ ନେତୃତ୍ୱ ବ୍ୟାନରରେ ଏହି ବନ୍ଦ ଡାକରା ଦିଆଯାଇଛି। ସୁରକ୍ଷା ବଳର ଗୁଳିମାଡ଼ରେ ୭ ନାଗରିକଙ୍କ ମୃତ୍ୟୁକୁ କଶ୍ମୀରର ରାଜନୈତିକ ଦଳଗୁଡିକ ପକ୍ଷରୁ ନିନ୍ଦା କରାଯାଇଛି। ରାଜ୍ୟପାଳ ଶାସନ ଲୋକଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି। କୌଣସି ତଦନ୍ତ ଦ୍ୱାରା ମୃତ ନାଗରିକଙ୍କ ଜୀବନ ଫେରିଆସିବ ନାହିଁ। ଗତ ୬ ମାସ ହେଲା ଦକ୍ଷିଣ କାଶ୍ମୀରରେ ଆତଙ୍କ ଜାରି ରହିଛି। ରାଜ୍ୟପାଳ ଶାସନରୁ ଆଉ କ'ଣ ଆଶାକରିବା ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପିଡିପି ଅଧ୍ୟକ୍ଷା ମେହବୁବା ମୁଫ୍‌ତି ଟୁଇଟ୍ କରିଛନ୍ତି। ଏନ୍‌କାଉଣ୍ଟରକୁ ଠିକ୍ ଢଙ୍ଗରେ ପରିଚାଳନା କରାଯାଇ ନ ଥିବା ନ୍ୟାଶନାଲ୍ କନ୍‌ଫରେନ୍ସ ଉପାଧ୍ୟକ୍ଷ ଓମାର ଅବଦୁଲ୍ଲା ସମାଲୋଚନା କରିଛନ୍ତି।

ଆତଙ୍କବାଦ ବନ୍ଧୁକରେ ନୁହେଁ, ମନ ଭିତରେ ରହିଛି ବୋଲି ଜମ୍ମୁ-କଶ୍ମୀର ରାଜ୍ୟପାଳ ସତ୍ୟପାଲ ମଲିକ କହିଛନ୍ତି। ତେଣୁ ଆତଙ୍କବାଦୀଙ୍କୁ ନିପାତ ନୁହେଁ, ରାଜ୍ୟରୁ ଆତଙ୍କବାଦର ମୂଳୋତ୍ପାଟନ ଉପରେ ସେ ପ୍ରାଥମିକତା ଦେଉଥିବା କହିଛନ୍ତି।

### ଶପଥ ନେଲେ...

ଖ୍ରୀଷ୍ଟିଆନବହୁଳ ଉତ୍ତରପୂର୍ବ ରାଜ୍ୟ ମିଜୋରାମର ମୁଖ୍ୟମନ୍ତ୍ରୀ ପଦ ସମ୍ଭାଳିଥିଲେ। ବିଗତ ୧୦ ବର୍ଷ ଧରି ରାଜ୍ୟରେ କଂଗ୍ରେସର ବିଫଳତା ହିଁ ତାଙ୍କୁ ତୃତୀୟଥର ମୁଖ୍ୟମନ୍ତ୍ରୀ ପଦରେ ଆସୀନ ହେବାକୁ ସୁଯୋଗ ଦେଇଛି। ବିକାଶ କ୍ଷେତ୍ରରେ ରାଜ୍ୟ ପଛୁଆ ରହିବା ଏବଂ ବେକାରି ସମସ୍ୟାକୁ ପ୍ରସଙ୍ଗ କରି ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଥିଲେ ଉଗ୍ରବାଦୀରୁ ରାଜନେତା ପାଲଟିଥିବା ୭୪ ବର୍ଷୀୟ ଭେଟେରାନ୍ ଜୋରାମଥାଙ୍ଗା। ରାଜ୍ୟର ପ୍ରତି ବର୍ଗର ଲୋକେ ତାଙ୍କୁ ଏଥିରେ ସମର୍ଥନ କରି ତାଙ୍କ ଦଳ (ଏମ୍‌ଏନ୍‌ଏଫ୍)କୁ ମୋଟ ୪୦ ଆସନରୁ ୨୬ରେ ବିଜୟୀ କରାଇଥିବା ରାଜନୈତିକ ବିଶେଷଜ୍ଞ ତଥା ଶିକ୍ଷାବିତ୍ କେ. ସାଇଲୋ କହିଛନ୍ତି।

ବିଚ୍ଛିନ୍ନତାବାଦୀ ଆନ୍ଦୋଳନ ବେଳେ ଲାଲଡେଙ୍ଗାଙ୍କ ସେକେଣ୍ଡ-ଇନ୍-କମାଣ୍ଡର ଭାବେ ନିଜର ସାଙ୍ଗଠନିକ ଦକ୍ଷତାକୁ ଜାହିର କରିବା ପରେ ପରବର୍ତ୍ତୀ ସମୟରେ ତାଙ୍କର ଉତ୍ତରାଧିକାରୀ ଭାବେ ଏମ୍‌ଏନ୍‌ଏଫ୍‌ର ମୁଖିଆ ହୋଇଥିଲେ ଜୋରାମଥାଙ୍ଗା। ୧୯୫୯ରେ ଭୟଙ୍କର ମରୁଡ଼ି ଏବଂ ଏଥିରେ କେନ୍ଦ୍ରର ଅବହେଳାକୁ ପ୍ରସଙ୍ଗ କରି ଲାଲଡେଙ୍ଗାଙ୍କ ନେତୃତ୍ୱରେ ଏମ୍‌ଏନ୍‌ଏଫ୍ ୧୯୬୬ ମାର୍ଚ୍ଚ ୧ରେ ଭାରତଠାରୁ ସ୍ୱତନ୍ତ୍ର ହେବାକୁ ଅଭିଯାନ ଜୋର୍‌ଦାର୍ କରିଥିଲା। ସେହିବର୍ଷ ମଣିପୁର ୟୁନିର୍ଭସିଟି, ଇମ୍ଫାଲରୁ ଗ୍ରାଜୁଏଶନର ଫଳାଫଳ ଘୋଷଣା ଅପେକ୍ଷାରେ ରହିଥିବା ଜୋରାମଥାଙ୍ଗା ଏମ୍‌ଏନ୍‌ଏଫ୍‌ରେ ଯୋଗ ଦେଇଥିଲେ।

### ବିଦେଶୀ ପାଣ୍ଠିର...

ପ୍ରଶ୍ନବାଚୀ ସୃଷ୍ଟି କରିଛି। ଫରେନ୍ ଏକ୍ସଚେଞ୍ଜ ମ୍ୟାନେଜମେଣ୍ଟ ଆକ୍ଟ ୧୯୯୯ (ଏଫଇଏମ୍‌ଏ) ଅନୁଯାୟୀ ଏହାର ତଦନ୍ତ କରାଯିବ ବୋଲି ଇଡିର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

ଯୌନଶୋଷଣ, ଧର୍ମାନ୍ତରୀକରଣ ଏବଂ ବିଦେଶୀ ପାଣ୍ଠି ସମ୍ପର୍କରେ ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ କରିଥିଲା। ଏହାର ନକଲ ଏବଂ ଚାର୍ଜଶିଟ୍ ଦାଖଲ କରିବାକୁ ଇଡି ଯୁଗ୍ମ ନିର୍ଦ୍ଦେଶକ ଢେଙ୍କାନାଳ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ଏସ୍‌ପି ସନ୍ତୋଷ କୁମାର ନାୟକ କୁହନ୍ତି, ଇଡି ହେଉଛି କେନ୍ଦ୍ରୀୟ ସଂସ୍ଥା। କୌଣସି ବିଷୟରେ ତଦନ୍ତ କରିବା ନେଇ ବିଭାଗ ପକ୍ଷରୁ ରାଜ୍ୟ ସରକାରଙ୍କୁ ପ୍ରଥମେ ଅବଗତ କରାଯାଇଥାଏ। ତଦନ୍ତ ସମ୍ପର୍କିତ କୌଣସି ସୂଚନା ଜିଲା ପୋଲିସ ବିଭାଗ ପାଖରେ ନ ଥିବା ଏସ୍‌ପି ସୂଚନା ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ଶେଲ୍‌ଟର ହୋମରେ ଅନ୍ତେବାସୀଙ୍କୁ ଯୌନ ନିର୍ଯାତନା ମାମଲାରେ ଅନୁଷ୍ଠାନ ମୁଖିଆ ଫୟାଜ ରେହମାନ, ତାଙ୍କ ସହଯୋଗୀ ଅଧିକାରୀ ଉଦିତ କୁମାର ଲିମା ଏବଂ ପ୍ରକଳ୍ପ ନିର୍ଦ୍ଦେଶକ ସୀମାଞ୍ଚଳ ନାୟକଙ୍କୁ ପୋଲିସ ଗିରଫ କରିଛି। ଫୟାଜଙ୍କୁ ଦୁଇ ପର୍ଯ୍ୟାୟରେ ୫ଦିନିଆ ରିମାଣ୍ଡରେ ଆଣି ପୋଲିସ ଜେରା କରିଛି।

### ଜିଲାପାଳଙ୍କ...

ଜିଲାପାଳଙ୍କଠାରୁ ଏହି କ୍ଷମତା ଏନଜିଟି କାଢ଼ି ନେଇଛନ୍ତି । ଏସଆଇଇଏଏ ୦ରୁ ୫୦ ହେକ୍ଟର ଯାଏ ସମସ୍ତ ଲଘୁ ଖଣି ଅଞ୍ଚଳକୁ ପରିବେଶ ମଞ୍ଜୁରୀ ଦେବେ। ୫ରୁ ୨୫ ହେକ୍ଟର ବି-୨ କାଟାଗୋରିକୁ ଏସଆଇଇଏଏ ମଞ୍ଜୁରୀ ଦେଉଥିଲେ। କେତେକ ସର୍ତ୍ତରେ ୨୫ରୁ ୫୦ ହେକ୍ଟର ବି-୧ କାଟାଗୋରି ଅଞ୍ଚଳକୁ ମଧ୍ୟ ଏସଆଇଇଏଏ ପରିବେଶ ମଞ୍ଜୁରୀ ଦେଉଥିଲେ। କାଟାଗୋରି ବି-୧ ପାଇଁ ଏଆଇଏ, ଇଏମପି ଏବଂ ଜନଶୁଣାଣିର ବ୍ୟବସ୍ଥା ରହିଥିଲା। ରାଜ୍ୟରେ ପ୍ରବଳ ବାଲି ଚୋରି ହେଉଛି । ପରିବେଶକୁ ବେଖାତିର କରି ଲିଜ୍‌ଧାରୀମାନେ ବାଲି ଉଠାଉଛନ୍ତି । ଏଥିଯୋଗୁ ପରିବେଶ ଓ ଜଳଚର ଜୀବଙ୍କ ଉପରେ ପ୍ରତିକୂଳ ପ୍ରଭାବ ପଡୁଛି। ଅତ୍ୟଧିକ ବାଲି ଖୋଳି ନେଇଯିବାରୁ ନଦୀରେ ଜଳ ଭୂଗର୍ଭକୁ ସଂଚରଣ ହୋଇ ପାରୁ ନ ଥିବାବେଳେ ନଦୀଗୁଡ଼ିକ ପ୍ରଭାବିତ ହେଉଛି। ଏଭଳି ବେଆଇନ କାରବାର ଉପରେ ରୋକ ଲଗାଇବାକୁ ଏନଜିଟିରେ ମାମଲା ଦାଏର କରାଯାଇଥିଲା। ଏହି ମାମଲାର ଶୁଣାଣି କରି କୌଣସି ଲଘୁଖଣିଜ ଅଞ୍ଚଳକୁ ଜିଲାପାଳ ପରିବେଶ ମଞ୍ଜୁରୀ ଦେଇ ପାରିବେ ନାହିଁ ବୋଲି ଏନଜିଟି ନିର୍ଦ୍ଦେଶ ଦେଇଛନ୍ତି। ଏହାଛଡ଼ା ଯେଉଁ ଅଞ୍ଚଳରେ ବେଆଇନ ବାଲି ଉଠାଣ ହୋଇଛି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ଯେଉଁ ଅଞ୍ଚଳ କ୍ଷତିଗ୍ରସ୍ତ ହୋଇଛି ସେ ଅଞ୍ଚଳ ପାଇଁ କେତେଟଙ୍କା ଜରିମାନା ଧାର୍ଯ୍ୟ କରାଯିବ ସେ ନେଇ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଗାଇଡ ଲାଇନ ପ୍ରସ୍ତୁତ କରିବ। ଏ ଦିଗରେ ରାଜ୍ୟ ସରକାର କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ସେ ନେଇ ମନ୍ତ୍ରଣାଳୟକୁ ଜଣାଇବାକୁ କୁହାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ଦ୍ୱାଦଶ ଚନ୍ଦ୍ର ପ୍ରଭାବରେ ବନ୍ଧୁଙ୍କ ସହ ଯାତ୍ରା ଆରମ୍ଭ କରି ଖୁସି ମନେଇବେ। ବକେୟା ଅର୍ଥ ଲାଭ, ଶାରୀରିକ ସୁସ୍ଥତା, ବନ୍ଧୁଙ୍କ ପରାମର୍ଶ କାମକୁ ଆସିବ। ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପ୍ରତିଯୋଗିତାରେ ସଫଳତା ଯୋଗୁ କେତେକାଂଶରେ ମନକୁ ବୁଝାଇବାରେ ସମର୍ଥ ହେବେ। ଅଫିସ୍ କାମରେ ଯୁକ୍ତିଯୁକ୍ତ କଥା କହି ବିବାଦ ଭିତରକୁ ପଶିଯାଇପାରନ୍ତି।

**ବୃଷ** ରାଶି ପାଇଁ ଚନ୍ଦ୍ରଙ୍କ ସ୍ଥିତି ସହକର୍ମୀ କିମ୍ବା ପଡ଼ୋଶୀଙ୍କ ସାହାଯ୍ୟ, ସମର୍ଥନ ଲାଭ କରାଇବ। କୃତ୍ତିକା ନକ୍ଷତ୍ର ପାଇଁ ପରିସ୍ଥିତି ବିଶେଷ ଭଲ ନ ଥିବା ହେତୁ ଭଲ କଥା କହିଲେ ମଧ୍ୟ ଅନ୍ୟମାନେ ଭୁଲ୍ ବୁଝିବେ। ବାରମ୍ବାର ଚେଷ୍ଟା ବିଫଳତା ଜନିତ ମନରେ ସବୁବେଳେ ଟେନ୍‌ସନ ଲାଗି ରହିବ। ଆକସ୍ମିକ ଆବଶ୍ୟକତା କାରଣରୁ ଖର୍ଚ୍ଚ ପରିମାଣ ବୃଦ୍ଧି ପାଇ ଚିନ୍ତା ବଢ଼ାଇ ଦେଇପାରେ।

**ମିଥୁନ** ରାହୁଙ୍କ ପ୍ରଭାବରେ ଆପଣଙ୍କ କଥାବାର୍ତ୍ତା ଓ ବ୍ୟବହାର ଅନ୍ୟମାନଙ୍କ ପସନ୍ଦଯୋଗ୍ୟ ନ ହେବା କାରଣରୁ ସମସ୍ୟା ଉପୁଜିପାରେ। ବିଭିନ୍ନ ପ୍ରକାର ଧନ୍ଦା କରିବା ସକାଶେ ବନ୍ଧୁମାନେ ପ୍ରୋତ୍ସାହିତ କରିପାରନ୍ତି। ନିକଟସ୍ଥ ଜଣାଶୁଣା ବ୍ୟକ୍ତିମାନଙ୍କ ଦ୍ୱାରା ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ମାଲିମକଦ୍ଦମା, କ୍ରୀଡ଼ା,କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

**କର୍କଟ** ନବମ ଭାବରେ ରାଶ୍ୟାଧିପତି ନୂଆ କାମଟିଏ କରିବା ପାଇଁ ମନରେ ଭାବନା ଜାଗ୍ରତ କରିପାରନ୍ତି। ନିଜ ପରିସରରେ ସାଧାରଣ କଥାକୁ ବଡ଼ କରି ନିକଟସ୍ଥ ବ୍ୟକ୍ତି ଜଣେ କଳହର ମାତ୍ରାକୁ ବଢ଼ାଇବେ। ଅବଶ୍ୟ ପରକ୍ଷଣରେ ପରସ୍ପର ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ । ସରକାରୀ ସ୍ତରରୁ ହଠାତ୍ ଆଶା କରୁଥିବା ଶୁଭ ଖବର ଶୁଣି ଖୁସି ହେବେ।

**ସିଂହ** ଏକାଧିକ ଗ୍ରହ ପରିବାର ସ୍ଥାନରେ ପାପ ମଧ୍ୟସ୍ଥ ଯୋଗୁ ଯେତେ ପ୍ରକାର ସୁବିଧା ସୁଯୋଗ ସୃଷ୍ଟି କଲେ ମଧ୍ୟ ଅନ୍ୟମାନେ ସନ୍ତୁଷ୍ଟ ହେବେ ନାହିଁ ବରଂ ଓଲଟି ନିନ୍ଦାଗାନ କରିବେ। ଘରେ ବନ୍ଧୁମିଳନ ଓ ନୂତନ ଅତିଥିଙ୍କ ଆଗମନ ଯୋଗୁ ହସଖୁସିର ସୁଅ ଛୁଟିବ। ମାଲିମକଦ୍ଦମା,ଜମିଜମା ସମସ୍ୟା, ଚୁକ୍ତିପତ୍ର ପ୍ରଭୃତିରେ ସୁଫଳ ପାଇବେ।

**କନ୍ୟା** ଧନ ସ୍ଥାନରେ ଶୁକ୍ର ବନ୍ଧୁଙ୍କ ଆଦର, ଅର୍ଥ, ସମ୍ମାନ ଓ ବିଳାସବ୍ୟସନ ଦିଗ ପାଇଁ ବହୁତ ଭଲ ହେବ। ବହୁ ଦିନରୁ ଟଙ୍କା ବାକି ରଖିଥିବା ଲୋକଟି ଆପଣଙ୍କୁ ଖୋଜି ଖୋଜି ଶେଷରେ ଘରେ ଆସି ଟଙ୍କା ଦେଇଯାଇପାରେ। ଆଗାମୀ ମାଙ୍ଗଳିକ କାମ ସକାଶେ ଗୃହସଜ୍ଜା,ଗାଡ଼ି ମରାମତି, ପୁରୁଣା ଘରକୁ ସଜାଡ଼ିବାରେ ମନୋନିବେଶ କରିପାରନ୍ତି।

**ତୁଳା** ଶୁକ୍ର ଓ ଶନି ସାଙ୍ଗକୁ ଚନ୍ଦ୍ର ଓ ରାହୁଙ୍କ ସ୍ଥିତି ଆଜି ପାଇଁ ବହୁ ଶୁଭଦାୟକ ରହିବେ। ଫଳରେ ଯାହା କଲେ ମଧ୍ୟ କୌଣସି କାମ ସ୍ଥଗିତ ରହିବ ନାହିଁ। କିନ୍ତୁ ହସ୍ତା ନକ୍ଷତ୍ର ସକାଶେ ମାନସିକ ଅଶାନ୍ତି ଲାଗି ରହିବା କାରଣରୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ଅବଶ୍ୟ ମାଲିମକଦ୍ଦମାରେ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ।

**ବିଛା** ଭାଗ୍ୟାଧିପତିଙ୍କ ଶୁଭ ସଂସ୍ଥିତି ଆପଣଙ୍କ ମନକୁ ଖୁସି ରଖିବା ସହ ଅନୁରାଧା ପାଇଁ କାର୍ଯ୍ୟବ୍ୟସ୍ତତା ସୃଷ୍ଟି କରିବ। ଜ୍ୟେଷ୍ଠା ନକ୍ଷତ୍ର ଅଭାବ ଦୂରେଇବାର ପ୍ରୟାସକଲେ ମଧ୍ୟ ଧାର କରଜ କରି ଆବଶ୍ୟକତା ଚଳାଇନେବେ। କ୍ରୀଡ଼ା, କଳା, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟାର ସରଳ ସମାଧାନ କରିପାରିବେ। ବିଭିନ୍ନ ପ୍ରକାର କୌଶଳ ଅବଲମ୍ବନକରି ଲକ୍ଷ୍ୟପୂରଣରେ ସମର୍ଥ ହୋଇପାରନ୍ତି।

**ଧନୁ** ବନ୍ଧୁଙ୍କ ମନାନ୍ତର କାରଣରୁ ମନ ଭଲ ନ ଥିବା ହେତୁ କୌଣସି କାମରେ ମନଯୋଗୀ ରହିପାରିବେ ନାହିଁ। ତେଣୁ ମନ ଖୁସିରେ ରହିପାରିବେ ନାହିଁ। ଶିଳ୍ପ, ବାଣିଜ୍ୟ, ପରିବହନ, ଆମଦାନୀ କାରବାର କ୍ଷେତ୍ରରେ ବେଶ୍ ଖୁସୀ ରହିବେ। ରାଜନୀତିରେ ଓ ସାଙ୍ଗଠନିକ କ୍ଷେତ୍ରରେ ବହୁତ ଜନକଲ୍ୟାଣ କାମ ହାତକୁ ନେଇ ପ୍ରଶଂସିତ ହୋଇପାରନ୍ତି।

**ମକର** ତୃତୀୟ ସ୍ଥାନରେ ସପ୍ତମାଧିପତି ଆପଣଙ୍କୁ କୌଣସି ନୂତନ ଭାବନାରେ ନିମଜ୍ଜିତ କରାଇପାରେ। ଧର୍ମକାର୍ଯ୍ୟ, ଶୁଭ ଖବର ଓ ପାରିବାରିକ ସମର୍ଥନରେ ଅଗ୍ରଗାମୀ ହୋଇପାରନ୍ତି । ଧନିଷ୍ଠା ନକ୍ଷତ୍ର ସକାଶେ ସାଧାରଣ କଥାକୁ ନେଇ ସମ୍ପର୍କୀୟମାନଙ୍କ ଆକ୍ଷେପୋକ୍ତି ମନରେ ଭାବାନ୍ତର ସୃଷ୍ଟି କରିବ। ବିଳାସବ୍ୟସନ ପ୍ରତି ବିଶେଷ ଅନୁରକ୍ତି ଜାଗ୍ରତହେବା ମଉକା ପାଇପାରିବେ।

**କୁମ୍ଭ** ନିଜ ଭାବରୁ ଶୁକ୍ର ଅଷ୍ଟମସ୍ଥ ହେତୁ ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। କିନ୍ତୁ ପର୍ଯ୍ୟଟନ, ତୀର୍ଥାଟନ, ଦୂରସ୍ଥାନକୁ ଯାତ୍ରା ନୂତନ କର୍ମନିଯୁକ୍ତି ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହୋଇପାରେ। ବ୍ୟବସାୟରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ଭୂସମ୍ପତ୍ତିକୁ କେନ୍ଦ୍ରକରି ପରିବାର ସଦସ୍ୟଙ୍କ ମଧ୍ୟରେ କଳହର ସୂଚନା ରହିଛି ।

**ମୀନ** ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ମାଲି ମକଦ୍ଦମାରେ ସଫଳତା ପାଇବେ। କିନ୍ତୁ ସଙ୍ଗଠନ, ଲେଖାପଢ଼ା ଓ ନୂତନ ସମ୍ପର୍କ ସ୍ଥାପନ କ୍ଷେତ୍ରରେ କାରବାରରେ କିଛିଟା ସାମୟିକ ସମସ୍ୟା ଲାଗି ରହିବ। କଳା, ସାହିତ୍ୟ, ସାମ୍ବାଦିକତା, ପ୍ରଶାସନ ଓ ରାଜନୈତିକ କ୍ଷେତ୍ରରେ ସ୍ଥିତିକୁ ସୁଦୃଢ଼ ରଖିବାରେ ସମର୍ଥ ହେବେ।

ଆଜି ଧନୁ ସଂକ୍ରାନ୍ତି, ପହିଲି ଭୋଗ ଆରମ୍ଭ, ଖର ମାସ ଜନିତ ଅଶୁଦ୍ଧ କାଳ ଆରମ୍ଭ, ମାର୍ଗଶିର ଶୁକ୍ଳ ନବମୀ ରବିବାର,ଡିସେମ୍ବର ୧୬ ତାରିଖ, ରାଶି ନକ୍ଷତ୍ର- ଉତ୍ତରଭାଦ୍ରପଦ/ମୀନ, ମେଷ ରାଶିର ଘାତବାର, ଧନୁ ରାଶିର ଘାତଚନ୍ଦ୍ର, ନବମୀର ଏକୋଦ୍ଦିଷ୍ଟ ଓ ଷଷ୍ଠୀର ପାର୍ବଣ ଶ୍ରାଦ୍ଧ। ଦିବା ଘ୭।୩୮ମି. ଗତେ, ଘ୮।୫୮ମି. ମଧ୍ୟେ ଅମୃତ ବେଳା। ଦିବା ଘ୧୦।୨୦ମି. ଗତେ ଘ୧୧।୪୦ମଧ୍ୟେ, ଘ୧।୦୧ମି. ଗତେ ଘ୨।୨୨ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୩।୪୫ମି. ଗତେ ଘ୫।୦୭ମି. ମଧ୍ୟେ ରାହୁକାଳ।




### ଶେଲ୍‌ଟର ହୋମ୍‌ରେ ଯୌନ ନିର୍ଯାତନା

# ବିଜେଡି–ଭାଜପା ମୁହାଁମୁହିଁ

ଭୁବନେଶ୍ୱର,୧୫।୧୨(ବ୍ୟୁରୋ)

ଢେଙ୍କାନାଳ ଜିଲା ବେଲଟିକିରି ଶେଲ୍‌ଟର ହୋମ୍ ନାବାଳିକା ଯୌନ ନିର୍ଯାତନା ଘଟଣାକୁ ନେଇ ରାଜନୀତି ଜୋର୍ ଧରିଛି। ବିଜୁ ମହିଳା ଜନତା ଦଳ ଓ ଭାଜପା ମହିଳା ମୋର୍ଚ୍ଚା ଏ ନେଇ ମୁହାଁମୁହିଁ ହୋଇଛନ୍ତି। ରାଜ୍ୟ ସରକାର ଘଟଣାକୁ ସମ୍ବେଦନଶୀଳତାର ସହ ନେଇ ଆବଶ୍ୟକ ପଦକ୍ଷେପ ନେଉଥିବା କହିଛି ବିଜେଡି। ସେହିପରି ନିଜର ଦୋଷ ଲୁଚାଇବା ସହ ବିଜେଡି ପ୍ରକୃତ ଦୋଷୀଙ୍କୁ ଘଣ୍ଟ ଘୋଡାଇବାକୁ ଚେଷ୍ଟା କରୁଛି ବୋଲି ଅଭିଯୋଗ କରିଛି ଭାଜପା।

ବିଜୁ ମହିଳା ଜନତା ଦଳ ନେତ୍ରୀ କସ୍ତୁରୀ ମହାପାତ୍ର କହିଛନ୍ତି ଯେ, ଢେଙ୍କାନାଳ ବେଲଟିକିରି ଘଟଣା ଜଣାପଡିବା ପରେ ଆଇନ ଅନୁସାରେ ସମସ୍ତ ପଦକ୍ଷେପ ନିଆଯାଉଛି। ରାଜ୍ୟରେ ଉକ୍ତ ସଂସ୍ଥା ଏବଂ ଅନ୍ୟାନ୍ୟ ସଂସ୍ଥା ଦ୍ୱାରା ଚାଲିଥିବା ଶେଲ୍‌ଟର ହୋମ୍‌ଗୁଡିକ ଯାଞ୍ଚ କରାଯାଉଛି। ଶିଶୁମାନଙ୍କୁ ଯୌନ ଅପରାଧରୁ ରକ୍ଷା କରିବା ପାଇଁ ଶିଶୁମାନଙ୍କ ସୁରକ୍ଷା ଆଇନ-୨୦୧୨ କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦିଆଯାଉଛି। ରାଜ୍ୟ ସରକାରଙ୍କ ଅନୁମୋଦନ ମିଳିଥିବା ୧୯ଟି ଶିଶୁ ଗୃହକୁ ୨୦୧୫ରୁ ୨୦୧୮ ମଧ୍ୟରେ ବନ୍ଦ କରାଯାଇଛି। ତେଣୁ ଗୁଡ୍ ନ୍ୟୁଜ୍ ଇଣ୍ଡିଆ ଦ୍ୱାରା ପରିଚାଳିତ ଶେଲ୍‌ଟୋର ହୋମ୍ ସରକାରୀ ଅନୁଦାନ ପାଇନାହିଁ ବୋଲି ମହାପାତ୍ର କହିଛନ୍ତି। ସେହିପରି କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ମାନେକା ଗାନ୍ଧୀ ଯେଉଁଭଳି ଭାବେ କଡା ଚିଠି ଲେଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସମାଲୋଚନା କରିଛନ୍ତି, ତାହା ଦୁର୍ଭାଗ୍ୟଜନକ। ଏହିସବୁ ଘଟଣାକୁ ରୋକିବା ପାଇଁ କେନ୍ଦ୍ର ପକ୍ଷରୁ ମଧ୍ୟ କୌଣସି ଗାଇଡ୍‌ଲାଇନ ପ୍ରସ୍ତୁତ କରାଯାଇନାହିଁ। ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଏ ସଂକ୍ରାନ୍ତ ଏକ ଗାଇଡ୍‌ଲାଇନ ଗତ ଜାନୁୟାରୀରେ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିଛନ୍ତି। ହେଲେ କେନ୍ଦ୍ର ପକ୍ଷରୁ ଏ ନେଇ କୌଣସି ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇନାହିଁ ବୋଲି କସ୍ତୁରୀ କହିଛନ୍ତି। ସେହିପରି ଭାଜପା ଶାସିତ ରାଜ୍ୟ ଉତ୍ତର ପ୍ରଦେଶ ଏବଂ ବିହାରରେ ଏଭଳି ଘଟଣା ଅଧିକ ଘଟୁଛି, ତେଣୁ ଭାଜପା ନେତାମାନେ ସମ୍ବେଦନହୀନ ହୋଇ ରାଜନୀତି ନ କରିବାକୁ ବିଜେଡି ପକ୍ଷରୁ କୁହାଯାଇଛି। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ମହିଳା ସଭାନେତ୍ରୀ ମିନତି ବେହେରା ଓ କାର୍ଯ୍ୟକାରୀ ସଭାପତି ସୁଲୋଚନା ଦାସ ଉପସ୍ଥିତ ଥିଲେ।

ବିଜେଡିର ଏଭଳି ଆକ୍ଷେପର ଜବାବ ରଖିଛନ୍ତି ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରଭାତି ପରିଡ଼ା। ସେ କହିଛନ୍ତି ଯେ, ଶେଲ୍‌ଟର ହୋମ୍‌ଗୁଡିକରେ ଚାଲୁଥିବା ନିର୍ଯାତନା, ଯୌନ ଶୋଷଣ ଏବଂ ଧର୍ମାନ୍ତରୀକରଣକୁ ଘଣ୍ଟ ଘୋଡାଇବା ପାଇଁ ବିଜେଡି ପକ୍ଷରୁ ଖବରଦାତା ସମ୍ମିଳନୀ କରାଯାଇଛି। ଏହି ଘଟଣାରେ ଜନୈକ ଦଳୀୟ ମୁଖପାତ୍ରଙ୍କୁ ଘଣ୍ଟ ଘୋଡାଯାଉଛି। ବିଭାଗୀୟ ମନ୍ତ୍ରୀ ନୈତିକ ଦାୟିତ୍ୱ ନେଇ ତୁରନ୍ତ ଇସ୍ତଫା ଦେବା ଉଚିତ ବୋଲି ପ୍ରଭାତି କହିଛନ୍ତି।

■ ଭାଜପା ସମ୍ବେଦନହୀନ: ବିଜେଡି
■ ଦୋଷୀଙ୍କୁ ଘଣ୍ଟ ଘୋଡ଼ାଇବା ପାଇଁ ଖବରଦାତା ସମ୍ମିଳନୀ: ଭାଜପା



ଖବରଦାତା ସମ୍ମିଳନୀରେ ବିଜେଡି ମହିଳା ନେତ୍ରୀବୃନ୍ଦ।

■ ତିତ୍‌ଲି କ୍ଷତିପୂରଣ

## ତୁରନ୍ତ ସହାୟତା ଯୋଗାଇବ କେନ୍ଦ୍ର

ଭୁବନେଶ୍ୱର,୧୫।୧୨(ବ୍ୟୁରୋ)

■ ମୁଖ୍ୟମନ୍ତ୍ରୀଙ୍କୁ ରାଜନାଥଙ୍କ ପ୍ରତିଶ୍ରୁତି

ସାମୁଦ୍ରିକ ଝଡ଼ 'ତିତ୍‌ଲି' ଓ ପରବର୍ତ୍ତୀ ବନ୍ୟାଜନିତ କ୍ଷୟକ୍ଷତିର ଭରଣା ପାଇଁ କେନ୍ଦ୍ର ସରକାର ତୁରନ୍ତ ସହାୟତା ପ୍ରଦାନ କରିବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଏ ନେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂଙ୍କ ସହ ଫୋନ୍ ଯୋଗେ କଥା ହୋଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ କଥା ହେବା ପରେ ରାଜନାଥ ସହାୟତା ପାଇଁ ପ୍ରତିଶ୍ରୁତି ଦେଇଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ (ସିଏମ୍‌ଓ) ପକ୍ଷରୁ କୁହାଯାଇଛି।

ଓଡ଼ିଶାର ୧୭ଟି ଜିଲାର ୧୨୮ ବ୍ଲକର ପ୍ରାୟ ୬୦.୩୧ ଲକ୍ଷ ଲୋକ 'ତିତ୍‌ଲି' ଯୋଗୁ କ୍ଷତିଗ୍ରସ୍ତ ହୋଇଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଉଦ୍ଧାର ଓ ପୁନର୍ଗଠନ କାର୍ଯ୍ୟ ଜାରି ରହିଛି। ଏଥିପାଇଁ ପ୍ରାୟ ୨୭୭୯.୩୨ କୋଟି ଟଙ୍କା କ୍ଷୟକ୍ଷତିର ଆକଳନ କରାଯାଇଥିଲା। ଗତ ଅକ୍ଟୋବର ୧୮ ଏବଂ ଡିସେମ୍ବର ୧୩ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖି ୨୦୨୩.୧୩ କୋଟି ଟଙ୍କାର ସହାୟତା ରାଶି ମଗାଯାଇଥିଲା। ପ୍ରାଥମିକ ଭାବେ ୧୦୦୦ କୋଟି ଟଙ୍କାର ଅନ୍ତରୀଣ ସହାୟତା ରାଶି ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଭାଇର କଟରା ଚୋଟରେ ଭାଇର ଜୀବନ ଗଲା

ଜମନକିରା,୧୫।୧୨(ଡି.ଏନ୍.ଏ)

ସମ୍ବଲପୁର ଜିଲା ଜମନକିରା ଥାନା ଗୌପୁର୍ଗା ଗାଁରେ ସମ୍ପର୍କୀୟ ଭାଇର କଟରା ଚୋଟର ଭାଇର ମୃତ୍ୟୁ ଘଟିଛି। ମୃତକ ହେଲେ ବୃନ୍ଦାବନ ଝାଙ୍କର (୩୭)। ଅଭିଯୁକ୍ତ ଅରୁଣ ଝାଙ୍କର (୩୯)ଙ୍କୁ ପୋଲିସ ଗିରଫ କରି ଏକ ମାମଲା ରୁଜୁ କରିଛି। ବୃନ୍ଦାବନ ଓ ଅରୁଣଙ୍କ ମଧ୍ୟରେ ଶନିବାର ସନ୍ଧ୍ୟାରେ କୌଣସି କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା। ବୃନ୍ଦାବନ ଠେଲି ଦେବାରୁ ଅରୁଣଙ୍କ ଆଣ୍ଠୁ ଛିଣ୍ଡି ଯାଇଥିଲା। ଏଣୁ ଉତ୍ତକ୍ଷିପ୍ତ ହୋଇ ଅରୁଣ ଘର ପାଖରେ ଥିବା ଏକ କଟରାରେ ବୃନ୍ଦାବନଙ୍କୁ ଆକ୍ରମଣ କରି ୧୦ରୁ ୧୨ ଥର ଚୋଟ ମାରିଥିଲେ। ବୃନ୍ଦାବନ ସେଇଠି ଟଳି ପଡିଥିଲେ। ଗାଁ ଲୋକ ଖବର ଦେବା ପରେ ପୋଲିସ ପହଞ୍ଚି ଅଭିଯୁକ୍ତ ଅରୁଣଙ୍କୁ ଗିରଫ କରିଥିଲା।




THE KOSALA SCHOOL, Estd-1979
English Medium Residential School, At-Nuakhairpali, Po-Larasara, Via- Attabira, Dist-Bargarh, Pin-768027
Mob- 8249962606 / 8249564622 / 7682032632
KOSALA ENTRANCE TEST 2019-20
- Admissions open for classes LKG to Std- IX for the Academic Session 2019-20.
- Limited seats are available for Boarders and Dayscholars.
- Interested candidates are to appear entrance test in English, Mathematics and General Awareness on the 10th February / 17th February 2019.
- Candidates qualified in entrance test will get admission.
- Enquiry time over phone - 10.00 AM to 2.00 PM
- Entrance test timings - 10.30 AM to 12.30 PM
- Selling of Admission Forms will start from 1st February 2019.
Sd/- (Principal)




ଦଳବଦଳ ଚର୍ଚ୍ଚାରେ ରୋକ୍ ଲଗାଇଲେ ନବ

## 'କଂଗ୍ରେସ ଛାଡ଼ିବାର ପ୍ରଶ୍ନ ଉଠୁନାହିଁ'

ଝାରସୁଗୁଡ଼ା ଅଫିସ,୧୫।୧୨


ନବକିଶୋର ଦାସ

ଝାରସୁଗୁଡ଼ା ବିଧାୟକ ନବକିଶୋର ଦାସ ଦଳବଦଳ କରିବା ନେଇ ଦୀର୍ଘଦିନ ଧରି ଚାଲିଥିବା ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ବିଧାୟକ ଦାସ କଂଗ୍ରେସ ଛାଡ଼ି ବିଜେଡିରେ ଯୋଗଦେବା ନେଇ ଯେଉଁ ଚର୍ଚ୍ଚା ହେଉଥିଲା, ତାହାକୁ ସେ ଖଣ୍ଡନ କରିଛନ୍ତି। ଏକ ପ୍ରେସ ବିଜ୍ଞପ୍ତି ଜାରି କରି ବିଧାୟକ ଦାସ କହିଛନ୍ତି, ସେ ଛାତ୍ର ଜୀବନରୁ କଂଗ୍ରେସ ସହ ଜଡ଼ିତ ଅଛନ୍ତି ଏବଂ ଆଗକୁ ମଧ୍ୟ ରହିଥିବେ। କଂଗ୍ରେସର ନୀତି ଆଦର୍ଶରେ ମୁଁ ଅନୁପ୍ରାଣୀତ। ମୋର ଅତୀତର କାର୍ଯ୍ୟ ଦ୍ୱାରା ଦଳ ମୋତେ ଓଡ଼ିଶା ପିସିସି କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତ କରିଛି। ଦଳ ତରଫରୁ ଯେତେବେଳେ ଯେଉଁ ଦାୟିତ୍ୱ ଦିଆଯାଇଛି, ତାହା ମୁଁ ନିଷ୍ଠାର ସହ ପାଳନ କରିଛି ଏବଂ ଆଗକୁ ମଧ୍ୟ କରିବି। କଂଗ୍ରେସ ଛାଡ଼ି ଅନ୍ୟ ଦଳକୁ ଯିବାର ପ୍ରଶ୍ନ ଉଠୁନାହିଁ ବୋଲି ବିଧାୟକ ଦାସ ଶୁକ୍ରବାର ପିସିସିକୁ ଅବଗତ କରିଥିବା ବେଳେ ଶନିବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ବିଧାୟକଙ୍କ ଏହି ସ୍ୱଷ୍ଟୋକ୍ତି ପରେ ଓଡ଼ିଶା କଂଗ୍ରେସକୁ ସାମାନ୍ୟ ଆଶ୍ୱସ୍ତି ମିଳିଥିବା କୁହାଯାଉଛି। ବିଜୁ ଏକ୍ସପ୍ରେସ୍ ୱେ ଓ ଝାରସୁଗୁଡ଼ା ବିମାନବନ୍ଦର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଧାୟକ ଦାସ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟତର ହେବାକୁ ଚେଷ୍ଟା କରିଥିଲେ। ବିମାନବନ୍ଦର ଉଦ୍‌ଘାଟନୀ ସମୟରେ ମୁଖ୍ୟମନ୍ତ୍ରୀଙ୍କ ସହ ବିଧାୟକ ଦାସ ଏବଂ ତାଙ୍କ ପୁଅ ଫଟୋ ଉଠାଇବା ନେଇ ଜୋରଦାର ଚର୍ଚ୍ଚା ହୋଇଥିଲା। ସେତେବେଳେ ବିଧାୟକ ବିଦେଶରେ ଥାଇ ସ୍ପଷ୍ଟୀକରଣ ଦେଇ ଦଳବଦଳ ଚର୍ଚ୍ଚାକୁ ଖଣ୍ଡନ କରିଥିଲେ। ପରେ ନଭେମ୍ବର ୨୮ରେ ବରିଷ୍ଠ କଂଗ୍ରେସ ନେତା ହେମାନନ୍ଦ ବିଶ୍ୱାଳଙ୍କ ବନ୍ଧୁମିଳନ ଏବଂ ଡିସେମ୍ବର ୧ରେ ବିଧାୟକ ଦାସଙ୍କ କର୍ମୀ ସମ୍ମିଳନୀ ଦଳବଦଳ ଚର୍ଚ୍ଚାକୁ ଆହୁରି ଖୋରାକ ଯୋଗାଇଥିଲା। ବିଧାୟକଙ୍କ କର୍ମୀ ସମ୍ମିଳନୀରେ ଯୋଗଦେଇଥିବା କର୍ମୀ କହିଥିଲେ, ବିଧାୟକ ଯେଉଁ ଦଳକୁ ଯିବେ ଆମେ ତାଙ୍କ ପଛରେ ଯିବୁ। ଏପରି ମତ ପ୍ରକାଶ ପରେ ଦଳବଦଳ ଚର୍ଚ୍ଚା ଜୋର ଧରିଥିଲା। ତେବେ ଶୁକ୍ରବାର ପିସିସିକୁ ଏବଂ ଶନିବାର ଗଣମାଧ୍ୟମକୁ ଦଳ ନ ଛାଡ଼ିବା ନେଇ ବିଧାୟକ ଦାସ ସ୍ପଷ୍ଟ କରିବା ପରେ ଚର୍ଚ୍ଚାର ପରିସମାପ୍ତି ଘଟିଛି। ସଦ୍ୟ ସମାପ୍ତ ନିର୍ବାଚନରେ ୩ ରାଜ୍ୟରେ କଂଗ୍ରେସର ଜୋରଦାର ପ୍ରତ୍ୟାବର୍ତ୍ତନ ବିଧାୟକ ଦାସଙ୍କ ମନ ପରିବର୍ତ୍ତନ କରିଦେଇଥିବା ରାଜନୀତିକ ମହଲରେ ପୁଣି ଚର୍ଚ୍ଚା ହେଉଛି।

ଉଜୁଡ଼ିଲା ଧାନ ଫସଲ

## ଯୁବ ଚାଷୀଙ୍କ ଆତ୍ମହତ୍ୟା ଅଭିଯୋଗ

କଲମପୁର/ ମଣ୍ଡଳ, ୧୫।୧୨ (ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଜୟପାଟଣା ଥାନା ବଡକୁଟ୍ଟ ଫାଣ୍ଡି ଅଧୀନ ସାନକୁଟ୍ଟ ଗ୍ରାମ ନିକଟସ୍ଥ ଏକ ଆମ୍ବତୋଟାରେ ଜଣେ ଯୁବ ଚାଷୀ ଗଳାରେ ଦଉଡି ବାନ୍ଧି ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ସେ ହେଲେ ସାନକୁଟ୍ଟ ଗ୍ରାମର ଲାବଣ୍ୟ ମାଝିଙ୍କ ପୁଅ ବିନୋଦ ବିହାରୀ ମାଝି (୩୦)।

ମିଳିଥିବା ସୂଚନା ମୁତାବକ, ବିନୋଦ ଶନିବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଘରୁ ଗାଧୋଇବା ପାଇଁ ବାହାରି ଥିଲେ। ହେଲେ ସେ ଆଉ ଘରକୁ ଫେରି ନ ଥିଲେ। ଅପରାହ୍ନ ପ୍ରାୟ ୩ଟା ବେଳେ ଗାଁର ମହିଳାମାନେ ମାଟି ଖୋଳିବା ପାଇଁ ସେହି ଆମ୍ବ ତୋଟାକୁ ଯାଇଥିଲେ। ସେଠାରେ ଥିବା ଏକ ଆମ୍ବ ଗଛରେ ବିନୋଦ ଗଳାରେ ଦଉଡି ବାନ୍ଧି ଝୁଲୁଥିବା ଦେଖିଥିଲେ। ଏନେଇ ସ୍ଥାନୀୟ ଲୋକେ ଥାନାକୁ ଖବର ଦେଇଥିଲେ। ବଡକୁଟ୍ଟ ଫାଣ୍ଡି ଅଧିକାରୀ ଜୟଦେବ ତାରିଣୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ମୃତ ବିନୋଦଙ୍କ ବଡଭାଇ ଉପେନ୍ଦ୍ର ଏବଂ କାକା ତରୁଣ ମାଝି କହିଛନ୍ତି, ବିନୋଦ ୫ଏକର ଜମିରେ ଧାନ ଚାଷ କରିଥିଲେ। ରୋଗ ପୋକ ଲାଗି ଧାନ ଫସଲ ଉଜୁଡ଼ି ଯାଇଥିଲା। ସମବାୟ ସମିତି ଏବଂ ମହାଜନଙ୍କଠାରୁ ଆଣିଥିବା ଋଣ ପରିଶୋଧ କିପରି ହେବ ସେହି ଚିନ୍ତାରେ ବିନୋଦ ରହୁଥିଲେ। ଶେଷରେ ସେ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା ପୋଲିସ କହିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜୟପାଟଣା ଡାକ୍ତରଖାନାକୁ ପଠାଇଛି।

■ ବିମାନରେ ୩ ମାସର ଶିଶୁ ଅସୁସ୍ଥ

## ଭୁବନେଶ୍ୱର ବିମାନବନ୍ଦରରେ ଜରୁରୀ ଅବତରଣ କଲା ଇଣ୍ଡିଗୋ

ଭୁବନେଶ୍ୱର, ୧୫।୧୨ (ବ୍ୟୁରୋ)

ଗୁଆହାଟୀରୁ ଚେନ୍ନାଇ ଯାଉଥିବା ଇଣ୍ଡିଗୋ ବିମାନ ୯୦୫ ଶନିବାର ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଜରୁରୀ ଅବତରଣ କରିଥିଲା। ଏଥିରେ ଯାତ୍ରା କରୁଥିବା ଏକ ୩ ମାସର ଶିଶୁ ହଠାତ୍ ଅସୁସ୍ଥ ହୋଇଯିବାରୁ ବିମାନକୁ ଜରୁରୀ ଅବତରଣ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବିଜୁ ପଟ୍ଟନାୟକ ବିମାନ ବନ୍ଦର ନିକଟରେ ଥିବାରୁ ବିମାନବନ୍ଦରର ଏୟାର ଟ୍ରାଫିକ କଣ୍ଟ୍ରୋଲ ସହିତ ଯୋଗାଯୋଗ କରାଯାଇଥିଲା। ସିଗ୍‌ନାଲ ମିଳିବା ପରେ ସକାଳ ୯ଟା ୨୭ରେ ବିମାନକୁ ଜରୁରୀ ଅବତରଣ କରାଯାଇଥିଲା। ଏହାପରେ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ଶିଶୁଟିକୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଶିଶୁଟିକୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସୂଚନାଯୋଗ୍ୟ, ବିମାନଟି ଗୁଆହାଟୀରୁ ସକାଳ ୭ଟା ୭ରେ ଉଡ଼ାଣ କରି ଚେନ୍ନାଇରେ ୧୦ଟା ୩୦ରେ ପହଞ୍ଚିବାର ଥିଲା। କିନ୍ତୁ ଭୁବନେଶ୍ୱରରେ ଜରୁରୀ ଅବତରଣ ଯୋଗୁ ବିମାନଟି ପ୍ରାୟ ଦୁଇଘଣ୍ଟା ବିଳମ୍ବରେ ଚେନ୍ନାଇରେ ପହଞ୍ଚିଥିଲା।






ଏହି ଘନୀଭୂତ ଓ ଜଡୀଭୂତ ଜଡ–ଚେତନା ଭିତରୁ ଧୀରେ ଧୀରେ ଆତ୍ମାକୁ ପ୍ରକାଶ କରି ଚାଲିବା ଏବଂ ଏହି ଆପାତତଃ ପ୍ରାଣିକ ସତ୍ତା ଭିତରୁ ଈଶ୍ୱରଙ୍କର ଆତ୍ମପ୍ରକାଶକୁ ଘଟାଇ ଚାଲିବା ହେଲା କ୍ରମବିକାଶର ଉଦ୍ଦେଶ୍ୟ– ଏକମାତ୍ର ଉଦ୍ଦେଶ୍ୟ। - ଶ୍ରୀଅରବିନ୍ଦ

# ହାଇକମାଣ୍ଡ



ଆକାର ପଟେଲ

ଯେତେବେଳେ ମୋତେ ୧୮ ବର୍ଷ ହେଲା ଓ ଭୋଟ ଦେବାର ଅଧିକାର ପ୍ରାପ୍ତ ହେଲି, ସେତେବେଳେ ସୁରତରୁ ପାର୍ଲାମେଣ୍ଟ ସଦସ୍ୟ ଥିଲେ ଭାଜପାର କାଶୀରାମ ରାଣା। ମୋତେ ୪୦ ବର୍ଷ ବୟସ ହେବା ପର୍ଯ୍ୟନ୍ତ ସେ ସୁରତର ଏମ୍‌ପି ଥିଲେ। ତୃଣମୂଳସ୍ତରରୁ ସେ ଜଣେ ଲୋକପ୍ରିୟ ନେତା ଥିଲେ, ଛଅଥର ଜିତିଥିଲେ ଏବଂ କେବେ ବି ହାରି ନ ଥିଲେ। ଅଟଳ ବିହାରୀ ବାଜପେୟୀଙ୍କ କ୍ୟାବିନେଟ୍‌ରେ ସେ ଜଣେ ମନ୍ତ୍ରୀ ମଧ୍ୟ ଥିଲେ। ବିନା କାରଣରେ ୨୦୦୮ରେ ତାଙ୍କୁ ଟିକେଟ୍‌ରୁ ବଞ୍ଚିତ କରାଗଲା ଏବଂ ତା'ର କିଛିବର୍ଷ ପରେ ତାଙ୍କର ମୃତ୍ୟୁ ଘଟିଲା। ତାଙ୍କ ବିଷୟରେ ଏଠାରେ ଉଲ୍ଲେଖ କରିବାର କାରଣ ଟିକିଏ ପରେ କହିବି।

ଯେଉଁଦିନ ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଛତିଶଗଡ଼ରେ ଭୋଟ ଗଣତି ହେଲା, ତାହା କଂଗ୍ରେସ ପାଇଁ ଏକ ସୁଦିନ ଥିଲା। ଠିକ୍ ତା' ପରଦିନ ମୁଖ୍ୟମନ୍ତ୍ରୀ କିଏ ହେବ, ତାହା ଯଥାଶୀଘ୍ର ନିରୁପିତ ହୋଇ ନ ପାରିବାରୁ ଏହା କଂଗ୍ରେସ ପାଇଁ ଗଣମାଧ୍ୟମରେ ସମାଲୋଚନାର ଖୋରାକ ଯୋଗାଇଲା। ଦଳ ପକ୍ଷରୁ ସଫେଇ ଦିଆଗଲା ଯେ, ଉତ୍ତରପ୍ରଦେଶ ଓ ମହାରାଷ୍ଟ୍ରରେ ମଧ୍ୟ ଭାଜପା କ୍ଷେତ୍ରରେ ତାହା ହିଁ ଘଟିଥିଲା, ତେଣୁ ଏହା କିଛି ନୂଆ କଥା ନୁହେଁ। କିନ୍ତୁ ଅନେକ ଲୋକ ଏହାକୁ ଅସ୍ୱାଭାବିକ ମନେକରିଛନ୍ତି।

ପ୍ରଥମତଃ ଆମେ ଜାଣୁ ଯେ କଂଗ୍ରେସର ଜଣେ ହାଇକମାଣ୍ଡ ଅଛନ୍ତି। ଏଠାରେ ହାଇକମାଣ୍ଡ କହିଲେ ଗାନ୍ଧୀ ପରିବାରର ମାଆ ଓ ପୁଅଙ୍କୁ ବୁଝାଏ, ଯେଉଁମାନେ ଦଳକୁ ନିୟନ୍ତ୍ରିତ କରନ୍ତି। କିନ୍ତୁ ନିର୍ବାଚନ ଫଳାଫଳ ପ୍ରକାଶ ପାଇବାର ଦିନକ ପରେ ଜଣାଗଲା ଯେ, ଏହି ହାଇକମାଣ୍ଡ ସର୍ବମୟ କର୍ତ୍ତା ନୁହନ୍ତି। ଯଦି ତାହା ହୋଇଥାନ୍ତା, ତେବେ ରାହୁଲ ଗାନ୍ଧୀ ତୁରନ୍ତ ନେତା ବାଛିଦେଇଥାନ୍ତେ ଏବଂ ଏ ପ୍ରସଙ୍ଗ ସେଇଠି ସରିଥାନ୍ତା। ତେଣୁ ମନେହେଲା ଯେମିତିକି ହାଇକମାଣ୍ଡଙ୍କର ସେତିକି କ୍ଷମତା ନାହିଁ। ତେବେ ଏହା ଏକ ଖରାପ କଥା ନୁହେଁ। କାରଣ ଏଥିରୁ ଜଣାପଡୁଛି, ଦଳ ଭିତରେ ଗଣତନ୍ତ୍ର ବୋଲି କିଛି ଅଛି ଏବଂ କଂଗ୍ରେସରେ ଗଣତନ୍ତ୍ର ନାହିଁ ବୋଲି ଯାହା କୁହାଯାଏ, ତାହା ଠିକ୍ ନୁହେଁ।

ଏହା ସହ ଯେପରି ଉତ୍ତରପ୍ରଦେଶରେ ଯୋଗୀ ଆଦିତ୍ୟନାଥ, ହରିୟାଣାରେ ଏମ୍.ଏଲ୍. ଖଟ୍ଟର ଓ ମହାରାଷ୍ଟ୍ରରେ ଦେବେନ୍ଦ୍ର ଫଡ୍‌ନବିସ୍‌ଙ୍କୁ ବିନା ଜନଅସନ୍ତୋଷରେ ମୁଖ୍ୟମନ୍ତ୍ରୀ ଭାବେ ବଛାଗଲା, ତାହାର ତୁଳନା କରନ୍ତୁ। ଏହିସବୁ ରାଜ୍ୟରେ ଦଳକୁ ଗଢ଼ିଥିବା ଦଳର ଅନେକ ପୁରୁଖା ନେତାଙ୍କୁ ଉପେକ୍ଷା କରି ଏମାନଙ୍କୁ ମୁଖ୍ୟମନ୍ତ୍ରୀ କରାଗଲା, ଅଥଚ ସମସ୍ତେ ଏହାକୁ ମାନିନେବାକୁ ବାଧ୍ୟ ହେଲେ। କାଶୀରାମ ରାଣାଙ୍କ କ୍ଷେତ୍ରରେ ବି ତାହା ହିଁ ଘଟିଥିଲା, ଯାହାଙ୍କୁ ଗୁଜରାଟର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଥିବା ନରେନ୍ଦ୍ର ମୋଦି ଟିକେଟ୍ ଦେଲେ ନାହିଁ। ତେଣୁ ଏଥିରୁ ଜଣାପଡୁଛି ଯେ ଭାଜପାରେ ବି ହାଇକମାଣ୍ଡ ଅଛନ୍ତି, ଯିଏ ତାଙ୍କ ନିର୍ଦ୍ଦେଶକୁ ତଳ ସ୍ତରର ନେତାଙ୍କ ଉପରେ ଚାପିଦିଅନ୍ତି। ଆମେ କଂଗ୍ରେସକୁ ଏକଚ୍ଛତ୍ରବାଦୀ ଦଳ ବୋଲି କହୁ କାରଣ ଏହା ବଂଶାନୁକ୍ରମିକ। ମୁଁ ଏହାକୁ ଏକ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ବୋଲି କୁହେ, ଯେଉଁଠି ଗୋଟିଏ ପରିବାର ହାତରେ ସମସ୍ତ ଅଂଶଧନ ରହିଛି। ଅନ୍ୟ ପକ୍ଷରେ ଭାଜପା ହେଉଛି ଏକ ପବ୍ଲିକ୍ ଲିମିଟେଡ୍ କମ୍ପାନୀ ପରି, ଯାହାର ଅଂଶଧନ ଜଣଙ୍କ ପାଖରେ ଠୁଳ ହୋଇ ନାହିଁ।

ନିକଟରେ ଘଟିଥିବା ଘଟଣାରୁ ସ୍ପଷ୍ଟ ଯେ, କଂଗ୍ରେସର 'ହାଇକମାଣ୍ଡ' ସମ୍ପର୍କରେ ଆମେ ଯାହା ଭାବୁଛୁ ତାହା ଠିକ୍ ହୋଇ ନ ପାରେ। ସମର୍ଥକମାନେ ତାଙ୍କ ନେତାଙ୍କୁ ମୁଖ୍ୟମନ୍ତ୍ରୀ କରିବା ଲାଗି ଜୋରଦାର ଦାବି କରିବାର ଦୃଶ୍ୟ ଟିଭି ପରଦାରେ ଦେଖାଗଲା ବେଳେ ହାଇକମାଣ୍ଡଙ୍କ ନିଷ୍ପତ୍ତି ନେବା ତଥାପି ଶେଷ ହେଉ ନ ଥାଏ। ରାଜସ୍ଥାନରେ ଏହାକୁ ନେଇ ସମର୍ଥକମାନଙ୍କ ମଧ୍ୟରେ ଉତ୍ତେଜନାମୂଳକ ପରିସ୍ଥିତି ଦେଖାଦେଲା। ଏଥିରୁ ଜଣାଗଲା ଯେ କଂଗ୍ରେସରେ ପୂର୍ଣ୍ଣ ଏକାଧିପତ୍ୟ ବୋଲି କିଛି ନାହିଁ। ରାଜସ୍ଥାନରୁ ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ଆଲୋଚନା ପାଇଁ ଦିଲ୍ଲୀ ଡକାଗଲା। ସେମାନଙ୍କୁ କୁହାଗଲା, ଫେରିଯାଅ ; ପୁଣି ବାଟ ମଝିରୁ କୁହାଗଲା, ଫେରିଆସ। ଏଥିରୁ କ'ଣ ବୁଝାପଡୁଛି ? ସମ୍ଭବତଃ ହାଇକମାଣ୍ଡଙ୍କ ପାଇଁ ନିଷ୍ପତ୍ତି ନେବା କଷ୍ଟକର ଥିଲା କିମ୍ବା ତାଙ୍କ ନିଷ୍ପତ୍ତି କାର୍ଯ୍ୟକାରୀ ହୋଇପାରିବ କି ନାହିଁ ସେ ନେଇ ସେ ସନ୍ଦିହାନ ଥିଲେ। ବୈଠକରେ ସୋନିଆ ଓ ପ୍ରିୟଙ୍କାଙ୍କ ଉପସ୍ଥିତି (ଯାହା ଗଣମାଧ୍ୟମରେ ପ୍ରକାଶ ପାଇଛି)ରୁ ସୂଚନା ମିଳୁଛି ଯେ, କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ସେମାନଙ୍କ ସାହାଯ୍ୟ ଚାହୁଁଥିଲେ। ସେ ଏକା ନିଷ୍ପତ୍ତି ନେବାକୁ ଅସମର୍ଥ ଥିଲେ। ଏଥିରୁ ଜଣାପଡୁଛି ଯେ ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଛତିଶଗଡ଼ରେ କଂଗ୍ରେସର ଯେଉଁ ବିଜୟ ଘଟିଲା, ତାହା ଦିଲ୍ଲୀ ନେତୃତ୍ୱ ଉପରେ ନିର୍ଭରଶୀଳ ନ ଥିଲା।

ଏହା ହେଉଛି ଦୁଇ ଜାତୀୟ ଦଳ ଭିତରେ ଥିବା ପ୍ରଭେଦ। ଗୋଟିଏ ପଟେ ଭାଜପା ଧରିନେଇଛି ଯେ, ଦଳ ଜିତିବା ପାଇଁ ମୋଦିଙ୍କ ଅବଦାନ ସବୁଠୁ ଅଧିକ। ତେଣୁ ପରବର୍ତ୍ତୀ ସମୟରେ ନିଷ୍ପତ୍ତି ନେବାରେ ତାଙ୍କର ଏକାଧିପତ୍ୟକୁ ସମସ୍ତେ ମାନିନେବା ଉଚିତ। ଅପରପକ୍ଷେ ରାହୁଲ ଗାନ୍ଧୀ ଯେଉଁ ଆଭିମୁଖ୍ୟ ଗ୍ରହଣ କଲେ ବା ଗ୍ରହଣ କରିବାକୁ ବାଧ୍ୟ ହେଲେ, ତାହା ତାଙ୍କ ପିତାଙ୍କଠାରୁ ଅଲଗା ଥିଲା। ରାଜୀବ ଗାନ୍ଧୀ ଆଭ୍ୟନ୍ତରୀଣ ପ୍ରସଙ୍ଗରେ ଅସନ୍ତୁଷ୍ଟମାନଙ୍କ ପ୍ରତି ଧମକପୂର୍ଣ୍ଣ ବ୍ୟବହାର ପ୍ରଦର୍ଶନ କରୁଥିଲେ। କିନ୍ତୁ ରାହୁଲ ଗାନ୍ଧୀଙ୍କ ଧରଣ ଟିକେ ଅଲଗା। କୁହାଯାଉଛି ଯେ ରାହୁଲ ଚାହୁଁଥିଲେ ରାଜସ୍ଥାନ ଓ ମଧ୍ୟପ୍ରଦେଶରେ ଯଥାକ୍ରମେ ସଚିନ ପାଇଲଟ ଓ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ପରି ଯୁବ ନେତା ମୁଖ୍ୟମନ୍ତ୍ରୀ ହୁଅନ୍ତୁ। କିନ୍ତୁ ସେ ନିଜ ଇଚ୍ଛା ଅନୁଯାୟୀ ନିଷ୍ପତ୍ତି ନେଇପାରିଲେ ନାହିଁ। ଏଥିରୁ କଂଗ୍ରେସର ନେତୃତ୍ୱ, ଏହାର ଗଠନ ଓ ଏହାର ସୀମାବଦ୍ଧତା ବିଷୟରେ ଅନେକ କିଛି ଜାଣିହେଉଛି, ଯାହା ପୂର୍ବୋକ୍ତ 'ହାଇକମାଣ୍ଡ' ତତ୍ତ୍ୱଠାରୁ ଅଲଗା।

Email: aakar.patel@gmail.com

# ମଣିଷରୁ ଅମଣିଷ



ଚିତ୍ର ଚରିତ୍ର

ନିରଞ୍ଜନ ପାଢ଼ୀ

ନିଜର ସକଳ ସୃଷ୍ଟି ମଧ୍ୟରେ କେବଳ ମଣିଷ ଭିତରେ ଦିବ୍ୟ ଚେତନା ସଞ୍ଚାର କରି ସେ ଦିନ ସ୍ରଷ୍ଟା ବେଶ୍ ସନ୍ତୋଷ ପ୍ରକାଶ କରିଥିଲେ। ସେ ଦିନରୁ ଏ ଯାଏ ସମଗ୍ର ପ୍ରାଣିଜଗତ ମଧ୍ୟରେ ମଣିଷ ନିଜ ବୌଦ୍ଧିକ ବିକାଶ ତଥା ଚେତନାର ପରିପକ୍ୱ ପରିସ୍ଫୁଟନ ପାଇଁ ଶ୍ରେଷ୍ଠଜୀବ ଭାବେ ପରିଗଣିତ ହୋଇଆସୁଛି। ନିଜ ବୋଧଶକ୍ତି ମାଧ୍ୟମରେ ଅତୀତର ମଧୁର ସ୍ମୃତି ରୋମନ୍ଥନ କରି ରୋମାଞ୍ଚିତ ହେଉଛି ତ ଭବିଷ୍ୟତର ଅନାଗତ ଆଶଙ୍କାରେ ବି ଆତଙ୍କିତ ହେଉଛି। ଅଶ୍ରୁଳ ଅତୀତକୁ ମନେପକାଇ ନୀରବରେ ବାହୁନୁଛି ତ ଭବିଷ୍ୟତର ସୁନେଲି ସ୍ୱପ୍ନ ଦେଖି ମୁଗ୍ଧବିଭୋର ଅନୁଭବରେ ଜଡସଡ ହେଉଛି। ପୁଣି କେତେବେଳେ ଦାନବ ସାଜି ଅନ୍ୟ ତୁଣ୍ଡରୁ ଦାନା ଛଡାଉଛି ତ ଅନ୍ୟବେଳେ ଦେବତା ହୋଇ ଅନାଥର ନାଥ ହେଉଛି। ନିଜର ବଳିଦାନ ଦେଇ ଅନ୍ୟର ଜୀବନ ବଞ୍ଚାଉଛି ତ ନିଜେ ବଞ୍ଚିବା ପାଇଁ ନିର୍ବିକାରରେ ଅନ୍ୟର ଜୀବନ ନେଉଛି।

ବଡ଼ ବିଚିତ୍ର ଏଇ ମଣିଷର ଚରିତ୍ର। ପରସ୍ପର ବିପରୀତମୁଖୀ ବହୁବିଧ ଗୁଣ ଅବିଗୁଣର ଏକ ଅଦ୍ଭୁତ ସଂଯୋଗ କେବଳ ତା' ପାଖରେ ହିଁ ସମ୍ଭବ। ସେ ରାମ ହୋଇପାରେ, ରାବଣ ବି। ଯେତେବେଳେ ତା' ଆଖି ଦିଓଟିରୁ ସମଗ୍ର ଜଗତକୁ ନିଜର କରିନେବା ପାଇଁ ଏକ ଅବ୍ୟକ୍ତ ଅଙ୍ଗୀକାର ପ୍ରକାଶ ପାଉଥାଏ, ସେତେବେଳେ ଲାଗୁଥାଏ ସତେ ଯେମିତି ସେ ଈଶ୍ୱରୀୟ ଆତ୍ମାର ଏକ ଅମର ଅବତାର। ଅଥଚ ସେଇ ଆଖିରୁ ବି ନିଆଁ ଝରିପାରେ, ମୁହଁରୁ ଶୁଭିପାରେ ପ୍ରଳୟର ପ୍ରଳାପ। କାହିଁକି ଏପରି ହୁଏ, ପ୍ରତ୍ୟେକ ମଣିଷ ତ ଜନ୍ମ ମୁହୂର୍ତ୍ତରେ ଜଣେ ଜଣେ ଦେବଶିଶୁ। ଶୁଦ୍ଧ, ପବିତ୍ର, ସୁନ୍ଦର ଓ ପ୍ରଶାନ୍ତ। ଅଥଚ ବଡ଼ ହୋଇ ସେ ମଣିଷରୁ ଅମଣିଷ, ଦେବତାରୁ ଦାନବ ପାଲଟିଯାଏ କେମିତି ?

ପ୍ରଖ୍ୟାତ ଇଂଲିଶ୍ କଥାକାର ଓ. ହେନେରୀଙ୍କ ଏକ ସୁନ୍ଦର ଗଳ୍ପ ଏ ପ୍ରସଙ୍ଗରେ ପ୍ରଣିଧାନଯୋଗ୍ୟ। ଜଣେ ବିଶିଷ୍ଟ ଚିତ୍ରକର ଶାନ୍ତି, ମୈତ୍ରୀ, ସ୍ନେହ, ପ୍ରେମ, ବିଶ୍ୱାସ ଓ ସରଳପଣର ଏକ ପ୍ରତିଛବି ଆଙ୍କିବାକୁ ଏକ ବିଦ୍ୟାଳୟରେ ପହଞ୍ଚିଲେ। ତାଙ୍କର ବିଚାର ଥିଲା, ବିଦ୍ୟାଳୟର ନିଷ୍ପାପ କୋମଳମତି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏମିତି ଜଣେ ଥିବେ, ଯିଏ ହୋଇଥିବେ ଦେବଶିଶୁ, ଯାହାଙ୍କଠାରେ ଫୁଟିଉଠୁଥିବ ଈଶ୍ୱରସୁଲଭ ସ୍ୱର୍ଗୀୟ ଗୁଣରାଜି। ସେମିତି ଜଣେ ମିଳିଗଲା ପରେ ସେ ମନଧ୍ୟାନ ଦେଇ ତା'ର ଚିତ୍ର ଆଙ୍କିଲେ, ଯାହା ପରବର୍ତ୍ତୀ ପର୍ଯ୍ୟାୟରେ ତାଙ୍କୁ ଦେଇଥିଲା ଶ୍ରେଷ୍ଠ ଚିତ୍ରକରର ପ୍ରସିଦ୍ଧି। ଏ ଘଟଣାର ବହୁ ବର୍ଷ ପରେ ଗୋଟିଏ ମଣିଷରୂପୀ ସଇତାନର ଚିତ୍ର ଆଙ୍କିବା ପାଇଁ ମନସ୍ଥ କରି ସେ ଏକ କାରାଗାରରେ ପହଞ୍ଚିଲେ। ଜଘନ୍ୟ ଅପରାଧ ଘଟାଇ କାରାକକ୍ଷରେ କାଳାତିପାତ କରୁଥିବା ଦୁର୍ଦ୍ଦାନ୍ତ ଅପରାଧୀମାନଙ୍କ ମଧ୍ୟରୁ ସାତଜଣଙ୍କୁ ହତ୍ୟା କରିଥିବା ସବୁଠୁ ଭୟଙ୍କର ଅପରାଧୀଙ୍କୁ ମନାଇ ସେ ତା'ର ଚିତ୍ର ଆଙ୍କିଲେ। ରଙ୍ଗ ତୂଳୀର କାରିଗରି ମଧ୍ୟରୁ ଜନ୍ମ ନେଲା ଏକ ସଇତାନର ଚିତ୍ରପଟ। ଚିତ୍ରକର ଖୁସି ହୋଇଉଠିଲେ ଓ ସଜା କାଟୁଥିବା ଅପରାଧୀଟି ହାତରେ ତା'ର ପାରିଶ୍ରମିକ ବାବଦକୁ କିଛି ଅର୍ଥ ଧରାଇଦେଲେ। କଏଦୀ ଜଣକ ଆଶ୍ଚର୍ଯ୍ୟ ହୋଇ ପଚାରିଲା ତିରିଶବର୍ଷ ତଳେ ଏକଦା ବିଦ୍ୟାଳୟରେ ମୋର ଚିତ୍ର ଆଙ୍କିଥିଲା ବେଳେ ମୋତେ ତ ଆପଣ ପଇସାଟିଏ ବି ଦେଇ ନ ଥିଲେ, ଆଜି କାହିଁକି ? ଚିତ୍ରକରଙ୍କୁ ଆକାଶରୁ ପଡିଲା ପରି ଲାଗିଲା। ତାଙ୍କୁ ବୁଝିବାକୁ ବିଳମ୍ବ ହେଲା ନାହିଁ ଯେ, ଆଜିର ଏ ସଇତାନଟି ହେଉଛି ସେ ଦିନର ସେଇ ଦେବଶିଶୁ।

ହେନେରୀଙ୍କ ଗଳ୍ପର ଏଇ ଦେବଶିଶୁକୁ ସଇତାନ କଲା କିଏ ? ଶୈଶବର ସଂସ୍କାର ମଧ୍ୟରେ ମଣିଷ ହୋଇ ଗଢିଉଠୁଥିବା ଶିଶୁଟି ବଡ଼ ହୋଇ ଅମଣିଷ ପାଲଟିଯାଏ କେମିତି ? ଦେବସୁଲଭ ଗୁଣରାଜିର ଏକ ମାନବ ବିଗ୍ରହ ଯେଉଁ ସମାଜରେ ବାସ କରେ, ତାହାର ପାରିପାର୍ଶ୍ୱିକ ପରିବେଷ୍ଟନୀ ତା' ପାଇଁ ବେଳେ ବେଳେ ଏମିତି ଦୁର୍ଭାଗ୍ୟ ସୃଷ୍ଟିକରେ ଯେ ସେ ଦିଗହରା ହୋଇବସେ। ସ୍ନେହ, ଶ୍ରଦ୍ଧା, ସଦିଚ୍ଛା, ସମ୍ବେଦନା ଆଦି ସଦ୍‌ଗୁଣ ବଦଳରେ ତା' ଭିତରେ ଅଙ୍କୁରିତ ହୁଏ ଈର୍ଷା, ଦ୍ୱେଷ ଓ ଘୃଣା। ଉଭେଇଯାଏ ତା' ମଧ୍ୟରୁ ସଂସ୍କାର ଓ ସଦାଚାର। ସେ ଆସ୍ତେ ଆସ୍ତେ ମାନବରୁ ଦାନବରେ ରୂପାନ୍ତରିତ ହୋଇଯାଏ।

ଆମ ରାଜ୍ୟର ଏକ ପ୍ରମୁଖ ସହରରେ ପ୍ରାୟ ଦୁଇବର୍ଷ ତଳେ ଘଟିଥିବା ଏକ ଘଟଣାଟିକୁ ଲକ୍ଷ୍ୟ କରାଯାଉ। ବି.ଏ. ପାସ୍ କରି ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରୁଥିବା ଜଣେ ଯୁବକ ନିଜ ସାନ ଭଉଣୀଙ୍କୁ ଧରି ସହରର ରାସ୍ତା ଉପରେ ଯାଉଥିଲା ବେଳେ ଦଳେ ଅସାମାଜିକ ଯୁବକ କମେଣ୍ଟ ମାରିଲେ। ସେମାନଙ୍କ ଅସଭ୍ୟ ଇଙ୍ଗିତ ଓ ଅଶାଳୀନ ମନ୍ତବ୍ୟର ପ୍ରତିବାଦ କଲେ ଯୁବକ। ପରିଣାମ ହେଲା ଅତ୍ୟନ୍ତ ପ୍ରତ୍ୟାଶିତ। ରାସ୍ତାକଡର ରୋମିଓମାନେ ତାଙ୍କୁ ମାଡମାରି ରକ୍ତାକ୍ତ କରିଦେଲେ। ଆଇନର ଶାସନ ପ୍ରତି ଶ୍ରଦ୍ଧାଶୀଳ ସେଇ ଯୁବକ ନିଜ ରକ୍ତାକ୍ତ ଶରୀର ନେଇ ଭଉଣୀ ସାଙ୍ଗରେ ଥାନାକୁ ଗଲେ ଓ ଆକ୍ରମଣକାରୀଙ୍କ ବିରୋଧରେ ରିପୋର୍ଟ ଲେଖାଇଲେ। ସେ ଆଶା କରୁଥିଲେ, ଥାନାଧିକାରୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ଓ ସେଇ ସମାଜବିରୋଧୀ ଯୁବକମାନଙ୍କୁ ଆଇନ ଅନୁଯାୟୀ ଦଣ୍ଡିତ କରିବେ। ମାତ୍ର ସାତଦିନ ବିତିଗଲେ ବି ସେଇ ଦୁର୍ଦ୍ଦାନ୍ତ ଯୁବକମାନଙ୍କୁ ରାସ୍ତା ଉପରେ ଛାତି ଫୁଲାଇ ବୁଲୁଥିବାର ଦେଖି ସେ ଆଶ୍ଚର୍ଯ୍ୟ ହେଲେ। ସେ ଥାନାକୁ ଯାଇ ଏ ସମ୍ପର୍କରେ ପଚାରିବାରୁ ତାଙ୍କୁ ଯାହା ଉତ୍ତର ମିଳିଲା, ତାହା ସେଇ ଦୁର୍ଦ୍ଦାନ୍ତମାନଙ୍କ ବ୍ୟବହାରଠୁ ବି ବଳିଗଲା। ତାଙ୍କୁ ଲାଗିଲା ଦ୍ୱିତୀୟଥର ପାଇଁ ତାଙ୍କ ଭଉଣୀଙ୍କ ଉପରେ ଯେମିତି ଅସଭ୍ୟତାର ଚାବୁକ ମାଡ ହେଉଛି। ତାହା ପୁଣି ଆଇନର ରକ୍ଷାକର୍ତ୍ତାଙ୍କ ଦ୍ୱାରା। କେବଳ ଏତିକି ନୁହେଁ, ପୋଲିସକୁ ପ୍ରଶ୍ନ ପଚାରିବାର ଦୁଃସାହସ ପାଇଁ ଥାନାରେ ବସିବାକୁ ପଡିଲା ଆଠଘଣ୍ଟା।

ଏ ଘଟଣାର ପରବର୍ତ୍ତୀ ଅଧ୍ୟାୟ ଅନୁଲ୍ଲେଖିତ ରହିବା ସର୍ବାଦୌ ବାଞ୍ଛନୀୟ। ତଥାପି କଥାଟିକୁ ସ୍ୱୟଂସମ୍ପୂର୍ଣ୍ଣ କରିବାକୁ ଯାଇ ଏତିକି କହିଲେ ଯଥେଷ୍ଟ ହେବ ଯେ ପୂର୍ବବର୍ତ୍ତୀ ଘଟଣାର ପ୍ରାୟ ଦୁଇମାସ ପରେ ସେହି ସହରରେ ଜନ୍ମନେଲା ଆଉ ଜଣେ ଅସାମାଜିକ ଯୁବକ, ଯିଏ ତା'ର ଅସାମାଜିକତାରେ ପୂର୍ବର ସମସ୍ତ ରେକର୍ଡ ଭଙ୍ଗକରି ସେଇ ଅସତ୍ୟ ସହରର ଅନ୍ଧାରି ଇତିହାସରେ ଯୋଗ କଲା ଆଉ ଏକ କଳା ଅଧ୍ୟାୟ। କାଲି ଯାଏ ଶାନ୍ତ, ଶିଷ୍ଟ, ନମ୍ର ଓ ଭଦ୍ର ଭାବେ ସମାଜର ଶ୍ରଦ୍ଧାଭାଜନ ହୋଇଥିବା ଜଣେ ଉଚ୍ଚାକାଙ୍କ୍ଷୀ ଯୁବକ ଆଜି ହଠାତ୍ ଅଶାନ୍ତ, ଅସ୍ପୃଶ୍ୟ ଓ ଉଦଣ୍ଡ ଅସାମାଜିକ ଜୀବଟିରେ ପରିଣତ ହୋଇଗଲା।

ଉଦ୍ଦାମ ଯୁବଶକ୍ତିର ବିଶୃଙ୍ଖଳିତ ଅଭ୍ୟୁତ୍ଥାନ ବର୍ତ୍ତମାନ ବୋଧହୁଏ ଆମ ସାମାଜିକ ଜୀବନ ପାଇଁ ସବୁଠୁଁ ବିପଜ୍ଜନକ ଆହ୍ୱାନ। ସକଳ ପ୍ରକାର ନୈତିକତା ଓ ସାମାଜିକତାକୁ ପ୍ରତିହତ କରି ଏମାନେ ନିଜ ଶକ୍ତି ବିନିମୟରେ ସମାଜକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରନ୍ତି। ଅଙ୍କୁଶବିହୀନ ଜୀବନଯାପନ କରି ଏମାନେ ପ୍ରତିକ୍ଷଣ ସୁସ୍ଥ ସାମାଜିକ ପରମ୍ପରା ଉପରେ ହାତୁଡି ପିଟି ଚାଲନ୍ତି। ହାତରେ ଛୁରି, ଭୁଜାଲି, ବମ୍, ବନ୍ଧୁକ ଧରି ଆତଙ୍କ ସୃଷ୍ଟି କରୁଥିବା ଏହି ଯୁବକମାନଙ୍କ ପାଶବିକ ଆଚରଣ ଉପରେ ଲଗାମ ଲଗାଇବାକୁ ନା ତାଙ୍କ ପରିବାରର ସାମର୍ଥ୍ୟ ଥାଏ ନା ଆଇନର ! ଅତଏବ ଏମାନେ ପାଲଟିଯାନ୍ତି ସମାଜର ଅଶୁଭ ସଂକେତ, ଯେମିତି ଅଦମ୍ୟ, ସେମିତି ଅପ୍ରତିହତ।

ଏମାନଙ୍କୁ ଦୋଷ ଦେବା ପୂର୍ବରୁ କେଉଁ ପରିସ୍ଥିତିରେ ପଡି ଏମାନେ ମଣିଷରୁ ଅମଣିଷ ହେଲେ, ସେ ସମ୍ପର୍କରେ ଆମ ସମାଜପତିମାନେ କେବେ ଚିନ୍ତା କରିଛନ୍ତି କି ? ଇଞ୍ଜିନିୟରିଂ ପଢିବାକୁ ଯାଇଥିବା ଜଣେ ମେଧାବୀ ଛାତ୍ର ତା' ବାପାମା' ଏବଂ ଜ୍ଞାତିପରିଜନମାନଙ୍କ ଆଖିରେ ଏକ ଉଜ୍ଜ୍ୱଳ ଭବିଷ୍ୟତର ସ୍ୱପ୍ନ ଖେଳାଇଥାଏ। ଅଥଚ ମାସ କେଇଟା ଯାଇ ନ ଥିବ, ର୍‍ୟାଗିଂ ନାମକ ଏକ ଉଦଣ୍ଡ ରାକ୍ଷସର ସାମନା କରି ନ ପାରି ସେ ପଢ଼ା ଛାଡି ଫେରି ଆସିବ। ଏକ ସମ୍ଭାବନାର ଅପମୃତ୍ୟୁ ଘଟାଇ ପାଲଟିଯିବ ଏକ ଭୟଙ୍କର ରାକ୍ଷସ। ତା' ବୟସର ଅନ୍ୟ ଯୁବକମାନେ କିଛି ଗଢିବାର ଶପଥ ନେଇ ଜୀବନ ନିର୍ମାଣରେ ଆଗେଇ ଯାଉଥିଲା ବେଳେ ସେ କିନ୍ତୁ ନିଜ ଚାରିପଟର ଦୁନିଆକୁ ଭାଙ୍ଗିରୁଜି ଧ୍ୱଂସ କରିଦେବାକୁ ତତ୍ପର ହୋଇଉଠିବ। କାହିଁକି ଘଟେ ଏପରି ବିଘଟନ ? ଏମାନେ କ'ଣ ଜନ୍ମ ସମୟରୁ ନିଜ ଲଲାଟରେ ଅଶୁଭ ପୁତ୍ରର ସଙ୍କେତ ବହନ କରି ପୃଥିବୀକୁ ଆସିଥାନ୍ତି ନା ଅନ୍ୟ କେହି ଅଦୃଶ୍ୟ ଆତତାୟୀ ଏମାନଙ୍କୁ ଅନ୍ଧାରି ଗହ୍ୱରକୁ ନିକ୍ଷେପ କରିଦିଅନ୍ତି ?

ସକଳ ପ୍ରକାର ଅସଦାଚାରରେ ବ୍ରତୀ ଥିବା ଭୟଙ୍କର ଅସାମାଜିକ ଯୁବକଟି ତା'ର ନିଃସଙ୍ଗ ମୁହୂର୍ତ୍ତରେ କେବେ କ'ଣ ଭାବୁ ନ ଥିବ ତା' ଜୀବନଯାତ୍ରାର ଶେଷ ପରିଣତି ସମ୍ପର୍କରେ। ଅନାଚାରରେ ବ୍ୟାପୃତ ତା' ଜୀବନ ସମାଜ ପାଇଁ ଯେ ଏକ ଅଭିଶପ୍ତ ଆଇନା, ଏକଥା କ'ଣ ସେ ନିଜକୁ ନିଜେ ବୁଝାଉ ନ ଥିବ ? ସଦାଚାରର ସ୍ୱାଦ ସର୍ବଦା ଅମୃତମୟ। ମଣିଷ ଯଦି ଥରେ ଜାଣନ୍ତା ଯେ ଭଲ କାମରେ କେତେ ଆନନ୍ଦ, ତା' ହେଲେ ଖରାପ କାମ କରି ଅମଣିଷ ବୋଲାଇବାକୁ ସେ ମନ ବଳାନ୍ତା ନାହିଁ। ଅନ୍ୟାୟ, ଅନାଚାରର ବିଷ ପିଆଇ ଯେଉଁ ସମାଜ ଦିନେ ଜଣକୁ ବିଷାକ୍ତ କରି ଦେଇଥିଲା, ତାକୁ ଆଉ ଥରେ ଅମୃତର ଦୁନିଆକୁ ଫେରାଇ ଆଣିବା ଯେ ସମାଜର ଦାୟିତ୍ୱ, ଏ କଥା ଆମ ସମାଜପତିମାନେ କେବେ ବୁଝିବେ କେଜାଣି।

ପ୍ରଜ୍ଞା ନିଳୟ, ବିଦ୍ୟାପତିନଗର, ଚକେଇସିହାଣି,
ଭୁବନେଶ୍ୱର, ମୋ–୮୮୯୫୬୭୨୪୧୦୫

# ସାମ୍ବାଦିକରୁ ସାହିତ୍ୟିକ

ବ୍ୟକ୍ତିତ୍ୱ



ଅମିତାଭ ଘୋଷ

ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ଭାରତୀୟ ଜ୍ଞାନପୀଠ ପକ୍ଷରୁ ପ୍ରତିବର୍ଷ ଜ୍ଞାନପୀଠ ପୁରସ୍କାର ପ୍ରଦାନ କରାଯାଇଆସୁଛି। ୧୯୬୧ ମସିହାଠାରୁ ଏହି ସମ୍ମାନ ପ୍ରଦାନ କରାଯାଇଆସୁଛି। ଚଳିତଥର ଇଂଲିଶ୍ ଭାଷାରେ ପ୍ରଥମ ଥର ପାଇଁ ଅମିତାଭ ଘୋଷଙ୍କ ନାମ ଘୋଷଣା ହେବା ପରେ ତାଙ୍କ ବ୍ୟକ୍ତିତ୍ୱ ଓ ସାହିତ୍ୟକୃତି ଚର୍ଚ୍ଚାକୁ ଆସିଛି।

ଅମିତାଭ ୧୧ ଜୁଲାଇ, ୧୯୫୬ରେ ପଶ୍ଚିମବଙ୍ଗର କଲିକତା (ବର୍ତ୍ତମାନ କୋଲକାତା)ରେ ଜନ୍ମଗ୍ରହଣ କରିଥିଲେ। ଡୁନ୍ ସ୍କୁଲରେ ପଢୁଥିବା ବେଳେ ତାଙ୍କ ଛାତ୍ରଜୀବନ ସୃଜନମନସ୍କ ହୋଇଥିଲା। ସେତେବେଳେ ତାଙ୍କ ସହପାଠୀ ଭାବେ ବିଶିଷ୍ଟ ଲେଖକ ବିକ୍ରମ ସେଠ୍ ଏବଂ ରାମଚନ୍ଦ୍ର ଗୁହା ଥିଲେ। ଅମିତାଭ ଡୁନ୍ ସ୍କୁଲରୁ ପଢ଼ା ଶେଷ କରିବା ପରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ସେଣ୍ଟ ଷ୍ଟିଫେନ୍ସ କଲେଜ ଓ ଦିଲ୍ଲୀ ସ୍କୁଲ ଅଫ୍ ଇକୋନମିକ୍ସରୁ ଉଚ୍ଚଶିକ୍ଷା ଲାଭ କରିଥିଲେ। ଛାତ୍ରାବସ୍ଥାରେ ସେ ଅତ୍ୟନ୍ତ ମେଧାବୀ ଥିବାରୁ ଡି.ଫିଲ୍. ପାଇଁ ସେ ଇନ୍‌ଲାକ୍ସ ଫାଉଣ୍ଡେଶନ ସ୍କଲାରଶିପ୍ ପାଇଥିଲେ। ଫଳରେ ସେ ଅକ୍ସଫୋର୍ଡର ସେଣ୍ଟ ଏଡ୍‌ମଣ୍ଡ ହଲ୍‌ରେ ସୋସିଆଲ ଆନ୍ଥ୍ରୋପଲୋଜିରେ ଡିଗ୍ରୀ ହାସଲ କଲେ। ଏହା ପରେ ସେ ଇଂଲିଶ୍ ଦୈନିକ 'ଇଣ୍ଡିଆନ୍ ଏକ୍ସପ୍ରେସ୍'ରେ ଯୋଗ ଦେଇଥିଲେ। ସମୟକ୍ରମେ ସେ କୋଲକାତାସ୍ଥିତ ସେଣ୍ଟର ଫର୍ ଷ୍ଟଡିଜ୍ ଇନ୍ ସୋସିଆଲ୍ ସାଇନ୍‌ସେସ୍ ଏବଂ ତ୍ରିଭାନ୍ଦ୍ରମ୍‌ର ସେଣ୍ଟର ଫର୍ ଡେଭଲପ୍‌ମେଣ୍ଟ ଷ୍ଟଡିଜ୍‌ରେ ଫେଲୋ ଥିଲେ। ୧୯୯୯ରେ ଅମିତାଭ ନ୍ୟୁୟର୍କର ସିଟି ୟୁନିଭର୍ସିଟି ଅଧୀନ କୁଇନ୍ସ କଲେଜରେ ତୁଳନାତ୍ମକ ସାହିତ୍ୟରେ ପ୍ରଫେସର ଭାବେ ଯୋଗ ଦେଇଥିଲେ। ୨୦୦୫ରୁ ସେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ଇଂଲିଶ୍ ବିଭାଗରେ ଅତିଥି ପ୍ରାଧ୍ୟାପକ ଭାବେ କାର୍ଯ୍ୟ କରି ବିଶ୍ୱସ୍ତରରେ ସୁନାମ ଅର୍ଜନ କରିଛନ୍ତି। ଏହି ସମୟ ମଧ୍ୟରେ ସାହିତ୍ୟ କ୍ଷେତ୍ରରେ ଅଭିନବ ପରୀକ୍ଷାନିରୀକ୍ଷା କରି ସେ ସୃଜନଶୀଳତାରେ ଏକ ଭିନ୍ନ ଶୈଳୀ ସୃଷ୍ଟି କରିଛନ୍ତି। ଏପରିକି ଭାରତକୁ ଆସି 'ସି ଅଫ୍ ପପିଜ୍', 'ରିଭର୍ ଅଫ୍ ସ୍ମୋକ୍' ଏବଂ 'ଫ୍ଲଡ୍ ଅଫ୍ ଫାୟାର' ନାଟକ ରଚନାରେ ନିଜକୁ ନିୟୋଜିତ କରିଥିଲେ। ଐତିହାସିକ ସମୟର ଘଟଣାକ୍ରମକୁ ଆଧୁନିକ ଶୈଳୀରେ ସୃଜନ ଛୁଆଁ ଦେଇ ସେ ଯେଉଁ ଧାରା ସୃଷ୍ଟି କରିଛନ୍ତି, ତାହା ତାଙ୍କୁ ଅନ୍ୟ ଲେଖକଙ୍କଠାରୁ ନିଆରା କରିଦେଇଛି। ଭାରତୀୟ କଥାବସ୍ତୁକୁ ଗଭୀର ଅନୁଧ୍ୟାନ କରି ଇଂଲିଶ୍ ସାହିତ୍ୟ ମାଧ୍ୟମରେ ତାହାକୁ ବିଶ୍ୱ ଦରବାରରେ ଯେଭଳି ସେ ପରିସ୍ଫୁଟନ କଲେ, ତାହା ତାଙ୍କୁ ୨୦୦୭ରେ ଭାରତର ଚତୁର୍ଥ ବେସାମରିକ ସମ୍ମାନ 'ପଦ୍ମଶ୍ରୀ'ରେ ଭୂଷିତ କରିଥିଲା। ଏଥିସହିତ ତାଙ୍କ ସୃଜନପତ୍ରରେ ଆଉ ଏକ ଫର୍ଦ୍ଦ ୨୦୦୯ରେ ଯୋଡ଼ି ହୋଇଯାଇଥିଲା। ସେ 'ରୟାଲ ସୋସାଇଟି ଅଫ୍ ଲିଟରେଚର'ରେ ଫେଲୋ ଭାବେ ନିର୍ବାଚିତ ହୋଇଥିଲେ। ୨୦୧୫ରେ ଅମିତାଭ ଫୋର୍ଡ ଫାଉଣ୍ଡେଶନ ଆର୍ଟ ଅଫ୍ ଚେଞ୍ଜ୍ ଫେଲୋ ଭାବେ ନାମିତ ହୋଇଥିଲେ। ଅମିତାଭଙ୍କ ସୃଜନ ଦରବାରକୁ ଦେଖିଲେ 'ସ୍ୟାଡୋ ଲାଇନ୍ସ', 'ଦି ଗ୍ଲାସ୍ ପ୍ୟାଲେସ୍', 'ଦି ହଙ୍ଗ୍ରି ଟାଇଡ୍' ଏବଂ 'ଇବିସ୍ ଟ୍ରିଲୋଜି' ପାଠିକାପାଠକଙ୍କ ଦ୍ୱାରା ବେଶ୍ ଆଦୃତ ହୋଇଛି। ଅମିତାଭଙ୍କ ପୁସ୍ତକ ଜାତୀୟ ଓ ଅନ୍ତର୍ଜାତୀୟ ସାହିତ୍ୟ ବିଚାରକମଣ୍ଡଳୀଙ୍କ ଦୃଷ୍ଟି ଆକର୍ଷଣ କରିଚାଲିଛି। ଅଦ୍ୟାବଧି ସେ ବହୁ ପୁରସ୍କାର ଓ ସମ୍ମାନର ଅଧିକାରୀ ହୋଇପାରିଛନ୍ତି। ତେବେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ମ୍ୟାନ୍ ବୁକର୍ ପୁରସ୍କାର ଲାଗି ୨୦୦୮ରେ ତାଙ୍କ ପୁସ୍ତକ 'ସି ଅଫ୍ ପପିଜ୍' ଏବଂ ୨୦୧୧ରେ 'ରିଭର୍ ଅଫ୍ ସ୍ମୋକ୍' ପୁସ୍ତକଟି ମ୍ୟାନ୍ ଏସିଆନ୍ ଲିଟେରାରି ପୁରସ୍କାର ଲାଗି ତାଲିକାଭୁକ୍ତ ହେବା ତାଙ୍କୁ ଇଂଲିଶ୍ ସାହିତ୍ୟ ପରିମଣ୍ଡଳରେ ନୂଆ ପରିଚିତି ସୃଷ୍ଟି କରିଥିଲା। ଏବେ ସେ ଇଂଲିଶ୍ ଭାଷାରେ ପ୍ରଥମେ ଜ୍ଞାନପୀଠ ପାଇ ଯେଉଁ ନୂଆ ଧାରା ଆରମ୍ଭ କଲେ, ତାହା ସୃଜନମନସ୍କ ଯୁବପିଢ଼ି ପାଇଁ ପ୍ରେରଣାର ଉତ୍ସ ହେବ। ଅମିତାଭଙ୍କ ପାରିବାରିକ ଜୀବନ କହିଲେ ଲେଖିକା ସହଧର୍ମିଣୀ ଦେବରା ବେକର୍ ଏବଂ ଦୁଇ ସନ୍ତାନ ଲିଲା ଓ ନାୟନ ରହିଛନ୍ତି। ସେ ଏବେ ଆମେରିକାର ନ୍ୟୁୟର୍କରେ ବାସ କରୁଥିଲେ ମଧ୍ୟ ଭାରତୀୟ ଉପମହାଦେଶର କଳା, ସଂସ୍କୃତି ଓ ସାହିତ୍ୟ ତାଙ୍କୁ ଆକୃଷ୍ଟ କରିଚାଲିଛି।

–ଜିତେନ୍ଦ୍ର

## ଏଇ ଭାରତରେ

ଆମ ଦେଶର ଅନେକ ଲୋକ ପ୍ରକୃତିକୁ ଦେବତା ଭାବି ପୂଜା କରିଥାଆନ୍ତି। ଲୋକଙ୍କ ଧର୍ମୀୟ ଭାବନା ଏତେ ଦୃଢ଼ ଯେ, ଏଠାରେ ପଥରକୁ ପୂଜା କଲେ ବି ସେ ଦେବତା ପାଲଟି ଯାଆନ୍ତି। ତେବେ ମନୋବାଞ୍ଛା କେତେଦୂର ପୂରଣ ହୁଏ କେବଳ ସମ୍ପୃକ୍ତ ବ୍ୟକ୍ତି ହିଁ କହିପାରେ। ଗୋବରରେ ପ୍ରଭୁ ଗଣେଶଙ୍କ ପୂଜା କଲେ ମନସ୍କାମନା ପୂରଣ ହୋଇଥାଏ ବୋଲି ଶାସ୍ତ୍ରରେ ଉଲ୍ଲେଖ ଅଛି। ଗୋବରରେ ସାକ୍ଷାତ ମା' ଲକ୍ଷ୍ମୀ ବାସ କରନ୍ତି ବୋଲି କୁହାଯାଏ। ମଧ୍ୟପ୍ରଦେଶର ଅଗର ମାଲ୍‌ୱା ଜିଲା ନଲଖେଡାଠାରେ ଥିବା ମନ୍ଦିରରେ ରହିଛି ଗୋବରରେ ତିଆରି ଏକ ଗଣେଶ ମୂର୍ତ୍ତି। ଏହି ମୂର୍ତ୍ତି ୫ଶହ ବର୍ଷର ପୁରୁଣା ବୋଲି ସ୍ଥାନୀୟ ଲୋକେ କହନ୍ତି। ଉକ୍ତ ମନ୍ଦିରରେ ଗଣେଶଙ୍କୁ ନଡିଆ ଚଢ଼ାଇଲେ ସମସ୍ତ କାମନା ପୂରଣ ହୁଏ ବୋଲି ବିଶ୍ୱାସ ରହିଛି। ଗଣେଶଙ୍କଠାରେ ମୁକୁଟ, ଗଳାହାର ସମେତ ଅନ୍ୟାନ୍ୟ ଅଳଙ୍କାର ଲାଗି ହୋଇଛି। ଏଠାକୁ ଆସୁଥିବା ଭକ୍ତଙ୍କ ବିଶ୍ୱାସ ରହିଛି ଯେ, ଉକ୍ତ ମନ୍ଦିରରେ ପୂଜାର୍ଚ୍ଚନା କଲେ ଶ୍ରୀଗଣେଶଙ୍କ ସହିତ ମା' ଲକ୍ଷ୍ମୀଙ୍କ ଆଶୀର୍ବାଦ ମଧ୍ୟ ମିଳିଥାଏ। ତେଣୁ ଏଠାରେ ପ୍ରତିଦିନ ସକାଳୁ ଶ୍ରଦ୍ଧାଳୁଙ୍କ ଭିଡ ଜମିଥାଏ।

## ଚିରନ୍ତନୀ

ତ୍ୟାଗର ମହିମା ଯେଣୁ ଏ ଦେଉଳ ଘୋଷଇ ପବନେ,
ତ୍ୟାଗର ଜୟ ପତାକା ଉଡ଼ାଉଛି ଅନନ୍ତ ଗଗନେ।
ବିରାଟ ଯେ ଆତ୍ମା ଏହି ପାଷାଣେ ନିହିତ
ଉଦ୍ଦେଶ୍ୟେ ତାହାର ଆଜି ନମ୍ର ମୋର ଚିତ୍ତ,
ରକତ ମାଂସର ଯେତେ ହସ୍ତ
ନିର୍ମିଲା ଏ ପ୍ରସ୍ତର ସମସ୍ତ,
ତାହାରି ସକାଶେ
ଏ ପାଷାଣ ପାଶେ
ନମସ୍କାର
ବାରମ୍ବାର ! (ପୁରୀ–ମନ୍ଦିର)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୬ ଡିସେମ୍ବର ୧୯୯୩

- ବିଶ୍ୱ ବାଣିଜ୍ୟ ଓ ଶୁଳ୍କ ରାଜିନାମା 'ଗାଟ୍'କୁ ବିଶ୍ୱର ଅନ୍ୟତମ ବୃହତ ବାଣିଜ୍ୟ ଶକ୍ତି ୟୁରୋପୀୟ ସମୁଦାୟ (ଇ.ସି.)ର ଅନୁମୋଦନ।
- ଘରୋଇ କ୍ଷେତ୍ରରେ ମିଳିତ ଉଦ୍ୟୋଗରେ ଶିଳ୍ପ ପ୍ରତିଷ୍ଠା ପାଇଁ ଭାରତ ଓ ମାଲେସିଆ ମଧ୍ୟରେ ୬ଟି ବୁଝାମଣାପତ୍ର ସ୍ୱାକ୍ଷରିତ।
- ମାନିଲାରେ ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ୨୪ ଜଣ ଯାତ୍ରୀଙ୍କ ମୃତ୍ୟୁ।

## su | do | ku ସୁ–ଡୋ–କୁ

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଦଣ୍ଡମୁକ୍ତ ବିଦ୍ୟାଳୟ

ମହାଶୟ,

ଧରିତ୍ରୀ (୪।୧୨)ରେ ପ୍ରକାଶିତ ଲେଖା ପୂର୍ଣ୍ଣାଙ୍ଗ ନୁହେଁ। ଏଥିରେ ସୋନାମିକା ମ୍ୟାଡମ୍ କିଛି ଛାତ୍ରୀଛାତ୍ରଙ୍କ କଥା ଲେଖିବାକୁ ଭୁଲିଗଲେ, ଯେଉଁମାନେ ବିଦ୍ୟାଳୟ ସ୍ତରରୁ ଗୁଣ୍ଡା ହେବାକୁ ଶିଖୁଛନ୍ତି। ସ୍କୁଲରେ ଗୋଷ୍ଠୀ ବନାଇ ଗଣ୍ଡଗୋଳ କରି ଶିକ୍ଷକମାନଙ୍କୁ ଧମକାଉଛନ୍ତି। ଦଣ୍ଡମୁକ୍ତ ବିଦ୍ୟାଳୟ ଓ ଜୁଭେନାଇଲ ଆଇନ ଯୋଗୁ ସେମାନଙ୍କର କିଛି ହେଉନାହିଁ। ପରେ ସେମାନେ ସମାଜରେ ଅରାଜକତା ସୃଷ୍ଟି କରୁଛନ୍ତି। ତେଣୁ ଶିକ୍ଷକମାନଙ୍କୁ ପୁଣିଥରେ ଦଣ୍ଡ ଦେବାର ସୀମିତ ଅଧିକାର ଦିଆଯାଉ।

କାଳୀ ପ୍ରସନ୍ନ ଦାଶ, ଅବକାଶ ଲେନ୍, ପୁରୀ

### ସଂରକ୍ଷଣକୁ ସଂକୁଚିତ କରାଯାଉ

ସଂରକ୍ଷଣ ନିୟମରେ ଅନୁସୂଚିତ ଜାତି ଏବଂ ଉପଜାତିର ବ୍ୟକ୍ତିବିଶେଷଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି। ପ୍ରଥମେ ଏହାର ଅବଧି ୧୦ ବର୍ଷ ଥିଲା। କାଳକ୍ରମେ ତାହା ବଢ଼ି ବଢ଼ି ୭୦ ବର୍ଷ ଟପି ସାରିଲାଣି। ଯେ ପର୍ଯ୍ୟନ୍ତ ସେମାନେ ଅନ୍ୟମାନଙ୍କ ସମକକ୍ଷ ନ ହୋଇଛନ୍ତି ସେ ପର୍ଯ୍ୟନ୍ତ ଏ ନିୟମ ବଳବତ୍ତର ରହିବା ଉଚିତ। ଯେଉଁ ପରିବାରକୁ ଏ ସୁବିଧା ମିଳିଛି ସେମାନେ ନିଜ ପିଲାଙ୍କୁ ମଣିଷ କରନ୍ତୁ। ପରେ ସଂରକ୍ଷଣରୁ ସେମାନଙ୍କୁ ବାଦ୍ ଦିଆଯାଉ। ସଫଳତା ପାଇଥିବା ପରିବାରକୁ ସଂରକ୍ଷଣରୁ ବାଦ ଦେଇ ସଂରକ୍ଷିତବର୍ଗର ଅନ୍ୟ ପରିବାରକୁ ସେହି ସୁଯୋଗ ଦିଆଗଲେ ସମସ୍ତ ଅନୁସୂଚିତ ଜାତି ଏବଂ ଜନଜାତିର ଲୋକ ଅନ୍ୟମାନଙ୍କର ସମକକ୍ଷ ହୋଇପାରିବେ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଜୀବନରେ ଭୟ କରିବାର କିଛି ନାହିଁ। କେବଳ ଜୀବନକୁ ବୁଝିପାରିଲେ ଭୟ ଆପେ ଦୂର ହୋଇଯିବା।
- ମେରି କ୍ୟୁରୀ



## ସଂକ୍ଷେପରେ

### ମୃତ ଚାଷୀଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଚେକ୍

ସୋର, ୧୫।୧୨(ଡ଼ି.ଏନ.ଏ.)-ସୋର ଉତ୍ତରେଶ୍ୱର ସେବା ସମବାୟର ଜଣେ ଚାଷୀଙ୍କୁ ୫ ଲକ୍ଷ ଟଙ୍କାର ବୀମାରାଶି ତାଙ୍କ ପରିବାରକୁ ଚେକ୍ ଆକାରରେ ପ୍ରଦାନ କରାଯାଇଛି। ସୋର ବ୍ଲକ ଦହିସଡାର ଏହି ବୀମାଭୁକ୍ତ ଚାଷୀ ମନୋରଞ୍ଜନ ପାତ୍ର ଅଟନ୍ତି। ସେ ଗତବର୍ଷ ଡିସେମ୍ବର ମାସରେ ସଡକ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ। ଏବେ ତାଙ୍କ ପୁତ୍ର ବନମାଳୀଙ୍କୁ ବୀମାରାଶି ବାବଦରେ ୫ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ବାଲେଶ୍ୱର - ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ସୋର ଶାଖା ପରିଚାଳକ ଶୁଭେନ୍ଦୁ ବିଶ୍ୱାଳ ଏହି ଚେକ୍ ସମିତି ସଭାପତି ଶ୍ରୀଧର ଦେ, ସମ୍ପାଦକ ମହେଶ୍ୱର ଭୋଇ ଓ ସହ ସମ୍ପାଦକ ମନୋଜ କୁମାର ଦାସଙ୍କ ସହ ସମସ୍ତ କର୍ମଚାରୀଙ୍କ ଉପସ୍ଥିତିରେ ପ୍ରଦାନ କରିଥିଲେ।

# ଗୁଡ୍ ନ୍ୟୁଜ୍ ଇଣ୍ଡିଆ ଆଶ୍ରୟସ୍ଥଳରେ କେନ୍ଦ୍ରୀୟ ଟିମ୍‌ର ଯାଞ୍ଚ

**ରାଉରକେଲା ଅଫିସ,୧୫।୧୨**

ଗୁଡ୍ ନ୍ୟୁଜ୍ ଇଣ୍ଡିଆ ପରିଚାଳିତ ଲାଠିକଟା ବ୍ଲକ ଏରଗେଡ଼ା ଅଞ୍ଚଳରେ ଥିବା ଆଶ୍ରୟସ୍ଥଳରେ ଶନିବାର ଯାଞ୍ଚ କରିଛି ଜାତୀୟ ଶିଶୁ ଅଧିକାର ସୁରକ୍ଷା ସେଲ୍ ଟିମ୍। ଏହି ଟିମ୍ ସହ ସୁନ୍ଦରଗଡ଼ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀବନ୍ତ ଜେନା ଓ ଜିଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ବସନ୍ତ ମଲ୍ଲିକ ଉପସ୍ଥିତ ଥିଲେ। ତେବେ କେନ୍ଦ୍ରୀୟ ଟିମ୍ କ'ଣ ଯାଞ୍ଚ କରୁଛି ସେ ଖବର ଆମ ପାଖରେ ନାହିଁ ବୋଲି କହିଛନ୍ତି ଜିଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ମଲ୍ଲିକ।

ଗତ ଶୁକ୍ରବାର ଏହି ଟିମ ବିଶ୍ରା ବ୍ଲକରେ ଥିବା ଚାଇଲ୍ଡ ଲାଇନ ଓ ବିଜାଡିହି ଛାତ୍ରୀନିବାସ ବୁଲି ଦେଖିଥିଲେ। କେଉଁ ଅନୁଷ୍ଠାନ କେତେଦିନ ହେବ ପରିଚାଳିତ ହେଉଛି, ନିୟମାନୁସାରେ ଏହାର ପଞ୍ଜୀକରଣ କରାଯାଇଛି ନା ନାହିଁ, ଅନ୍ତେବାସୀ କିଭଳି ଅବସ୍ଥାରେ ରହୁଛନ୍ତି, କିଏ କେଉଁଠୁ ଆସିଛନ୍ତି, ସେମାନଙ୍କ ଅଭିଭାବକ ଅଛନ୍ତି କି ନାହିଁ, କେଉଁ ବିଦ୍ୟାଳୟରେ ଏମାନେ ପାଠ ପଢୁଛନ୍ତି, ଏମାନଙ୍କୁ ନିର୍ଯାତନା ଦିଆଯାଉଛି ନା ନାହିଁ, ଆର୍ଥିକ ଅନୁଦାନ କେଉଁ ସୂତ୍ରରୁ ଆସୁଛି ଓ ଏହାର ସଦ୍ ବିନିଯୋଗ



କରାଯାଉଛି ନା ନାହିଁ, ଏମିତି ଅନେକ କାରଣ ଖୋଜିଛି ଯାଞ୍ଚ ଟିମ୍। ଯାହାକୁ ପ୍ରଘଟ କରାଯାଇ ନାହିଁ। ସେହିଭଳି ଗୁଡ୍ ନ୍ୟୁଜ୍ ଇଣ୍ଡିଆ ପରିଚାଳିତ ଢେଙ୍କାନାଳ ଆଶ୍ରୟସ୍ଥଳରେ ଯୌନ ନିର୍ଯାତନା ଘଟଣା ପଦାକୁ ଆସିବା ପରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଏହାର ଶାଖାଗୁଡ଼ିକରେ ଚଢ଼ାଉ କରାଯାଇଛି। ସୁନ୍ଦରଗଡ଼ ଜିଲା ଲାଠିକଟା ବ୍ଲକ ଏରଗେଡ଼ା ଅଞ୍ଚଳରେ ଥିବା ସଂସ୍ଥା ଗୃହରେ ଜିଲା ଶିଶୁ ସୁରକ୍ଷା ସମିତି ଓ ଶିଶୁ ମଙ୍ଗଳ କମିଟି ପକ୍ଷରୁ ଗତ ୪ତାରିଖରେ ଚଢ଼ାଉ କରାଯାଇଥିଲା। ଏଭଳି ସମ୍ବେଦନଶୀଳ ଘଟଣାକୁ ଗୁରୁତ୍ୱର ସହ ନେଇଛି ଜାତୀୟ ଶିଶୁ ଅଧିକାର ସୁରକ୍ଷା ସେଲ। କେନ୍ଦ୍ରୀୟ ଟିମ୍ ଶନିବାର ଏରଗେଡ଼ା ଆଶ୍ରୟସ୍ଥଳରେ ପହଞ୍ଚି ଅନ୍ତେବାସୀଙ୍କୁ ବିଭିନ୍ନ ପ୍ରସଙ୍ଗରେ ପଚରାଉଚୁରା କରିଥିବା ଜଣାଯାଇଛି। ଏହା ପୂର୍ବରୁ ସାମାଜିକ କର୍ମୀ ଶାନ୍ତନୁ କୁସୁମଙ୍କ ଅଭିଯୋଗକୁ ଭିତ୍ତିକରି ପାନପୋଷ ଉପଜିଲାପାଳ ବିଶ୍ୱଜିତ ମହାପାତ୍ର ୪ ପ୍ରଶାସନିକ ଅଧିକାରୀଙ୍କୁ ନେଇ ଏକ ଟିମ ଦ୍ୱାରା ସମ୍ପୃକ୍ତ ସଂସ୍ଥା ସମ୍ପର୍କରେ ଯାଞ୍ଚ ନିର୍ଦ୍ଦେଶ ଦେଇଥିଲେ। କମିଟି ଯାଞ୍ଚ କରିବା ପରେ ଉପଜିଲାପାଳଙ୍କୁ ଖୁବଶୀଘ୍ର ରିପୋର୍ଟ ପ୍ରଦାନ କରିବ ବୋଲି ଜଣାଯାଇଛି। ଏପରି ଅବସ୍ଥାରେ ଦୀର୍ଘବର୍ଷ ଧରି ଜିଲାରେ ବିନା ପଞ୍ଜୀକରଣରେ ଆଶ୍ରୟସ୍ଥଳ ଖୋଲି କାରବାର ଚଳାଇଥିବା ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନ ଯିବା ପଛରେ କି କାରଣ ରହିଛି, ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଢେଙ୍କାନାଳ ଘଟଣା ପରେ ବି ନିର୍ଦ୍ଦିଷ୍ଟ ଆଶ୍ରୟସ୍ଥଳ ବ୍ୟତୀତ ଅନ୍ୟତ୍ର ଯାଞ୍ଚ କରାଯାଇ ନ ଥିଲା। ଏବେ କେନ୍ଦ୍ରୀୟ ଟିମ ଜିଲାରେ ପହଞ୍ଚି ଏଗୁଡ଼ିକ ଯାଞ୍ଚ ଆରମ୍ଭ କରିଥିବାବେଳେ ଖୁବଶୀଘ୍ର ବେଆଇନ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଆଶା ସଞ୍ଚାର ହୋଇଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସତୀଲୋ ! ସ୍ତେଇ ହଉଛୁ କେତେ ?**
**ତୋ ଘର ନିଆଁ ଅଣ୍ଟିରେ ପୂରେଇ,**
**ଖତେଇ ହଉଚୁ ମତେ ।**

ଆମ ସମାଜରେ ଏଭଳି ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ କି ନିଜ ଦୋଷ ନ ଦେଖି ସଦାସର୍ବଦା ଅନ୍ୟର ଦୋଷ ଦୁର୍ବଳତା ପ୍ରତି ଅଙ୍ଗୁଳି ଉଠାଇଥାନ୍ତି। ଏପରି ବ୍ୟକ୍ତିଙ୍କଠାରେ ଅନେକ ଦୋଷ ବା ଦୁର୍ଗୁଣ ରହୁଥିଲେ ମଧ୍ୟ ସେମାନେ ବିନା ଦ୍ୱିଧାରେ ଅନ୍ୟକୁ ଖରାପ କହି ତାଚ୍ଛଲ୍ୟ କରିଥାନ୍ତି। ଏପରି ଦୋଷ ଦର୍ଶୀ ବ୍ୟକ୍ତିଙ୍କୁ ପ୍ରଥମେ ନିଜ ଦୋଷ ଦେଖିବା ପାଇଁ ପରାମର୍ଶ ଦେବା ଉଚିତ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ସାତକୁ ହେଲା ସତର;**
**ଶାଶୁ ଥାଉଁ ଥାଉଁ ନଣନ୍ଦ ଗଣ୍ଡିଲା,**
**ମଲିଟି ମୁହିଁ ଏଥର ।**

ଶାଶୁ ବୋହୂ କି ନଣନ୍ଦ ଭାଉଜଙ୍କ ମଧ୍ୟରେ ଭଲ ନ ପଡ଼ିଲେ ପରିବାରରେ ନାନା ଅଶାନ୍ତି ଘଟିଥାଏ। ମନ ସହ ମନ ନ ମିଶିବା ଫଳରେ ନାନା ବିଶୃଙ୍ଖଳା ଘଟିବା ସ୍ଥିର ନିଶ୍ଚିତ ହୋଇଯାଇଥାଏ। ଯେତେବେଳେ ଉଭୟ ଶାଶୁ ଓ ନଣନ୍ଦ ମିଶି ମିଛ ସତ କହି ନାନା ଅତ୍ୟାଚାର କରିବସନ୍ତି ସେତେବେଳେ ବିଚାରୀ ବୋହୂ ପକ୍ଷେ ନିଜ ଭାଗ୍ୟକୁ ଆଦରି ପଡ଼ି ରହିବା ଛଡ଼ା ଆଉ କିଛି ବାଟ ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଭାଜପା ଅଫିସ ଜମି କିଣାରେ ଅନିୟମିତତା

**ବଲାଙ୍ଗୀର ଅଫିସ, ୧୫।୧୨**

- ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କୁ ଚକ୍‌ମା
- ସନ୍ଦେହ ଘେରରେ ଟିକଟ ଆଶାୟୀଙ୍କ ଭୂମିକା
- ଝୁଲି ରହିଲା ପାର୍ଟି ଅଫିସ ନିର୍ମାଣ କାର୍ଯ୍ୟ

ଗତ ଏପ୍ରିଲ ୫ ତାରିଖ ଦିନ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ବଲାଙ୍ଗୀର ଗସ୍ତରେ ଆସିଥିଲେ । ଏଠାରେ ଅନୁଷ୍ଠିତ ଯୁବ ସମାବେଶରେ ଯୋଗଦେଇ ଶାହ ଭାଜପା କର୍ମୀ ଓ ଜନସାଧାରଣଙ୍କୁ ଉତ୍ସାହିତ କରି ଓଡିଶାରେ ଭାଜପାର ମୂଳଦୁଆ ମଜଭୁତ କରିବାକୁ ଚେଷ୍ଟା କରିଥିଲେ । ହେଲେ ତାଙ୍କ ଗସ୍ତର ୭ମାସ ପରେ ଏବେ ଏକ ସାଂଘାତିକ ଅଭିଯୋଗ ଲୋକଲୋଚନକୁ ଆସିଛି । ଜିଲାର କେତେକ ଭାଜପା ନେତା ଓ ଟିକଟ ଆଶାୟୀ ଖୋଦ୍ ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କୁ ଚକ୍‌ମା ଦେଖାଇ ଦଳୀୟ ଟଙ୍କାରେ ତିଆରି ହେବାକୁ ଥିବା ଜିଲା ପାର୍ଟି ଅଫିସ ଜମି କିଣାବିକାରେ ଅନିୟମିତତା ଓ ଦୁର୍ନୀତି କରିଥିବା ଚର୍ଚ୍ଚାର ବିଷୟ ହୋଇଛି । ଏହି ଖବରକୁ ନେଇ ଜିଲା ଭାଜପାରେ ହଇଚଇ ସୃଷ୍ଟି ହୋଇଛି ।

ବଲାଙ୍ଗୀର ଗସ୍ତରେ ଆସିଥିବାବେଳେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଶାହ ବଲାଙ୍ଗୀର ପଥରଚେପାଠାରେ ପାର୍ଟି ଟଙ୍କାରେ କିଣାଯାଇଥିବା ଜମିରେ ଦଳୀୟ ଅଫିସ ପାଇଁ ଶିଳାନ୍ୟାସ କରିଥିଲେ । ଶିଳାନ୍ୟାସ ଉତ୍ସବରେ ଶାହଙ୍କ ସହ ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା, ପାଟଣାଗଡ଼ ବିଧାୟକ କନକବର୍ଦ୍ଧନ ସିଂଦେଓ, ପୂର୍ବତନ ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ବରିଷ୍ଠ ନେତା ସୁରେଶ ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ । ରାଷ୍ଟ୍ରୀୟ ଅଧ୍ୟକ୍ଷ ଶାହ ଯେଉଁ ଜମିରେ ପାର୍ଟି ଅଫିସ ପାଇଁ ଶିଳାନ୍ୟାସ କରିଥିଲେ ତାହା ବିବାଦୀୟ ଜମି ବୋଲି ଏବେ ଜଣାପଡିଛି । ଜମି କିଣାବିକାକୁ ନେଇ ଜମିର ମୂଳ ବିକ୍ରେତା ଓ ତାଙ୍କ ସମ୍ପର୍କୀୟଙ୍କ ଭିତରେ ବିବାଦ ଦେଖାଦେଇ ଏହା ଅଦାଲତରେ ପହଞ୍ଚିଛି । ଜମି କିଣାବିକାରେ ଆର୍ଥିକ ଅନିୟମିତତା ହୋଇଥିବା ଚର୍ଚ୍ଚା ପରେ ଦଳର କେତେଜଣ ବରିଷ୍ଠ ନେତା ଓ ଟିକଟ ଆଶାୟୀଙ୍କ ଭୂମିକା ସନ୍ଦେହ ଘେରକୁ ଆସିଛି ।

ମିଳିଥିବା ସୂଚନା ଅନୁଯାୟୀ ପାର୍ଟି ଅଫିସ ତିଆରି ପାଇଁ ପଥରଚେପାଠାରେ ୦.୦୬୬ ଡିସିମିଲ ଜମି କିଣାଯାଇଥିଲା । ଏତିକି ଜମି ପାଇଁ ୩୩ଲକ୍ଷ ୯୯ ହଜାର ଟଙ୍କା ଦିଆଯାଇଥିଲା । ତେବେ ଏତେ ଟଙ୍କା କାରବାର ହେବା ପୂର୍ବରୁ ଏହି ଜମି ବିବାଦୀୟ କି ନୁହେଁ କିଭଳି ଯାଞ୍ଚ କରାଗଲା ନାହିଁ ବୋଲି ଦଳର କେତେକ ବରିଷ୍ଠ ସଦସ୍ୟ ପ୍ରଶ୍ନ ଉଠାଇଛନ୍ତି । ଏହାବାଦ୍ ଉକ୍ତ ଜମି କିଣାବିକାରେ ଦୁଇଜଣ ଦଳୀୟ କର୍ମୀ ଓ ଜଣେ ଟିକଟ ଆଶାୟୀଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠିଲାଣି । ଉକ୍ତ ପ୍ଲଟ୍‌ରେ ଅନ୍ୟ ଜଣେ ବ୍ୟକ୍ତି ଅଧିକ ପରିମାଣର ଜମି କିଣିଥିଲେ ମଧ୍ୟ ଭାଜପାଠାରୁ ଢ଼େର କମ୍ ଟଙ୍କାରେ ରେଜିଷ୍ଟ୍ରି କରାଯାଇଛି। ଏହା ଜଣାପଡିବା ପରେ ଭାଜପା ଅଫିସ ଜମି କିଣାରେ ଗୁରୁତର କିକ୍‌ବ୍ୟାକ୍ ହୋଇଥିବା ଚର୍ଚ୍ଚାର ବିଷୟ ହେଉଛି । ଏହି ବିବାଦୀୟ ଜମିକୁ ନେଇ ଏବେ ଜିଲା ଭାଜପା କାର୍ଯ୍ୟାଳୟ ପ୍ରସଙ୍ଗ ଝୁଲି ରହିଲାଣି। ଏ ନେଇ ଭାଜପା ଜିଲା ସଭାପତି ଭକ୍ତବନ୍ଧୁ ନାଏକଙ୍କୁ ପଚରାଯିବାରୁ ପାର୍ଟି ଅଫିସ ଜମି ବିବାଦ ନେଇ ଦଳୀୟ ସୂତ୍ରରୁ ତାଙ୍କ ପାଖରେ କିଛି ଖବର ନାହିଁ ବୋଲି କହିଛନ୍ତି । ତେବେ ଏହି ଜମି ବିବାଦ ଓ ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କୁ ଚକ୍‌ମା ଘଟଣା ଆଗାମୀ ନିର୍ବାଚନ ପୂର୍ବରୁ ଭାରିପଡିବ ବୋଲି ଆଲୋଚନା ହେଉଛି ।

## ବନ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସୁପାରିସ

**ଭୁବନେଶ୍ୱର, ୧୫।୧୨(ବ୍ୟୁରୋ)-** ସାତକୋଶିଆରେ ମହାବଳ ବାଘ 'ମହାବୀର'କୁ ଶିକାରୀ ମାରିଛନ୍ତି। କିନ୍ତୁ ସମ୍ପୃକ୍ତ ଶିକାରୀଙ୍କୁ ନ ଧରି ଓ ଏହାର ଉପଯୁକ୍ତ ତଦନ୍ତ ନ କରି ବନ ବିଭାଗ ଅସୁସ୍ଥତା ଯୋଗୁ ବାଘର ମୃତ୍ୟୁ ହୋଇଥିବା କହିଥିଲା। ତେଣୁ ପ୍ରକୃତ ତଥ୍ୟ ଲୁଚାଇବା ଓ କର୍ତ୍ତବ୍ୟରେ ଅବହେଳା କରିଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ(ଏନ୍‌ଟିସିଏ) ରାଜ୍ୟ ସରକାରଙ୍କୁ ସୁପାରିସ କରିଛନ୍ତି। ଏ ନେଇ ଏନ୍‌ଟିସିଏ ପିସିସିଏଫ୍(ୱାଇଲ୍ଡଲାଇଫ୍)ଙ୍କୁ ଚିଠି ଲେଖିଛନ୍ତି।ଏଥିସହିତ ରାଜ୍ୟ ମୁଖ୍ୟ ଶାସନ ସଚିବ, ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ମଧ୍ୟ ଜଣାଇଛନ୍ତି। ସୂଚନାଯୋଗ୍ୟ, ଜୁନ୍ ୨୧ରେ କାହ୍ନା ବ୍ୟାଘ୍ର ପ୍ରକଳ୍ପରୁ ମହାବୀରକୁ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପକୁ ଅଣାଯାଇଥିଲା। ନଭେମ୍ବର ୧୪ରେ ବାଘଟିର ଗଳିତ ମୃତଦେହ ଠାବ କରାଯାଇଥିଲା।


**ପୂର୍ବ ତଟ ରେଳପଥ**

**ଟ୍ରାକ୍ ଫିଟିଙ୍ଗ୍‌ଗୁଡ଼ିକର ଇ-କ୍ରୟ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ : ECoRCONTP181909 ତା. 11.12.2018 ରିଖ

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ), ପୂର୍ବ ତଟ ରେଳପଥ, ଭୁବନେଶ୍ୱର, ଇ-କ୍ରୟ ପ୍ରଣାଳୀ ୱେବ୍‌ସାଇଟ୍ **http://www.ireps.gov.in** ଜରିଆରେ **ଇ-ଟେଣ୍ଡର-ଗୁଡ୍‌ସ ଏବଂ ସର୍ଭିସ୍ ପୋର୍ଟାଲରେ ଟ୍ରାକ୍ ଫିଟିଙ୍ଗ୍‌ଗୁଡ଼ିକର ଉତ୍ପାଦନ ଏବଂ ଯୋଗାଣ** ନିମନ୍ତେ ଇ-ବିଡ୍ ଆମନ୍ତ୍ରଣ କରୁଛନ୍ତି । ପରବର୍ତ୍ତୀ ସଂପୂର୍ଣ୍ଣ ବିବରଣୀ ନିମନ୍ତେ ଇଚ୍ଛୁକ ଟେଣ୍ଡରଦାତାମାନଙ୍କୁ ଏହି ସାଇଟ୍ ଅବଲୋକନ କରି ପ୍ରସ୍ତାବ ଦାଖଲ କରିବାକୁ ପରାମର୍ଶ ଦିଆଯାଉଛି ।

PR-94/CB/18-19 ଉପ ମୁଖ୍ୟ ଯନ୍ତ୍ରୀ / ନିର୍ମାଣ / TP, ଭୁବନେଶ୍ୱର


# ମୃତ ବ୍ୟକ୍ତିଙ୍କ ନାଁରେ ୧.୩୨ କୋଟି ହଡ଼ପ

**ରେମୁଣା,୧୫।୧୨(ଡି.ଏନ.ଏ.)**

- କ୍ରାଇମବ୍ରାଞ୍ଚ ହାତରେ ଧରାପଡିଲେ ପ୍ରଭାତ
- ବ୍ୟାଙ୍କରେ ଥିଲେ ଅସ୍ଥାୟୀ କର୍ମଚାରୀ

ମୃତ ବ୍ୟକ୍ତିଙ୍କ ନାଁରେ ଚାଲିଥିଲା ଭତ୍ତା ଟଙ୍କା ଉଠାଣ। ନକଲି ଲାଇଫ ସାର୍ଟିଫିକେଟ୍ ପ୍ରଦାନ କରି ୪ବର୍ଷ ମଧ୍ୟରେ ଦୁଇ ମୃତ ବ୍ୟକ୍ତିଙ୍କ ନାଁରେ ୧କୋଟି ୩୨ଲକ୍ଷ ଟଙ୍କା ହଡ଼ପ କରାଯିବା ଘଟଣା ପଦାକୁ ଆସିଛି। ବାଲେଶ୍ୱର ଜିଲା ବ୍ୟାଙ୍କ ଅଫ୍ ଇଣ୍ଡିଆର ରେମୁଣା ଶାଖାରେ ଏଭଳି ଘଟଣା ଘଟିଛି। କ୍ରାଇମ୍‌ବ୍ରାଞ୍ଚ ପୋଲିସ ଶନିବାର ବ୍ୟାଙ୍କକୁ ଯାଇ ଯାଞ୍ଚ କରିବା ପରେ ଏଭଳି ଜାଲିଆତି ଓ ଠକେଇ କାରବାରର ମୁଖ୍ୟ ଅଭିଯୁକ୍ତ ପ୍ରଭାତ ଦାସଙ୍କୁ ଗିରଫ କରିଛି। ଏହି ଟଙ୍କା ହଡପ ଘଟଣା ନେଇ ଅଧିକ ଖୋଳତାଡ ଜାରି ରହିଛି। କ୍ରାଇମବ୍ରାଞ୍ଚ ସୂତ୍ରରୁ ଜଣାଯାଇଛି ଯେ, ବାଲେଶ୍ୱର ଜିଲା ରେମୁଣା ବ୍ଲକ ମନ୍ଦାରପୁର ଗ୍ରାମର ପର୍ଶୁରାମ ଗିରି ଏବଂ ନରହରିପୁର ଗ୍ରାମର ସାବିତ୍ରୀ ବେହେରା ୪ ବର୍ଷ ପୂର୍ବରୁ ମୃତ୍ୟୁବରଣ କରିଥିଲେ। ରେମୁଣାସ୍ଥିତ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାରେ ଅସ୍ଥାୟୀ କର୍ମଚାରୀ ଭାବେ କାମ କରୁଥିବା ପ୍ରଭାତ ଦାସ ନକଲି ପ୍ରମାଣପତ୍ର ବ୍ୟାଙ୍କରେ ଦାଖଲ କରି ୩ଟି ଏଟିଏମ୍ ସହାୟତାରେ ପ୍ରତି ମାସ ଭତ୍ତା ଟଙ୍କା ଉଠାଇ ନେଉଥିଲେ। ଏଭଳି ଜାଲିଆତି ଓ ଠକେଇ ସମ୍ପର୍କରେ ବ୍ୟାଙ୍କ ଶାଖା ମ୍ୟାନେଜର ସରୋଜ ମହାନ୍ତି ଜାଣିବା ପରେ ଏନେଇ କଟକ କ୍ରାଇମବ୍ରାଞ୍ଚ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ



ପ୍ରଭାତଙ୍କ ଘରେ କ୍ରାଇମବ୍ରାଞ୍ଚର ଚଢ଼ାଉ।

କ୍ରାଇମବ୍ରାଞ୍ଚ ଦଫା ୪୧୯, ୪୨୦, ୪୬୭, ୪୭୧, ୪୦୬/୬୬ ଡିଆଇଟିଆର ଅନୁଯାୟୀ ଏକ ମାମଲା (ନଂ. ୨୬/୧୮) ରୁଜୁ କରିଥିଲା। ତଦନୁଯାୟୀ ଶନିବାର ସକାଳ ସାଢେ ୮ଟାରେ କ୍ରାଇମବ୍ରାଞ୍ଚ ପୋଲିସ ପ୍ରଭାତଙ୍କ ଘର ଉପରେ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା। ଏହି ତଦନ୍ତ ଟିମ୍‌ରେ ହରିହର ଦାସ, ପି.କେ. ଦାସ, ପ୍ରଭାତ ଦାସ ଓ ରେମୁଣା ଥାନା ଏଏସ୍‌ଆଇ ନଗରଦୀପ ସେଠୀ ସାମିଲ ଥିଲେ। ତଦନ୍ତ ପରେ ଏହି ଠକେଇ ନେଇ ଅଧିକ ତଥ୍ୟ ମିଳିପାରେ ବୋଲି ଅନୁମାନ କରାଯାଉଛି।





*Committed to Excellence*

**M.G.M English School**
JAGDA, JHIRPANI P. O, ROURKELA – 42
AFFILIATED TO ICSE / ISC
**ADMISSIONS OPENED 2019-2020**
• INNOVATIVE TEACHING • ECO-FRIENDLY GREEN CAMPUS
• SMART CLASSES WITH PROJECT BASED LEARNING
• WEEKEND ACTIVITIES AND CELEBRATIONS • QUARTERLY PARENTS MEETING • IDEAL ACADEMIC ENVIRONMENT WITH MULTIPLE DEVELOPMENT AVENUES • CHILD CENTERED CURRICULUM

Contact School Office for Prospectus & Admission Forms on Working Days
**JAGDA, JHIRPANI, ROURKELA.**
Ph.0661-2470933, 2471989, www.mgmesrourkela.com

SAI/RKL/7109/18



**NOTICE**
**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014**
**O.A. No. 238 of 2018**

**State Bank of India, Stressed Assets Recovery Branch (SARB),** Sambalpur, At: Ainthapali, Husain House, P.O/Dist.: Sambalpur-768004 ...Applicant

-Versus-

Chandram Munda ...Defendant

To,
1. **Chandram Munda,** S/o-Jayaram Munda, At: Deheripali, Budharaja, Dist.: Sambalpur-768004.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted a suit in **OA. No. 238 of 2018** in the Court of Debts Recovery Tribunal at Cuttack for a recovery of **Rs.16,65,980.13** only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **21st day of Jan. 2019 at 10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **28th day of Nov. 2018.**

Sd/- Registrar (I/C)
Debts Recovery Tribunal


# ଓଡ଼ିଶା ମହୋତ୍ସବରେ ଯୋଗଦେବେ ମୁଖ୍ୟମନ୍ତ୍ରୀ

**ବ୍ରହ୍ମପୁର ଅଫିସ,୧୫।୧୨**

ଗଞ୍ଜାମ ଜିଲାରୁ ସୁରଟ ମୁହାଁ ହେଉଛନ୍ତି ମନ୍ତ୍ରୀ, ବିଧାୟକ ଏବଂ ବିଜେଡି କର୍ମୀ ଓ ନେତା। ଆସନ୍ତା ୧୭ ତାରିଖରେ ସେଠାରେ ହେବ ଓଡ଼ିଶା ମହୋତ୍ସବ। ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସେଠାରେ ପ୍ରବାସୀ ଓଡ଼ିଆଙ୍କୁ ସମ୍ବୋଧିତ କରିବେ।

ସୂଚନାଯୋଗ୍ୟ, ସୁରଟରେ କାର୍ଯ୍ୟରତ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଓଡ଼ିଆଙ୍କ ମଧ୍ୟରୁ ଅଧିକାଂଶ ଗଞ୍ଜାମ ଜିଲାର। ସେମାନଙ୍କୁ ବିଜୁ ଶ୍ରମିକ ସାମ୍ମୁଖ୍ୟରେ ସାମିଲ କରିବା ଲକ୍ଷ୍ୟ ରହିଛି। ତେଣୁ ଗତ ୩ ମାସ ମଧ୍ୟରେ ଗୋପାଳପୁର ବିଧାୟକ ପ୍ରଦୀପ କୁମାର ପାଣିଗ୍ରାହୀ, ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ଗଞ୍ଜାମ ଜିଲା ପରିଷଦ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ବେହେରା, ପୂର୍ବତନ ଅଧ୍ୟକ୍ଷ ସୁରଥ ପ୍ରଧାନ ଓ ଜିଲା ଯୁବ ବିଜେଡି ସଭାପତି ଏନ. ଧନଞ୍ଜୟ ରାଓ ବହୁବାର ସୁରଟ ଯାଇ ପ୍ରବାସୀ ଓଡ଼ିଆ ଶ୍ରମିକଙ୍କୁ ସଂଗଠିତ କରିଛନ୍ତି।

ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର, ଉଷା ଦେବୀ, ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ସାହୁ, ଶ୍ରୀକାନ୍ତ ସାହୁ, ପୂର୍ଣ୍ଣଚନ୍ଦ୍ର ସେଠୀ, ପ୍ରିୟାଂଶୁ ପ୍ରଧାନ, ନନ୍ଦିନୀ ଦେବୀ ଓ ଦେବରାଜ ମହାନ୍ତି ପ୍ରମୁଖ ପହଞ୍ଚିଛନ୍ତି। ରବିବାର ମନ୍ତ୍ରୀ ବିକ୍ରମ ଆରୁଖ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ସୁରଟ ପ୍ରବାସୀ ଓଡ଼ିଆ ସମାଜ ପକ୍ଷରୁ ଚଳିତବର୍ଷ ପ୍ରଥମ କରି ଓଡ଼ିଶା ମହୋତ୍ସବ ଆୟୋଜନ କରୁଥିବା କୁହାଯାଇଥିଲେ ମଧ୍ୟ ୨୦୧୯ ସାଧାରଣ ନିର୍ବାଚନକୁ ନଜର ରଖି ବିଜେଡି ପ୍ରାୟୋଜିତ କରୁଛି। ସେଠାର ଓଡ଼ିଆ ଶ୍ରମିକଙ୍କ ଭୋଟର ତାଲିକା ଗଞ୍ଜାମ ଜିଲାରେ ମଧ୍ୟ ରହିଛି। ମହୋତ୍ସବରେ ଗଞ୍ଜାମ ସମେତ ରାଜ୍ୟର ବିଭିନ୍ନ ସ୍ଥାନରୁ ଅନେକ କଳାକାର ଯୋଗଦେବାର କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଛି। କେବଳ ୧୭ ତାରିଖ ଦିନକ ପାଇଁ ମହୋତ୍ସବ ହେବ ବୋଲି ଜଣାଯାଇଛି।


**ଗୁରୁତ୍ୱପୂର୍ଣ୍ଣ ସୂଚନା**

ତା.୨୭.୧୨.୨୦୧୮ରିଖ ପର୍ଯ୍ୟନ୍ତ ସମ୍ବଲପୁର ରେଳ ମଣ୍ଡଳର ସମ୍ବଲପୁର-ଟିଟିଲାଗଡ଼ ସେକ୍ସନରେ ବଲାଙ୍ଗୀର ଓ ଭଇଁସାପାଲି ମଧ୍ୟରେ ନୂଆ ଲାଇନ୍ ଓ ବଲାଙ୍ଗୀର ଓ ଦେଓଗାଁ ରୋଡ଼ ଷ୍ଟେସନ ମଧ୍ୟରେ ଦୋହରୀକରଣ କାର୍ଯ୍ୟ ସମ୍ପାଦନ ନିମନ୍ତେ ନିରାପତ୍ତା ସମ୍ପର୍କିତ ଆଧୁନିକୀକରଣ କାର୍ଯ୍ୟ ପାଇଁ ଟ୍ରେନ୍‌ଗୁଡ଼ିକର ବାତିଲ୍ / ଆଂଶିକ ବାତିଲ୍ ।

**ବାତିଲ୍ ହେଉଥିବା ଟ୍ରେନ୍ ସମୂହ :**

| ଟ୍ରେନ୍ ନଂ. | ଟ୍ରେନ୍‌ର ନାମ | ବାତିଲ ହେବା ତାରିଖ |
|---|---|---|
| 58301/58303 | ସମ୍ବଲପୁର-କୋରାପୁଟ/ଜୁନାଗଡ଼ ରୋଡ଼ ପାସେଞ୍ଜର | 15.12.2018 ରୁ 25.12.2018 |
| 58302/58304 | କୋରାପୁଟ/ଜୁନାଗଡ଼ ରୋଡ଼-ସମ୍ବଲପୁର ପାସେଞ୍ଜର | 16.12.2018 ରୁ 26.12.2018 |

**ଆଂଶିକ ବାତିଲ୍ ହେଉଥିବା ଟ୍ରେନ୍ ସମୂହ :**

| ଟ୍ରେନ୍ ନଂ. | ଟ୍ରେନ୍‌ର ନାମ | ଷ୍ଟେସନ୍ ମଧ୍ୟରେ ଆଂଶିକ ବାତିଲ | ଆଂଶିକ ବାତିଲ ହେବା ତାରିଖ |
|---|---|---|---|
| 58213/ 58214 | ଟିଟିଲାଗଡ଼-ବିଳାସପୁର-ଟିଟିଲାଗଡ଼ ପାସେଞ୍ଜର | ଟିଟିଲାଗଡ଼-ସମ୍ବଲପୁର (ଉଭୟ ଦିଗରୁ) | 16.12.2018 ରୁ 25.12.2018 |
| 12893/ 12894 | ଭୁବନେଶ୍ୱର-ବଲାଙ୍ଗୀର-ଭୁବନେଶ୍ୱର ଇଣ୍ଟରସିଟି | ସମ୍ବଲପୁର-ବଲାଙ୍ଗୀର (ଉଭୟ ଦିଗରୁ) | 20.12.2018 ରୁ 25.12.2018 |



**ପୂର୍ବ ତଟ ରେଳପଥ**

PR-409/J/18-19



**FORM NO.13**
**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014**
**O.A. No. 319/2018**
**BETWEEN**

**State Bank of India, Stressed Assets Recovery Branch (SARB),** Sambalpur, At: Ainthapali, Husain House, P.O/Dist.: Sambalpur-768004 ...Applicant

**AND**

M/s. Sai Poultry Farm and others ...Defendants

To,
1. **M/s. Sai Poultry Farm,** At: Khaliapali, Janhapada, P.O.: Attabira, Dist.: Bargarh, Represented through its proprietress Smt. Reddy Sati Ratnam.
2. **Smt. Reddy Sati Ratnam,** W/o- Reddy Jai Babu, At/P.O.: Kuruan, P.S/Dist.: Bargarh.
3. **Sri Reddy Jai Babu,** S/o- Reddy Olia Sadhu, At/P.O.: Kuruan, Dist.: Bargarh.
4. **Smt. Penumurti Sridebi,** W/o- Penumurty Veer Raju, At/P.O.: Babebira Canal, Attabira, Dist.: Bargarh.
5. **Sri Penumurty Veer Raju,** S/o- P. Janakia Rama Rao, At/P.O.: Babebira Canal, Attabira, Dist.: Bargarh.
6. **Smt. Meka Yerabeni,** W/o- M. Trimurty, At/P.O.: Adgaon, Attabira, Dist.: Bargarh.
7. **Smt. Reddy Laxmi,** W/o- Reddy alia Sadhu, At/P.O.: Kuruan, Dist.: Bargarh.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted a suit in **OA. No. 319 / 18** in the Court of Debts Recovery Tribunal at Cuttack for a recovery of **Rs.71,97,785.16** only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **25th day of Jan. 2019 at 10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **10th day of Dec. 2018.**

Sd/- Registrar (I/C)
Debts Recovery Tribunal



ଅତୀତ ମନୁଷ୍ୟ ବିଷୟରେ ବହୁ କଥା ଜାଣିଲେ, ଭବିଷ୍ୟତ ମନୁଷ୍ୟ ଗଢ଼ିବା ଦିଗରେ ସହାୟତା ମିଳେ।
- ବିନୋଦ କାନୁନ୍‌ଗୋ

## ସଂକ୍ଷେପରେ

### ଶ୍ରୀମନ୍ଦିର ପରିସରରେ ଲାଗିବ ସୂଚନା ଫଳକ

**ପୁରୀ ଅଫିସ,୧୫।୧୨:** ଶ୍ରୀମନ୍ଦିରରେ ଭକ୍ତଙ୍କ ପକେଟମାର୍‌କୁ ରୋକିବା ପାଇଁ ତତ୍ପରତା ଦେଖାଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର। ଏ ନେଇ ଦର୍ଶନାର୍ଥୀଙ୍କୁ ସଚେତନ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ଏଥିପାଇଁ ଶ୍ରୀମନ୍ଦିର ପରିସର ବିଭିନ୍ନ ସ୍ଥାନରେ ସୂଚନା ଫଳକ ଲଗାଯିବାକୁ ଶନିବାର ଅନୁଷ୍ଠିତ ଛତିଶା ନିଯୋଗ ବୈଠକରେ ନିଷ୍ପତ୍ତି ହୋଇଛି। ଶ୍ରୀମନ୍ଦିର ଏକ ଆଧାତ୍ମିକ ସ୍ଥଳ ହୋଇଥିବାରୁ ସୂଚନା ଫଳକରେ ପକେଟ୍‌ମାର୍ ପ୍ରତି ସାବଧାନ ନ ଲେଖି ଭକ୍ତମାନେ ନିଜ ପଇସାପତ୍ର ଏବଂ ଗହଣା ପ୍ରତି ଯତ୍ନବାନ ରୁହନ୍ତୁ ଲେଖାଯିବା ଲାଗି ଆଲୋଚନା ହୋଇଛି। ଅନ୍ୟପକ୍ଷରେ ଶ୍ରୀମନ୍ଦିରରେ କେତେକ ପୋଲିସ କର୍ମଚାରୀ ବିଶୃଙ୍ଖଳା ସୃଷ୍ଟି କରୁଥିବା ସେବକମାନେ ବୈଠକରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଏସ୍‌ପି ସାର୍ଥକ ଷଡ଼ଙ୍ଗୀ କହିଥିଲେ ଏଥିପାଇଁ କିଛିଦିନ ବ୍ୟବଧାନରେ କର୍ମଚାରୀଙ୍କ ସ୍ଥାନ ବଦଳା ଯାଉଛି। ଯଦି କୌଣସି କର୍ମଚାରୀ ଏପରି ବିଶୃଙ୍ଖଳା କରୁଥିବେ ତେବେ ମୋ ଦୃଷ୍ଟିକୁ ଆଣିଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ୧୯ରେ କୋର କମିଟି ବୈଠକ
### ଖୁବ୍‌ଶୀଘ୍ର ଲାଗିବ ମହାପ୍ରସାଦ ଦର ତାଲିକା

**ପୁରୀ ଅଫିସ,୧୫।୧୨:** ଆସନ୍ତା ୧୯ ତାରିଖରେ ଭୁବନେଶ୍ୱରଠାରେ ଶ୍ରୀଜଗନ୍ନାଥ ମନ୍ଦିର ବୈଷୟିକ ପରାମର୍ଶଦାତା କୋର କମିଟି ବୈଠକ ଅନୁଷ୍ଠିତ ହେବ। ଏଥିରେ ନାଟମଣ୍ଡପ ମରାମତିର ସମୀକ୍ଷା କରାଯିବ। ଏହାବ୍ୟତୀତ ଶ୍ରୀମନ୍ଦିରର ଆଉ କେଉଁ କେଉଁ ସ୍ଥାନରେ ମରାମତି ଆବଶ୍ୟକ ତାହା ଉପରେ ଆଲୋଚନା ହେବ ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର। ଛତିଶା ନିଯୋଗ ବୈଠକ ପରେ ଗଣମାଧମ ପ୍ରତିନିଧି ମହାପ୍ରସାଦ ଦର ତାଲିକା କେବେ ଲଗାଯିବ ପ୍ରଶ୍ନରେ ମୁଖ୍ୟ ପ୍ରଶାସକ କହିଥିଲେ ଏ ନେଇ ପ୍ରକ୍ରିୟା ଜାରି ରହିଛି। ଖୁବ୍‌ଶୀଘ୍ର ମହାପ୍ରସାଦ ଦର ତାଲିକା ଲଗାଯିବ। ଅନ୍ୟପକ୍ଷରେ ସୁପ୍ରିମ୍‌କୋର୍ଟରେ ଶ୍ରୀମନ୍ଦିର ପରିଚାଳନାଗତ ସଂସ୍କାରକୁ ନେଇ ମାମଲା ରୁଜୁ କରିଥିବା ଆଇନଜୀବୀ ମୃଣାଳିନୀ ପାଢ଼ୀ ସେବକଙ୍କ ପାଳିଆ ପୁରସ୍କାର ଏବଂ ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ସେବକଙ୍କ ସୁବିଧା ପାଇଁ ବ୍ୟବସ୍ଥା କରିବାକୁ ମନ୍ଦିର ପ୍ରଶାସନକୁ ଚିଠି ଲେଖି ଅନୁରୋଧ କରିଛନ୍ତି। ଏହା ଉପରେ ମତ ରଖି ମୁଖ୍ୟ ପ୍ରଶାସକ କହିଥିଲେ ସେବକଙ୍କୁ ପ୍ରାପ୍ୟ ପାଉଣା କ'ଣ ଦିଆଯିବ ତାହା ଶ୍ରୀମନ୍ଦିର ପରିଚାଳନା କମିଟି ଏବଂ ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତ୍ତି ନେବ।

# ଦେଶାତ୍ମବୋଧ ଜାଗ୍ରତ କଲା ନୌବାଦ୍ୟ

## ଆରମ୍ଭ ହେଲା ଇଣ୍ଡିଆନ ନ୍ୟାଭି ବ୍ୟାଣ୍ଡ୍ କନ୍‌ସର୍ଟ






ପରିବେଷିତ ନୌବାଦ୍ୟ ଓ ଉପସ୍ଥିତ ଅତିଥି।

**ଭୁବନେଶ୍ୱର,୧୫।୧୨ (ବ୍ୟୁରୋ)**

ନୌ ସପ୍ତାହ ପାଳନ ଅବସରରେ ଭାରତୀୟ ନୌସେନା (ଚିଲିକା) ପକ୍ଷରୁ ଶନିବାରଠାରୁ କିଟ୍ ଅଡିଟୋରିୟମଠାରେ 'ଇଣ୍ଡିଆନ ନ୍ୟାଭି ବ୍ୟାଣ୍ଡ୍ କନ୍‌ସର୍ଟ' ଆରମ୍ଭ ହୋଇଛି। ଏହି ନୌବାଦ୍ୟ ପାଶ୍ଚାତ୍ୟ ଶାସ୍ତ୍ରୀୟ ଓ ଭାରତୀୟ ପପ୍ ମ୍ୟୁଜିକ୍‌ରେ ଦେଶାତ୍ମବୋଧକ ଭାବ ଜାଗ୍ରତ କରିଥିଲା। ଜାତୀୟ ସଙ୍ଗୀତ ତାଳରେ ଦେଶାତ୍ମବୋଧକ 'ଜୟ ଭାରତୀ'ରେ ମିଲିଟାରୀ ମାର୍ଚ୍ଚ ଓ ଧୁନ୍ ପରିବେଶକୁ ବେଶ୍ ଭାବଗମ୍ଭୀର କରିଦେଇଥିଲା। ୩୫ଜଣ ନାଭାଲ ମ୍ୟୁଜିସିଆନ ପ୍ରାୟ ୧ ଘଣ୍ଟା ଧରି ୨୫ ପ୍ରକାର ବାଦ୍ୟ ସହ ଦକ୍ଷତା ପ୍ରଦର୍ଶନ କରିଥିଲେ। ଉପସ୍ଥିତ ଅଗଣିତ ଜନତା ଜୟଜୟକାର ଧ୍ୱନି ଦେଇ ସେମାନଙ୍କୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ଅତିରିକ୍ତ ଶାସନ ସଚିବ ଅସୀତ ତ୍ରିପାଠୀ, ଭାରତୀୟ ନୌସେନାର ଓଡ଼ିଶା ମୁଖ୍ୟ କମୋଡର ମନିଷ ମିଶ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ଆସନ୍ତା ୧୮ତାରିଖ ପର୍ଯ୍ୟନ୍ତ ଚାଲିବ। ସୂଚନାଯୋଗ୍ୟ, ୧୯୭୧ ଡିସେମ୍ବର ୪ରେ ଭାରତ–ପାକିସ୍ତାନ ଯୁଦ୍ଧ ସମୟରେ ଭାରତୀୟ ନୌସେନା ପାକିସ୍ତାନ କରାଚିସ୍ଥିତ ଏକ ଘାଟିକୁ ଧ୍ୱଂସ କରି ବିଜୟ ହାସଲ କରିଥିଲେ। ତେଣୁ ଏହି ଦିବସକୁ ଭାରତୀୟ ନୌସେନା ଦିବସ ଭାବେ ପାଳନ କରାଯାଉଛି।

### ବ୍ୟାପକ ହେବ 'ମୋ ସ୍କୁଲ' ଯୋଜନା
## ଷଷ୍ଠ ପର୍ଯ୍ୟାୟରେ ୧୯୧୮ ବିଦ୍ୟାଳୟ ସାମିଲ

**ଭୁବନେଶ୍ୱର, ୧୫।୧୨(ବ୍ୟୁରୋ)** 'ମୋ ସ୍କୁଲ' ଯୋଜନାର ଷଷ୍ଠ ପର୍ଯ୍ୟାୟରେ ରାଜ୍ୟର ୧୩ ଜିଲାର ମୋଟ ୧୯୧୮ ବିଦ୍ୟାଳୟର ସାମଗ୍ରିକ ବିକାଶ ପାଇଁ ସ୍ଥିର କରାଯାଇଛି। ଏହି ଜିଲାଗୁଡ଼ିକ ହେଲା ବାଲେଶ୍ୱର, ବରଗଡ଼, ଭଦ୍ରକ, କଟକ, ଢେଙ୍କାନାଳ, ଗଞ୍ଜାମ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ ଓ ନୂଆପଡ଼ା। ତେବେ ମାଲକାନଗିରି ଜିଲାରୁ ସର୍ବାଧିକ ୬୪୩ଟି ବିଦ୍ୟାଳୟରୁ ପ୍ରସ୍ତାବ ଆସିଛି। ଏହିସବୁ ଜିଲାରେ ୧୦କୋଟି ୪୨ଲକ୍ଷ ୧୮ହଜାରରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯିବ। ଏଥିରୁ ରାଜ୍ୟ ସରକାର ୬ କୋଟି ୯୪ ଲକ୍ଷ ୭୯ ହଜାର ଟଙ୍କା ଅନୁଦାନ ଦେଇଥିବାବେଳେ ଜନସାଧାରଣଙ୍କଠାରୁ ୩ କୋଟି ୪୭ ଲକ୍ଷ ୩୯ ହଜାର ଟଙ୍କା ସଂଗୃହୀତ ହୋଇଛି। ଅଦ୍ୟାବଧି 'ମୋ ସ୍କୁଲ୍' ଯୋଜନାରେ ରାଜ୍ୟର ମୋଟର ୬୫୧୦ ବିଦ୍ୟାଳୟ ସାମିଲ ହୋଇଥିବାବେଳେ ବରାଦ ଅର୍ଥରେ ସ୍କୁଲର ଭିତ୍ତିଭୂମି, ଶ୍ରେଣୀଗୃହର ଉନ୍ନତି, ପାଠାଗାର-ପୁସ୍ତକ, ଖେଳ ସାମଗ୍ରୀ, ଶ୍ରେଣୀଗୃହ ପାଇଁ ଆସବାବପତ୍ର ଯୋଗାଣ, ସ୍କୁଲ ବଗିଚା ଆଦିର ଉନ୍ନତୀକରଣ କାର୍ଯ୍ୟ ହେବ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଯୋଜନାର ଷଷ୍ଠ କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

ଏଥିସହ ଯୋଜନାର ବ୍ୟାପକ ପ୍ରସାର ପାଇଁ କେତେକ ନିଷ୍ପତ୍ତି ହୋଇଛି। ଆସନ୍ତା ଜାନୁୟାରୀ ଓ ଫେବୃୟାରୀରେ ଆଲୁମ୍‌ନି ମିଟ୍ କରାଯିବ। କେତେକ ବିଶ୍ୱବିଦ୍ୟାଳୟ ସମେତ କଟକ, ସମ୍ବଲପୁର, ବ୍ରହ୍ମପୁରରେ ଥିବା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆଡ଼ଭାନ୍ସ ଷ୍ଟଡିଜ୍ ଓ ବିଇଡି ଟ୍ରେନିଂ କଲେଜର ଭାଗୀଦାରିତାରେ ମୋ ସ୍କୁଲ କାର୍ଯ୍ୟକ୍ରମର ତଦାରଖ ସହ ନଥି ପ୍ରସ୍ତୁତ କରାଯିବ। ଆସନ୍ତା ଜାନୁୟାରୀରେ ରାୟଗଡ଼ା, କନ୍ଧମାଳ ଓ କଳାହାଣ୍ଡି ଜିଲାର ଅଧିକ ସ୍କୁଲକୁ ମୋ ସ୍କୁଲ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ନିମନ୍ତେ ଟାଟା ଟ୍ରଷ୍ଟ, ବକୁଳ ଫାଉଣ୍ଡେଶନ ଓ ୟୁନିସେଫ୍‌ର ସହାୟତା ନିଆଯିବ। ଭୁବନେଶ୍ୱରର ବକୁଳ ଫାଉଣ୍ଡେଶନ ଏଥିନିମନ୍ତେ ବୈଷୟିକ ସହାୟତା ଯୋଗାଇବ ବୋଲି 'ମୋ ସ୍କୁଲ' ଯୋଜନାର ସଦସ୍ୟ ସଚିବ ତଥା ଓପେପା ଓ ମାଧମିକ ଶିକ୍ଷା ମିଶନ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆ ସୂଚନା ଦେଇଛନ୍ତି। ବୈଠକରେ ପ୍ରାଥମିକ ଶିକ୍ଷା, ଏସସିଇଆରଟି ନିର୍ଦ୍ଦେଶକ, ଓପେପା ବିତ୍ତ ପରାମର୍ଶଦାତା, ମାଧମିକ ଶିକ୍ଷା ପ୍ରତିନିଧି, ମୋ ସ୍କୁଲ ଯୋଜନାର ସ୍ୱତନ୍ତ୍ର ଅଧିକାରୀ, ମୁଖ୍ୟ ପରିଚାଳନା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

**ଧାନ ମିଲ ପ୍ରତି ଅନୁକମ୍ପା**
## ଅଧିକାରୀଙ୍କଠାରୁ ଭରଣା ହେବ ଟଙ୍କା

**କଟକ ଅଫିସ, ୧୫।୧୨**

ମିଲରଙ୍କୁ ଧାନ ଦେବାବେଳେ ତାଙ୍କଠାରୁ ତୁଳନାତ୍ମକ ଅମାନତ ଜମା ରଖାଯାଇନାହିଁ। ଫଳରେ ମିଲର ଧାନ ନେଇ ଆଉ ଧରାଛୁଆଁ ଦେଇ ନ ଥିଲେ। ଏହିପରି ପ୍ରାୟ ୪କୋଟି ଟଙ୍କାର ଧାନ ନେଇ ମିଲର ମାଲିକ ପାର ହୋଇଯାଇଥିଲେ। ୨୦୧୩ରେ ଖୋର୍ଦ୍ଧା ଜିଲାରେ ଘଟିଥିଲା ଏହି ଦୁର୍ନୀତି। ସେ ସମୟରେ ଜିଲା ଯୋଗାଣ ବିଭାଗ ଦାୟିତ୍ୱରେ ଥିବା ୫ଜଣ ଅଧିକାରୀଙ୍କଠାରୁ ଏହି ଟଙ୍କା ଭରଣା କରାଯିବ ବୋଲି ସରକାର ନିକଟରେ ଆଦେଶ ଦେଇଛନ୍ତି। ଭରଣା ହେବାକୁ ଥିବା ଅଧିକାରୀଙ୍କ ମଧ୍ୟରେ କଟକ ଜିଲାରେ କାର୍ଯ୍ୟରତ ଜଣେ ଅଧିକାରୀ ରହିଛନ୍ତି। ସମ୍ପୃକ୍ତ ଅଧିକାରୀଙ୍କଠାରୁ ୧କୋଟି ୩୪ଲକ୍ଷ ଟଙ୍କା ଭରଣା କରାଯିବା ସହିତ ତାଙ୍କର ଦୁଇଟି ଇନକ୍ରିମେଣ୍ଟ ବନ୍ଦ ରଖାଯିବ। ସେହିପରି ବାକି ୪ଜଣ ଅଧିକାରୀଙ୍କ ଉପରେ ମଧ ଅନୁରୂପ ଦଣ୍ଡବିଧାନ କରାଯାଇଛି। ଏ ସମ୍ପର୍କରେ କଟକ ଜିଲା ଯୋଗାଣ ଅଧିକାରୀ ଅମର ମହାପାତ୍ରଙ୍କୁ ପଚାରିବାରୁ ସେ ସରକାରଙ୍କ ଠାରୁ ଆସିଥିବା ଏହି ଆଦେଶକୁ ସ୍ୱୀକାର କରିଥିଲେ।

## ମିଥ୍ୟା ନିଯୁକ୍ତିପତ୍ର ଦେଇ ଯୁବକ ଠକିଛନ୍ତି ଲକ୍ଷାଧିକ ଟଙ୍କା

**ପୁରୀ ଅଫିସ,୧୫।୧୨**

ଶ୍ରୀମନ୍ଦିର କାର୍ଯ୍ୟାଳୟରେ କିରାଣି ଚାକିରି କରାଇଦେବାକୁ କହି ପୁରୀର ଜଣେ ଯୁବକ ଖୋର୍ଦ୍ଧା ଜିଲା ଦଳେଇପୁଟର ୬ ଜଣ ଯୁବକଙ୍କଠାରୁ ଲକ୍ଷାଧିକ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ଶନିବାର ୩ ଯୁବକ ଶ୍ରୀମନ୍ଦିର କାର୍ଯ୍ୟାଳୟ ଓ ସିଂହଦ୍ୱାର ଥାନାରେ ଜଣାଇଛନ୍ତି।

ଠକେଇର ଶିକାର ହୋଇଥିବା ଯୁବକଙ୍କ ଅଭିଯୋଗ ଅନୁଯାୟୀ, ପୁରୀର ଜଣେ ଯୁବକ ଶ୍ରୀମନ୍ଦିରର କର୍ମଚାରୀ ବୋଲି ପରିଚୟ ଦେଇଥିଲେ। ଆମ ଅଞ୍ଚଳରେ ତାଙ୍କର ସମ୍ପର୍କୀୟ ରହିଥିବାରୁ ବିଶ୍ୱାସ କରିଥିଲୁ। ଶ୍ରୀମନ୍ଦିର କାର୍ଯ୍ୟାଳୟରେ କିରାଣି ଚାକିରି କରାଇ ଦେବାକୁ କହି ସେ ଜଣକ ଠାରୁ ୩୩ ହଜାର, ଅନ୍ୟ ଜଣେ ୨୦ ହଜାର ଓ ଅନ୍ୟ ଜଣକଠାରୁ ୧୬ ହଜାର ଟଙ୍କା ନେଇଛନ୍ତି। ମାଟ୍ରିକ୍ ପାସ୍ କରି ନ ଥିବାରୁ ସେ ପାସ୍ ସାର୍ଟିଫିକେଟ ବାହାର କରିଦେବେ କହି ୫ ହଜାର ଟଙ୍କା ଲେଖାଏ ଅଧିକ ମଧ ନେଇଛନ୍ତି। କିନ୍ତୁ ସମ୍ପୃକ୍ତ ଯୁବକ ଦେଇଥିବା ନିଯୁକ୍ତିପତ୍ର ଜାଲ୍ ବୋଲି ଜାଣିବା ପରେ ଶ୍ରୀମନ୍ଦିର ପ୍ରଶାସନକୁ ଅବଗତ କରାଇଛୁ।

ଏ ସମ୍ପର୍କରେ ସିଂହଦ୍ୱାର ଥାନା ଆଇଆଇସି ଶ୍ରବଣ କୁମାର ମହାରଣା କହିଛନ୍ତି ୩ ଯୁବକ ଥାନାକୁ ଆସି ମୌଖିକ ଭାବେ ଠକେଇର ଶିକାର ହୋଇଥିବା କହିଛନ୍ତି। ସେମାନେ ଯାହା ମାଧମରେ ଟଙ୍କା ଦେଇଥିଲେ ତାଙ୍କୁ ଡକାଯାଇଛି। ସେ ଆସିଲା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ଅନ୍ୟପକ୍ଷରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି, ୩ ଯୁବକ ମିଥ୍ୟା ନିଯୁକ୍ତିପତ୍ର ଧରି ଶ୍ରୀମନ୍ଦିର କାର୍ଯ୍ୟାଳୟକୁ ଆସିଥିଲେ। ଏଭଳି କୌଣସି ପଦବୀ ପାଇଁ ମନ୍ଦିର କାର୍ଯ୍ୟାଳୟ ବିଜ୍ଞାପନ ବାହାର କରିନାହିଁ। ଯଦି କେହି କିଛି ବାହାରୁ ଶୁଣୁଛନ୍ତି ତେବେ କାର୍ଯ୍ୟାଳୟକୁ ଆସି ପ୍ରଥମେ ନିଶ୍ଚିତ ହେବା ଦରକାର ବୋଲି ସେମାନଙ୍କୁ କୁହାଯାଇଥିଲା।

**ଶ୍ରୀମନ୍ଦିର କାର୍ଯ୍ୟାଳୟ ନାଁରେ ଠକେଇ**



ଠକେଇର ଶିକାର ହୋଇଥିବା ଯୁବକ।

## ଚିନିକଲ କର୍ମଚାରୀଙ୍କ ଧାରଣା ଜାରି

**ବରଗଡ଼ ଅଫିସ,୧୫।୧୨**

ବରଗଡ଼ ସହର ଉପକଣ୍ଠ ତୋରାସ୍ଥିତ ସମବାୟ ଚିନିକଳ କର୍ମଚାରୀମାନଙ୍କୁ ୨୧ମାସର ଦରମା ମିଳି ନାହିଁ । ଏହାର ପ୍ରତିବାଦରେ କର୍ମଚାରୀମାନେ ଚଳାଇଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ଶନିବାର ପଞ୍ଚମ ଦିବସରେ ପହଞ୍ଚିଛି । ବରଗଡ଼ ଜିଲା ଶ୍ରମିକ, କର୍ମଚାରୀ ସମନ୍ୱୟ ସମିତିର ସଭାପତି ଦେବେନ୍ଦ୍ର ମୋହନ ଶତପଥି, ଆଇଏନଟିୟୁସିର ଜିଲା ସଭାପତି ବ୍ରହ୍ମାନନ୍ଦ ମହାକୁଡ଼ ଏବଂ ସଂଗଠନ ସଂଯୋଜକ ଜେଠୁ ଭୋଇ ପ୍ରମୁଖ କର୍ମଚାରୀଙ୍କ ଧାରଣାସ୍ଥଳକୁ ପହଞ୍ଚିଥିଲେ । କର୍ମଚାରୀଙ୍କ ପ୍ରତି ଚିନିକଳ କର୍ତ୍ତୃପକ୍ଷଙ୍କ ଏଭଳି ଅଣଦେଖା ମନୋଭାବକୁ ନେଇ ସେମାନେ କ୍ଷୋଭ ପ୍ରକାଶ କରିଥିଲେ । ଦୁଇଦିନ ତଳେ ଶ୍ରମ ଅଧିକାରୀ ସେଠାକୁ ପହଞ୍ଚିଥିଲେ ଏବଂ ଦରମା ସମ୍ପର୍କିତ ରିପୋର୍ଟ ମାଗି ନେଇଥିଲେ । କିନ୍ତୁ ଏହାପରେ ସେମାନଙ୍କୁ ଦରମା ମିଳିବା ତ ଦୂରର କଥା, ଆଉ କୌଣସି ପଦାଧିକାରୀ ସେମାନଙ୍କ ପାଖକୁ ଆଲୋଚନା କରିବା ପାଇଁ ସୁଦ୍ଧା ପହଞ୍ଚି ନ ଥିବାରୁ ଅସନ୍ତୋଷ ବଢ଼ିବାରେ ଲାଗିଛି। କର୍ମଚାରୀଙ୍କ ଏହି ସମସ୍ୟାର ତୁରନ୍ତ ସମାଧାନ କରା ନ ଗଲେ ପ୍ରତିବାଦରେ ଆଗକୁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଅଚଳ କରି ଦିଆଯିବ ବୋଲି ସଂଘ ସଭାପତି ପ୍ରଦୀପ ଦେବତା ଚେତାବନୀ ଦେଇଛନ୍ତି । ସେହିପରି ଆସନ୍ତା ୧୭ତାରିଖ କୋସଲ ମହାବନ୍ଦକୁ ଚିନିକଳ କର୍ମଚାରୀ ସଂଘ ସମର୍ଥନ କରିବ ବୋଲି ସେ ଜଣାଇଛନ୍ତି ।

### ଦୋକାନ ପୋଡି ମାମଲା, ଅଭିଯୁକ୍ତ ଗିରଫ

**ବସ୍ତା, ୧୫।୧୨(ସ୍ୱ.ପ୍ର.):** ବସ୍ତା ଥାନା ଅନ୍ତର୍ଗତ ଦରଡା ପଞ୍ଚାୟତର ଚକ୍ରଡା ଗ୍ରାମରେ ଦୁଇଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ପରେ ଦୋକାନ ପୋଡାଯାଇଥିବା ନେଇ ନଭେମ୍ବର ୬ ତାରିଖରେ ଥାନାରେ ମାମଲା ରୁଜୁ ହୋଇଥିଲା। ସେହି ଗ୍ରାମର ବିଜୟ ଦାସଙ୍କ ପାନ ଦୋକାନକୁ ତାଙ୍କ ଭାଇ ତପନ ଦାସ ପୋଡି ଦେଇଥିବା ବିଜୟଙ୍କ ସ୍ତ୍ରୀ କନକଲତା ଅଭିଯୋଗ କରିଥିଲେ।

**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

**GET INSTANT CASH AGAINST GOLD**
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Branches-Bhubaneswar,Cuttack,Bhadrak, Rourkela & Brahmapur

**SMS JOB**
ଭାରତର Reputed Company ରେ SMS JOB କରି Part/Full Time ଘରେ ବସି ଶିକ୍ଷିତ ବେରୋଜଗାର ମାସକୁ ୧୫୦୦୦/- ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ।
କମ୍ପାନୀ ଦ୍ୱାରା Mobile+Laptop+ Sim + ୫୦୦୦୦ର ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9631847145
9006905977

**ଧୂପକାଠି ମେସିନ୍**
DEP, PERFUME, MATCH BOX, READYMADE COVER, PREMIX
ସହଜ ଋଣ ବ୍ୟବସ୍ଥା ଉପଲବ୍ଧ
ଧୂପକାଠି ମେସିନ୍ ବସାଇ ତିଆରି ପ୍ରଡକ୍ଟସ୍‌କୁ ଆମ ମାଧମରେ ବିକ୍ରୟ କରି ଦିନକୁ ୧୫୦୦/- ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ ଏବଂ ସମସ୍ତ ପ୍ରକାର ଧୂପକାଠି କଞ୍ଚାମାଲ୍ ସୁଲଭ ମୂଲ୍ୟରେ ଉପଲବ୍ଧ।
SAMEEPTA INDUSTRIES PVT. LTD
B-157, Baramunda, BBSR
9777196285
9861088447

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

**କେମିତି ମଦ ଛାଡ଼ିବେ**
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଗ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

**TCF FINANCE**
TCF ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୧ ଦିନରେ । 0% ସୁଧ 45% ଛାଡ । ଘରେ ବସି ପାଆନ୍ତୁ
ଖର୍ଚ୍ଚ ଲୋନ ପାସ ହେଲା ପରେ
Plot No-14/524, Chandini Chowk, Kolkata
8938866345
7088891905

**ମୁଦ୍ରିକା ଫାଇନାନ୍ସ ଲୋନ**
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

**BUSINESS**
ପଞ୍ଜୀକୃତ କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଉପରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ।
ଅଗ୍ରିମ ୭୫ ଲକ୍ଷ
ଭଡ଼ା ୭୫,୦୦୦
କୌଣସି ଏଗ୍ରିମେଣ୍ଟ ଦେୟ ନାହିଁ
6391829110
6391829112
Add : T-51, Gautampuri Delhi-53

**FINANCE**
Mahalaxmi Credit Services
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ
25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469
8395030162

**ଟି.ସି.ଏଫ୍. ଫାଇନାନ୍ସ**
(ସରକାରୀ ପଞ୍ଜୀକୃତ)
ଋଣ ମାତ୍ର ୬ ଘଣ୍ଟାରେ ।
ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, ୦% ସୁଧ, ୫୦% ରିହାତି।
୦୮୮୫୯୬୬୮୫୫୮
୩୯, ପଟେଲ ନଗର, ଆଂଶିକ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

**FINANCE**
National Corporation
ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଉପଲବ୍ଧ ।
(B.B.28, Sec. 4, Salt Lake City Kolkatta- 700064)
7606086442
7606062768
nationalcoop98@gmail.com

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!!
ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!!
ପ୍ରକ୍ରିୟାକରଣ ୨ କାଗଜ ଉପରେ !!!
୨% ସୁଧ, ୪୦% ସବ୍‌ସିଡି !!!
ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370
7840058835
H.No.-258, VPO Duhai, Ghaziabad, (U.P.) 201203

**BUSINESS**
ନ୍ୟାଶନାଲ କମ୍ପାନୀ
ନିଜର ଖାଲି ଜମି, ଛାତ, ଚାଷଜମି ଉପରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ।
ଅଗ୍ରିମ ୭୦ ଲକ୍ଷ
ଭଡ଼ା ୩୫,୦୦୦
୧ ବ୍ୟକ୍ତିଙ୍କ ପାଇଁ ୩୫,୦୦୦ର ଅନ୍ୟାନ୍ୟ ସୁବିଧା
7048574723
7048574637
Add : 41/14, Sce.1, Pushp Vihar, Delhi-17

**ବାବା ବଙ୍ଗାଳୀ**
ଫ୍ରି ସେବା ବାବା ବଙ୍ଗାଳୀ ୧୫ ମିନିଟ୍‌ରେ ଘରେବସି ସମାଧାନ
ସ୍ପେଶାଲିଷ୍ଟ:
ପ୍ରେମବିବାହ, ବଶୀକରଣ, ମୁଠକରଣୀ, ସଉତୁଣୀ ଶତ୍ରୁମୁକ୍ତି, ପତି - ପତ୍ନୀ ଅନବନ, ପାଠରେ ମନ ନଲାଗିବା, ଗୃହକ୍ଲେଶ, ବ୍ୟବସାୟରେ ବାଧା । A to Z ସମସ୍ୟାର ଘରେବସି ୧୦୧% ଗ୍ୟାରେଣ୍ଟେଡ ଫ୍ରୀ ସମାଧାନ
9982292667
8239254882

ITEL କମ୍ପାନୀ ଦ୍ୱାରା ଖାଲି ଜମି ଉପରେ ଡିଜିଟାଲ ଉପକରଣ ଲଗାନ୍ତୁ, ଅଗ୍ରିମ - ୯୦ ଲକ୍ଷ, ଭଡ଼ା - ୪୫୦୦୦ + ମାସିକ ୧୫୦୦୦ର ଅନ୍ୟାନ୍ୟ ସୁବିଧା + ଆଜୀବନ ଜୀବନ ବୀମା + ମେଡିକାଲ ସୁବିଧା ମାଗଣା।
Email- iteltowerltd@gmail.com
WhatsApp
7788995264
9126351642
Gram Bakrihari, Dhaka, East Champaran, Bihar - 845418

**BUSINESS**
SURYA କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, ପ୍ଲଟ୍ ଉପରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। ଅଗ୍ରିମ 1 କୋଟି, ଭଡ଼ା 55000/- + ଗାଡ଼ି।
ଯୋଗାଯୋଗ କରନ୍ତୁ
9804822350

**ପାଠକଙ୍କ ପାଇଁ ସୂଚନା**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**TARIFF — MORE SPACE • SAME PRICE** (* GST 5% Extra)

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |



ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ, ତେବେ କପଟତା ତ୍ୟାଗ କର।
- ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର



## ସଂକ୍ଷେପରେ

### ନିମ୍ନମାନର ଗାର୍ଡୱାଲ ନିର୍ମାଣ

**ଚିପିଲିମା, ୧୫।୧୨ (ଡି.ଏନ.ଏ)-** ସମ୍ବଲପୁର ଜିଲା ଧନକଉଡା ବ୍ଲକ କର୍ଡୋଲା ପଞ୍ଚାୟତ ଚିପିଲିମାରେ ଏକ ଗାର୍ଡୱାଲ ନିର୍ମାଣ ଚାଲିଛି। ଏଥିପାଇଁ କିନ୍ତୁ ସୂଚନା ଫଳକ ଲଗା ଯାଇନି। ନିମ୍ନମାନର ମେଟାଲ, ଚିପ୍ସ, ଲୁହାଛଡ ବ୍ୟବହାର ହେଉଛି । ବାଲି, ସିମେଣ୍ଟ, ମେଟାଲ ଚିପ୍ସ ମିଶ୍ରଣ ମଧ ଠିକ୍ ହେଉନି। ଏଥିରେ ଭାଇବ୍ରେଟର୍ ମଧ ବ୍ୟବହାର ହେଉ ନ ଥିବା ଅଭିଯୋଗ ହୋଇଛି। ବିଡିଓ ସରୋଜ ବିଶ୍ୱାଳ ନିଜେ ଯାଇ ଅନୁଧାନ କରିବେ ବୋଲି କହିଛନ୍ତି।

### ଶକ୍ତି ସଂରକ୍ଷଣ ପ୍ରତିଯୋଗିତା

**ନାକଟିଦେଉଳ,୧୫।୧୨(ଡି.ଏନ.ଏ.)-** ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଜଗନ୍ନାଥପ୍ରସାଦ ପବିତ୍ରମୋହନ ଉଚ୍ଚ ବିଦ୍ୟାଳୟରେ ଶକ୍ତି ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧରେ ଏକ ସାଧାରଣଜ୍ଞାନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପ୍ରତିଯୋଗିତାରେ ସରାପାଲି ହାଇସ୍କୁଲର ଦଶମ ଶ୍ରେଣୀ ଛାତ୍ରୀ ସୁଜାତା ସାହୁ ପ୍ରଥମ, ଗୋଗୁଆ ଉଚ୍ଚ ବିଦ୍ୟାଳୟର ଛାତ୍ର ଓମ୍‌ପ୍ରସାଦ ସାହୁ ଦ୍ୱିତୀୟ, ପବିତ୍ରମୋହନ ଉଚ୍ଚ ବିଦ୍ୟାଳୟର ଛାତ୍ର ଅନିଲ କୁମାର ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ । ପବିତ୍ରମୋହନ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରେବତୀ ମୋହନ ଦଳବେହେରାଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ନାକଟିଦେଉଳ କଲେଜର ଅଧାପକ ଦୀପେନ କୁମାର ପଟ୍ଟନାୟକ, ପ୍ରଶାନ୍ତ କୁମାର ଦାଶ, ନିତ୍ୟାନନ୍ଦ ବେହେରା ଯୋଗଦେଇ ଶକ୍ତି ସଂକଟର ସମସ୍ୟା ଉପରେ ଆଲୋଚନା କରିଥିଲେ । ଡଇଁଚା ବାପୁଜୀ ହାଇସ୍କୁଲର ଶିକ୍ଷକ କ୍ଷୀରୋଦ କୁମାର ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ପି.ଏମ୍‌ହାଇସ୍କୁଲର ଶିକ୍ଷକ ହୀରାଲାଲ ଧଳ ଧନ୍ୟବାଦ ଅର୍ପଣ କରିଥିଲେ । ମନୋଜ କୁମାର ପ୍ରଧାନ ଏଥିରେ ସହଯୋଗ କରିଥିଲେ।

### କନ୍ନଡ଼ କବି ଚନ୍ଦ୍ରଶେଖର କମ୍ବାରଙ୍କୁ ଗଙ୍ଗାଧର ଜାତୀୟ ସମ୍ମାନ

**ଚିପିଲିମା,୧୫।୧୨(ଡି.ଏନ.ଏ.)-** କନ୍ନଡ଼ ସାହିତ୍ୟର ପ୍ରତିଷ୍ଠିତ କବି ତଥା କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଚନ୍ଦ୍ରଶେଖର କମ୍ବାର ୨୦୧୭ ବର୍ଷ ପାଇଁ ସମ୍ବଲପୁର ବିଶ୍ୱବିଦ୍ୟାଳୟର ମର୍ଯ୍ୟାଦାଜନକ ଗଙ୍ଗାଧର ଜାତୀୟ ସମ୍ମାନ ପାଇବା ପାଇଁ ମନୋନୀତ ହୋଇଛନ୍ତି। ଜାନୁୟାରୀ ୩ରେ ଜ୍ୟୋବିହାରରେ ହେବାକୁ ଥିବା ବିଶ୍ୱବିଦ୍ୟାଳୟର ୫୨ତମ ପ୍ରତିଷ୍ଠା ଦିବସରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ପୁରସ୍କାର ସ୍ୱରୂପ ତାଙ୍କୁ ନଗଦ ୫୦ ହଜାର ଟଙ୍କା, ପ୍ରଶସ୍ତି ପତ୍ର, ସ୍ମାରିକା ଓ ଉତ୍ତରୀୟ ପ୍ରଦାନ କରାଯିବ। ସେ କନ୍ନଡ଼ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା କୁଳପତି ରହିବା ସହିତ ସାହିତ୍ୟ ଏକାଡ଼େମୀର ସଭାପତି ମଧ ଥିଲେ। ସେ ସାହିତ୍ୟ ଏକାଡ଼େମୀ, ପଦ୍ମଶ୍ରୀ ସମେତ ୧୮ଟି ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଏହାସହ ୨୬ଟି ନାଟକ, ୬ଟି ଉପନ୍ୟାସ ରଚନା କରିଛନ୍ତି।

### ଜମି ବିବାଦ ଯୋଗୁ ବିଜୁ କଲ୍ୟାଣ ମଣ୍ଡପ ଭିତ୍ତିପ୍ରସ୍ତର ଅଟକିଲା

**ବାମରା, ୧୫।୧୨ (ସ୍ୱ.ପ୍ର.)-** ବାମରାସ୍ଥିତ ବିଜୁ ପଟ୍ଟନାୟକ ଛକଠାରେ ଶନିବାର ହେବାକୁ ଥିବା ବିଜୁ କଲ୍ୟାଣ ମଣ୍ଡପ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଜମି ବିବାଦ ଯୋଗୁ ହୋଇପାରି ନାହିଁ। ୩୦ ଡିସିମିଲ ସରକାରୀ ପ୍ଲଟ ଉପରେ ଜଣେ ବ୍ୟକ୍ତି କୋର୍ଟରୁ ରହିତାଦେଶ ଆଣି ବିରୋଧ କରିଥିଲେ। ଏଣୁ ଉକ୍ତ ସ୍ଥାନରେ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମକୁ ବାତିଲ କରାଯାଇଛି ।

# ନଇଁବାକୁ ନାରାଜ ଚାଷୀ, ମିଲର ବି ନଛୋଡବନ୍ଧା

**ବାମରା, ୧୫।୧୨ (ସ୍ୱ.ପ୍ର.)**

■ ମଣ୍ଡିରେ ଅଚଳାବସ୍ଥା, କଟନି ଛଟନିକୁ ବିରୋଧ
■ ଉଠି ପାରୁନି ଧାନ, ଏଫଏକ୍ୟୁ ନାଁରେ ଶୋଷଣ

9. If considered necessary, the applicant may be called for an interview in person, at Sukinda or at Bhubaneswar at the Liaison Office of the undersigned in Unit-8 where s/he may be asked to prove her/his qualification/experience/expertise through original document(s). The applicant, when called for such personal interview, may participate in the interview at his/her own cost, which is not reimbursable by the undersigned.
10. The authority reserves the right to accept / reject any application without assigning any reason thereof.

32343/11/0009/1819 **Sd./- Chief Engineer, JICA Project, Brahmani Left Basin, Sukinda, At- Jamuposi, Po- Amploba, Dist- Jajpur**



**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER, MINOR IRRIGATION DIVISION, SAMBALPUR**
Phone No.(0663)-2412791 (Off.), E-mail:- eemisbp@yahoo.co.in
No.5538/ Date. 04.12.2018

**e-PROCUREMENT NOTICE**
**BID REF No: EE, MID, SBP/13/2018-19**

949-A

| | | |
|---|---|---|
| Name of work | : | Civil Construction Works |
| No. of works | : | 28 (Twentyeight)Nos. |
| Estimated cost | : | Varies from Approximately Rs.14.60 lakh to Rs.48.76 lakh for 28 Nos. of works is Rs.756.86 Lakh |
| Tender paper cost | : | Referred to DTCN. |
| Period of completion | : | Referred to DTCN. |
| Availability of bid through online | : | From 20.12.2018, 10.00 AM to 29.12.2018 up to 05.00 PM in website (www.tendersorissa.gov.in) |
| Period of receipt of bid through online | : | From 20.12.2018, 10.00 AM to 29.12.2018 upto 05.00PM through online. |
| Date of opening of bid documents | : | On dt. 31.12.2018 at 11.00 AM. onwards. |
| Digital signature certificate of Bidder | : | The bidder must possess compatible digital signature certificate (DSC) of Class-II or Class-III. |

The detail tender call notice can also be seen in the DOWR website- http://dowrorissa.gov.in

| | | |
|---|---|---|
| Name & Address of the OIT | : | Executive Engineer, M.I.Division, Sambalpur, At- Motijharan, PO- B.S.S. Nagar, Dist.- Sambalpur, PIN-768001, Ph-0663-2412791, E-mail ID- eemisbp@yahoo.co.in |

Further details can be seen from the e-Procurement market place : http://tendersorissa.gov.in

*Sd./- Executive Engineer, M.I. Division, Sambalpur*
32036/11/0016/1819

## ସଂକ୍ଷେପରେ

### ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ଶିକ୍ଷକ ଅଟକ

ଦେବଗଡ, ୧୫।୧୨(ସ୍ୱ.ପ୍ର.)- ତିଳେଇବଣି ବ୍ଲକ୍ ଅଧିନ କଟେଇସାହି ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଜଣେ ଶିକ୍ଷକଙ୍କ ବିରୋଧରେ ଛାତ୍ରୀଙ୍କୁ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଏନେଇ ପୀଡିତା ଛାତ୍ରୀଙ୍କ ପରିବାର ଦେବଗଡ ଥାନାରେ ଅଭିଯୋଗ କରିବା ପରେ ସମ୍ପୃକ୍ତ ଶିକ୍ଷକଙ୍କୁ ପୋଲିସ ଅଟକ ରଖିଛି। ପୋଲିସ ଏକ ମାମଲା ରୁଜୁକରି ଘଟଣାର ଅଧିକ ତଦନ୍ତ ଚଳାଇଛି। ଶିକ୍ଷକ ଜଣକ ଦେବଗଡ ଅଞ୍ଚଳର। ଗତ ୧୦ଦିନ ତଳେ ଉକ୍ତ ସ୍କୁଲର ଛାତ୍ରୀଙ୍କୁ କୁଆଡେ ଶିକ୍ଷକ ଜଣକ ଅସଦାଚରଣ କରିଥିଲେ। ଛାତ୍ରୀ ଜଣକ ଗ୍ରାମରେ ଅଭିଯୋଗ କରିବାରୁ ଏନେଇ ଗ୍ରାମରେ ଏକ ବୈଠକରେ ଶିକ୍ଷକଙ୍କୁ ୫୦ ହଜାର ଟଙ୍କାର ଜରିମାନା ଦେବାକୁ କହିଥିଲେ। ସେ ଟଙ୍କା ଦେଇ ନ ଥିବାରୁ ଛାତ୍ରୀଙ୍କ ଅଭିଭାବକ ଶୁକ୍ରବାର ଦେବଗଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

### ଅଟୋ-ବାଇକ୍ ଧକ୍କା: ଜଣେ ମୃତ

ରିଆମାଳ,୧୫।୧୨ (ଡି.ଏନ.ଏ.)- ରିଆମାଳ ଥାନା ଅଧୀନ ତେଲିମୁଣ୍ଡା ଗ୍ରାମ ବାଉଁଶଝରା ନାଳ ନିକଟରେ ଶନିବାର ଏକ ଅଟୋ ଏବଂ ବାଇକ୍ ମଧରେ ଧକ୍କା ହୋଇଥିଲା। ଏଥିରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଟୁହିଲାମାଳ ଗ୍ରାମର ସୁଜିତ ମହାକୁଲ(୨୬)। ଆହତ ହେଲେ ଆର୍ତ୍ତତ୍ରାଣ ମହାକୁଲ(୩୫)। ସୁଜିତ ଏବଂ ଆର୍ତ୍ତତ୍ରାଣ ଏକ ନୂଆ ନମ୍ବର ବିହୀନ ବାଇକ୍ ଯୋଗେ ରିଆମାଳକୁ ବଜାର କରିବାକୁ ଆସିଥିଲେ। ବଜାର ସାରି ଫେରୁଥିବା ବେଳେ ବାଉଁଶଝରା ନାଳ ନିକଟରେ ଏକ ଅଟୋ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ହେଲେ ଅଟୋ ଫେରାର ହୋଇଯାଇଥିଲା। ସ୍ଥାନୀୟ କେତେଜଣ ଯୁବକ ସେମାନଙ୍କୁ ଉଦ୍ଧାର କରି ଛତାବର ଡାକ୍ତରଖାନାକୁ ନେଉଥିବା ବେଳେ ବାଟରେ ସୁଜିତଙ୍କ ମୃତ୍ୟୁ ଘଟିଥିଲା। ଆର୍ତ୍ତତ୍ରାଣଙ୍କୁ ଦେବଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

# କୁଣ୍ଡେଇଗୋଲା ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ

ରିଆମାଳ,୧୫।୧୨(ଡି.ଏନ.ଏ.)

ରିଆମାଳ ବ୍ଲକ ଅଧୀନ କୁଣ୍ଡେଇଗୋଲା ଉଚ୍ଚବିଦ୍ୟାଳୟର ୫୦ବର୍ଷ ପୂର୍ତ୍ତି ଉପଲକ୍ଷେ ଶନିବାର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିଥିମାନେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ପରେ ବିଦ୍ୟାଳୟର ପୂଜା ବେହେରା, ଦୀପ୍ତି ମୁଖୀ, ବର୍ଷା ଗଡ଼ନାୟକ, ବିଷ୍ଣୁପ୍ରିୟା ବେହେରା, ମନିକା ପ୍ରଧାନ, ପ୍ରୀତି ବେହେରା, କଳ୍ପନା ନାୟକ, ସିନୁ ବେହେରା ସ୍ୱାଗତ ଗୀତ ପରିବେଷଣ କରିଥିଲେ। ପୁରାତନ ଛାତ୍ର ସଂସଦ ସମ୍ପାଦକ ତଥା ସମାଜସେବୀ ଇଂ. ଚିତ୍ତରଞ୍ଜନ ପ୍ରଧାନ ସ୍ୱାଗତ ଭାଷଣ ତଥା ଅତିଥି ପରିଚୟ ଓ ସଂଯୋଜନା କରିଥିଲେ। ବିଦ୍ୟାଳୟର ପ୍ରଧାନ ସ୍ୱାଗତ ଭାଷଣ ତଥା ଅତିଥି ପରିଚୟ ଓ ସଂଯୋଜନା କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଜିତେନ୍ଦ୍ରୀୟ ପ୍ରଧାନ ସଭାରେ ସଭାପତିତ୍ୱ କରିଥିଲେ। ପଦ୍ମଶ୍ରୀ ତୁଳସୀ ମୁଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ମହାତ୍ମା ଗାନ୍ଧୀ ଏବଂ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିବା ସହିତ ମାଲ୍ୟାର୍ପଣ କରିଥିଲେ। ଛାତ୍ରୀଛାତ୍ରମାନେ ସତ୍‌ଚରିତ୍ର ଦିଗରେ ଅଗ୍ରସର ହେଲେ ସମାଜର ମଙ୍ଗଳ ହେବା ସହିତ ଦେଶର ଉନ୍ନତି ହୋଇପାରିବ ବୋଲି ଆଲୋକପାତ କରିଥିଲେ। ଦେବଗଡ଼ ଜିଲା ଓକିଲ ସଂଘ ସଭାପତି ଦିଲୀପ ଗୁରୁ, ନାଟ୍ୟଶ୍ରୀ ଅତୁଲ୍ୟ ପୁଜାରୀ, କବି ନିରଞ୍ଜନ ଦ୍ୱିବେଦୀ, ଅବସରପ୍ରାପ୍ତ ଶିକ୍ଷକ କାଶୀନାଥ ପ୍ରଧାନ, ପ୍ରକାଶ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରର ଅତିଥିଙ୍କ ଦ୍ୱାରା ଫାଟକ ଉନ୍ମୋଚନ ହୋଇଥିଲା। ଏପରି କି ପୁରାତନ ଛାତ୍ରୀଛାତ୍ରମାନେ ଗୁରୁ ପୂଜନ କରିଥିଲେ। ପୁରାତନ ଛାତ୍ର ସଂସଦ ସଭାପତି ଦେବାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଉପସଭାପତି ଧନେଶ୍ୱର ପାଇକରାୟ, ସହସମ୍ପାଦକ ମହନ୍ତ ବେହେରା, କୋଷାଧ୍ୟକ୍ଷ ନିରାକାର ସାହୁଙ୍କ ସହ ସମସ୍ତ ଛାତ୍ରୀଛାତ୍ର ସହଯୋଗ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକମାନଙ୍କୁ ବେଶ ଆକୃଷ୍ଟ କରିଥିଲା।

# ଦେବଗଡ଼ ଜିଲାରେ ‘ପିଠା’ କାର୍ଯ୍ୟକ୍ରମ

ଦେବଗଡ, ୧୫।୧୨ (ସ୍ୱ.ପ୍ର.)

ଜନସାଧାରଣଙ୍କୁ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମ ସମ୍ପର୍କରେ ତୃଣମୂଳ ସ୍ତରରେ ସଚେତନ କରାଇବା ସହିତ ବିଭିନ୍ନ ଯୋଜନାର ହିତାଧିକାରୀମାନଙ୍କୁ ସେବା ସିଧାସଳଖ ଯୋଗାଇଦେବା ଉଦ୍ଦେଶ୍ୟରେ ରାଜ୍ୟସରକାର ‘ପିଠା’ ଯୋଜନା ଆରମ୍ଭ କରିଛନ୍ତି। ଆମ ଗାଁ ଆମ ବିକାଶ ଯୋଜନାର ଏକ ଉପଯୋଜନା ଭାବରେ କାର୍ଯ୍ୟକାରୀ କରାଯାଉଥିବା ଏହି ଯୋଜନା ଡିସେମ୍ବର ମାସ ଠାରୁ ଫେବୃୟାରୀ ପର୍ଯ୍ୟନ୍ତ ପ୍ରତ୍ୟେକ ମାସର ୧୫ ରୁ ୨୦ ତାରିଖ ଯାଏ ପଞ୍ଚାୟତସ୍ତରରେ ଆୟୋଜନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଦେବଗଡ ଜିଲାର ତିଳେଇବଣି, ବାରକୋଟ ଓ ରିଆମାଳ ବ୍ଲକର ପଞ୍ଚାୟତଗୁଡିକରେ ଶନିବାରଠାରୁ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ପ୍ରଥମ ଦିବସରେ ତିଳେଇବଣି ବ୍ଲକର ବଡଛାପଲ, ଟାଇଁସର ଓ ଝରାଗୋଗୁଆ, ରିଆମାଳ ବ୍ଲକର ଆଡସ, ବାଘବର, ବୁଢାପାଳ ଓ ଟିଙ୍କିବିର ପଂଚାୟତ ଏବଂ ବାରକୋଟ ବ୍ଲକର ଦଣ୍ଡାସିଙ୍ଘ, ବଲଣ୍ଡା, ଝରାକଣ୍ଡଲ ଓ କାଦୋପଡା




‘ପିଠା’ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି, ଅଧିକାରୀ।

ଗ୍ରାମପଞ୍ଚାୟତରେ ‘ପିଠା‘ କାର୍ଯ୍ୟକ୍ରମ ଆୟୋଜନ କରାଯାଇଜନସାଧାରଣଙ୍କୁ ମଧୁବାବୁପେନସନ, ମୁଖ୍ୟମନ୍ତ୍ରୀ କଳାକାର ସହାୟତା, ବାର୍ଦ୍ଧକ୍ୟଭତ୍ତା, ଆମ ଏଲ୍‌ଇଡି, ଖାଦ୍ୟ ସୁରକ୍ଷା, ନିର୍ମାଣ ଶ୍ରମିକ ସହାୟତା, ମିଶନ ଶକ୍ତି, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ, ଗ୍ରାମୀଣ ବିଦ୍ୟୁତକରଣ, ବିଜୁ ପକ୍କା ଘର, କଳିଙ୍ଗ ଶିକ୍ଷାସାଥୀ, ବିଜୁ ଯୁବ ସଶକ୍ତିକରଣ ଓ ମେଧାବୃତ୍ତି ଆଦି ଯୋଜନାଗୁଡିକ ଉପରେ ସଚେତନ କରାଯିବା ସଙ୍ଗେ ସଙ୍ଗେ ସେମାନଙ୍କୁ ସିଧାସଳଖ ଏଗୁଡିକର ସେବା ଯୋଗାଇ ଦିଆଯାଇଛି। ତିଳେଇବଣି ବ୍ଲକରେ ୩୦ଟି ମଧୁବାବୁ ପେନସନ, ବାରକୋଟ ବ୍ଲକରେ ୩୪ କଳାକାର ଓ ୩୦ ମଧୁବାବୁ ପେନସନ ଏବଂ ରିଆମାଳ ବ୍ଲକରେ ୩୬ ମଧୁବାବୁ ପେନସନ ଏବଂ ୧୬ କଳାକାର ଭତ୍ତା ହିତାଧିକାରୀମାନଙ୍କୁ ବଣ୍ଟନ କରାଯାଇଥିବା ଜଣାଯାଇଛି। ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କ ତତ୍ତ୍ୱାବଧାନରେ ପ୍ରକଳ୍ପ ନିର୍ଦ୍ଦେଶକ ଭୀନସେଣ୍ଟ ପୁନମକାନ୍ତ ଏକ୍କା, ଅତିରିକ୍ତ ଜିଲାପାଳ ଧରମ ହାଁସଦାଙ୍କ ସମେତ ଅନ୍ୟାନ୍ୟ ଜିଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀମାନେ ବିଭିନ୍ନ ପଞ୍ଚାୟତରେ ଉପସ୍ଥିତ ରହି ‘ପିଠା‘ କାର୍ଯ୍ୟକ୍ରମର ସୁପରିଚାଳନାର ତଦାରଖ କରିଥିଲେ।



ଶିଶୁ ଶିବିର କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି, ଗୁରୁଜୀ।

# ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ଶିଶୁ ଶିବିର

ଦେବଗଡ,୧୫।୧୨(ସ୍ୱ.ପ୍ର.)

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ସ୍ଥାନୀୟ ଝାଡେଶ୍ୱର ମନ୍ଦିରରେ ଶିଶୁ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିଶୁ ଆରମ୍ଭ ଶ୍ରେଣୀରୁ ପଞ୍ଚମ ପର୍ଯ୍ୟନ୍ତ ଶିଶୁ ଭଉଣୀଭାଇ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମ୍ପାଦକ ପ୍ରଶାନ୍ତ କୁମାର ଦାଶ ଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିବା ସହ ଶିଶୁଙ୍କୁ ମାର୍ଗ ଦର୍ଶନ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରତାପ କୁମାର ନାୟକ ଅତିଥି ପରିଚୟ କରିବା ସହ କାର୍ଯ୍ୟକ୍ରମର ଲକ୍ଷ୍ୟ, ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶିଶୁମାନଙ୍କର ଗୀତ, ନାଚ, ବକ୍ତୃତା, ଚିତ୍ରାଙ୍କନ, ରଙ୍ଗୋଲୀ, ଓଡିଆ ସୁଲିଖନ ବର୍ଜ୍ୟବସ୍ତୁର ବ୍ୟବହାର ଆଦି ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଶିଶୁଙ୍କୁ ବାର୍ଷିକ ଉତ୍ସବରେ ପୁରସ୍କାର ପ୍ରଦାନ କରାଯିବ। ଶିଶୁ ଶିବିର ସମାରୋପ କାର୍ଯ୍ୟକ୍ରମରେ ପରିଚାଳନା ସମିତିର ସଭାପତି ସୁକାନ୍ତ କୁମାର ସାହୁ, ସେବା ସମର୍ପଣ ବିଷୟରେ ମାର୍ଗଦର୍ଶନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ନେତ୍ରାନନ୍ଦ ସାହୁ, ରାମଚନ୍ଦ୍ର ସ୍ୱାଇଁଙ୍କ ସମତେ ସମସ୍ତ ଗୁରୁମା ଗୁରୁଜୀ ସହଯୋଗ କରିଥିଲେ।



ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ଛାତ୍ରୀଛାତ୍ର।

# ଛାତ୍ର ସନ୍ଦେଶ ମାଗାଜିନ ପକ୍ଷରୁ ପ୍ରତିଯୋଗିତା

ଦେବଗଡ, ୧୫।୧୨(ସ୍ୱ.ପ୍ର.)

ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଛାତ୍ର ସଂଦେଶ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ସାଧାରଣ ଜ୍ଞାନ, ରଚନା ଓ ଗୀତ ପ୍ରତିଯୋଗିତା ଦେବଗଡ ଜିଲାରେ ହୋଇଯାଇଛି । ଏହି ନଗରସ୍ତରୀୟ ପ୍ରତିଯୋଗିତାରେ ବିଭିନ୍ନ କଲେଜର ଛାତ୍ରୀଛାତ୍ର ଭାଗ ନେଇଥିଲେ । ଯେଉଁମାନେ ଉତ୍ତୀର୍ଣ୍ଣ ହେବେ ଆସନ୍ତା ୧୮ରେ ରାଜ୍ୟସ୍ତରରେ ଭାଗନେବେ । ଏହି ପ୍ରତିଯୋଗିତାକୁ ଅରବିନ୍ଦ ପ୍ରଧାନ, ସଞ୍ଜିତ ଗିରି, ଜ୍ୟୋତି ରଂଜନ ପ୍ରଧାନ, ବିଜୟ ଦେହୁରୀ, ବନ୍ଦନା ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ ।





ଯାହାର ଲୋଭ, ମାନ ଓ ଅପମାନ ନ ଥାଏ, ସିଏ ସମ୍ପଦ ଓ ବିପଦକୁ ସମାନ ମଣେ। ତାଙ୍କୁ ହିଁ ଭକ୍ତ କୁହାଯାଏ।
- ସନ୍ଥ ତୁଳସୀଦାସ



## ସଂକ୍ଷେପରେ

### ହାତୀ ଉପଦ୍ରବରେ ଫସଲ ନଷ୍ଟ

ରେଢ଼ାଖୋଲ,୧୫।୧୨(ଡି.ଏନ.ଏ.) ରେଢ଼ାଖୋଲ ଅଞ୍ଚଳରେ ହାତୀ ଉପଦ୍ରବ ଦିନକୁ ଦିନ ବଢିବାରେ ଲାଗିଛି। ଚଳିତ ବର୍ଷ ପ୍ରଥମ ପର୍ଯ୍ୟାୟରେ ଭଲ ବର୍ଷା ହୋଇଥିଲା। ଏଥିଯୋଗୁ ଚାଷୀ ଭଲ ଫସଲ ହେବାର ଆଶା ରଖିଥିଲେ। ହେଲେ ବର୍ଷାର ଅନିୟମିତତା ହେତୁ ଅନେକ ଅଞ୍ଚଳରେ ମରୁଡି ପରିସ୍ଥିତି ସୃଷ୍ଟି ହୋଇଛି। ବାହାଳ ଜମି ଗୁଡିକରେ କିଛି ପରିମାଣରେ ଧାନ ହୋଇଥିଲେ ହେଁ ଏବେ ଅମଳକ୍ଷମ ଧାନ ଫସଲ ହାତୀ ଉପଦ୍ରବ ଯୋଗୁ ନଷ୍ଟ ହେଉଛି। ଫଳରେ ଯାହା କିଛି ପାଇବାର ଆଶା ଥିଲା ସବୁ କିଛି ଆଖି ଆଗରେ ନଷ୍ଟ ହେଉଛି। ହାତୀ ଘଉଡାଇବା ଦିଗରେ ବନ ବିଭାଗ ଓ ଗ୍ରାମବାସୀ ବିଭିନ୍ନ କୌଶଳ ଅବଲମ୍ବନ କରୁଥି ହେଁ ହାତୀ ପଲ ଖାତିର କରୁନାହାନ୍ତି। ଗତ ୨ ଦିନ ହେବ ରେଢ଼ାଖୋଲ ସହରର କଳିନ୍ଦର, ଡିମିରିକୁଦା ଲୁହାପଙ୍କ ପଞ୍ଚାୟତର ପିଟାନାଳି ଓ ଶାମପୁର ଗ୍ରାମରେ ୨୭ରୁ ଉର୍ଦ୍ଧ୍ୱ ଥିବା ଏକ ହାତୀ ପଲ ଧାନ କିଆରିରରେ ଥିବା ଅମଳକ୍ଷମ ପାଚିଲା ଧାନ ସହିତ ଖଳାରେ ଥିବା ଧାନ ବିଡା ଗୁଡିକ ଖାଇବା ସହିତ ମାଡିଦଳି ନଷ୍ଟ କରି ଦେଇଥିବା ଅଭିଯୋଗ ହୋଇଛି। ହାତୀ ପଲକୁ ବନ ବିଭାଗ ପକ୍ଷରୁ ଘଉଡାଇ ଦିଆଯାଇଥିବା ରେଞ୍ଜ ଅଧିକାରୀ ପ୍ରଦୀପ ସେଠି କହିଛନ୍ତି।

### ଡୁମାଲ ସମାଜର ବୈଠକ

ରେଢ଼ାଖୋଲ,୧୫।୧୨(ଡି.ଏନ.ଏ.) ରେଢ଼ାଖୋଲ ବ୍ଲକ ବୁର୍ଡା ମାହେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ମା' ମାହେଶ୍ୱରୀ ଡୁମାଳ ସମାଜର ଏକ ବୈଠକ ଅନୁଷ୍ଠିତ ହୋଇଛି। ବଚ ମହାକୁଡଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବୁର୍ଡା ପଞ୍ଚାୟତର ବୁର୍ଡା, ବନ୍ତଲୋଇ ଓ ବଡମାଳ ଗ୍ରାମକୁ ନେଇ ଏକ ସର୍କଲ ଗଠନ କରାଯାଇଥିଲା। ଡୁମାଳ ସମାଜର ଏକତା ଓ ବିଭିନ୍ନ ଅସୁବିଧା ସଂପର୍କରେ ଆଲୋଚନା ହୋଇଥିଲା। ଏହି ସର୍କଲ ପାଇଁ କାର୍ଯ୍ୟକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ସୁବ୍ରତ ମହାକୁଡ, ଉପ-ସଭାପତି ବ୍ରହ୍ମାନନ୍ଦ ମହାକୁଡ, ସଂପାଦକ ବଚ ମହାକୁଡ ଓ କୋଷାଧକ୍ଷ ଭାବେ ସୁରେଶ ମହାକୁଡ ମନୋନୀତ କରାଯାଇଛି।

### ସମାଜ ଗଠନରେ ବୁଦ୍ଧିଜୀବୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ରେଢ଼ାଖୋଲ,୧୫।୧୨(ଡି.ଏନ.ଏ.) ଅଞ୍ଚଳର ବିକାଶ ଓ ସମାଜ ଗଠନରେ ବୁଦ୍ଧିଜୀବୀମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଶିକ୍ଷା, ସ୍ୱାସ୍ଥ୍ୟ ଓ ସର୍ବୋପରି ସମାଜ ସେବା କ୍ଷେତ୍ରରେ ବୁଦ୍ଧିଜୀବୀମାନେ ଯୁବ ଛାତ୍ର ବର୍ଗଙ୍କୁ ଦିଗଦର୍ଶନ ଦେବା ସହିତ ଦେଶ ଗଠନରେ ସକ୍ରିୟ ଭୂମିକା ବହନ କରିବା ଉଚିତ। ଶନିବାର ପୂର୍ତ୍ତବିଭାଗ ବଙ୍ଗଳାରେ ରେଢ଼ାଖୋଲ ଜନକଲ୍ୟାଣ ସମିତି ଆନୁକୂଲ୍ୟରେ ଅନୁଷ୍ଠିତ ଆଜିର ସମାଜରେ ବୁଦ୍ଧିଜିବୀଙ୍କ ଭୂମିକା ଶୀର୍ଷକ ଆଲୋଚନା ଚକ୍ରରେ ଅତିଥିମାନେ ଏହା କହିଛନ୍ତି। ବରିଷ୍ଠ ଆଇନଜୀବୀ ଶିବପ୍ରସାଦ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ସୁଦର୍ଶନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଗୋବିନ୍ଦ ଅଗ୍ରୱାଲଙ୍କ ଆବାହକତ୍ୱରେ ଅନୁଷ୍ଠିତ ଅଲୋଚନାଚକ୍ରରେ ବରିଷ୍ଠ ନାଗରିକ ସଂଘ ସଂପାଦକ ବିଜୟ ମହାନ୍ତି, ଅବସରପ୍ରାପ୍ତ କର୍ମଚାରୀ ସଂଘର ବସନ୍ତ ମହାନନ୍ଦ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ଜଗନ୍ନାଥ ମନ୍ଦିର କଲ୍ୟାଣ ମଣ୍ଡପ ଭିତ୍ତି ପ୍ରସ୍ତର ସ୍ଥାପନ

ବାମରା, ୧୫।୧୨ (ସ୍ୱ.ପ୍ର.) ବାମରା ବ୍ଲକ ଗୋବିନ୍ଦପୁର ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଏକ କଲ୍ୟାଣ ମଣ୍ଡପ ସ୍ଥାପନ ପାଇଁ ସମ୍ବଲପୁର ଏମ୍‌ପି ନଗେନ୍ଦ୍ର ପ୍ରଧାନ ଭିତ୍ତିପ୍ରସ୍ତର ଦେଇଛନ୍ତି। ବାମରା ବ୍ଲକ ଅଧକ୍ଷ ସଦାନନ୍ଦ କୁଜୁର, ଜିଲା ପରିଷଦ ସଭ୍ୟା କୁମୁଦିନୀ ନାୟକ, ଏଇ ସୁରେଶଚନ୍ଦ୍ର ବେହେରା, ଦୀନବନ୍ଧୁ ଅଗ୍ରୱାଲ, ଭୁବନେଶ୍ୱର କିସାନ, କ୍ୟାପଟେନ ଶଶିଭୂଷଣ ସେଠୀ, ମନମୋହନ ସାହୁ, ଅରବିନ୍ଦ ସାହୁ, ଦୁର୍ଗାପ୍ରସାଦ ମିଶ୍ର, ଜ୍ୟୋତି ଲାଠ, ରାମକୁମାର ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ମହେନ୍ଦ୍ର ଚୌଧୁରୀ, ରମେଶ ଶର୍ମା, ପ୍ରମୋଦ ସାହୁ, ଜଗଦୀଶ ପାଲ, ଲକ୍ଷ୍ମୀଧର ସାହୁ, ମହାବୀର ଖଣ୍ଡେଲୱାଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ଲୋକେ ଉପସ୍ଥିତ ଥିଲେ।

### ବିଭିନ୍ନ ସ୍ଥାନରେ ପିଠା କାର୍ଯ୍ୟକ୍ରମ

# ରାଜ୍ୟସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା

ସମ୍ବଲପୁର,୧୫।୧୨(ବ୍ୟୁରୋ)

ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ ବୀରସିଂଗଡ, ଝୁଝୁମୁରା, କୟାକୁଦ ପଞ୍ଚାୟତରେ ପିଠା କାର୍ଯ୍ୟକ୍ରମ ହୋଇଛି। ଝୁଝୁମୁରା ବିଡିଓ ନିଳାମ୍ବର ମହାନନ୍ଦ, ରେଢାଖୋଲ ବିଧାୟକ ରୋହିତ ପୂଜାରୀ ଯୋଗ ଦେଇଥିଲେ। ପ୍ରତ୍ୟକ ପଞ୍ଚାୟତ ଅଫିସ ପରିସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପ୍ରକାର ପିଠା ତିଆରି କରି ଲୋକମାନଙ୍କୁ ବଣ୍ଟନ କରାଯାଇଥିଲା। ସ୍ଥାନୀୟ ସରପଞ୍ଚ ଓ ପଞ୍ଚାୟତ କର୍ମଚାରୀ ଉପସ୍ଥିତ ଥିଲେ।

**ଧମା,(ଡି.ଏନ.ଏ)** ମାନେଶ୍ୱର ବ୍ଲକ ଦେଓଗାଁ ଓ ଡକରା ପଞ୍ଚାୟତରେ ରାଜ୍ୟସରକାରଙ୍କ ପ୍ରୋତ୍ସାହିତ ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦେଓଗାଁ ପଞ୍ଚାୟତ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ ଯୋଗଦେଇ ଉପସ୍ଥିତ ଜନସାଧାରଣଙ୍କୁ ରାଜ୍ୟ ସରକାରଙ୍କ ପ୍ରଚଳିତ ବିଭିନ୍ନ ଜନହିତକର ଯୋଜନା ଅବଗତ କରାଇବା ସହ କଳାକାର ଶ୍ରୀପତି ଅଦାବର ଓ ଦୃତ ବାରିକଙ୍କୁ କଳାକାର ଭତ୍ତା ପ୍ରଦାନ କରିଥିଲେ । ଦେଓଗାଁ ସରପଞ୍ଚ ମନବୋଧ ଭୋଇ ପାନୀୟ ଜଳ ସମସ୍ୟା ଉପରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବେଳେ ଜିଲା ପରିଷଦ ସଭ୍ୟ ସତ୍ୟନାରାୟଣ ମେଣ୍ଡିଲୀ ଆଗାମୀ କିଛି ଦିନ ମଧ୍ୟରେ ଜୋନ-୨ର ସମସ୍ତ ସାତଟି ଯାକ ପଞ୍ଚାୟତର ପାନୀୟ ଜଳ ସମସ୍ୟା ଦୂର କରାଯିବ ବୋଲି କହିଥିଲେ । ଏହି ଅବସରରେ ୨୩ଜଣ ବୃଦ୍ଧ ଓ ବୃଦ୍ଧାଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଭିନ୍ନ ଏସଏଚଜି ଗ୍ରୁପର ମହିଳାମାନେ ପିଠା ତିଆରି କରି ପ୍ରଦର୍ଶନୀ କରିଥିଲେ । ପରେ ଉକ୍ତ ପୀଠାକୁ ସିଡିପିଓ ମୀତା ଶର୍ମା ଓ ସୁପର ଭାଇଜର ରସାସୁନ୍ଦରୀ ପାଣିଙ୍କ ତତ୍ତ୍ୱାବଧାନରେ ଅଙ୍ଗନୱାଡି କର୍ମୀମାନେ ଉପସ୍ଥିତ ଗ୍ରାମବାସୀଙ୍କୁ ବଣ୍ଟନ କରିଥିଲେ । ଏହି ଅବସରରେ ସରକାରଙ୍କ ବିଭିନ୍ନ ଯୋଜନା ଆଧାରିତ ପାଲା ଓ ନୃତ୍ୟ କଳାକାରମାନେ ପରିବେଷଣ କରି ଲୋକଙ୍କୁ ସଚେତନ କରାଇଥିଲେ । ଶେଷରେ ବିଡିଓ ପଙ୍କଜ ପଧାନ ଧନ୍ୟବାଦ ଦେଇଥିଲେ । ଅନୁରୁପଭାବେ ଡକରାରେ ମଧ୍ୟ କାର୍ଯ୍ୟକ୍ରମ ହୋଇଥିଲା ।




କୁଚିଣ୍ଡାରେ ଅନୁଷ୍ଠିତ ପିଠା କର୍ଯ୍ୟକ୍ରମରେ ଉପସ୍ଥିତ ସରକାରୀ ପଦାଧିକାରୀ ଓ ଜନ ପ୍ରତିନିଧିମାନେ।

**କୁଚିଣ୍ଡା,(ଡି.ଏନ.ଏ)–** କୁଚିଣ୍ଡା ବ୍ଲକର ୩ଟି ପଞ୍ଚାୟତରେ ଶନିବାର ରାଜ୍ୟ ସରକାରଙ୍କ ପିଠା ଯୋଜନାରେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଏହି ଅବସରରେ ଆୟୋଜିତ ସଭାରେ ଭତ୍ତା, ଗୃହ ନିର୍ମାଣ କରିଥିବା ହିତାଧିକାରୀମାନଙ୍କୁ ବୋନସ ଟଙ୍କା ପ୍ରଦାନ କରାଯାଇଛି । କୁନ୍ତରାଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ନିଶିପୁନମ ମିଞ୍ଜ, ଜିପିଇଓ ଜିତେନ୍ଦ୍ରୀୟ ମୁଣ୍ଡା, ସରପଞ୍ଚ ଅନୁପମା ମାଝୀ, ସମିତି ସଭ୍ୟା ସଞ୍ଜୁଲତା କଣ୍ଟା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ୮୧ ଜଣ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା, ୧୪ ଜଣଙ୍କୁ କଳାକାର ଭତ୍ତା ଏବଂ ୮ଜଣଙ୍କୁ ସମୟସୀମା ମଧ୍ୟରେ ବିଜୁ ପକ୍କା ଘର ନିର୍ମାଣ ଶେଷ କରିଥିବାରୁ ବୋନସ ଟଙ୍କା ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତର ପିଇଓ ମନିସା ପ୍ରତିମା କୁଲୁ ପରିଚାଳନା କରିଥିଲେ । ସେହିପରି କୁସୁମୀ ପଞ୍ଚାୟତର ଅନୁଷ୍ଠିତ ପିଠା କାର୍ଯ୍ୟକ୍ରମରେ ସହକାରୀ ଯନ୍ତ୍ରୀ ଲିଳାମ୍ବର କୁମୁରା, ସରପଞ୍ଚ ପ୍ରସାଦିନି ବାଗ, ବିଏଲସି ସୁବାସ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ୧୦୬ ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଏବଂ ୭ଜଣଙ୍କୁ କଳାକାର ଭତ୍ତା ବଣ୍ଟନ କରାଯାଇଥିଲା । ପଞ୍ଚାୟତର ପିଇଓ କିଶୋର ଖିଚିଡି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସାଲେଭାଡିଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଷ୍ଟିପେନ୍‌ସନ ବେହେରା, ସରପଞ୍ଚ ଲିଜା ନାଏକ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ୭୦ଜଣ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା, ଜଣଙ୍କୁ କଳାକାର ଭତ୍ତା ଏବଂ ୪ଜଣ ହିତାଧିକାରୀଙ୍କୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ବିଜୁ ପକ୍କା ଘର ନିର୍ମାଣ ସାରିଥିବାରୁ ବୋନସ ଟଙ୍କା ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଗ୍ରାମ ପଞ୍ଚାୟତର ପିଇଓ ହିମାଂଶୁ ପଟେଲ ପରିଚାଳନା କରିଥିଲେ।

## ୨୦ ଶ୍ରେଷ୍ଠ ଯୁବ ଜ୍ୟୋତିର୍ବିଜ୍ଞାନୀ ତାଲିକାରେ ସମ୍ବଲପୁରର ରାକେଶ

ସମ୍ବଲପୁର, ୧୫।୧୨ (ବ୍ୟୁରୋ)

ସ୍ଥାନୀୟ ସିଦ୍ଧେଶ୍ୱରବେର୍ଣ୍ଣା ସ୍ୱରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଦଶମ ଶ୍ରେଣୀ ଛାତ୍ର ରାକେଶ କୁମାର ସାହୁ ୧୨ତମ ରାଜ୍ୟସ୍ତରୀୟ ଟାଟା ଷ୍ଟିଲ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତାରେ ଶ୍ରେଷ୍ଠ ୨୦ ଜଣଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି । ସେ ଭୁବନେଶ୍ୱର ପ୍ଲାନେଟୋରିୟମ ଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କଠାରୁ ପୁରସ୍କାର ଗ୍ରହଣ କରିଛନ୍ତି । ୨୦୧୮-୧୯ ବର୍ଷ ପାଇଁ ଏହି ପ୍ରତିଭା ଅନ୍ୱେଷଣ ପ୍ରକ୍ରିୟା ୪ ମାସ ଧରି ଚାଲିଥିଲା । ଏଥିରେ ୩୦ଟି ଜିଲାରୁ ୬୩ ହଜାର ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ତନ୍ମଧ୍ୟରୁ ୩୦୦ ଦ୍ୱିତୀୟ ଓ ୨୦ ଜଣଙ୍କୁ ଚୂଡ଼ାନ୍ତ ପର୍ଯ୍ୟାୟରେ ମନୋନୀତ କରାଯାଇଥିଲା । ଏଥିରେ ପ୍ରଶ୍ନୋତ୍ତର, ପ୍ରବନ୍ଧ ସହ ଛାତ୍ରଛାତ୍ରୀଙ୍କ ଜ୍ଞାନକୁ ଅଭିଜ୍ଞ ଗବେଷକମାନେ ପରୀକ୍ଷଣ କରିଥିଲେ । ଏହି ୨୦ ଜଣ ଶ୍ରେଷ୍ଠ ପ୍ରତିଯୋଗୀ ଆସନ୍ତା ମେ ମାସରେ ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର ଇସ୍ରୋର ଗବେଷଣା ସଂସ୍ଥା ପରିଦର୍ଶନର ସୁଯୋଗ ପାଇବେ। ରାକେଶ ସାହୁ ସ୍ଥାନୀୟ ସାକ୍ଷୀଗୋପୀନାଥ ପଡ଼ା ନିବାସୀ ତଥା କୁଚିଣ୍ଡାର ସ୍ଥାୟୀ ବାସିନ୍ଦା ପ୍ରଦୀପ ସାହୁ ଓ ପୁଷ୍ପାଞ୍ଜଳି ସାହୁଙ୍କ ଦ୍ୱିତୀୟ ସନ୍ତାନ। ଶିଶୁମନ୍ଦିରର ସମସ୍ତ କର୍ମକର୍ତ୍ତା ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କଠାରୁ ରାକେଶ ସାହୁ ପୁରସ୍କାର ଗ୍ରହଣ କରୁଛନ୍ତି ।

## ବରଗଡ ବୈଠକରେ ଯୋଗଦେବାକୁ ସମ୍ବଲପୁରରୁ କୌଣସି ଓକିଲଙ୍କୁ ପଠାଯାଇନି

ସମ୍ବଲପୁର,୧୫।୧୨(ବ୍ୟୁରୋ)

ବରଗଡରେ ଶୁକ୍ରବାର ସେଠାକାର ଓକିଲମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ବଲପୁରର ଅଶ୍ୱିନୀ ପ୍ରଧାନ ନାମକ ଜଣେ ଓକିଲ ଯୋଗ ଦେଇଥିଲେ। ଏହି ଖବର ଶନିବାର ଧରିତ୍ରୀରେ ପ୍ରକାଶ ପାଇଥିଲା। ହେଲେ ସମ୍ବଲପୁର ଓକିଲ ସଂଘ ଏହା ଉପରେ ପ୍ରତିକ୍ରିୟା ଦେଇ କହିଛି ଯେ, ସମ୍ବଲପୁର ଓକିଲ ସଂଘ ବରଗଡ ବୈଠକରେ ଯୋଗ ଦେଇନାହିଁ । ସଂଘ ସଭାପତି ବିଜେନ୍ଦ୍ରିୟ ପ୍ରଧାନ କହିଛନ୍ତି ଯେ, ବରଗଡ ଜିଲା ଓକିଲଙ୍କ ବୈଠକରେ ସମ୍ବଲପୁର ବାର୍‌ର କୌଣସି ଓକିଲ ଯୋଗ ଦେଇ ନାହାନ୍ତି। ଅଶ୍ୱିନୀ ପ୍ରଧାନ ସମ୍ବଲପୁର ବାରର ସଦସ୍ୟ ନୁହନ୍ତି।

## ହୀରାକୁଦକୁ ହରାଇ ଫୋରସି ବିଜୟୀ

ସମ୍ବଲପୁର, ୧୫।୧୨ (ବ୍ୟୁରୋ)

ଚତୁର୍ଥ ବଦ୍ରିନାରାୟଣ ହୋତା ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ମ୍ୟାଚରେ କମିଶନର୍ସ କଲୋନୀ କ୍ରିକେଟ କ୍ଲବ (ଫୋରସି) ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନିତ ହୋଇଛି । ହାୱା ମଇଦାନଠାରେ ଫୋରସି ବନାମ ହୀରାକୁଦ କ୍ରୀଡା ସଂଘ ମଧ୍ୟରେ ମ୍ୟାଚ ହୋଇଥିଲା । ଟସ ଜିଣି ଫୋରସି ଦଳ ବ୍ୟାଟିଂ କରିବାକୁ ହୀରାକୁଦ କ୍ରୀଡା ସଂଘକୁ ଆମନ୍ତ୍ରଣ କରିଥିଲା । ହୀରାକୁଦ ୨୮.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୫୭ ରନ ସଂଗ୍ରହ କରିଥିଲେ । ଦଳର ଡିଲୁ ସାହୁ ୩୩ ଓ ଟିଲୁ ସାହୁ ୩୨ ରନ ସଂଗ୍ରହ କରିଥିଲେ । ୧୫୮ ରନର ବିଜୟ ଲକ୍ଷ୍ୟ ନେଇ ଫୋରସି ଦଳ ବ୍ୟାଟିଂ କରିବାକୁ ପଡିଆକୁ ଓହ୍ଲାଇଥିଲା । ଦଳର ଆୟୁଷ ନାୟକ ଧୂଆଁଧାର ବ୍ୟାଟିଂ କରି ଅପରାଜିତ ୧୦୩ ରନ ସଂଗ୍ରହ କରିଥିଲେ । ତେଣୁ ଦଳ ୨୩.୪ ଓଭରରେ ୨ଟି ଉଇକେଟ ହରାଇ ଲକ୍ଷ୍ୟ ହାସଲ କରିଥିଲା । ଅମ୍ପାୟର ମହେଶ ମୁନସୀ ଓ ସଞ୍ଜୟ ନାୟକ ମ୍ୟାଚ ପରିଚାଳନା କରିଥିଲେ । ନବୀନ ରାଉଳ ସ୍କୋରର ଥିଲେ । ଜିଲା କ୍ରୀଡା ସଂଘ କାଉନସିଲ ସଭ୍ୟ ସୁନୀଲ ସାହୁ ମୁଖ୍ୟଅତିଥି ଓ ଆଇନଜୀବୀ ସଚ୍ଚିକାନ୍ତ ମିଶ୍ର ଏବଂ କ୍ରୀଡା ସଂଗଠକ ପ୍ରତାପ ତାଣ୍ଡି ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଫୋରସି ଖେଳାଳି ଆୟୁଷ ନାୟକଙ୍କୁ ମ୍ୟାନ ଅଫ୍ ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ ।



ସମ୍ବଲପୁର ହାୱା ମଇଦାନରେ ଅତିଥିମାନେ ଆୟୁଷ ନାୟକଙ୍କୁ ଟ୍ରଫି ପ୍ରଦାନ କରୁଛନ୍ତି ।

### ସମ୍ବଲପୁର ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲର ଦ୍ୱିତୀୟ ଦିବସ

## ୩ ବିଦେଶୀ ସମେତ ୧୧ ଚଳଚ୍ଚିତ୍ର ପ୍ରଦର୍ଶିତ

ସମ୍ବଲପୁର, ୧୫।୧୨ (ବ୍ୟୁରୋ)

ତୃତୀୟ ସମ୍ବଲପୁର ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲ-୨୦୧୮ର ଦ୍ୱିତୀୟ ଦିବସରେ ଦେଶ ଓ ବିଦେଶର ୧୧ଟି ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଛି । ଓଡିଶା ସାଂସ୍କୃତିକ ସମାଜଠାରେ ପ୍ରାଜ୍ଞଶ୍ରୀ ସଲ୍ୟୁସନ ଆୟୋଜିତ ମହୋତ୍ସବରେ ଆମେରିକାର କମାଣ୍ଡୋ ୧୯୯୪, ଦ ରେଡ଼ ରୋଜ, ସ୍ପେନର ମୋର ଦାନ ସିଲଭର, ଭାରତୀୟ ଭାଷାରେ ନିର୍ମିତ ଦିଶାରିର ଦିଶା, କୁମ୍ଭି, ତଟିୟ ବିହଙ୍ଗ, କାଁଚି, ମୁର୍ଦ୍ଦାର, ପଶୁ, ଡ୍ରିମ, ଠଗ୍ସ ଅଫ ପଶ୍ଚିମ ଓଡ଼ିଶା ପ୍ରଦର୍ଶିତ ହୋଇଥିଲା । ସନ୍ଧ୍ୟାରେ ଖୁଲିଆ ସେବାଶ୍ରମର ଛାତ୍ରୀମାନେ ସମ୍ବଲପୁରୀ ନୃତ୍ୟ, ଡ୍ୟାନ୍ସ ଫ୍ଲୋରର ମଡର୍ଣ୍ଣ ଡ୍ୟାନ୍ସ, ଅଭିନେତ୍ରୀ ମାନିନି ମାହାନାଙ୍କ ନୃତ୍ୟ, ଲିପିକି ବିଭାର ଓ ଜି ଗଣପତି ରାଓଙ୍କ ଗୀତ, ସୁଧୀର ଲୁହାଙ୍କ କମେଡି ମଞ୍ଚସ୍ଥ ହୋଇଥିଲା। ବିଶିଷ୍ଟ ଗୀତିକାର ବିନୋଦ ପଶାୟତ, ନାଟ୍ୟ ନିର୍ଦ୍ଦେଶକ ରାଜେନ୍ଦ୍ର ପଣ୍ଡା, ଦେବେନ୍ଦ୍ର ସାମନ୍ତରାୟ ଅତିଥିଭାବେ ଯୋଗ ଦେଇଥିଲେ। ଫେଷ୍ଟିଭାଲର ପରିଚାଳନା ନିର୍ଦ୍ଦେଶକ ପାଣିନୀ ପ୍ରାଜ୍ଞ, ନିର୍ଦ୍ଦେଶକ ନାରାୟଣ ଅଗ୍ରୱାଲ, ସଂଯୋଜକ ଶାନ୍ତନୁ ହୋତା, ବୈଷୟିକ ନିର୍ଦ୍ଦେଶକ ବିଶ୍ୱଜିତ ମିଶ୍ର, ଜନସଂପର୍କ ଅଧିକାରୀ ପ୍ରମୋଦ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଦୂରଦର୍ଶନର ପୂର୍ବତନ କାର୍ଯ୍ୟକ୍ରମ ନିଷ୍ପାଦକ ମିହିର ମେହେର ମୁଖ୍ୟ ବିଚାରକ ଦାୟିତ୍ୱ ନିର୍ବାହ କରୁଛନ୍ତି। ଇତି ସାମନ୍ତଙ୍କ କଥାନ୍ତର ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା।

## ଅଇଁଠାପାଲି ପିଏଚଡି ପଡିଆରେ ୩ ପୁସ୍ତକ ଉନ୍ମୋଚିତ

ସମ୍ବଲପୁର,୧୫।୧୨(ବ୍ୟୁରୋ)

ସମ୍ବଲପୁର ଅହମଦିଆ ମୁସଲିମ୍ ସଂପ୍ରଦାୟ ପକ୍ଷରୁ ତିନୋଟି ପୁସ୍ତକ ଶନିବାର ଅଇଁଠାପାଲି ପିଏଚଡି ପଡିଆଠାରେ ଉନ୍ମୋଚିତ ହୋଇଯାଇଛି। ଇଂ. ରୋଶନ ଖାନ୍‌ଙ୍କ ଶାନ୍ତିର ବାର୍ତ୍ତା, ଇସଲାମ୍ ଏବଂ ବିବେକ ସ୍ୱାଧିନତା ଓ ଡ. ଶେଖ ସମସୁର୍‌ଙ୍କ ଓଡିଆ ଭାଷାରେ ଅନୁବାଦିତ ଇସଲାମ୍‌ରେ ନାରୀ ପୁସ୍ତକକୁ ଅତିଥି ମାନେ ଲୋକାର୍ପଣ କରିଥିଲେ । ବାଲେଶ୍ୱର ଜିଲା ଅହମଦିଆ ଜମାୱଦ୍ ସଭାପତି ଅବଦୁଲ ୱାହୁଦ୍‌ଖାନଙ୍କ ଅଧକ୍ଷତାରେ ଉତ୍ସବ ହୋଇଥିଲା। ପ୍ରଫେସର ମିନକେତନ ପାଠୀ ମୁଖ୍ୟଅତିଥି, ରୋସନ ଖାନ୍ ମୁଖ୍ୟବକ୍ତା, ପ୍ରଫେସର କୃଷ୍ଣଚନ୍ଦ୍ର ପଣ୍ଡା, ଲେଖିକା ସୌଦାମିନୀ ନନ୍ଦ, ପଶ୍ଚିମଚଞ୍ଚ ସିଭିଲ ସୋସାଇଟି ଆବାହକ ସପନ କୁମାର ମିଶ୍ର ସମ୍ମାନୀତ ଅତିଥି ଥିଲେ। ମହମ୍ମଦ ମକସୁଦ୍ ଅଲ୍ଲିଖାନ୍ ଅତିଥି ପରିଚୟ ପ୍ରଦାନ କରିଥିଲେ । ମଞ୍ଜୁର ଅହମ୍ମଦ ନଦିମ୍ ପୁସ୍ତକ ବିଷୟରେ ସୂଚନା ଦେଇଥିଲେ । ସୟଦ ଅବଦୁଲ ରସିଦ୍ ମଞ୍ଚାସୀନଥିଲେ ।




ଶନିବାର ସମ୍ବଲପୁର ଅଇଁଠାପାଲି ପିଏଚଡି ପଡିଆ ପରିସରରେ ପୁସ୍ତକ ଉନ୍ମୋଚନ କରୁଛନ୍ତି ।

## ଆଇନ କଲେଜରେ ଜାତୀୟ ପାଠ୍ୟଚକ୍ର

ସମ୍ବଲପୁର, ୧୫।୧୨ (ବ୍ୟୁରୋ)

ଲଜପତ ରାୟ ଆଇନ କଲେଜରେ ଜାତୀୟ ପାଠ୍ୟଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି । ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ତିରୋଧାନ ଦିବସ ଉପଲକ୍ଷେ ପାଠ୍ୟଚକ୍ର ହୋଇଥିଲା । ଅଧକ୍ଷ ଡ. ବିଜୟାନନ୍ଦ ବେହେରାଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା । ଗୋଆଲିୟର୍ ଜିୱାଜି ବିଶ୍ୱବିଦ୍ୟାଳୟର ଆଇନ ପ୍ରଫେସର ସଞ୍ଜୟ କୁଲଶ୍ରେଷ୍ଠ ମୁଖ୍ୟଅତିଥି, ପ୍ରଫେସର ଶ୍ରୀବନ୍ତ ଦାସ ମୁଖ୍ୟବକ୍ତା, ପ୍ରଫେସର ନିଶା ବିନ୍ତ ସମ୍ମାନୀତ ବକ୍ତା ଭାବେ ଯୋଗଦେଇଥିଲେ । ଅଧ୍ୟାପକ ଡ. ଲକ୍ଷ୍ମୀକାନ୍ତ ଦାଶ ଅତିଥି ପରିଚୟ ପ୍ରଦାନ ଓ ଡ. ବିକ୍ରମ କୁମାର ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅଙ୍କିତ ସୌରଭ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।




ଆଇନ୍ କଲେଜରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ଦୟାନନ୍ଦ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ





ଉତ୍ସବରେ ଅତିଥିମାନେ ଦୀପ ପ୍ରଜ୍ୱଳନ କରୁଛନ୍ତି (ବାମ)। ମନ୍ତ୍ରପାଠ କରାଯାଉଛି।

ସମ୍ବଲପୁର, ୧୫।୧୨ (ବ୍ୟୁରୋ)

ଦୟାନନ୍ଦ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଜେନିଥ୍- ୨୦୧୮ ଶନିବାର ତପସ୍ୱିନୀ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ରାଙ୍ଗାରଙ୍ଗ କାର୍ଯ୍ୟକ୍ରମରେ କୁନି ଛାତ୍ରୀଛାତ୍ର ଝୁମି ଉଠିଥିଲେ । ବେଟି ବଚାଓ୍ ବେଟି ପଢ଼ାଓ ସଚେତନ ଧର୍ମୀ କ୍ଷୁଦ୍ର ନାଟକ ମନଛୁଆଁ ହୋଇଥିଲା । ଦୟାନନ୍ଦ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନ୍ ଅଧକ୍ଷ ଈଶ୍ୱର ପାଣିଗ୍ରାହୀଙ୍କ ପରିଚାଳନାରେ ଉତ୍ସବ ହୋଇଥିଲା। ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ । ଅନୁଷ୍ଠାନ ଉପଦେଷ୍ଟା ଡ. ପ୍ରଫୁଲ୍ଲ କୁମାର ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିକ୍ଷାର ବିକାଶ କିପରି ହେବ ସେ ଦିଗରେ ଅଭିଭାବକଙ୍କ ଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ସୁଦାମ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ । ସଂଯୁକ୍ତା ପାଣିଗ୍ରାହୀ ସୂଚନା କରିଥିଲେ । ସୁମନ ମୁଖାର୍ଜୀ ମଞ୍ଚ ପରିଚାଳନା କରିଥିବା ବେଳେ ସ୍ମିତାରାଣୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ପାୟଲ ଶର୍ମା ଓ ଗୌତମ, କଲ୍ୟାଣି, ମୌତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ରୀନା ପଟେଲ, ଜୟନ୍ତୀ ସେନାପତି ଉତ୍ସବ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଦୟାନନ୍ଦ ପବ୍ଲିକ ସ୍କୁଲ, ପ୍ଲେ ସ୍କୁଲ ଓ ଏନଟିଟିଆଇର ଛାତ୍ରୀଛାତ୍ର, ପ୍ରଶିକ୍ଷାର୍ଥୀ, ଶିକ୍ଷୟତ୍ରୀ, ଶିକ୍ଷକ ଓ ଅଧକ୍ଷ ସାମିଲ ଥିଲେ ।

“ ପର୍ଥ ଟେଷ୍ଟର ତୃତୀୟ ଦିବସ ଖେଳ ଆରମ୍ଭରେ ବିରାଟ କୋହଲିଙ୍କ ଉଇକେଟ ଖସାଇ ପାରିଲେ ମ୍ୟାଚ୍‌ରେ ଆମ ସ୍ଥିତି ସୁଦୃଢ଼ ହୋଇପାରିବ ।

—ଉସ୍‌ମାନ ଖ୍ୱାଜା, ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନ୍



“ ଅଜିଙ୍କ୍ୟ ରାହାନେ ଓ ବିରାଟ କୋହଲିଙ୍କ ଚମତ୍କାର ବ୍ୟାଟିଂ ଯୋଗୁ ପର୍ଥଠାରେ ଅଷ୍ଟ୍ରେଲିଆ ଓ ଭାରତ ମଧ୍ୟରେ ଚାଲିଥିବା ଦ୍ୱିତୀୟ କ୍ରିକେଟ ଟେଷ୍ଟ ସନ୍ତୁଳିତ ଅବସ୍ଥାରେ ରହିଛି । ।

—ଇଶାନ୍ତ ଶର୍ମା, ଭାରତୀୟ ବୋଲର



## ସଂକ୍ଷେପରେ

### ସିନ୍ଧୁ-ଓକୁହାରା ଫାଇନାଲ

**ଗୁଆଙ୍ଗଝୋ, ୧୫।୧୨ (ପି.ଟି.):** ଭାରତୀୟ ବ୍ୟାଡ୍‌ମିଣ୍ଟନ ଷ୍ଟାର ପି.ଭି. ସିନ୍ଧୁ କ୍ରମାଗତ ଦ୍ୱିତୀୟ ଥର ପାଇଁ ୱାର୍ଲ୍ଡ ଟୁର୍ ଫାଇନାଲ୍ସର ଟାଇଟଲ ମୁକାବିଲାକୁ ଉନ୍ନୀତ ହୋଇଛନ୍ତି। ସେମିଫାଇନାଲରେ ସେ ୨୦୧୩ ବିଶ୍ୱଚାମ୍ପିୟନ ରାଚାନୋକ ଇଣ୍ଟାନନ୍‌ଙ୍କୁ ୨୧-୧୬, ୨୫-୨୩ରେ ପରାସ୍ତ କରିଛନ୍ତି। ଗତ ସଂସ୍କରଣରେ ରନର୍ସ ଅପ୍ ହୋଇଥିବା ସିନ୍ଧୁ ଏହି ମ୍ୟାଚ ଜିତିବା ଲାଗି ୫୪ ମିନିଟ ସମୟ ନେଇଥିଲେ। ଥାଇଲାଣ୍ଡର ଖେଳାଳିଙ୍କ ବିପକ୍ଷରେ ସିନ୍ଧୁଙ୍କ ୪ର୍ଥ ବିଜୟ। ଅଲିମ୍ପିକ୍ ରୌପ୍ୟ ବିଜୟିନୀ ଫାଇନାଲରେ ଜାପାନର ନୋଜୋମି ଓକୁହାରାଙ୍କ ସହ ମୁକାବିଲା କରିବେ। ଗତ ବର୍ଷ ବିଶ୍ୱ ଚାମ୍ପିୟନଶିପ୍‌ରେ ସେ ଏହି ଖେଳାଳିଙ୍କଠାରୁ ପରାଜିତ ହୋଇଯାଇଥିଲେ। ଅନ୍ୟପକ୍ଷରେ ପୁରୁଷ ସିଙ୍ଗଲ୍ସ ବର୍ଗର ବ୍ୟାଡ୍‌ମିଣ୍ଟନ ଖେଳାଳି ସମୀର ବର୍ମା ସେମିଫାଇନାଲ ବାଧା ଅତିକ୍ରମ କରିବାରେ ବିଫଳ ହୋଇଛନ୍ତି। ତାଙ୍କୁ ଚାଇନାର ଅଲ ଇଂଲଣ୍ଡ ଚାମ୍ପିୟନ ଓ ୱାର୍ଲ୍ଡ ଚାମ୍ପିୟନଶିପର ରୌପ୍ୟ ପଦକଧାରୀ ଶି ୟୁକି ୨୧-୧୨, ୨୦-୨୨, ୧୭-୨୧ ଗେମ୍‌ରେ ହରାଇ ଦେଇଛନ୍ତି।

### ଭିନେଶ-ସୋମବୀରଙ୍କ ବିବାହ ସମ୍ପନ୍ନ

**ନୂଆଦିଲ୍ଲୀ,୧୫।୧୨:** ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜୟିନୀ ମହିଳା ଯୋଦ୍ଧା ଭିନେଶ ଫୋଗତ, ସୋମବୀର ରାଠେଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଏହି ବିବାହ ଭିନେଶଙ୍କ ଗ୍ରାମ ଚାରଖି ଦାଦରିଠାରେ ଅନୁଷ୍ଠିତ ହୋଇଛି। ଚଳିତବର୍ଷ ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତି ଫେରିବା ପରେ ଭିନେଶ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ନିର୍ବନ୍ଧ ଅନୁଷ୍ଠିତ ହୋଇଥିଲା। ସୋମବୀର ଜଣେ ଜାତୀୟ ସ୍ତରୀୟ ଯୋଦ୍ଧା। ସେ ଦୁଇ ଥର ଜାତୀୟ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି।

# କୋହଲି, ରାହାନେ ସ୍ଥିତି ସମ୍ଭାଳିଲେ

**ପର୍ଥ,୧୫।୧୨(ପି.ଟି.)**

ଅଧିନାୟକ ବିରାଟ କୋହଲି ଓ ମିଡିଲ ଅର୍ଡର ବ୍ୟାଟ୍ସମ୍ୟାନ ଅଜିଙ୍କ୍ୟ ରାହାନେଙ୍କ ଅପରାଜିତ ଅର୍ଦ୍ଧଶତକୀୟ ପାଳି ବଳରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ଭାରତ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ସତ୍ତ୍ୱେ ସ୍ଥିତି ସମ୍ଭାଳିବାକୁ ସକ୍ଷମ ହୋଇଛି। ସ୍ଥାନୀୟ ପର୍ଥ ଷ୍ଟାଡିୟମରେ ଚାଲିଥିବା ଦ୍ୱିତୀୟ ଟେଷ୍ଟରେ ଅଷ୍ଟ୍ରେଲିଆ ଟସ୍ ଜିତି ପ୍ରଥମ ଇନିଂସରେ ୧୦୮.୩ ଓଭରରେ ୩୨୬ ରନରେ ଅଲଆଉଟ ହୋଇଥିଲା। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ଭାରତ ଆରମ୍ଭରୁ ଦୁଇଟି ଉଇକେଟ ହରାଇଥିଲେ ମଧ୍ୟ କୋହଲି ଓ ରାହାନେଙ୍କ ଦୃଢ଼ ବ୍ୟାଟିଂ ବଳରେ ପ୍ରତ୍ୟାବର୍ତ୍ତନ କରିଥିଲା। ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ଭାରତ

## ଦ୍ୱିତୀୟ ଟେଷ୍ଟ

୬୯ ଓଭରରେ ୩ ଉଇକେଟ ହରାଇ ୧୭୨ ରନ ସଂଗ୍ରହ କରିଛି। ଫଳରେ ୭ ଉଇକେଟ ବାକିଥାଇ ଭାରତ ଏବେ ୧୫୪ ରନ ପଛରେ ପଡ଼ିଛି। ଷ୍ଟମ୍ପ ଅପସାରଣ ବେଳକୁ କୋହଲି ୧୮୧ଟି ବଲ ଖେଳି ୯ ଚୌକା ସହ ୮୨ ଓ ରାହାନେ ୧୦୩ଟି ବଲ ଖେଳି ୬ ଚୌକା ଓ ୧ ଛକା ସହ ୫୧ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଅପରାଜିତ ରହିଛନ୍ତି।

ଇନିଂସର ତୃତୀୟ ଓ ଷଷ୍ଠ ଓଭରରେ ଭାରତ ଯଥାକ୍ରମେ ଦୁଇ ଓପନର ମୁରଲି ବିଜୟ ଓ ଲୋକେଶ ରାହୁଲଙ୍କ ହରାଇଥିଲା। ମୁରଲୀ ବିଜୟ ଖାତା ଖୋଲିବା ପୂର୍ବରୁ ମିଚେଲ ଷ୍ଟାର୍କଙ୍କ ଇନ୍ ସୁଇଙ୍ଗ୍ ବଲକୁ ଡ୍ରାଇଭ୍ କରିବାକୁ ଚେଷ୍ଟା କରିଥିଲେ। ଦୁର୍ବଳ ଶଟ ଚୟନ ଓ ଗ୍ୟାପ୍ କାରଣରୁ ସେ କ୍ଲିନ୍ ବୋଲ୍ଡ ହୋଇଥିଲେ। ଏହା ପରେ ୨ ରନ କରିଥିବା ବେଳେ ରାହୁଲ ଜୋସ ହାଜେଲ ଉଡ୍‌ଙ୍କ ଏକ ସୁନ୍ଦର ୱାର୍କରରେ କ୍ଲିନ୍ ବୋଲ୍ଡ ହୋଇଥିଲେ। ଏହା ପରେ ତୃତୀୟ ଉଇକେଟ ଯୋଡିରେ ଟେଷ୍ଟ ସ୍ପେଶାଲିଷ୍ଟ କୁହାଯାଉଥିବା ଚେତେଶ୍ୱର ପୂଜାରା ଓ କୋହଲି ଦୃଢ଼ ବ୍ୟାଟିଂ କରି ୭୪ ରନ କରି ସ୍ଥିତି ସମ୍ଭାଳିବାକୁ ପ୍ରୟାସ କରିଥିଲେ। ୨୪ ରନ କରି କ୍ରିଜ୍‌ରେ ଜମି ଆସୁଥିବା ବେଳେ ପୂଜାରା ଷ୍ଟାର୍କଙ୍କ ଲେଗ୍ ଷ୍ଟମ୍ପ ବାହାରର ଏକ ବଲ୍‌କୁ ଗ୍ଲାନ୍ସ କରିବାକୁ ଯାଇ ବିଫଳ ହୋଇଥିଲେ। ବଲ୍ ବ୍ୟାଟ୍ କଡ଼ରେ ବାଜିଥିଲା ଓ ଉଇକେଟ କିପର ଟିମ୍ ପେନ୍ ଏହି କ୍ୟାଚ୍ ଧରିବାରେ କୌଣସି ତ୍ରୁଟି କରି ନ ଥିଲେ। ଫଳରେ ୮୨ ରନରେ ଭାରତ ୩ ଉଇକେଟ ହରାଇଥିଲା। ତେବେ ଏହା ପରେ କୋହଲି ଓ ରହାନେ ଦେଖି ଚାହିଁ ବ୍ୟାଟିଂ କରି ଇନିଂସକୁ ଆଗେଇ ନେଇଥିଲେ ଓ ଦଳର ଆଉ କୌଣସି କ୍ଷତି ଘଟାଇବାକୁ ଦେଇ ନ ଥିଲେ। ଚତୁର୍ଥ ଉଇକେଟ ଯୋଡିରେ ଏହି ଦୁଇ ବ୍ୟାଟ୍ସମ୍ୟାନ ଅପରାଜିତ ୯୦ ରନ ସଂଗ୍ରହ କରିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ ଷ୍ଟାର୍କ ୨ ଓ ହାଜେଲଉଡ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୭୭/୬ରୁ ଖେଳ ଆରମ୍ଭ କରି ଅଷ୍ଟ୍ରେଲିଆ ୩୨୬ ରନରେ ଅଲଆଉଟ ହୋଇଥିଲା। ଓଭର ନାଇଟ୍ ବ୍ୟାଟ୍ସମ୍ୟାନ ତଥା ଅଧିନାୟକ ଟିମ୍ ପେନ୍ ୧୬ ଓ ପ୍ୟାଟ୍ କୁମିନ୍ସ ୧୧ରୁ ଖେଳ ଆରମ୍ଭ କରି ଯଥାକ୍ରମେ ୩୮ ଓ ୧୯ ରନ କରି ପ୍ୟାଭିଲିୟନ ଫେରିଥିଲେ। ପେନ୍ ଯଶପ୍ରୀତ ବୁମରାଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ହୋଇଥିବା ବେଳେ କୁମିନ୍ସ ଉମେଶ ଯାଦବଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ଏହା ପରେ ଷ୍ଟାର୍କ ୬ ଓ ହାଜେଲଉଡ୍ ଖାତା ଖୋଲିବା ପୂର୍ବରୁ ଇଶାନ୍ତ ଶର୍ମାଙ୍କ ବଲ୍‌ରେ ଉଇକେଟକିପର ରିଷଭ ପନ୍ତଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ନାଥନ ଲିୟନ ୯ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଭାରତ ପକ୍ଷରୁ ଇଶାନ୍ତ ସର୍ବାଧିକ ୪, ବୁମରା, ଉମେଶ ଓ ହନୁମା ବିହାରୀ ଦୁଇଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଅଷ୍ଟ୍ରେଲିଆ ତରଫରୁ ପ୍ରଥମ ଦିନରେ ଓପନର ମାର୍କସ ହାରିସ୍ ୭୦, ଆରୋନ ଫିଞ୍ଚ୍ ୫୦, ମିଡିଲ ଅର୍ଡର ବ୍ୟାଟ୍ସମ୍ୟାନ ଟ୍ରାଭିସ୍ ହେଡ ୫୮ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ।



ଅପରାଜିତ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିବା ବିରାଟ କୋହଲି ଓ ଅଜିଙ୍କ୍ୟ ରାହାନେ।

### ସଂକ୍ଷିପ୍ତ ସ୍କୋର

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ- ୧୦୮.୩ ଓଭରରେ ୩୨୬ ଅଲଆଉଟ୍ (ହାରିସ୍- ୭୦, ଫିଞ୍ଚ୍- ୫୦, ହେଡ୍- ୫୮, ମାର୍ଶ- ୪୫, ପେନ୍- ୩୮, ଇଶାନ୍ତ- ୪/୪୧, ବୁମରା- ୨/୫୩, ଉମେଶ- ୨/୭୮, ବିହାରୀ- ୨/୫୩)।

ଭାରତ ପ୍ରଥମ ଇନିଂସ- ୬୯ ଓଭରରେ ୧୭୨/୩ (କୋହଲି- ୮୨*, ରାହାନେ- ୫୧*, ପୂଜାରା- ୨୪, ଷ୍ଟାର୍କ- ୨/୪୨, ହାଜେଲଉଡ- ୧/୫୦ )।

# ଇତିହାସ ରଚିଲା ଓଡ଼ିଶା ବାଳକ ଫୁଟବଲ




ଟ୍ରଫି ସହ ଚାମ୍ପିୟନ୍ ଓଡ଼ିଶା ଦଳର ଖେଳାଳିମାନେ।

**କଟକ ଅଫିସ,୧୫।୧୨**

ପ୍ରଥମଥର ନିମନ୍ତେ ଓଡ଼ିଶା ଜାତୀୟ ଫୁଟବଲ ଟୁର୍ନାମେଣ୍ଟର ପୁରୁଷ ବର୍ଗରେ ଚାମ୍ପିୟନ ଟାଇଟଲ ହାସଲ କରିଛି। ଅରୁଣାଚଳ ପ୍ରଦେଶଠାରେ ଚାଲିଥିବା ସବ୍‌ଜୁନିୟର ବାଳକ ଜାତୀୟ ଫୁଟବଲ ଚାମ୍ପିୟନଶିପ୍‌ର ଫାଇନାଲରେ ଶନିବାର ଓଡ଼ିଶା ଆୟୋଜକ ଅରୁଣାଚଳ ପ୍ରଦେଶକୁ ହରାଇ ଏହି ଇତିହାସ ରଚିଛି। ରୋମାଞ୍ଚକ ଫାଇନାଲ ମୁକାବିଲାରେ ଓଡ଼ିଶା ସଡନଡେଥ୍‌ରେ ଅରୁଣାଚଳପ୍ରଦେଶକୁ ହରାଇଥିଲା। ନିର୍ଦ୍ଧାରିତ ୯୦ ମିନିଟରେ କୌଣସି ଗୋଲ ହୋଇ ନଥିଲା। ପରେ ଖେଳାଯାଇଥିବା ଅତିରିକ୍ତ ୩୦ ମିନିଟରେ ମଧ୍ୟ କୌଣସି ଦଳ ଗୋଲ ସ୍କୋର କରି ପାରିନଥିଲେ। ଫଳରେ ପେନାଲ୍ଟି ଟାଇବ୍ରେକର ପଦ୍ଧତି ସହାୟତାରେ ମ୍ୟାଚ ଫଳାଫଳ ନିର୍ଦ୍ଧାରଣ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏଥିରେ ମଧ୍ୟ ଉଭୟ ଓଡ଼ିଶା ଓ ଅରୁଣାଚଳ ପ୍ରଦେଶ ୩ଟି ଲେଖାଏ ଗୋଲ ଦେଇଥିଲେ। ଶେଷରେ ସଡନଡେଥ୍‌ରେ ଓଡ଼ିଶା ଗୋଲ ଦେଇ ପ୍ରଥମଥର ନିମନ୍ତେ ଚାମ୍ପିୟନ ହେବାର ଆଖ୍ୟା ଅର୍ଜନ କରିଛି। ଅନିଲ ଟପ୍ପୋଙ୍କ ନେତୃତ୍ୱାଧୀନ ଓଡ଼ିଶା ଜୁନିୟର ବାଳକ ଫୁଟବଲ ଦଳକୁ ବିଭିନ୍ନ ବର୍ଗରୁ ଶୁଭେଚ୍ଛାର ସୁଅ ଛୁଟିଛି। ଓଡ଼ିଶା ଗୋଲକିପର ବିଶାଲ ଓରାମଙ୍କୁ ପ୍ରତିଯୋଗିତାର ଶ୍ରେଷ୍ଠ ଗୋଲକିପର ଭାବେ ପୁରସ୍କୃତ କରାଯାଇଛି। ଫୁଟ୍‌ବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ସମ୍ପାଦକ ସଞ୍ଜୟ ବେହେରା ଚାମ୍ପିୟନ ଦଳର ଖେଳାଳି ଓ କୋଚ୍‌ଙ୍କ ନିମନ୍ତେ ୧୦ହଜାର ଟଙ୍କା ଲେଖାଏ ପୁରସ୍କାର ରାଶି ଘୋଷଣା କରିଛନ୍ତି। ସୂଚନାଥାଉକି, ଗତ ୨୦୧୫ ମସିହାରେ ଓଡ଼ିଶା ଶେଷଥର ନିମନ୍ତେ ଫାଇନାଲକୁ ଯାଇଥିଲା। ଦିଲ୍ଲୀ ଠାରେ ଅନୁଷ୍ଠିତ ଏହି ଫାଇନାଲ ମୁକାବିଲାରେ ଦଳ ୦-୧ ଗୋଲରେ ବେଙ୍ଗଲ ଠାରୁ ହାରି ରନର୍ସଅପ ହୋଇଥିଲା। ଏହାଛଡ଼ା ଗତ ସଂସ୍କରଣରେ ଓଡ଼ିଶା ସେମି ଫାଇନାଲରେ ହାରି ବିଦା ହୋଇଥିଲା।






# Exam Mate



Mock Test Paper for Std X, XII CBSE Board, IIT - JEE Main & Advanced. FOR ANSWERS VISIT : **www.dharitri.com**

# MOCK TEST PAPER # 2

## CLASS-X (SCIENCE)

**Time Allowed : 3 hours** **Maximum Marks: 80**

### GENERAL INSTRUCTIONS

*i.* ***The question paper comprises two sections, A and B. You are to attempt both the section.***

*ii.* ***All questions are compulsory. However, an internal choice will be provided in two questions of 3 marks each and one question of 5 marks.***

*iii.* ***Question numbers 1 to 2 in Section A are one-mark questions. These are to be answered in one word or in one sentence.***

*iv.* ***Question numbers 3 to 5 in Section A are two marks questions. These are to be answered in about 30 words each.***

*v.* ***Question numbers 6 to 15 in Section A are three marks questions. These are to be answered in about 50 words each.***

*vi.* ***Questions number 16 to 21 in Section A are five marks questions. These are to be answered in about 70 words***

*vii.* ***Question numbers 22 to 27 in Section B are two marks questions based on practical skills. These are to be answered in brief.***

### SECTION-A

**1.** State one difference between conventional and non-conventional sources of energy.

**2.** What is the difference between a base and an akali ?

**3.** Explain with a reason whether the field will be stronger at the centre of current carrying loop or near the circumference of the loop ?

**4.** Why is respiration considered as an exothermic reaction ? Explain.

**5.** How would you distinguish between baking soda and washing soda by heating ?

**6.** Name the two hormones secreted bypancreas. Write one function of each hormone named.

**7.** Draw a labelled diagram of the longitudinal section of a flower.

**8.** An organic compound 'X' which is also called antifreeze mixture has the molecular formula $C_2H_4O$. 'X' on oxidation gives a compound 'Y' which gives effervescence with baking soda solution. What can X and Y be ? Write their structural formulae.

**OR**

A compound X is formed by the reaction of a carboxylic acid $C_2H_4O_2$ and an alcohol in presence of a few drops of $H_2SO_4$. The alcohol on oxidation with alkaline $KMnO_4$ followed by acidification gives the same carboxylic acid as used in this reaction. Give the names and structures of (a) carboxylic acid, (b) alcohol and (c) the compound X. Also write the reaction.

**9.** Arrangement of elements given below shows a part of the periodic table.

| | | | | | | | |
|---|---|---|---|---|---|---|---|
| H | | | | | | | He |
| Li | Be | B | C | N | O | F | Ne |
| Na | Mg | Al | Si | P | S | Cl | Ar |

Using this table explain.

i. why Li and Na are considered as active metal ?

ii. why atomic size of Mg is less than that of Na ?

iii. why fluorine is more reactive than chlorine ?

**10.** What is hypermetropia (far-sightedness) ? List two causes for this defect. State in brief how this defect can be corrected by using a lens.

**11.** Nikhil and Neha went to a remote village in Kerala to meet their grandmother. They were surprised to see a biogas plant in Mr. Nair's house in the neighbourhood. There were plenty of livestock's and the household used cooking gas from the plant. Also their farms had rich vegetation. They contacted sarpanch of the village and convinced him to set up a biogas plant for village community.

a. Mention the values displayed by Mr. Nair, Nikhil and Neha.

b. Explain the possible arguments given by Nikhil and Neha to the sarpanch to convince him to set up community biogas plant.

**12.** An object of 2 cm height is placed at distance of 5 cm from a concave mirror. Radius of curvature of concave mirror is 20 cm. Calculate

a. position of the image b. size of the image c. nature of the image.

**13.** A convex lens forms a real and inverted image of a needle at a distance of 50 cm from it. Where is the needle placed in front of the convex lens if the image is equal to the size of the object ? Also, find the power of the lens.

**14.** Why is energy flow called a "one-way street" ?

**15.** Define the terms

a. Analogous organs b. Vestigial organs c. Sex chromosome.

**OR**

What role does sexual reproduction play in evolution ?

**16.** a. What is a spherical mirror ? State its two type. Define the following terms related to spherical mirrors.

i. Pole ii. Centre of curvature

iii. Principal axis iv. Principal focus

b. A spherical mirror forms a real and inverted image of the same size as the object at a distance of 40 cm from the mirror. Find the (i) focal length and (ii) radius of curvature of the mirror.

**17.** Draw the pattern of magnetic field lines through and around a current carrying loop of wire. Mark the direction of:

i. electric current in the loop

ii. magnetic field lines.

How would the strength of magnetic field due to current, carrying loop be affected if:

a. radius of the loop is reduced to half its original value ?

b. strength of current through the loop is doubled ?

**OR**

Two wires A and B are of equal length and have equal resistance. If the resistivity of A is more than that of B which wire is thicker and why ?

For the electric circuit given below calculate:

i. Current in each resistor.

ii. Total current drawn from the battery, and

iii. Equivalent resistance of the circuit.




**18.** i. Write any two chemical tests to distinguish between saturated and unsaturated hydrocarbons.

ii. Explain the following:

a. What are the products formed when ethanol burns in air ?

b. What forms of energy are liberated on burning alcohol ?

**19.** i. Given below are steps for extraction of copper from its ore. Write the reactions involved for each step.

a. Roasting of copper (I) sulphide

b. Reduction of copper (I) oxide with copper (I) sulphide.

c. Electrolytic refining of copper.

ii. Draw the neat and labelled diagram for electrolytic refining of copper.




a. Identify the organisms in figure A, B, C and D.

b. Identify the life process commonly shown in all the figures.

c. How is this life process advantageous to the organisms ? Mention any two adavantages.

**21.** What is digestion ? Explain the process of digestion of food in humans.

### SECTION-B

**22.** A student has three voltmeters across three resistance $R_1$, $R_2$ and $R_3$ as shown in the circuit. Given that $R_1 < R_2 < R_3$ (i) Write $V_1$, $V_2$ and $V_3$ in decreasing order of the reading shown by each of them. (ii) What will you observed about the potential difference across the series combination?




**23.** A student performs an experiment in which he incident a ray of light AB on a glass slab as shown. Find the values of angle of incidence and angle of refraction for this ray of light.




**24.** State economic importance of yeast.

**25.** Draw a diagram of different parts of embryo of plant with its function.

**26.** Answer the following questions:

i. How will you show that ethanoic acid is acidic in nature ?

ii. What happens when ethanoic acid reacts withs odium hydrogen carbonate ?

**27.** Iron filings were added to copper sulphate solution. After 10 minutes, the blue colour of solution changed and a coat on iron filings was formed. State the change in the colour of solution and the colour of coat formed on iron filings. Justify your answer.

For Answers visit: www.dharitri.com

Vidyamandir Classes
GURUKUL FOR IITJEE AND MEDICAL PREPARATION
NATIONAL ADMISSION cum SCHOLARSHIP TEST ON 30th DECEMBER 2018
(FOR CLASS VII, VIII, IX, X, XI & XII STUDENTS) Ph. No. 0674 - 2421400, 2421800, 85990 87100 / 85990 87200
Preparation For:-IITJEE Main & Advanced, Medical (NEET / AIIMS), KVPY, Olympiad, NTSE & Board.
Jaydev Vihar Centre : 1st Floor Above HDFC Bank, Madhusudan Nagar, Kalinga Stadium Square, •Damana Centre: Plot No. 248, 1st Floor, Near Damana Square, Sailashree Vihar Road, Chandrasekharpur, Bhubaneswar
Corporate Office: Vidyamandir Classes, Aggrawal Corporate Heights, 3rd Floor, Plot No. A-7 Netaji Subhash Place, Opposite Wazirpur Depot, Pitampura, Delhi, www.vidyamandir.com

ଓଡ଼ିଶା ସରକାର

ODISHA ONE
ଓଡ଼ିଶା ଆମ ଗୌରବ

ଆମ ଗାଁ ଆମ ବିକାଶ

## 3T (ଟ୍ରାନ୍ସପେରେନ୍ସି, ଟେକ୍ନୋଲୋଜି, ଟିମ୍ ୱାର୍କ)

## ଆମ ମୁଖ୍ୟମନ୍ତ୍ରୀଙ୍କ ଶାସନର ମନ୍ତ୍ର ଏବେ କେନ୍ଦ୍ରୀଭୂତ ହୋଇଛି ଏକ ନୂଆ ଉପକ୍ରମରେ

# ପିଠା

# PEETHA

PEOPLES EMPOWERMENT ENABLING TRANSPARENCY AND ACCOUNTABILITY



ଓଡ଼ିଶାବାସୀଙ୍କୁ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ କରାଇବା ସହିତ ସେମାନଙ୍କ ହକ୍ ସେମାନଙ୍କ ନିକଟରେ ସିଧାସଳଖ ପହଞ୍ଚାଇବା ପାଇଁ ଆମ ପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କର ନୂଆ କାର୍ଯ୍ୟକ୍ରମ 'ପିଠା' ।

ରାଜ୍ୟର ସମସ୍ତ ୩୧୪ ଟି ବ୍ଲକର ପ୍ରତ୍ୟେକ ପଞ୍ଚାୟତରେ ପ୍ରତି ମାସ ୧୫ ରୁ ୨୦ ତାରିଖ ମଧ୍ୟରେ ପିଠା କ୍ୟାମ୍ପର ଆୟୋଜନ କରାଯାଇ ହିତାଧିକାରୀମାନଙ୍କୁ ବିଭିନ୍ନ ଯୋଜନା ସଂପର୍କରେ ସଚେତନତା ସହିତ ଲୋକାଭିମୁଖୀ ସେବାଗୁଡିକ ସିଧାସଳଖ ହିତାଧିକାରୀଙ୍କୁ ପହଞ୍ଚାଇ ଦିଆଯିବ ।

- ମଧୁବାବୁ ପେନ୍‌ସନ୍ ଯୋଜନା
- ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା
- ବାର୍ଦ୍ଧକ୍ୟ ଭତ୍ତା
- ଆମ ଏଲ୍‌ଇଡି
- ଖାଦ୍ୟ ସୁରକ୍ଷା
- ନିର୍ମାଣ ଶ୍ରମିକ ସହାୟତା ଯୋଜନା
- ମିଶନ୍ ଶକ୍ତି
- ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା
- ଗ୍ରାମୀଣ ବିଦ୍ୟୁତିକରଣ ଯୋଜନା
- ବିଜୁ ପକ୍କାଘର ଯୋଜନା
- କଳିଙ୍ଗ ଶିକ୍ଷା ସାଥୀ
- ବିଜୁ ଯୁବ ସଶକ୍ତିକରଣ ଯୋଜନା
- ମେଧାବୃତ୍ତି

DSPL-298
19001/13/0022/1819



ସବୁ ବାଧାବିଘ୍ନ ଅତିକ୍ରମ କରି ଓ କଠିନ ପରିଶ୍ରମ ପରେ ଅନ୍ୟମାନେ ଯେଉଁଠି ପହଞ୍ଚି ପାରନ୍ତି, ସେହି ଚିନ୍ତାରାଜ୍ୟରେ ଯିଏ ବାସ କରନ୍ତି ତାଙ୍କୁ ହିଁ ମୁଁ ବଡ଼ ବୋଲି ମନେ କରେ।

- ଆର. ଡବ୍ଲ୍ୟୁ. ଇମରସନ

## ସଂକ୍ଷେପରେ

### ସଭା, ଶୋଭାଯାତ୍ରାରେ ଶକ୍ତି ସଂରକ୍ଷଣର ବାର୍ତ୍ତା

**ବୀରମହାରାଜପୁର, ୧୫।୧୨ (ଡି.ଏନ୍.ଏ):** ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳନ ଅବସରରେ ଶୁକ୍ରବାର ବୀରମହାରାଜପୁର ସରକାରୀ ହାଇସ୍କୁଲ ତରଫରୁ ସଚେତନତା ଧର୍ମୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ବିଦ୍ୟାର୍ଥୀମାନେ ପ୍ଲାକାର୍ଡ୍ ସହ ଏକ ଶୋଭାଯାତ୍ରାରେ ବାହାରି ବସ୍ତି ପରିକ୍ରମା କରିଥିଲେ। ପରେ ସ୍କୁଲ ପରିସରରେ ପ୍ରଧାନଶିକ୍ଷକ ବୈଦ୍ୟନାଥ କର୍ଣ୍ଣଙ୍କ ସଭାପତିତ୍ୱରେ ଏକ ସଚେତନତା ସଭା ଆୟୋଜିତ ହୋଇଥିଲା। ଏଥିରେ ଜିଲା ଉଚ୍ଚଶିକ୍ଷା ପରାମର୍ଶଦାତା ଡ. ପ୍ରଫୁଲ୍ଲ କୁମାର ରଥ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶକ୍ତି ସଂରକ୍ଷଣର ଆବଶ୍ୟକତା ଓ ଏହାର ସଦ୍ ବ୍ୟବହାର ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ସରକାରଙ୍କ ଶକ୍ତି ତଥା ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଶକ୍ତି ସଂରକ୍ଷଣ ସମ୍ପର୍କିତ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶ୍ରେଷ୍ଠ ବିବେଚିତ ୩ ପ୍ରତିଯୋଗୀ ରୋହନ ମେହେର, ବେଦାନ୍ତ କୁମାର ସାହୁ ଏବଂ ବୈଜୟନ୍ତୀ କଂସାରୀଙ୍କୁ ପ୍ରମାଣ ପତ୍ର ସହ ପୁରସ୍କୃତ କରାଯାଇଥିଲା।

ବ୍ଲକସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ସୁବଳୟା ପଞ୍ଚାୟତ ଚାମ୍ପିୟନ

**ଅମରପାଲି/ବୀରମହାରାଜପୁର, ୧୫।୧୨ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବିଜୁ ଯୁବ ବାହିନୀ ଆନୁକୂଲ୍ୟରେ ତିନି ଦିନ ଧରି ଚାଲିଥିବା ବ୍ଲକସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ବୀରମହାରାଜପୁରସ୍ଥିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ହୋଇଥିବା ଉକ୍ତ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଜଟେସିଙ୍ଘା ଓ ସୁବଳୟା ପଞ୍ଚାୟତ ମଧ୍ୟରେ ହୋଇଥିଲା । ଏଥିରେ ଜଟେସିଙ୍ଘାକୁ ୪ଉଇକେଟରେ ହରାଇ ସୁବଳୟା ପଞ୍ଚାୟତ ଚାମ୍ପିୟନ ହୋଇଥିଲା । ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ଜଟେସିଙ୍ଘା ନିର୍ଦ୍ଧାରିତ ୧୦ ଓଭରରେ ସମସ୍ତ ଉଇକେଟ ହରାଇ ୬୫ ରନ କରିଥିଲା। ଦଳ ପକ୍ଷରୁ କର୍ଣ୍ଣ ଓ ଅନୀଲ ପ୍ରତ୍ୟେକ ୧୫ ରନ ଲେଖାଏଁ କରିଥିଲେ। ବିପକ୍ଷ ସୁବଳୟାର ମୁନ୍ନା ୩ଟି ଏବଂ ଲକ୍ଷ୍ମଣ ଓ ପୁମା ୨ଟି ଲେଖାଏ ଉଇକେଟ ନେଇଥିଲେ। ଯବାବରେ ସୁବଳୟା ଆବଶ୍ୟକ ୬୬ ରନକୁ ୮.୪ ଓଭରରେ ୬ ଉଇକେଟ ହରାଇ ସଂଗ୍ରହ କରି ବିଜୟୀ ହୋଇଥିଲେ। ଦଳର ପୂର୍ଣ୍ଣ ୩୦ରନ କରିଥିବା ବେଳେ ବିପକ୍ଷ ସିଟୁ ଓ କର୍ଣ୍ଣ ୨ଟି ଲେଖାଏଁ ଉଇକେଟ ନେଇଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କ୍ଷୀରୋଦ ଭୂଷଣ ରାୟଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବିଡିଓ ଅଭିମନ୍ୟୁ ମାଝୀ ଅଧ୍ୟକ୍ଷତା କରିଥିଲେ। ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ମୁଖ୍ୟଅତିଥି ଏବଂ ବହଳପଦର ସମିତି ସଭ୍ୟ ପିତାମ୍ବର ସାହୁ, ବିଧାୟକ ପ୍ରତିନିଧି ନାରାୟଣ ଲୁହା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ସୁବଳୟାର ପୁମାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ, ବ୍ୟାସଦେବଙ୍କୁ ଶ୍ରେଷ୍ଠ ଉଇକେଟ କିପର, ଜଟେସିଙ୍ଘାର ପ୍ରକାଶଙ୍କୁ ମ୍ୟାନ ଅଫ୍ ଦି ସିରିଜ ଓ ଶ୍ରେଷ୍ଠ ସିକ୍ସର, ଦୁର୍ଜନଟୈଲା ପଞ୍ଚାୟତକୁ ଶ୍ରେଷ୍ଠ ଶୃଙ୍ଖଳିତ ଦଳ ଭାବେ ପୁରସ୍କୃତ କରିବା ସହିତ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟରେ ୧୫ଟି ଗ୍ରାମ ପଞ୍ଚାୟତ ଦଳ ଅଂଶଗ୍ରହଣ କରିଥିଲେ। ପଞ୍ଚାୟତସମିତିଅଧ୍ୟକ୍ଷ ସନ୍ତୋଷ କୁମାର ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। ଖେଳଗୁଡିକୁ ପପିନ ମହାକୁର ଓ ମହେନ୍ଦ୍ର ବେହେରା ପରିଚାଳନା କରିଥିଲେ। ଦେବରଞ୍ଜନ ଦାସ ସ୍କୋରିଙ୍ଗ ଏବଂ ଦିବ୍ୟରଞ୍ଜନ ଗଡୁଆ ଧାରା ବିବରଣୀ ପ୍ରଦାନ କରିଥିଲେ। ବ୍ଲକ ବିଜୁ ବାହିନୀ କୋଅର୍ଡିନେଟର୍ ଦେବରାଜ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରକାଶ ଲୁହା, ସୁରଜ ନାଏକ, ବିଶ୍ୱଜିତ ପଣ୍ଡା, ଭରତ ମଲ୍ଲିକ, ଆଲୋକ ଦେହେରୀ, ସୁଶାନ୍ତ ମହାକୁର ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ ।



ଚାମ୍ପିୟାନ ଦଳକୁ ପୁରସ୍କୃତ କରାଯାଉଛି ।

**ପ୍ରକାଶ ମ୍ୟାନ ଅଫ୍ ଦି ମ୍ୟାଚ, ପୁମା ସିରିଜ ଶ୍ରେଷ୍ଠ**



କଂଗ୍ରେସ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଉଛି ।

## ମୃତଚାଷୀଙ୍କ ପରିବାରକୁ ସହାୟତା ଦାବି କଲା କଂଗ୍ରେସ

**ସୋନପୁର,୧୫।୧୨(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିନ୍ଦୁରପୁର ପଞ୍ଚାୟତ ବଳାରଙ୍ଗା ଗ୍ରାମର ମୃତ ଯୁବ ଚାଷୀ ରମାନାଥ ସେଠ(୨୮)ଙ୍କ ପରିବାରକୁ ସହାୟତା ରାଶି ପ୍ରଦାନ ପାଇଁ ଜିଲା କଂଗ୍ରେସ କମିଟି ଦାବି କରିଛି। ଚକଡା ଯୋଗୁଁ ଧାନ ଫସଲ ଉଜୁଡି ଯିବାରୁ ଗତ ନଭେମ୍ବର ମାସରେ ରମାନାଥ ବିଷ ପିଇ ଆମ୍ଳହତ୍ୟା କରିଥିବା ଅଭିଯୋଗ ହୋଇଥିଲା । ପରିବାରର ଏକ ମାତ୍ର ରୋଜଗାରକ୍ଷମ ବ୍ୟକ୍ତିର ମୃତ୍ୟୁରେ ପରିବାର ଭାଙ୍ଗି ପଡିଛନ୍ତି। ମୃତ ପରିବାରକୁ କ୍ଷତିପୂରଣ ପ୍ରଦାନ ପାଇଁ ନଭେମ୍ବର ୨୩ ତାରିଖରେ କଂଗ୍ରେସ ପକ୍ଷରୁ ଜିଲାପାଳଙ୍କ ନିକଟରେ ଦାବି ହୋଇଥିଲା । ମାତ୍ର ଏ ପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ ସହାୟତା ଦିଆଯାଇନି। ଶନିବାର କଂଗ୍ରେସ ଦଳ ପକ୍ଷରୁ ପୁଣି ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ମୃତ ଚାଷୀଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ ପାଇଁ ଦାବି ହୋଇଛି। ନଚେତ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଚେତାବନୀ ଦିଆଯାଇଛି । ଜିଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲାପାଳ ମୁକ୍ତେଶ୍ୱର ପାଣିଗ୍ରାହୀ ସ୍ମାରକପତ୍ର ଗ୍ରହଣ କରିଥିଲେ। ଜିଲା କଂଗ୍ରେସ କମିଟି ସଭାପତି ଶଙ୍କର ଦାଶଙ୍କ ନେତୃତ୍ୱରେ ଜିଲା କଂଗ୍ରେସ କୃଷକ ସେଲ କମିଟି ସଭାପତି ସ୍ୱପ୍ନେଶ୍ୱର ପୃଷ୍ଟି, ପ୍ରାକ୍ତନ ବିଧାୟକ ବିନୋଦ ପାତ୍ର, ଜିତେନ୍ଦ୍ର ପଟ୍ଟନାୟକ, ସୁଧୀର ପଣ୍ଡା, ତରଣୀ ବାରିକ, ବାନ୍ଧ ବିହାରୀ ନାଏକ, ମହିଳା କଂଗ୍ରେସ ସଭାନେତ୍ରୀ ସୂର୍ଯ୍ୟକାନ୍ତି ବାଘ, ଅହଲ୍ୟା ବାଘ, ରବିନ୍ଦ୍ର ହୋତା ଓ ମାଧବ କୁମ୍ଭାର ପ୍ରମୁଖ ସ୍ମାରକପତ୍ର ପ୍ରଦାନ କରିଥିଲେ ।

## ଜୁଆ ଖେଳ ବେଳେ ପୋଲିସ ଚଢାଉ, ୪ ଗିରଫ

**ଖପ୍ରାଖୋଲ, ୧୫।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ଅନ୍ତର୍ଗତ ଦେଦର୍ହ ଗାଁରେ ଜୁଆଖେଳ ବେଳେ ପୋଲିସ ଚଢାଉ କରି ୪ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୧୨୪୦ଟଙ୍କା ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ନୃପ ରଣା, କୀର୍ତ୍ତନ ମେହେର, ଗୁନୁ ନାଗ ଓ ପହିତରାମ ମାଝି। ଏ ନେଇ ଖପ୍ରାଖୋଲ ଥାନାରେ ଏକ ମାମଲା(ନଂ. ୧୫୬/୧୮)ରୁଜୁ ହୋଇଥିବା ଏଏସଆଇ ଗୋକୁଳାନନ୍ଦ ମିଶ୍ର କହିଛନ୍ତି।

## କମୁଛି ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା

ସୋନପୁର,୧୫।୧୨(ନି.ପ୍ର.)

**ସୁବର୍ଣ୍ଣପୁର ସହର**
- ୧୩ ଭର୍ତ୍ତି, ୩୮ ଘରକୁ ଫେରିଲେ
- ୨୦ ଚିକିତ୍ସିତ ହେଉଛନ୍ତି

ସୁବର୍ଣ୍ଣପୁର ସହରରେ ଝାଡାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା କମିବାରେ ଲାଗିଛି। ଚିକିତ୍ସିତ ହେଉଥିବା ରୋଗୀ ସୁସ୍ଥ ହୋଇ ଘରକୁ ଫେରୁଛନ୍ତି। ଦୂଷିତ ପାଣି ପିଇବା ଯୋଗୁଁ ଗତ ୧୦ ତାରିଖରୁ ସହରରେ ଝାଡାବାନ୍ତି ବ୍ୟାପି ଥିଲା। ସହରବାସୀ ଭୟଭୀତ ହୋଇ ପଡିଥିଲେ। ତେବେ ପ୍ରଶାସନ ଓ ରାଜ୍ୟ ସରକାରଙ୍କ ସମ୍ମିଳିତ ଉଦ୍ୟମ ଯୋଗୁଁ ସ୍ଥିତି ଧିରେ ଧିରେ ନିୟନ୍ତ୍ରଣକୁ ଆସୁଛି। ଶନିବାର ବିଭିନ୍ନ ସାହି ବସ୍ତିରୁ ୧୩ଜଣ ଆକ୍ରାନ୍ତ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି । ଶୁକ୍ରବାର ୪୫ ଜଣ ଚିକିତ୍ସିତ ହେଉଥିଲେ। ସେଥିମଧ୍ୟରୁ ୩୮ଜଣ ସୁସ୍ଥ ହୋଇ ଆଜି ଘରକୁ ଫେରିଛନ୍ତି। ମହାନଦୀର ଜଳକୁ ବିଶୋଧନ କରି ଜନସ୍ୱାସ୍ଥ୍ୟ ବିଭାଗ ପାଇପ ଯୋଗେ ସହରବାସୀଙ୍କୁ ଯୋଗାଣ କରୁଛି। ତେବେ ପ୍ରଭାବିତ ଅଞ୍ଚଳ ଗୁଡିକୁ ପାଇପ ଜଳଯୋଗାଣ ବନ୍ଦ ରହିଛି। ସହରବାସୀଙ୍କ ଜଳକ୍ଲିଷ୍ଟ ଦୂର ପାଇଁ ନଗର ଉନ୍ନୟନ ବିଭାଗ ୧୧ଟି ଜିଲାରୁ ୨୩ଟି ଟ୍ୟାଙ୍କରକୁ ପଠାଇଛି। ଟ୍ୟାଙ୍କରଗୁଡିକ ପାନୀୟ ଜଳଯୋଗାଣ କରୁଛନ୍ତି। ପ୍ରଭାବିତ ଅଞ୍ଚଳରେ ଡାକ୍ତରୀ ଟିମ୍ ବୁଲି ସ୍ୱାସ୍ଥ୍ୟ ପରୀକ୍ଷା ସହ ଆବଶ୍ୟକ ଔଷଧ ପ୍ରଦାନ କରୁଛନ୍ତି। ସମ୍ବଲପୁର ଓ ବୌଦ୍ଧରୁ ଡାକ୍ତରୀ ଦଳ ଆସି ଚିକିତ୍ସାରେ ସହଯୋଗ କରୁଛନ୍ତି । ବିଶେଷଜ୍ଞ ଦଳ ସହରର ପ୍ରଭାବିତ ଅଞ୍ଚଳରୁ ଜଳ ନମୂନା, ଆକ୍ରାନ୍ତଙ୍କ ପରିସ୍ରା ଓ ମଳ ସଂଗ୍ରହ କରି ଭୀମଭୋଇ ମେଡିକାଲ କଲେଜକୁ ପଠାଇଛନ୍ତି। ଏହି ରିପୋର୍ଟ ବର୍ତ୍ତମାନ ସୁଦ୍ଧା ମିଳି ନ ଥିବାରୁ ତେଣୁ ପାନୀୟ ଜଳରେ ଜୀବାଣୁର ଉପସ୍ଥିତି ସ୍ପଷ୍ଟ ହୋଇପାରିନି। ଜିଲାପାଳ ମଧୁସୂଦନ ମିଶ୍ର ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ନିୟମିତ ଭାବେ ସ୍ଥିତିର ସମୀକ୍ଷା କରୁଛନ୍ତି ।

ସୋନପୁର କଲେଜ ଆନ୍ତଃବିଭାଗ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ରସାୟନ ବିଜ୍ଞାନ ବିଭାଗ ଚାମ୍ପିୟନ



ମୁଖ୍ୟ ଅତିଥି ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି ।

**ସୋନପୁର,୧୫।୧୨(ନି.ପ୍ର.)**

କଲେଜ ପଡିଆରେ ଗତ ୧୧ ତାରିଖଠାରୁ ଚାଲିଥିବା ସୋନପୁର କଲେଜ ଆନ୍ତଃବିଭାଗ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୧୬ଟି ବିଭାଗ ଅଂଶଗ୍ରହଣ କରିଥିଲେ। ରସାୟନିକ ବିଜ୍ଞାନ ଦଳ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍ ରସାୟନ ବିଜ୍ଞାନ ବିଭାଗ ଓ ଅର୍ଥଶାସ୍ତ୍ର ବିଭାଗ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ରସାୟନ ବିଜ୍ଞାନ ଦଳ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଦଳ ୧୨ ଓଭରରେ ୨ଉଇକେଟ୍ ହରାଇ ୧୧୯ ରନ ସଂଗ୍ରହ କରିଥଲେ। ବିଶ୍ୱନାଥ ପ୍ରଧାନ ୧୮ ବଲରୁ ୨୦ ରନ ଓ ସୀତାରାମ ବାରିକ ୩୫ ବଲରୁ ୬୮ ରନ ସଂଗ୍ରହ କରିଥିଲେ। ଜବାବରେ ଅର୍ଥଶାସ୍ତ୍ର ଦଳ ୧୨୦ ରନର ବିଜୟ ଲକ୍ଷ୍ୟ ନେଇ ନିର୍ଦ୍ଧାରିତ ଓଭରରେ ମାତ୍ର ୮୦ ରନ କରିବାକୁ ସକ୍ଷମ ହୋଇଥିଲା। କଲେଜ ଅଧ୍ୟକ୍ଷ ଡ. କେଦାରନାଥ ମିଶ୍ର ମୁଖ୍ୟ ଅତିଥି ଓ ସାମାଜିକକର୍ମୀ ଶ୍ରୀବତ୍ସ ମଲ୍ଲିକ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥିଭାବେ ଉପାଧ୍ୟକ୍ଷ ତରୁଣ ମିଶ୍ର ଓ ଅଧ୍ୟାପକ ଅନିଲ ଗଙ୍ଗଦେବ ମଞ୍ଚାସୀନ ଥିଲେ । ଜ୍ୟୋତିରଞ୍ଜନ ବାରିକ ଓ ସ୍ୱସ୍ତିକ ଦାସ ଖେଳ ପରିଚାଳନା କରିଥିଲେ। ସୌମ୍ୟରଞ୍ଜନ ରାଉତ, ପ୍ରିତିଶ ଦାସ ଓ ଚନ୍ଦନ ବେହେରା ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ। ଧାରା ବିବରଣୀ ପ୍ରଦାନ କରିଥିଲେ ଦେବାଶିଷ ପଟ୍ଟନାୟକ, ଅଭିଶେକ ଶର୍ମା ଓ ପ୍ରଦ୍ୟୁମ୍ନ ପାଢୀ। ଉଦିତ ପ୍ରତାପ ଭୋଇ, ନିତେଶ ପଣ୍ଡା, ସୋନୁ ମହାରଣା, ଶୁଭାଶିଷ ମିଶ୍ର, ସଚିନ ବାଘ, ବିକାଶ ଜଗଦଲା, ବିଜୟ ପ୍ରଧାନ, ଅନନ୍ତ ମଲ୍ଲିକ, ସନତ ମହାକୁଡ, ସମିଲ କୁମାର କୁମାର ଦାସ ଓ ସୌରଭ ଦାସ ପ୍ରମୁଖ ପ୍ରତିଯୋଗିତା ଆୟୋଜନରେ ସହଯୋଗ କରିଥିଲେ।


+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Branches-Bhubaneswar,Cuttack,Bhadrak, Rourkela & Brahmapur

SMS JOB
ଭାରତର Reputed Company ରେ SMS JOB କରି Part/Full Time ଘରେ ବସି ଶିକ୍ଷିତ ବେରୋଜଗାର ମାସକୁ ୧୫୦୦୦/- ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
କମ୍ପାନୀ ଦ୍ୱାରା Mobile+Laptop+ Sim + ୫୦୦୦୦ର ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9631847145
9006905977

ଧୂପକାଠି ମେସିନ୍
DEP, PERFUME, MATCH BOX, READYMADE COVER, PREMIX
ସହଜ ଋଣ ବ୍ୟବସ୍ଥା ଉପଲବ୍ଧ
ଧୂପକାଠି ମେସିନ୍ ବସାଇ ତିଆରି ପ୍ରଡକ୍ଟସ୍‌କୁ ଆମ ମାଧ୍ୟମରେ ବିକ୍ରୟ କରି ଦିନକୁ ୧୫୦୦/- ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ ଏବଂ ସମସ୍ତ ପ୍ରକାର ଧୂପକାଠି କଞ୍ଚାମାଲ୍ ସୁଲଭ ମୂଲ୍ୟରେ ଉପଲବ୍ଧ ।
SAMEEPTA INDUSTRIES PVT. LTD
B-157, Baramunda, BBSR
9777196285
9861088447

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

କେମିତି ମଦ ଛାଡ଼ିବେ
ଆପଣ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ୍ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୭୮, ଅଶୋକ ନଗର, ୟୁନିଟ୍-୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ୟାଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ୍ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

TCF FINANCE
TCF ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୧ ଦିନରେ । 0% ସୁଧ 45% ଛାଡ । ଘରେ ବସି ପାଆନ୍ତୁ
ଖର୍ଚ୍ଚ ଲୋନ ପାସ ହେଲା ପରେ
Plot No-14/524, Chandini Chowk, Kolkata
8938866345
7088891905

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

BUSINESS
ପଞ୍ଜୀକୃତ କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଉପରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ।
ଅଗ୍ରିମ ୬୫ ଲକ୍ଷ
ଭଡ଼ା ୭୫,୦୦୦
କୌଣସି ଏଗ୍ରିମେଣ୍ଟ ଦେୟ ନାହିଁ
6391829110
6391829112
Add : T-51, Gautampuri Delhi-53

FINANCE
Mahalaxmi Credit Services
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ
25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469
8395030162

ଟି.ସି.ଏଫ୍. ଫାଇନାନ୍ସ
(ସରକାରୀ ପଞ୍ଜୀକୃତ)
ଋଣ ମାତ୍ର ୬ ଘଣ୍ଟାରେ ।
ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, ୦% ସୁଧ, ୫୦% ରିହାତି।
୦୮୫୯୬୬୮୫୫୮
୩୯, ପଟେଲ ନଗର, ଆଂଶିକ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

FINANCE
National Corporation
ପର୍ସନାଲ, ଏଜୁ୍ୟକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଉପଲବ୍ଧ ।
(B.B.28, Sec. 4, Salt Lake City Kolkatta- 700064)
7606086442
7606062768
nationalcoop98@gmail.com

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!!
ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!!
ପ୍ରକ୍ରିୟାକରଣ ୨ କାଗଜ ଉପରେ !!!
୨% ସୁଧ, ୪୦% ସବ୍‌ସିଡି !!!
ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370
7840058835
H.No.-258, VPO Duhai, Ghaziabad, (U.P.) 201203

BUSINESS
ନ୍ୟାଶନାଲ କମ୍ପାନୀ
ନିଜର ଖାଲି ଜମି, ଛାତ, ଚାଷଜମି ଉପରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ।
ଅଗ୍ରିମ ୭୦ ଲକ୍ଷ
ଭଡ଼ା ୩୫,୦୦୦
୧ ବ୍ୟକ୍ତିଙ୍କ ପାଇଁ ୩୫,୦୦୦ର ଅନ୍ୟାନ୍ୟ ସୁବିଧା
7048574723
7048574637
Add : 41/14, Sce.1, Pushp Vihar, Delhi-17

ବାବା ବଙ୍ଗାଳୀ
ଫ୍ରି ସେବା ବାବା ବଙ୍ଗାଳୀ ୧୫ ମିନିଟ୍‌ରେ ଘରେବସି ସମାଧାନ
ସ୍ପେଶାଲିଷ୍ଟ:
ପ୍ରେମବିବାହ, ବଶୀକରଣ, ମୁଠକରଣୀ, ସଉତୁଣୀ ଶତ୍ରୁମୁକ୍ତି, ପତି - ପତ୍ନୀ ଅନବନ, ପାଠରେ ମନ ନଲାଗିବା, ଗୃହକ୍ଲେଶ, ବ୍ୟବସାୟରେ ବାଧା । A to Z ସମସ୍ୟାର ଘରେବସି ୧୦୧% ଗ୍ୟାରେଣ୍ଟେଡ ଫ୍ରୀ ସମାଧାନ
9982292667
8239254882

ITEL କମ୍ପାନୀ ଦ୍ୱାରା ଖାଲି ଜମି ଉପରେ ଡିଜିଟାଲ ଉପକରଣ ଲଗାନ୍ତୁ, ଅଗ୍ରିମ - ୯୦ ଲକ୍ଷ, ଭଡ଼ା - ୪୫୦୦୦ + ମାସିକ ୧୫୦୦୦ର ଅନ୍ୟାନ୍ୟ ସୁବିଧା + ଆଜୀବନ ଜୀବନ ବୀମା + ମେଡିକାଲ ସୁବିଧା ମାଗଣା।
Email- iteltowerltd@gmail.com
WhatsApp
7788995264
9126351642
Gram Bakrihari, Dhaka, East Champaran, Bihar - 845418

BUSINESS
SURYA କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, ପ୍ଲଟ୍ ଉପରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। ଅଗ୍ରିମ 1 କୋଟି, ଭଡ଼ା 55000/- + ଗାଡ଼ି।
ଯୋଗାଯୋଗ କରନ୍ତୁ
9804822350


**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


TARIFF — MORE SPACE • SAME PRICE — * GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୧୬ ଡିସେମ୍ବର, ୨୦୧୮



ଅନ୍ନ, ଜଳ ଓ ସୁଭାଷଣ ହେଉଛି ପୃଥିବୀର ତିନୋଟି ରତ୍ନ। ହେଲେ ମୂର୍ଖମାନେ ତୁଚ୍ଛ ପଥର ଖଣ୍ଡମାନଙ୍କୁ ରତ୍ନର ନାମ ଦେଇଛନ୍ତି ।

- ଚାଣକ୍ୟ



## ସଂକ୍ଷେପରେ



### ଏଟିଏମ ଭାଙ୍ଗି ୨ ଅଟକ

**ପାଇକମାଲ,୧୫।୧୨(ଡି.ଏନ.ଏ):** ପାଇକମାଲରେ ଥିବା ୟୁକୋ ବ୍ୟାଙ୍କ ଏଟିଏମକୁ ଶୁକ୍ରବାର ରାତିରେ ଦୁର୍ବୃତ୍ତମାନେ ଭାଙ୍ଗି ଦେଇଥିଲେ ମଧ ଲୁଟିବାକୁ ସକ୍ଷମ ହୋଇନାହାନ୍ତି । ସେମାନେ ରାତି ପ୍ରାୟ ୧୨ଟା ୪୦ରେ ଏଟିଏମକୁ ଆସି ଟଙ୍କା ଉଠାଣ ପାଇଁ ଚେଷ୍ଟା କରିଥିଲେ । ପରେ ମୁହଁରେ କପଡା ବାନ୍ଧି ଦୁଇଟି ସିସି କ୍ୟାମେରା ଭାଙ୍ଗି ଦେଇଥିଲେ । ଲୁହା ରଡ୍‌ରେ ଏଟିଏମକୁ ଭାଙ୍ଗିବା ପାଇଁ ଚେଷ୍ଟା କରି ବିଫଳ ହେବାରୁ ସେଥିରେ ଲାଗି ଥିବା ୫ଟି ବ୍ୟାଟେରୀ ଖୋଲି ନିକଟରେ ଫିଙ୍ଗି ଦେଇଥିଲେ । ଏ ନେଇ ପାଇକମାଲ ଥାନାରେ ଅଭିଯୋଗ ହେବା ପରେ ଆଇଆଇସି ବିଶ୍ୱଜିତ ମନବୋଧ ଘଟଣାସ୍ଥଳକ ଯାଇ ତଦନ୍ତ କରିଛନ୍ତି । ଏହି ଘଟଣାରେ ପୋଲିସ ଦୁଇ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି ।

### ଡକାୟତି ଘଟଣା, ପୁଣି ଜଣେ ଗିରଫ

**ବରଗଡ଼ ଅଫିସ୍,୧୫।୧୨:** ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଜଗଦଲପୁର ଥାନା ଶୁକ୍ଳିପାହାଡ଼ ନିକଟରେ ହୋଇଥିବା ଡକାୟତି ଘଟଣାରେ ପୋଲିସ ଆଉ ଜଣେ ଅଭିଯୁକ୍ତ ବଡ଼କୁଞ୍ଜାରୀ ଗ୍ରାମର ସାମନ୍ତ ଲୁହାର(୩୩)ଙ୍କୁ ଗିରଫ କରିଛି। ଘଟଣା ପରଠାରୁ ନିଜ ଶ୍ୱଶୁରଘର ଗୁଏବାହାଲି ନିକଟ ଡୁଙ୍ଗୁରିପାଲିଠାରେ ଲୁଚିଥିବା ଖବର ପାଇ ପୋଲିସ ସେଠାରେ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା । ଶନିବାର ତାଙ୍କୁ ପଦ୍ମପୁର କୋର୍ଟକୁ ଚାଲାଣ କରାଯାଇଛି । ଜାମିନ ନାମଞ୍ଜୁର ହେବା ପରେ ଗିରଫ ଅଭିଯୁକ୍ତଙ୍କୁ ପଦ୍ମପୁର ସବଜେଲ୍‌କୁ ପଠାଇ ଦିଆଯାଇଛି । ପ୍ରକାଶଥାଉକି, ଗତ ନଭେମ୍ବର ୧୯ତାରିଖରେ ବଡ଼ଉଢ଼େନ ଗ୍ରାମର ୩ଜଣ ଯୁବକ ପୁଟୁକା ଗୋରୁ ବଜାରରୁ ମଇଁଷି କିଣି ଫେରୁଥିବାବେଳେ ଅଭିଯୁକ୍ତମାନେ ସେମାନଙ୍କୁ ପୋଲିସ ପରିଚୟ ଦେଇଥିଲେ ଏବଂ ବାଇକ, ଟଙ୍କା ଓ ମଇଁଷି ନେଇଯାଇଥିଲେ । ଏ ନେଇ ଏତଲା ପାଇବା ପରେ ପୋଲିସ ଏକ ମାମଲା(ନଂ.୧୩୬/୧୮) ରୁଜୁ କରି ପୂର୍ବରୁ ୪ ଅଭିଯୁକ୍ତଙ୍କୁ ଗିରଫ କରିଥିଲା ।

### ସାମାଜିକ କର୍ମୀଙ୍କ ପରଲୋକ

**ଭେଡ଼େନ, ୧୫।୧୨ (ଡ଼ି.ଏନ.ଏ):** ଭେଡ଼େନ ବ୍ଲକ କ୍ଷୀରେଶ୍ୱର ମେହେର ଉଚ୍ଚପ୍ରାଥମିକ ବିଦ୍ୟାଳୟ, ରେମଣ୍ଡା ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ମାହେଶ୍ୱରୀ ତନ୍ତୁବାୟ ସମବାୟ ସମିତିର ପ୍ରତିଷ୍ଠାତା ସମ୍ପାଦକ ବାଲୁଙ୍କେଶ୍ୱର ମେହେର (ଘସିଆ)ଙ୍କ ଶୁକ୍ରବାର ବିଳମ୍ବିତ ରାତ୍ରିରେ ରେମଣ୍ଡା ସ୍ଥିତ ବାସଭବନରେ ପରଲୋକ ହୋଇଛି। ତାଙ୍କୁ ୬୩ ବର୍ଷ ହୋଇଥିଲା। ଶନିବାର ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି । ଜ୍ୟେଷ୍ଠ ପୁତ୍ର ଶିଶିର ମେହେର ମୁଖାଗ୍ନି ଦେଇଥିଲେ । ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି । ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ମେହେରଙ୍କ ବାସଭବନକୁ ଯାଇ ତାଙ୍କର ଅନ୍ତିମ ଦର୍ଶନ କରିଥିଲେ ।

### ମଣ୍ଡିରେ ଅଚଳାବସ୍ଥା

**ଭେଡ଼େନ, ୧୫।୧୨ (ଡ଼ି.ଏନ.ଏ):** ଭେଡ଼େନ ବ୍ଲକ ଅନ୍ତର୍ଗତ ସାଲେପାଲି ମାର୍କେଟ ୟାର୍ଡ଼ରେ ଧାନ ବିକ୍ରିରେ ଅଚଳାବସ୍ଥା ଲାଗି ରହିଛି। ଗତ ଶୁକ୍ରବାର ଠାରୁ ମିଲ୍‌ମାନଙ୍କ ଗାଡ଼ି ଆସୁ ନ ଥିବାରୁ ଧାନ ଉଠାଣ ହୋଇ ପାରୁନାହିଁ । ଗତ ଗୁରୁବାର ମାତ୍ର ଦୁଇଟି ଟ୍ରାକ୍ଟର ଏବଂ ଗୋଟିଏ ପିକ୍‌ଅପ ଭ୍ୟାନ ଧାନ ନେବା ପାଇଁ ଆସିଥିଲା । ଏବେବି ୧୧ ହଜାର ପ୍ୟାକେଟ ଧାନ ଖୋଲା ଆକାଶ ତଳେ ପଡ଼ିରହିଛି । ବର୍ଷା ଆଶଙ୍କା ଥିବାରୁ ଧାନ ଏଣ୍ଟ୍ରି ବନ୍ଦ ଥିବା ବେଳେ ଉଠାଣ ହେଉ ନ ଥିବାରୁ ଚାଷୀମାନଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଉଛି । ତୁରନ୍ତ ଏ ନେଇ ଯୋଗାଣ ବିଭାଗ ଧାନ ଉଠାଣ ପାଇଁ ପଦକ୍ଷେପ ଗ୍ରହଣ ନ କଲେ ଗ୍ରାମବାସୀ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ନିଷ୍ପତ୍ତି ନେଇଛନ୍ତି ।

# ସହାୟତା ନେଇ ଚାଷୀ ସନ୍ଦିହାନ

**ବରଗଡ଼ ଅଫିସ୍,୧୫।୧୨**

ବରଗଡ଼ ଜିଲାରେ ଚାଷୀଙ୍କୁ ସମସ୍ୟା ପିଛା ଛାଡୁନାହିଁ । ରୋଗପୋକ ଉପଦ୍ରବ, ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଜିଲାର ଚାଷୀଙ୍କୁ ପ୍ରତିବର୍ଷ କ୍ଷତି ସହିବାକୁ ପଡୁଛି। ଫସଲକ୍ଷତି ପରେ ଚାଷୀ ସରକାରଙ୍କ କ୍ଷତିପୂରଣ ସହାୟତାକୁ ଚାହିଁ ବସିଛନ୍ତି। ଏହି ସହାୟତା ନେଇ ଚାଷୀଙ୍କୁ ହଟହଟାର ସମ୍ମୁଖୀନ ହେବାକୁ ମଧ୍ୟ ପଡୁଛି। ବରଗଡ଼ ସଦର ବ୍ଲକ ଅନ୍ତର୍ଗତ ବୁଦେଲପାଲି ଗ୍ରାମର ଚାଷୀଙ୍କ କ୍ଷେତ୍ରରେ ଏହି ସମସ୍ୟା ଉପୁଜିଛି ।

ଖରିଫ ଫସଲରେ ଉକ୍ତ ଗ୍ରାମର ଚାଷୀଙ୍କ ଧାନ ଫସଲ ଭଲ ହୋଇଥିଲା। ମାତ୍ର ଅମଳ ସମୟରେ ଧାନ ଫସଲରେ ଅଜଣା ରୋଗପୋକ ଉପଦ୍ରବ ଦେଖାଯାଇଥିଲା। ଫଳରେ ଚାଷୀଙ୍କ ଶତାଧିକ ହେକ୍ଟର ଧାନ ଫସଲ ଉଜୁଡ଼ି ଯାଇଥିଲା । ଧାନକେଣ୍ଡାରେ ଧାନସବୁ ଅଗାଡ଼ି ହୋଇଥିଲା । ଏ ନେଇ ଚାଷୀମାନେ ଜିଲାପାଳ ଓ ଜିଲା କୃଷି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟକୁ ଆସି ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଚିରାଚରିତ ଢଙ୍ଗରେ କୃଷି ଅଧିକାରୀ, ବୈଜ୍ଞାନିକମାନେ ପ୍ରଭାବିତ ଫସଲ ବୁଲି ଦେଖି ଫସଲକ୍ଷତିକୁ ସ୍ୱୀକାର କରିଥିଲେ। ସେହିପରି ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ମଧ୍ୟ କ୍ଷୟକ୍ଷତି ଆକଳନ କରିଥିଲେ । ମାତ୍ର ଏବେ ଚାଷୀମାନେ କ୍ଷତିପୂରଣ ସହାୟତା ପାଇବା ନେଇ ସନ୍ଦିହାନ ହୋଇପଡିଛନ୍ତି। କ୍ଷତିଗ୍ରସ୍ତ ଚାଷୀମାନେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ଗଲେ କ୍ଷତିପୂରଣ ସହାୟତା ନେଇ କୌଣସି ସନ୍ତୋଷଜନକ ଉତ୍ତର ପାଇ ପାରୁ ନ ଥିବା ଅଭିଯୋଗ କରିଛନ୍ତି। ଏଭଳି ଅଭିଯୋଗ ନେଇ ଚାଷୀମାନେ ଶନିବାର ଜିଲାପାଳ ଅଫିସ ଆସିଥିଲେ। ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ତପିରାମ ମାଝିଙ୍କୁ ଭେଟି ସମସ୍ୟା ଜଣାଇଥିଲେ । ଏହାପରେ ସ୍ଥାନୀୟ ତହସିଲ ଅଫିସ ଯାଇ ତହସିଲଦାରଙ୍କୁ ଭେଟି ନିଜ ସମସ୍ୟା ଜଣାଇଥିଲେ । କ୍ଷୟକ୍ଷତି ଆକଳନ କରାଯାଇଥିଲେ ମଧ୍ୟ ଆକଳନ ରିପୋର୍ଟ ସରକାରଙ୍କ ନିକଟକୁ ପଠାଯାଇ ନ ଥିବା ଜାଣି ଚାଷୀମାନେ ଭାଙ୍ଗି ପଡ଼ିବା ସହିତ ସେ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ପ୍ରଶାସନିକ ଅଧିକାରୀଙ୍କୁ ନିବେଦନ କରିଛନ୍ତି ।



କ୍ଷତିପୂରଣ ସହାୟତା ଆଶା ନେଇ ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀମାନେ ।

ଗ୍ରାମର ଚାଷୀ ପ୍ରମୋଦ ସାହୁ କହିଛନ୍ତି, ଅଜଣା ରୋଗରେ ତାଙ୍କର ୮ଏକର ଫସଲ ପ୍ରଭାବିତ ହୋଇଥିଲା। ଧାନ ଅମଳ ମଧ୍ୟ ହୋଇ ପାରିନାହିଁ। କ୍ଷତିପୂରଣ ସହାୟତା ମିଳିଲେ ତାହା ପରିବାର ଗୁଜୁରାଣ ମେଣ୍ଟାଇବା ଏବଂ ଋଣ ପରିଶୋଧରେ କିଛି ସହାୟକ ହେବ ବୋଲି ଆଶା ରଖିଥିବା ସେ କହିଛନ୍ତି । ସେହିପରି ଉକ୍ତ ଗ୍ରାମର ଶାନ୍ତନୁ ସାହୁଙ୍କ ୪ଏକର ୮୧ ଡେସିମିଲ, ସୁରେଶ ନେକାଣ୍ଡିଙ୍କ ୮ଏକର, ଆଦିତ୍ୟ ସାହୁଙ୍କ ସାଢ଼େ ୩ଏକର, ଡୋଲାମଣି ପ୍ରଧାନଙ୍କ ୫ଏକର, ହାଡୁ ସାହୁଙ୍କ ୬ଏକର, ପ୍ରମୋଦ ପ୍ରଧାନଙ୍କ ଅଢ଼େଇ ଏକର ଏବଂ ମହାଦେବ ପ୍ରଧାନଙ୍କ ୮ଏକର ଜମିର ଧାନ ଫସଲ ସେହି ରୋଗରେ କ୍ଷତିଗ୍ରସ୍ତ ହୋଇଥିବା ସେମାନେ କହିଛନ୍ତି। ଏହା ସହିତ ଗ୍ରାମର ଆହୁରି ଅନେକ ଚାଷୀଙ୍କ ଧାନ ଫସଲ ପ୍ରଭାବିତ ହୋଇଛି ଏବଂ ସେମାନେ ସରକାରଙ୍କ କ୍ଷତିପୂରଣ ସହାୟତାକୁ ଚାହିଁ ବସିଛନ୍ତି ।

## କଠିନ ଅଧ୍ୟବସାୟରେ ଲକ୍ଷ୍ୟ ହାସଲ ହୁଏ

**ଭଟଲି,୧୫।୧୨(ଡି.ଏନ୍.ଏ.)**

କଠିନ ଅଧ୍ୟବସାୟ ବଳରେ ଛାତ୍ରୀଛାତ୍ର ନିଜର ଲକ୍ଷ୍ୟ ହାସଲ କରି ପାରିବେ । ଏଥିପାଇଁ କେବଳ ବିଦ୍ୟାଳୟରେ ନୁହେଁ ଗୃହ ରୂପକ ବିଦ୍ୟାଳୟରେ ମଧ ଶିକ୍ଷା ସହିତ ସହଶିକ୍ଷା ଉପରେ ଗୁରୁତ୍ୱ ଦେବା ଉଚିତ । ଏହାସହିତ ଗୁରୁଜନଙ୍କୁ ସର୍ବଦା ଭକ୍ତି କରିବା ସଫଳତାର ମୁଖ୍ୟ ଚାବିକାଠି ବୋଲି ବରଗଡ଼ ଜିଲା ଭଟଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଅନୁଷ୍ଠିତ ଅଷ୍ଟାଦଶ ବାର୍ଷିକୋତ୍ସବରେ ମତପ୍ରକାଶ ପାଇଛି । ବିଦ୍ୟାମନ୍ଦିରର ସଭାପତି ଗୌରହରି ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ କେନ୍ଦ୍ରୀୟ ବଜରଙ୍ଗ ଦଳର ପୂର୍ବତନ ସଂଯୋଜକ ସୁବାଷ ଚୌହାନ ମୁଖ୍ୟଅତିଥି, ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନର ସହ ଶିଶୁ ବାଟିକା ସଂଯୋଜକ ସୁବାଷ ସାହୁ ମୁଖ୍ୟବକ୍ତା, ସଙ୍କୁଳ ପ୍ରମୁଖ ଆନନ୍ଦ ସାହୁ, ସମ୍ପାଦକ ଅନୀଲ କୁମାର ଅଗ୍ରୱାଲ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଆଚାର୍ଯ୍ୟା ସୁଷମା ତିୱାରି ମଞ୍ଚ ପରିଚାଳନା କରିଥିବାବେଳେ ସଭାପତି ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ । ଏହାପରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ସମ୍ବଲପୁରୀ ନାଟକ ଓ ନୃତ୍ୟଗୀତ ପରିବେଷଣ କରାଯାଇଥିଲା। ନିମାଇଁ ଚରଣ ପତି, ଦିଲୀପ ପଣ୍ଡା, ନରେନ୍ଦ୍ର ପଣ୍ଡା ଏବଂ ଜଗଦୀଶ ସାହୁ ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ । ବିଦ୍ୟାଳୟର ଉପସଭାପତି ପଦ୍ମଲୋଚନ ସାହୁ, ଯୁଗ୍ମ ସମ୍ପାଦକ ସରୋଜ ବେହେରା, କୋଷାଧ୍ୟକ୍ଷ ଜଗଦୀଶ ସାହୁ ଏବଂ ସଭ୍ୟ ମଧୁସ୍ମିତା ବିଶ୍ୱାଳଙ୍କ ସମେତ ବିଦ୍ୟାଳୟର ଆଚାର୍ଯ୍ୟା ଆଚାର୍ଯ୍ୟ ସହଯୋଗ କରିଥିଲେ ।



ବାର୍ଷିକ ଉତ୍ସବରେ ଶିଶୁମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି ।

## ଟମାଟୋ ଚାଷକୁ ଗୁରୁତ୍ୱ




ଶିବିରରେ ଟମାଟୋ ଚାଷ ଉପରେ ବିଭିନ୍ନ ପରାମର୍ଶ ଦିଆଯାଉଛି।

**ବରଗଡ଼ ଅଫିସ୍,୧୫।୧୨**

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ସାପଲହର ଗ୍ରାମରେ ଶନିବାର ଟମାଟୋ ଚାଷୀଙ୍କ କ୍ଷେତ୍ର ପରିଦର୍ଶନ ଓ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଗ୍ରାମର ଚାଷୀ ଦୀପକ ପ୍ରଧାନ, ନକୁଳ ମାଝି, ବରଭଟା ଗ୍ରାମର ଶୁଭଙ୍କର ଛତରଙ୍କୁ ଶିବିରରେ ସମ୍ବର୍ଦ୍ଧିତ କରାଯାଇଥିଲା । ଦିଲୀପ କୁମାର ପଣ୍ଡା, ଅଭୟ କୁମାର ସ୍ୱାଇଁ, ପୁରନ୍ଦର ହୋତା, ବିନୋଦ କୁମାର ଧଳ, ସପ୍ତସିନ୍ଧୁ ବଗର୍ତ୍ତୀ, ହୃଦାନନ୍ଦ ସାହୁ, ନିରନ ନେଗୀ ପ୍ରମୁଖ ଯୋଗଦେଇ ଟମାଟୋ ଚାଷ ଉପରେ ଆଲୋଚନା କରିଥିଲେ ।

## ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ବରଗଡ଼ ଅଫିସ୍,୧୫।୧୨**

ବରଗଡ଼ ଜିଲା କ୍ରୀଡ଼ା ସଂସଦ ପକ୍ଷରୁ ସ୍ଥାନୀୟ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଚାଲିଥିବା ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି । ଜିଲା କ୍ରୀଡ଼ା ସଂସଦ ଉପସଭାପତି ଅରୁଣ ମହାନ୍ତି ପ୍ରତିଯୋଗିତାକୁ ଉଦ୍‌ଯାପନ କରିଥିଲେ। ଉଦDଯାପନୀ ସମାରୋହରେ କ୍ରୀଡ଼ା ସଂସଦ ସମ୍ପାଦକ ଯୁଗଳ ପ୍ରସାଦ ସିଂ, କ୍ରୀଡ଼ା ସମ୍ପାଦକ ସୁରେଶ ଦାଶ, ଶୁଭ୍ରାଂଶୁ ଶେଖର ମହାପାତ୍ର, ନବୀନ ଲାଠ, ତ୍ରୈଲୋକ୍ୟ ନାଏକ, ହରଦୀପ ସିଂ ପ୍ରମୁଖ ମଞ୍ଚାସୀନ ଥିଲେ । ଦୁଇଦିନ ବ୍ୟାପୀ ଚାଲିଥିବା ଏହି ପ୍ରତିଯୋଗିତାରେ ବରଗଡ଼ ଜିଲାର ପ୍ରାୟ ୬ଶହ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ଜିଲାର ବିଭିନ୍ନ ସ୍କୁଲ, କଲେଜର ୬୦ଜଣ କ୍ରୀଡ଼ା ଶିକ୍ଷକ ଉପସ୍ଥିତ ରହି ପ୍ରତିଯୋଗିତା ଗୁଡ଼ିକୁ ପରିଚାଳନା କରିଥିଲେ । ଏହି ଅବସରରେ ନମିତା ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଜିଲାର ବିଭିନ୍ନ ସ୍କୁଲ, କଲେଜର ୬୦ଜଣ କ୍ରୀଡ଼ା ଶିକ୍ଷକ ଉପସ୍ଥିତ ରହି ପ୍ରତିଯୋଗିତା ଗୁଡ଼ିକୁ ପରିଚାଳନା କରିଥିଲେ । ଶେକ୍ ଶବଦର୍, ଉମେଶ ଭୋଇ, କୁଳମଣି ମାଝି, ସୁବାଷ ଧରୁଆ, ମହେଶ ମଲ୍ଲିକ, ସୁବଳ ସାହୁ, ରମାକାନ୍ତ ଦାଶ, ପ୍ରତାପ ଦାଶ, ପଞ୍ଚାନନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

■ ବିଭିନ୍ନ ବ୍ଲକରେ ପିଠା ଯୋଜନାର ଶୁଭାରମ୍ଭ

# ସରକାରୀ କାର୍ଯ୍ୟକ୍ରମର ପ୍ରଚାର ପ୍ରସାର ଲକ୍ଷ୍ୟ

**ଭେଡ଼େନ/ ଝାରବନ୍ଧ/ ଭଟଲ/ ପାଇକମାଲ, ୧୫।୧୨ (ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ଅନ୍ତର୍ଗତ ରେଶମ, ଅଏଁଲାପାଲି, ଅରେଇଗୁଡ଼ି ଏବଂ ଲୁହାଖଣ୍ଡି ଗ୍ରାମ ପଞ୍ଚାୟତରେ ଶନିବାର ରାଜ୍ୟ ସରକାରଙ୍କର ନୂତନ ଯୋଜନା ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ସମସ୍ତ କାର୍ଯ୍ୟକ୍ରମର ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷ ଡ଼ୋଲାମଣି କ୍ଷେତି, ବିଡ଼ିଓ ମୁରଲିଧର ନାୟକ, ଜିଲା ପରିଷଦ ସଭ୍ୟ ସୁବାସ ହୋତା, ନିର୍ବାହୀ ଯନ୍ତ୍ରୀ ଶୈଳେଶ ଡ଼େଲକି, କଳାକାର ସଂଘ ସଭାପତି ସାଗର ମହାକୁର, ସିଡ଼ିପିଓ ଝୁନୁ କୁମାରୀ ପାତ୍ର, ଯୁବ ବାହିନୀ ସଂଯୋଜକ ଅରବିନ୍ଦ ହୋତା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ବହୁ କଳାକାରଙ୍କୁ କଳାକାର ଭତ୍ତା ପ୍ରଦାନ କରାଯାଇଥିଲା। ଏହାସହ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ପ୍ରଦର୍ଶନ ଷ୍ଟଲ ଏବଂ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ତରଫରୁ ପିଠା ତିଆରି କରି ପ୍ରଦର୍ଶନ କରାଯାଇଥିଲା। ରେଶମ ସରପଞ୍ଚ ସଂଖ୍ୟାକାରୀ ଖମାରୀ, ସମିତି ସଭ୍ୟ ନରେନ୍ଦ୍ର ଭୋଇ, ଅଏଁଲାପାଲି ସରପଞ୍ଚ ସୁବାସିନୀ ଜାଲ, ସମିତି ସଭ୍ୟ ସବିତା ବିଶି, ଅରେଇଗୁଡ଼ି ସରପଞ୍ଚ ସୁନୀଲ କୁମାର ମେହେର, ସମିତି ସଭ୍ୟ ଶିବ ଶଙ୍କର ମାଝୀ, ଲୁହାଖଣ୍ଡି ସରପଞ୍ଚ କ୍ଷୀରୋଦ୍ର ମେଲ୍ଲୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏଥିରେ ପଞ୍ଚାୟତ ନିର୍ବାହୀ ଅଧିକାରୀ, ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ, ବିଜୁ ଯୁବ ବାହିନୀର ସଦସ୍ୟ ସହଯୋଗ କରିଥିଲେ ।

**ଝାରବନ୍ଧ,(ଡି.ଏନ.ଏ):** ଝାରବନ୍ଧ ବ୍ଲକରେ ପିଠା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ଝାରବନ୍ଧ ବ୍ଲକ ଅମଠି ଗ୍ରାମପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଅଛି । ଏଥିରେ ପ୍ରତ୍ୟେକ କାର୍ଯ୍ୟର ସ୍ୱଚ୍ଛତା ଆଣିବା ପାଇଁ ପ୍ରୟାସ କରାଯାଇଛି । ପ୍ରଥମେ ବିଡିଓ ଟିକେଶ୍ୱର ପଟେଲ ଏହାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ବିଜୟ କେତନ ପ୍ରଧାନ, ସମ୍ମାନୀତ ଅତିଥି ସ୍ଥାନୀୟ ସରପଞ୍ଚ କଳ୍ପନା ପଣ୍ଡା, ଏପିଓ କେତନ ପ୍ରଧାନ, ସିଡିପିଓ ନେପାକ ଅଂଶ ଗ୍ରହଣ କରି ନିଜ ନିଜ ବିଭାଗ ବିଷୟରେ ଅବଗତ କରେଇଥିଲେ ।

**ଭଟଲି,(ଡି.ଏନ୍.ଏ.):** ଭଟଲି ବ୍ଲକ୍ ଅନ୍ତର୍ଗତ ଭଟଲି ସଦର, ସୁକୁଡ଼ା, ଡୁମାଲପାଲି ଏବଂ କେଶାଇପାଲି ପଞ୍ଚାୟତରେ ପିଠା ଯୋଜନା ଆରମ୍ଭ କରାଯାଇଛି । ଏହି ଯୋଜନାର ଶୁଭାରମ୍ଭ ପାଇଁ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ଲାଇନ ବିଭାଗର ଷ୍ଟଲ ଲଗାଯାଇ ଲୋକମାନଙ୍କୁ ସଚେତନ କରାଯାଇଥିଲା । ଏହି ଅବସରରେ ଭଟଲି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚ କିଶୋର ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରିଥିବାବେଳେ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ କୃତିବାସ ରାଉତ, ବ୍ଲକ ଅଧ୍ୟକ୍ଷା ପ୍ରେମାବତୀ ସା, ଜିଲା ପରିଷଦ ସଭ୍ୟ ନିତ୍ୟାନନ୍ଦ ପଧାନ, ବିଡିଓ ଧିରେନ୍ଦ୍ର କୁମାର ସେଠୀ, ତହସିଲଦାର ଅଞ୍ଜଳିନା ପଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ପରିପ୍ରେକ୍ଷୀରେ ଭଟଲି ପଞ୍ଚାୟତର ୮ଜଣ କଳାକାରଙ୍କୁ ମୁଖ୍ୟମନ୍ତ୍ରୀ କଳାକାର ଭତ୍ତା ପ୍ରଦାନ କରାଯାଇଥିଲା । ମଧୁବାବୁ ପେନ୍‌ସନ୍ ଯୋଜନାରେ ପଞ୍ଜୀକୃତ ହୋଇଥିବା ୧୩ଜଣ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା । ପରେ ପଞ୍ଚାୟତର ୩୦ଟି ଏସ୍‌ଏଚ୍‌ଜି ମହିଳା ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ପିଠା ପ୍ରସ୍ତୁତ କରାଯାଇ ପ୍ରଦର୍ଶିତ କରାଯାଇଥିଲା ।

**ପାଇକମାଲ,୧୫।୧୨(ଡି.ଏନ.ଏ):** ପାଇକମାଲ ବ୍ଲକର ୪ଟି ପଞ୍ଚାୟତରେ ରାଜ୍ୟ ସରକାରଙ୍କ ପିଠା ଯୋଜନାର ଶୁଭାରମ୍ଭ ହୋଇଛି । ପାଇକମାଲ ପଞ୍ଚାୟତ ପରିସରରେ ବ୍ଲକ ଅଧ୍ୟକ୍ଷ ଅଲତାପ ମହମ୍ମଦ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ବିଡିଓ ସଦାଶିବ ନାୟକ, ସରପଞ୍ଚ ଧବଳେଶ୍ୱର ସାହୁ, ଜିପିଓ ଭୀଷ୍ମଦେବ ମାଝୀ, ସମିତି ସଭ୍ୟ ବିଜୟ ସ୍ୱାଇଁ, କାର୍ଯ୍ୟନିର୍ବାହୀ ଅଧିକାରୀ ସବିତା କୁମାର ସାହା, ୱେସ୍କୋ ଏସ୍‌ଡିଓ ପୁରୋନ୍ଦରସାହୁ ପ୍ରମୁଖ ଯୋଗ ଦେଇଥିଲେ । ସେହିପରି ଝିଁଟିକି ପଞ୍ଚାୟତରେ ସରପଞ୍ଚ ସୁନିତା ପ୍ରଧାନ, ଜିଲା ପରିଷଦ ସଭ୍ୟ ବିଶ୍ୱନାଥ ବାଗ, କାଂସଡା ପଞ୍ଚାୟତରେ ସରପଞ୍ଚ ସୁଷମା ସାହୁ, ସହ ମତ୍ସ୍ୟ ଅଧିକାରୀ ରମେଶ ଚନ୍ଦ୍ର ସେଠୀ, ଭୁବନେଶ୍ୱରପୁର ପଞ୍ଚାୟତରେ ସରପଞ୍ଚ ପୁଷ୍ପାଞ୍ଜଳି ଭୋଇ ଯୋଗ ଦେଇଥିଲେ। ଏହି ଚାରିଟି ପଞ୍ଚାୟତରେ ମୁଖ୍ୟମନ୍ତ୍ରୀ କଳାକାର ଭତ୍ତା ଯୋଜନାରେ ୧୦ ଜଣ ଓ ମଧୁବାବୁ ଯୋଜନାରେ ୮୪ ଜଣକୁ ଭତ୍ତା ଦିଆଯାଇଥିଲା । ନୂତନ ବିଦ୍ୟୁତୀକରଣ ପାଇଁ ୮୪ ଜଣ ଆବେଦନ କରିଥିଲେ ।



ରେଶମ ଗ୍ରାମପଞ୍ଚାୟତରେ ଜଣେ ବର୍ଷୀୟାନ କଳାକାରଙ୍କୁ ଭତ୍ତା ପ୍ରଦାନ କରାଯାଉଛି ।

# ରାଜ୍ୟ ସରକାରଙ୍କୁ ଟାର୍ଗେଟ କଲେ ଧର୍ମେନ୍ଦ୍ର

**ପଦ୍ମପୁର, ୧୫।୧୨ (ଡି.ଏନ.ଏ)**

ଓଡିଶା ରାଜ୍ୟରେ ୧୯ ବର୍ଷ ଶାସନ କରିଥିବା ନବୀନ ସରକାରର ହିସାବ ମାଗିବା ଭାଜପା ଜନସମ୍ପର୍କ ତଥା ଜନପରାମର୍ଶ ପଦଯାତ୍ରାର ମୂଳ ଉଦ୍ଦେଶ୍ୟ ବୋଲି ଶନିବାର ପଦ୍ମପୁର ଆଇବି ହାଇସ୍କୁଲ ପଡିଆରେ ଅନୁଷ୍ଠିତ ଏକ ଜନସଭାରେ କେନ୍ଦ୍ର ପେଟ୍ରୋଲିୟମ ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା ପ୍ରକାଶ କରିଛନ୍ତି। ମନ୍ତ୍ରୀ ପ୍ରଧାନ ପୂର୍ବାହ୍ନ ୧୧ଟାରେ ସ୍ଥାନୀୟ ସତୀଭଟା ଉଡାଜାହାଜ ପଡିଆରେ ହେଲିକପ୍ଟରରୁ ଓହ୍ଲାଇ ଉଡାଜାହାଜ ପଡିଆ ଗେଷ୍ଟ ରୋଡକୁ ଯାଇଥିଲେ। ସେଠାରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ପରେ ସେ ପଦ୍ମପୁର ଭାଜପା କାର୍ଯ୍ୟାଳୟଠାରୁ ଏକ ବିରାଟ ପଦଯାତ୍ରାରେ ସଭାସ୍ଥଳକୁ ଯାଇଥିଲେ। ବିଧାୟକ ପ୍ରଦୀପ ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଯୋଗଦେଇ ମୋଦି ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଉପରେ ଆଲୋଚନା କରିବା ସହ ନବୀନ ପଟ୍ଟନାୟକ ସରକାରକୁ ସମାଲୋଚନା କରିଥିଲେ । ଓଡିଶା ରାଜ୍ୟ ଉନ୍ନତିମୂଳକ କାର୍ଯ୍ୟରେ ଦେଶରେ ୧ନମ୍ବର ବୋଲି ଡିଣ୍ଡିମ ପିଟୁଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ୧୯ ବର୍ଷ ଶାସନ କାଳରେ କି କି ଉନ୍ନୟନ କାର୍ଯ୍ୟ କରିଛନ୍ତି ତାର ଜବାବ ଦେବେ କି ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ ଖୋଲା ଆହ୍ୱାନ ଦେଇଥିଲେ । ସରକାରଙ୍କ ପିଠା ଯୋଜନା ବାହା ବେଳେ ବାଇଗର ରୁଆ ସଦୃଶ ବୋଲି ସେ ଆକ୍ଷେପ କରିଥିଲେ। ସ୍କୁଲ ଘର ନାହିଁ, ଶିକ୍ଷକ ନାହାନ୍ତି । ଏହାସହ ଶିକ୍ଷକଙ୍କୁ ଦରମା ନାହିଁ, ଅଙ୍ଗନୱାଡି, ଆଶାକର୍ମୀଙ୍କ ଦାବୀ ପୂରଣ ହୋଇପାରୁ ନାହିଁ । ସେମାନେ ବାଧ ହୋଇ ଆନ୍ଦୋଳନ କରୁଛନ୍ତି । ଅଥଚ ପିଠା ଯୋଜନାରେ ଲୋକଙ୍କୁ ଠକିବା ଆରମ୍ଭ ହୋଇଯାଇଛି । ସରକାରଙ୍କ ଜ୍ଞାତସାରରେ ବିଭିନ୍ନ ଆଶ୍ରମ ତଥା ହଷ୍ଟେଲ ମାନଙ୍କରେ ଯୌନ ନିର୍ଯାତନା ଓ ଧର୍ମାନ୍ତରୀକରଣ ଚାଲିଛି । ୨୦୨୨ ସୁଦ୍ଧା ଯୁବକଙ୍କୁ ରୋଜଗାର, ବିଜୁଳି, ଗ୍ୟାସ ଯୋଗାଣ ତଥା ଯୁବକଙ୍କୁ ସ୍ୱାବଲମ୍ବୀ ହେବାକୁ ଦିଆଯିବ । ଯୁବକମାନେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ନ ଯିବା ପାଇଁ ଭାଜପା ସରକାର ସଂକଳ୍ପ କରିଛି ବୋଲି ସେ ପ୍ରକାଶ କରିଥିଲେ। ଏହି ସଭାରେ ବିଧାୟକ ପ୍ରଦୀପ ପୁରୋହିତ, ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ, ରାଜ୍ୟ ଆଦିବାସୀ ସଂଘର ଗୋବର୍ଦ୍ଧନ ଭୁଏ, ବରଗଡ ଜିଲା ଭାଜପା ଜିଲା ସଭାପତି ଡ. ଅରୂପାନନ୍ଦ ସାହୁ, ଅଶ୍ୱିନୀ ଷଡଙ୍ଗୀ, ଡା. ରାମକୃଷ୍ଣ ପୁରୋହିତ, ମହମ୍ମଦ ରଫିକ, ଗିରିଜେଶ ଖାଡଙ୍ଗା, ମିଳନ ସେଠ, ସୌରୀଚରଣ ବାରିକ ପ୍ରମୁଖ ମଞ୍ଚାସୀନ ଥିଲେ । ବରଗଡ ଜିଲା ଯୁବମୋର୍ଚ୍ଚା ସଭାପତି ପ୍ରିତେଶ ବହିଦାର, ଅଶୋକ ମିଶ୍ର, ସୁନୀଲ ଅଗ୍ରୱାଲ, ସୁବାଷ ପାତ୍ର ପ୍ରମୁଖ ସହଯୋଗ କରିଥିଲେ । ସୁରେଶ୍ୱର ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ ।

**ଭାଜପାର ଜନପରାପର୍ଶ ପଦଯାତ୍ରା**



ଭାଜପା ଜନସମ୍ପର୍କ ତଥା ଜନପରାମର୍ଶ ପଦଯାତ୍ରା ସଭାରେ ମଞ୍ଚାସୀନ ଅତିଥିବୃନ୍ଦ ।

## ମଗୁଡି ସହାୟତା ନ ଦେଲେ ଆନ୍ଦୋଳନ

**ପଦ୍ମପୁର, ୧୫।୧୨ (ଡି.ଏନ.ଏ)**

ଚଳିତ ଖରିଫ ୨୦୧୮ ରିପୋର୍ଟ ଅନୁସାରେ ପଦ୍ମପୁର ତଥା ରାଜବୋଡାସମ୍ବର ବ୍ଲକର ଅନେକ ପଞ୍ଚାୟତ ୩୩ ପ୍ରତିଶତରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି । ରାଜ୍ୟ ସରକାର ମଧ ୩୮୦୦୦ ହେକ୍ଟର ଚାଷ କ୍ଷତିଗ୍ରସ୍ତ ହୋଇଥିବା ସ୍ୱୀକାର କରିଥିବା ବେଳେ ପ୍ରକୃତରେ ଆକଳନ ଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି । ଏ ନେଇ ରାଜବୋଡାସମ୍ବର କୃଷକ ସଙ୍ଗଠନ ଶନିବାର ପଦ୍ମପୁର ଉପଜିଲାପାଳଙ୍କ ମାଧମରେ ବରଗଡ ଜିଲାପାଳଙ୍କୁ ଏକ ଦାବିପତ୍ର ଦେଇଛି । କ୍ଷୟକ୍ଷତିର ସଠିକ ଆକଳନ କରିବା ସହ ଆସନ୍ତା ୨୦ ତାରିଖ ସୁଦ୍ଧା କ୍ଷତିପୂରଣ ଘୋଷଣା କରିବା ପାଇଁ ଚାଷୀମାନେ ଦାବ କରିଛନ୍ତି । ନଚେତ ଆଗାମୀ ୨୮ ତାରିଖରେ ରାଜରାସ୍ତା ଅବରୋଧ ହେବ ବୋଲି ସଙ୍ଗଠନ ସଭାପତି ବାଞ୍ଛାନିଧି ନାୟକ କହିଛନ୍ତି ।



ଅତୀତ ମନୁଷ୍ୟ ବିଷୟରେ ବହୁ କଥା ଜାଣିଲେ,
ଭବିଷ୍ୟତ ମନୁଷ୍ୟ ଗଢ଼ିବା ଦିଗରେ ସହାୟତା ମିଳେ।
- ବିନୋଦ କାନୁନ୍‌ଗୋ

## ସଂକ୍ଷେପରେ

### ଜାବ୍‌ର କର୍ମକର୍ତ୍ତା ନିର୍ବାଚନ

**ବରଗଡ଼ ଅଫିସ୍,୧୫।୧୨:** ବରଗଡ଼ ଜିଲା ବରପାଲିରେ ଶନିବାର ଜର୍ଣ୍ଣାଲିଷ୍ଟ ଆସୋସିଏଶନ ଅଫ ବରଗଡ଼(ଜାବ୍)ର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରବି ନାରାୟଣ ପଣ୍ଡା କ୍ରମାଗତ ଚତୁର୍ଥଥର ପାଇଁ ସଭାପତି ମନୋନୀତ ହୋଇଛନ୍ତି । ସେହିପରି ପ୍ରଦ୍ୟୁମ୍ନ ତ୍ରିପାଠୀ ଓ ସରୋଜ କୁମାର ଷଡ଼ଙ୍ଗୀ ଉପସଭାପତି, ଯୁଧିଷ୍ଠିର ମହାପାତ୍ର ସାଧାରଣ ସମ୍ପାଦକ, ସଞ୍ଜୀବ ପୁରୋହିତ ଓ ପ୍ରଦୀପ ମହାନ୍ତି ଯୁଗ୍ମ ସମ୍ପାଦକ, ନିର୍ମଳ କୁମାର ମେହେର କୋଷାଧ୍ୟକ୍ଷ ମନୋନୀତ ହୋଇଛନ୍ତି। ବିଜୟ କୁମାର ସାହୁଙ୍କୁ ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଏବଂ ଜିଲାର ପ୍ରତି ବ୍ଲକରୁ ଜଣେ ଲେଖାଏଁ ସଂଘର ବ୍ଲକ ପ୍ରତିନିଧି ମନୋନୀତ ହୋଇଛନ୍ତି । ସୁରେଶ ଦାଶ ନିର୍ବାଚନ ଅଧିକାରୀ ଥିବାବେଳେ ଅମୂଲ୍ୟ ସ୍ୱାଇଁ ଓ ସଚ୍ଚିକାନ୍ତ ସାହୁ ପର୍ଯ୍ୟବେକ୍ଷକ ରହିଥିଲେ। ଏହି ଅବସରରେ ସାମ୍ବାଦିକଙ୍କୁ ବୀମା, ପେନସନ ପ୍ରଦାନ ଦାବିରେ ଜିଲାପାଳଙ୍କ ମାଧ୍ୟମରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବା ଏବଂ ବରଗଡ଼ରେ କ୍ୟାନସର ହସପିଟାଲ ଦାବି ନେଇ ଜାବ୍ ପକ୍ଷରୁ ଧାରଣା କିମ୍ବା ଅନଶନ କାର୍ଯ୍ୟକ୍ରମ କରାଯିବା ନେଇ ମଧ୍ୟ ଆଲୋଚନା ହୋଇଥିଲା ।

### ୩୫ ଜଣ ସମ୍ମାନିତ

**ସରଣ୍ଡା, ୧୫।୧୨ (ଡି.ଏନ.ଏ):** ଜନ କଲ୍ୟାଣ ସେବା ଟ୍ରଷ୍ଟର ଦଶମ ପ୍ରତିଷ୍ଠା ଦିବସ ଶନିବାର ଅତାବିରା ବ୍ଲକ ଅନ୍ତର୍ଗତ ଲାଦେରପାଲି ସ୍ଥିତ ରାମଚଣ୍ଡୀ ମନ୍ଦିର କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୟନ ଶିଳ୍ପମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟଅତିଥି, ଖିବରଦାତା ପ୍ରମୋଦ କୁମାର ପଟ୍ଟନାୟକ ମୁଖ୍ୟବକ୍ତା, ସମ୍ବଲପୁର ଜିଲା ବିଜେଡି ସଭାପତି ପ୍ରମୋଦ ରଥ, ଆଇନଜୀବୀ ସଂଯୁକ୍ତା ମହାନ୍ତି ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଟ୍ରଷ୍ଟ ସଭାପତି ମୁକୁନ୍ଦ ଦାଶ ବିବରଣୀ ପଠନ କରିଥିଲେ। ଏହି ଅବସରରେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୩୫ ଜଣଙ୍କୁ ସମ୍ମାନୀତ ଏବଂ ୨୦ଜଣଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା।

# ଚିନିକଳ କର୍ମଚାରୀଙ୍କ ଧାରଣା ଜାରି

**ବରଗଡ଼ ଅଫିସ୍,୧୫।୧୨**

ବରଗଡ଼ ସହର ଉପକଣ୍ଠ ଡୋରାସ୍ଥିତ ସମବାୟ ଚିନିକଳ କର୍ମଚାରୀମାନଙ୍କୁ ୨୧ମାସର ଦରମା ମିଳି ନାହିଁ । ଏହାର ପ୍ରତିବାଦରେ କର୍ମଚାରୀମାନେ ଚଳାଇଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ଶନିବାର ପଞ୍ଚମ ଦିବସରେ ପହଞ୍ଚିଛି । ବରଗଡ଼ ଜିଲା ଶ୍ରମିକ, କର୍ମଚାରୀ ସମନ୍ୱୟ ସମିତିର ସଭାପତି ଦେବେନ୍ଦ୍ର ମୋହନ ଶତପଥି, ଆଇଏନଟିୟୁସିର ଜିଲା ସଭାପତି ବ୍ରହ୍ମାନନ୍ଦ ମହାକୁଡ଼ ଏବଂ ସଂଗଠନ ସଂଯୋଜକ ଜେଠୁ ଭୋଇ ପ୍ରମୁଖ କର୍ମଚାରୀଙ୍କ ଧାରଣାସ୍ଥଳକୁ ପହଞ୍ଚିଥିଲେ । କର୍ମଚାରୀଙ୍କ ପ୍ରତି ଚିନିକଳ କର୍ତ୍ତୃପକ୍ଷଙ୍କ ଏଭଳି ଅଣଦେଖା ମନୋଭାବକୁ ନେଇ ସେମାନେ କ୍ଷୋଭ ପ୍ରକାଶ କରିଥିଲେ । ଦୁଇଦିନ ତଳେ ଶ୍ରମ ଅଧିକାରୀ ସେଠାକୁ ପହଞ୍ଚିଥିଲେ ଏବଂ ଦରମା ସମ୍ପର୍କିତ ରିପୋର୍ଟ ମାଗି ନେଇଥିଲେ । କିନ୍ତୁ ଏହାପରେ ସେମାନଙ୍କୁ ଦରମା ମିଳିବା ତ ଦୂରର କଥା, ଆଉ କୌଣସି ପଦାଧିକାରୀ ସେମାନଙ୍କ ପାଖକୁ ଆଲୋଚନା କରିବା ପାଇଁ ସୁଦ୍ଧା ପହଞ୍ଚି ନ ଥିବାରୁ ଅସନ୍ତୋଷ ବଢ଼ିବାରେ ଲାଗିଛି। କର୍ମଚାରୀଙ୍କ ଏହି ସମସ୍ୟାର ତୁରନ୍ତ ସମାଧାନ କରା ନ ଗଲେ ପ୍ରତିବାଦରେ ଆଗକୁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଅଚଳ କରି ଦିଆଯିବ ବୋଲି ସଂଘ ସଭାପତି ପ୍ରଦୀପ ଦେବତା ଚେତାବନୀ ଦେଇଛନ୍ତି । ସେହିପରି ଆସନ୍ତା ୧୭ତାରିଖ କୋସଲ ମହାବନ୍ଦକୁ ଚିନିକଳ କର୍ମଚାରୀ ସଂଘ ସମର୍ଥନ କରିବ ବୋଲି ସେ ଜଣାଇଛନ୍ତି ।

# ଚାଷୀ ସମସ୍ୟା ନେଇ ଜିଲାପାଳଙ୍କୁ ଫେରାଦ



କଂଗ୍ରେସ ପ୍ରତିନିଧି ମଣ୍ଡଳୀ ଜିଲାପାଳଙ୍କ ସହିତ ଆଲୋଚନା କରୁଛନ୍ତି ।

**ବରଗଡ଼ ଅଫିସ୍,୧୫।୧୨**

ବରଗଡ଼ ଜିଲା କଂଗ୍ରେସ କମିଟିର ଏକ ପ୍ରତିନିଧି ଦଳ ଶୁକ୍ରବାର ବିଭିନ୍ନ ଚାଷୀ ସମସ୍ୟା ନେଇ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଫେରାଦ ହୋଇଥିଲେ । ଜିଲାପାଳଙ୍କୁ ଭେଟି ଏହି ପ୍ରତିନିଧି ଦଳ ଜିଲାରେ ଦେଖାଯାଇଥିବା ଧାନର ଅଭାବିବିକ୍ରୀ, ମରୁଡ଼ି ସହାୟତା, ବୀମାରାଶି ପ୍ରଦାନରେ ହୋଇଥିବା ଟାଳଟୁଳ ନୀତି, ଜଳସେଚିତ ଅଞ୍ଚଳରେ ହୋଇଥିବା ନିମ୍ନମାନର କାର୍ଯ୍ୟ, ବିହନର ଅଭାବ, କେନାଲ ପାଣି ଯୋଗାଣରେ ମନମୁଖୀ କାର୍ଯ୍ୟକଳାପ ନେଇ ଆଲୋଚନା କରି ବିହିତ ପଦକ୍ଷେପ ନେବା ପାଇଁ ଅନୁରୋଧ କରିଥିଲେ । ଏହି ପ୍ରତିନିଧି ଦଳରେ ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା, ଦୟାସାଗର ମେଣ୍ଡଲୀ, ଶୁଭେନ୍ଦୁ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା

**ବରଗଡ଼ ଅଫିସ୍,୧୫।୧୨**

ବରଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର (ଓଡ଼ିଆ ବିଭାଗ)ର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଛି । ଶୁକ୍ରବାରରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦୌଡ଼, ବେଙ୍ଗଡ଼ିଆଁ, ବାଟି ସଂଗ୍ରହ, ଚୌକିବସା ଆଦି ଖେଳ ହୋଇଥିଲା । ନାଗପଡ଼ା ବିଦ୍ୟାଳୟର ପ୍ରଧାନଶିକ୍ଷକ ନରେନ୍ଦ୍ର ସେଠ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତେଜସ୍ୱୀ ଦିଗ୍ରୀ ଏବଂ ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ କୁମାର ଦାଶ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ । ଶିଶୁ ପ୍ରାରମ୍ଭ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବେଲୁନ ଫଟାଇ ଉଦ୍‌ଘାଟନୀ ଖେଳ ହୋଇଥିଲା ।



ଛାତ୍ରଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଯୋଗିତା ଚାଲିଛି ।

# ଟିକାକରଣରେ ରାଣାପ୍ରତାପ ସ୍କୁଲ ପୁରସ୍କୃତ

**ବରଗଡ଼ ଅଫିସ୍,୧୫।୧୨**

ବରଗଡ଼ ପୌର ପରିଷଦ ଅନ୍ତର୍ଗତ ରାଣାପ୍ରତାପ ହାଇସ୍କୁଲ ୨୦୧୭-୧୮ ବର୍ଷରେ ମିଳିମିଳା, ଜର୍ମାନ ଟୀକାକରଣ ଓ ସଚେତନତା କାର୍ଯ୍ୟକ୍ରମରେ ଶତ ପ୍ରତିଶତ ସଫଳତା ଅର୍ଜନ କରିଛି । ଏଥିପାଇଁ ଉକ୍ତ ସ୍କୁଲକୁ ଜିଲା ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ପୁରସ୍କୃତ କରାଯାଇଛି । ଏହି ଅବସରରେ ଶନିବାର ବରଗଡ଼ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ ତରଫରୁ ଡା. ସନ୍ଦୀପ କୁମାର ତ୍ରିପାଠୀ, ଏଏନଏମ ରିଙ୍କି ପ୍ରଧାନ ପ୍ରମୁଖ ରାଣାପ୍ରତାପ ସ୍କୁଲରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୁଧାଂଶୁ ଶେଖର ସାହୁଙ୍କୁ ପ୍ରମାଣପତ୍ର ପ୍ରଦାନ ସହିତ ପୁରସ୍କୃତ କରିଥିଲେ । ଶିକ୍ଷୟିତ୍ରୀ ମୀନା ପଣ୍ଡା, ମନୋରମା ଷଡ଼ଙ୍ଗୀ, ଭାବନା ସାହୁ, ସସ୍ମିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

**ଜିଲା ସ୍ୱାସ୍ଥ୍ୟ ମିଶନ**



ପୁରସ୍କାର ବାବଦକୁ ରାଣାପ୍ରତାପ ହାଇସ୍କୁଲକୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି ।

### ଭଲିବଲ ପ୍ରତିଯୋଗିତା

**ବରଗଡ଼ ଅଫିସ୍,୧୫।୧୨**

ବରପାଲି ବ୍ଲକ ଅନ୍ତର୍ଗତ ସତଲମାରେ ଶନିବାର ଜିଲା ଭଲିବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି । ବରଗଡ଼ ଜିଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ତଥା ସତଲମାର ସମଲେଶ୍ୱରୀ ଭଲିବଲ ଆସୋସିଏଶନର ସହଯୋଗିତାରେ ଚାଲିଥିବା ଏହି ପ୍ରତିଯୋଗିତାକୁ ଜିଲା କ୍ରୀଡ଼ା ସଂସଦର ପୂର୍ବତନ ସମ୍ପାଦକ ପ୍ରଭାତାଦିତ୍ୟ ମିଶ୍ର ଉଦ୍‌ଘାଟନ କରିଥିଲେ । ସୁବୋଧ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ସମାରୋହରେ ଜିଲା କ୍ରୀଡ଼ା ସଂସଦର ସମ୍ପାଦକ ଯୁଗଳ ପ୍ରସାଦ ସିଂ, ସମିତିସଭ୍ୟ ବିଜୟ ଗଡ଼ତିଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।

# ନୀଳେଶ୍ୱରରେ ପିଠା ଯୋଜନାର ଶୁଭାରମ୍ଭ

**ବରଗଡ଼ ଅଫିସ୍,୧୫।୧୨**

ବରଗଡ଼ ବ୍ଲକ ନୀଳେଶ୍ୱର ପଞ୍ଚାୟତରେ ଶନିବାର ରାଜ୍ୟ ସରକାରଙ୍କ ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଭିନ୍ନ ପ୍ରକାର ପିଠା ପ୍ରଦର୍ଶନ କରାଯାଇଥିଲା । ରାଜ୍ୟ ସରକାରଙ୍କ ପେନସନ, କଳାକାର ସହାୟତା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ, ଗ୍ରାମୀଣ ବିଦ୍ୟୁତୀକରଣ ଯୋଜନା ଉପରେ ସଚେତନତା ସୃଷ୍ଟି କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଶୋଭାବତୀ ବିଶ୍ୱାଳ, ସମିତିସଭ୍ୟ ଦେବରାଜ ସାହୁ, ନାଏବ ସରପଞ୍ଚ ନିରଞ୍ଜନ ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ସେହିପରି ଜିଲା କୃଷି ଉପନିର୍ଦ୍ଦେଶକ ଦିନବନ୍ଧୁ ଗାନ୍ଧୀ, କାର୍ଯ୍ୟନିର୍ବାହୀ ଅଧିକାରୀ ଶିବପ୍ରସାଦ ବେହେରା, ଦୁଷ୍ମନ୍ତ ଭୋଇ, ଅଯୋଧ୍ୟାନାଥ ସାହୁ, ଅଶୋକ ସାହୁ, ଆନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।





କ୍ରୋଧରୁ ମୋହ ଜନ୍ମେ, ମୋହରୁ ସ୍ମରଣ ଶକ୍ତି ନଷ୍ଟ ହୁଏ, ସ୍ମରଣ ଶକ୍ତି ନଷ୍ଟ ହେଲେ, ବିଚାର ଶକ୍ତି ନଷ୍ଟ ହୁଏ ଏବଂ ବିଚାର ଶକ୍ତି ନଷ୍ଟରୁ ମନୁଷ୍ୟ ମୃତ୍ୟୁ ମୁଖରେ ପତିତ ହୁଏ।
- ଭଗବତ୍ ଗୀତା



## ସଂକ୍ଷେପରେ

### ବ୍ଲକସ୍ତରୀୟ ଶିଶୁ ଉତ୍ସବ ଉଦ୍‌ଯାପିତ

ଜହ୍ନାପଙ୍କ,୧୫।୧୨(ଡି.ଏନ.ଏ.)
ବୌଦ୍ଧ ବ୍ଲକ ଜହ୍ନାପଙ୍କ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବୌଦ୍ଧ ବ୍ଲକସ୍ତରୀୟ ଶିଶୁ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ତର୍କ, କଣ୍ଠ ସଂଗୀତ, ଚିତ୍ରାଙ୍କନ, ଆବୃତ୍ତି, କବିତା, ରଚନା, ଏକକ ଅଭିନୟ, ଏକକ ନୃତ୍ୟ, ଚିତ୍ରାଙ୍କନ, କୁଇଜ ପ୍ରଭୃତି ୧୦ବିଭାଗରେ ୧୦୭ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବୌଦ୍ଧ ଜିଲା ଓଷ୍ଟା କାର୍ଯ୍ୟକାରୀ ସଭାପତି ଧନେଶ୍ୱର ମଣ୍ଡଳ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଦହ୍ୟା ହାଇସ୍କୁଲର ପ୍ରଧାନଶିକ୍ଷକ ଦଶରଥ ମେହେର, ବୌଦ୍ଧ ବ୍ଲକ ଓଷ୍ଟା ସମ୍ପାଦକ ମନୋଜ ଗାଈଗୌରିଆ, ବୌଦ୍ଧ ବ୍ଲକ ଓଷ୍ଟା ଉପସଭାପତି ପ୍ରମୋଦ ଚାନ୍ଦ, ବରିଷ୍ଠ ଶିକ୍ଷକ ବୁଦାରାମ ପ୍ରଧାନ, କାର୍ଯ୍ୟକାରୀ ସଦସ୍ୟା ସଚଳା ଗୁରୁ ଯୋଗଦେଇଥିଲେ। ଉଦ୍‌ଯାପନୀ ଦିବସରେ ପ୍ରାକ୍ତନ ପ୍ରଧାନଶିକ୍ଷକ କୃପାସିନ୍ଧୁ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କାର ବଣ୍ଟନ କରିଥିଲେ। ପ୍ରଧାନଶିକ୍ଷକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ମନୋଜ ଗାଈଗୌରିଆ ଧନ୍ୟବାଦ ଅର୍ପଣ କରିଥିଲେ।

### ଜିଲାସ୍ତରୀୟ ଶକ୍ତି ସଂରକ୍ଷଣ ଦିବସ ପାଳିତ

ବୌଦ୍ଧ,୧୫।୧୨(ସ୍ୱ.ପ୍ର.): ଶକ୍ତି ସଂରକ୍ଷଣ ଦିବସ ଅବସରରେ ଶୁକ୍ରବାର ବୌଦ୍ଧ ଯୋଗୀନ୍ଦ୍ର ଦେବ ହାଇସ୍କୁଲ ପରିସରରେ ଜିଲାସ୍ତରୀୟ ଶକ୍ତି ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରମାନଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ର ବିଦ୍ୟାଳୟରୁ ବାହାରି ସହରପରିକ୍ରମା କରିଥିଲା। ପରେ ସେଣ୍ଟନାରୀ ହଲଠାରେ ଶକ୍ତି ସଂରକ୍ଷଣ ଉପରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ ଘୁଟା ସଭାପତିତ୍ୱ କରିଥିଲେ। ସଭାରେ ଛାତ୍ର, ଶିକ୍ଷୟିତ୍ରୀଶିକ୍ଷକମାନେ ଯୋଗଦେଇ ଶକ୍ତିର ଆବଶ୍ୟକତା, ଶକ୍ତିଉତ୍ସ ତଥା ଏହାର ବ୍ୟବହାର ଓ ସଂରକ୍ଷଣ ଉପରେ ଆଲୋଚନା କରିଥିଲେ।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

# ହତ୍ୟା ଅଭିଯୋଗରେ ଗ୍ରାମବାସୀଙ୍କ ରାସ୍ତାରୋକା

ବୌଦ୍ଧ/ ବାଉଁଶୁଣୀ, ୧୫।୧୨ (ସ୍ୱ.ପ୍ର.)
ବୌଦ୍ଧ ବ୍ଲକ ବାଉଁଶୁଣୀ ଥାନା ଅନ୍ତର୍ଗତ ଗୁଡପଡା ଗ୍ରାମର ଜଣେ ଯୁବକଙ୍କ ମୃତଦେହ ସନ୍ଦେହଜନକ ଭାବେ ବାଉଁଶୁଣୀ ଦମକଳ କେନ୍ଦ୍ର ନିକଟରୁ ଉଦ୍ଧାର କରାଯିବାପରେ ଗ୍ରାମବାସୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ଗୁଡପଡା ଗ୍ରାମର ନରେଶ ଖଟୁଆ ଶୁକ୍ରବାର ସନ୍ଧ୍ୟାରେ ଡିଜେଲ ଆଣିବା ପାଇଁ କାର ନେଇ ବାଇକ୍ ଯୋଗେ ବାଉଁଶୁଣୀ ପ୍ରେଟ୍ରୋଲ ପମ୍ପକୁ ଯାଇଥିଲେ। ରାତି ୯ଟା ପର୍ଯ୍ୟନ୍ତ ନରେଶ ଘରକୁ ନ ଫେରିବାରୁ ପରିବାରଲୋକ ଏ ସମ୍ପର୍କରେ ବାଉଁଶୁଣୀ ଥାନାକୁ ଫୋନ ଯୋଗେ ଜଣାଇଥିଲେ। ତେବେ ସକାଳୁ ବାଇକ ସହ ନରେଶଙ୍କ ମୃତଦେହ ବାଉଁଶୁଣୀ ଦମକଳ କେନ୍ଦ୍ର ନିକଟସ୍ଥ ଏକ ଜମିରେ ପଡିଥିବା ଦେଖାଯାଇଥିଲା। ଖବରପାଇ ପରିବାରଲୋକେ ଓ ଗ୍ରାମବାସୀ ସେଠାରେ ପହଞ୍ଚିଥିଲେ। ପ୍ରଥମେ ଏହାକୁ ଏକ ଦୁର୍ଘଟଣା ବୋଲି ଆଲୋଚନା ହୋଇଥିଲା। କିନ୍ତୁ ନରେଶଙ୍କ ବାଇକ୍‌ର କୌଣସି କ୍ଷତି ହୋଇ ନ ଥିବାରୁ ତାଙ୍କୁ ହତ୍ୟା କରି ଜମିରେ ପକାଇ ଦିଆଯାଇଥିବା ନେଇ ପରିବାର ପକ୍ଷରୁ ବାଉଁଶୁଣୀ ଥାନାରେ ଅଭିଯୋଗ କରାଯାଇଥିଲା। ଏହି ଘଟଣାର ତଦନ୍ତ ଓ କ୍ଷତିପୂରଣ ଦାବି କରି ଗୁଡପଡା ଗ୍ରାମବାସୀମାନେ ସକାଳ ୮ଟା ସମୟରୁ ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ବୌଦ୍ଧ ତହସିଲଦାର ଲଲାଟେନ୍ଦୁ ସିଂ ଓ ବାଉଁଶୁଣୀ ଥାନା ଅଧିକାରୀ ରଶ୍ମିତା ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ସହ ସରକାରଙ୍କ ପକ୍ଷରୁ ନିୟମ ମୁତାବକ କ୍ଷତିପୂରଣ ପ୍ରଦାନ ଓ ଘଟଣାର ତଦନ୍ତ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ପରେ ଦୀର୍ଘ ୩ ଘଣ୍ଟା ରାସ୍ତାରୋକୋ ହଟିଥିଲା। ବାଉଁଶୁଣୀ ପୋଲିସ କେସ ନଂ୧୫୬/୧୮ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।



ହତ୍ୟା ଘଟଣାରେ ପରିବାର ବର୍ଗ ଓ ସ୍ଥାନୀୟ ବାସିନ୍ଦା ରାସ୍ତାରୋକୋ କରିଛନ୍ତି।

### ଆବାସିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ

ଜହ୍ନାପଙ୍କ,୧୫।୧୨(ଡି.ଏନ.ଏ.)
ବୌଦ୍ଧ ବ୍ଲକ ପୋଲାମସ୍ଥିତ ଆର୍ଯ୍ୟନ ଏକାଡେମୀ ଆବାସିକ ବିଦ୍ୟାଳୟର ୫ମ ବାର୍ଷିକ କ୍ରୀଡା ଉତ୍ସବ ଖୁଣ୍ଟବନ୍ଧ ଗଦବସା ପଡିଆଠାରେ ଶନିବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବୌଦ୍ଧ ବ୍ଲକ ଉପାଧ୍ୟକ୍ଷ ମନୋରଞ୍ଜନ ପୁରୋହିତ, ବାଉଁଶୁଣି ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରିୟବ୍ରତ ବେହେରା, ଖବରଦାତା ସୁଧାଂଶୁ ଶେଖର ମିଶ୍ର ଯୋଗଦେଇ କ୍ରୀଡା ଶାରିରୀକ, ମାନସିକ ଓ ବୌଦ୍ଧିକ ବିକାଶ ଘଟାଇଥାଏ ଏବଂ ଅସଫଳ ସଫଳତାର ଚାବିକାଠି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରଧାନଶିକ୍ଷକ ସୁଜିତ ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଶିକ୍ଷକ ଅସୀତ ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ରମାକାନ୍ତ ବାରିକ ମଞ୍ଚ ପରିଚାଳନା କରିଥିଲେ। ୨ଦିନ ଧରି ଚାଲିଥିବା ଏହି କ୍ରୀଡା ଉତ୍ସବରେ ବିଭିନ୍ନ ପ୍ରତିଯୋଗୀତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

# ଉଲୁଣ୍ଡା କପ ଫୁଟବଲ: କଟକ ଚାମ୍ପିୟନ

ଉଲୁଣ୍ଡା, ୧୫।୧୨(ଡି.ଏନ.ଏ.)
ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା କଲେଜ ଖେଳପଡିଆରେ ଫୁଟବଲ ଆସୋସିଏଶନ ତରଫରୁ ଆୟୋଜିତ ୧୯ତମ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ବେଲପାହାଡ ଦଳକୁ କଟକ ୧-୦ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଛି। ଏହା ପୂର୍ବରୁ ଖେଳାଯାଇଥିବା ଶେଷ ଲିଗ ମ୍ୟାଚରେ କୋଲକାତା ଦଳ ସୋନପୁରକୁ ୩-୧ ଗୋଲରେ ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲା। ଆୟୋଜିତ ପ୍ରଥମ ସେମିଫାଇନାଲରେ ବେଲପାହାଡ ଦଳ ଭୁବନେଶ୍ୱରକୁ ଟାଇବ୍ରେକର ୫-୩ଗୋଲରେ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ସେହିପରି ଦ୍ୱିତୀୟ ସେମିଫାଇନାଲ ଖେଳରେ କଟକ ଦଳ କୋଲକାତାକୁ ୨-୦ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ପରେ ବିହାରିଲାଲ ମିଶ୍ରଙ୍କ ଅଧକ୍ଷତା ଏବଂ ଗୋବିନ୍ଦ ଦାଶ ତରାଇଙ୍କ ସଂଯୋଜନାରେ ହୋଇଥିବା ପୁରସ୍କାର ବିତରଣୀ ଉତ୍ସବରେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା, ଉଲୁଣ୍ଡା ବ୍ଲକ ଉପାଧ୍ୟକ୍ଷ ଅଶୋକ କୁମାର ପଣ୍ଡା, ସରପଞ୍ଚ ସନ୍ତୋଷିନୀ ଭୋଇ, ପିଙ୍କି ବିଶି, ଖେଳପ୍ରେମୀ ସୀତାରାମ ପାଣିଗ୍ରାହୀ, ଗୁନୁରାମ ମହାକୁର, ଝସକେତନ ବଘାର, ରମେଶ ମାହାର ପ୍ରମୁଖ ଅତିଥି ଭାବରେ ଯୋଗଦେଇ ବିଜେତା କଟକ ଦଳ ଏବଂ ଉପବିଜେତା ବେଲପାହାଡ ଦଳକୁ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଆଜିର ସମସ୍ତ ଖେଳକୁ ବିଦ୍ୟାଧର ମିଶ୍ର, ଶିବ ସାହୁ, ଦିଲ୍ଲିପ ରାଉତ ଏବଂ ସଲିଲ ବେହେରା ପରିଚାଳନା କରିଥିବା ବେଳେ ବିଶ୍ୱଜିତ ପାତ୍ର ଧାରା ବିବରଣୀ ପ୍ରଦାନ କରିଥିଲେ। ଶେଷରେ ନିରଦସୁନ୍ଦର ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। କୁଶ ଭୋଇ, ଅରୁଣ ମହାକୁର, ମଂଜିତ ଆଚାର୍ଯ୍ୟ, ଆକାଶ ବେହେରାଙ୍କ ସମେତ ଅନୁଷ୍ଠାନର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ କଟକ ଦଳର ଖେଳାଳିମାନେ।

## ୧୭ରେ କୋଶଳ, ୨୧ରେ ବାଇପାସ ପାଇଁ ବନ୍ଦ

ମନମୁଣ୍ଡା,୧୫।୧୨ (ଡି.ଏନ.ଏ.)
କୋଶଳ ରାଜ୍ୟ ଦାବି ପାଇଁ ୧୭ରେ ଏବଂ ୨୧ ତାରିଖ ମନମୁଣ୍ଡା ବାଇପାସ୍ ଜମି ଅଧିଗ୍ରହଣ ଏବଂ କାମ ତ୍ୱରାନ୍ୱିତ ଦାବିକୁ ନେଇ ଦୁଇ ଦିନ ମନମୁଣ୍ଡା ସମ୍ପୂର୍ଣ୍ଣ ବନ୍ଦ କରାଯିବାକୁ ବଣିକ ସଂଘ ବୈଠକରେ ସର୍ବ ସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଶନିବାର ଅପରାହ୍ନ ୩ଟା ସମୟରେ ସ୍ଥାନୀୟ ସୁବର୍ଣ୍ଣମେରୁ ମନ୍ଦିର ପ୍ରାଙ୍ଗଣରେ ଏ ନେଇ ବଣିକ ସଂଘ ସଭାପତି ଅଜିତ ମେହେରଙ୍କ ଅଧକ୍ଷତାରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଂଘର ସମ୍ପାଦକ ରାଜେନ୍ଦ୍ର ମେହେର ବାଇପାସ୍ ଜମି ଅଧିଗ୍ରହଣ ଅସମ୍ପୂର୍ଣ୍ଣ ଏବଂ ନିର୍ମାଣ କାମ ଅଧପନ୍ତରିଆ ପଡି ରହିଥିବା ବିଷୟ ଉପସ୍ଥାପନ କରିଥିଲେ। ଏହା ଦ୍ୱାରା କେବଳ ଦୋକାନି ନୁହେଁ ବରଂ ଗ୍ରାମବାସୀ, ସାଧାରଣ ଜନତା କିପରି ଅସୁବିଧାର ସମ୍ମୁଖିନ ହେଉଛନ୍ତି, ସେ ନେଇ କହିଥିଲେ। ଅଧପନ୍ତରିଆ କାମ ତ୍ୱରାନ୍ୱିତ କରାଯିବାକୁ ଗତ ୬ତାରିଖରେ ଗ୍ରାମବାସୀ ବୌଦ୍ଧ ଜିଲାପାଳଙ୍କୁ ଦାବିପତ୍ର ଦେଇଥିଲେ। ଧାର୍ଯ୍ୟ ସମୟ ୨୧ତାରିଖ ସୁଦ୍ଧା ତାହା କରା ନ ଗଲେ ମନମୁଣ୍ଡା ୨୪ଘଣ୍ଟିଆ ବନ୍ଦ ପାଇଁ ଦରଖାସ୍ତରେ ଉଲ୍ଲେଖ କରାଯାଇଥିଲା। ସେହିଦିନ ସୁଦ୍ଧା ଦାବି ପୂରଣ ନ ହେଲେ ବନ୍ଦ ପାଳନକୁ ସଫଳ କରିବାକୁ ଆଜିର ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସେହିପରି ବୈଠକ ସମୟରେ ସ୍ୱତନ୍ତ୍ର କୋଶଳ ରାଜ୍ୟ ଦାବି ପରିପ୍ରେକ୍ଷୀରେ ଆସନ୍ତା ୧୭ତାରିଖ ପ୍ରସ୍ତାବିତ କୋଶଳାଞ୍ଚଳ ସମ୍ପୂର୍ଣ୍ଣ ବନ୍ଦରେ ମନମୁଣ୍ଡା ବଣିକ ସଂଘ ସହଯୋଗ କରିବାକୁ କୋଶଳ ରାଜ୍ୟ ସମନ୍ୱୟ ସମିତି ଜିଲା ସଭାପତି ସୁବେଦାର ଲଳିତ ସାହୁ ନିବେଦନ କରିଥିଲେ। ମନମୁଣ୍ଡା ବଣିକ ସଂଘ ତାହାକୁ ପାଳନ କରିବା ପାଇଁ ବୈଠକରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

## ଜିଲାସ୍ତରୀୟ କ୍ରୀଡା ଉତ୍ସବ ଉଦ୍‌ଯାପିତ

ବୌଦ୍ଧ,୧୫।୧୨(ସ୍ୱ.ପ୍ର.)
ବୌଦ୍ଧ ଜିଲା ସରସରା ବାବା ବୈଦ୍ୟନାଥ ଉଚ୍ଚ ବିଦ୍ୟାଳୟ ଖେଳପଡିଆଠାରେ ଜିଲା କ୍ରୀଡା ସଂଘ ଆନୁକୂଲ୍ୟରେ ଦୁଇ ଦିନଆ ଜିଲାସ୍ତରୀୟ କ୍ରୀଡା ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜାତୀୟ ମାଷ୍ଟର ସନ୍ତରଣକାରୀ ଶିବନାରାୟଣ ଦାସ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବାବା ବୈଦ୍ୟନାଥ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ବେହେରା ଯୋଗଦେଇଥିଲେ। ଜିଲା କ୍ରୀଡା ସଂଘର ସମ୍ପାଦକ ରବୀନ୍ଦ୍ର ରାଉତଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା ଏହି କ୍ରୀଡା ଉତ୍ସବ। ଏଥିରେ ଜିଲାର ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ୩୨୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସେହିପରି ଜିଲା କ୍ରୀଡା ସଂସଦର ଉପସଭାପତି ବରିଷ୍ଠ ଆଇନଜୀବୀ ଧୂରୀଣ ଦେହୁରୀଙ୍କ ଅଦ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ଉଦଯାପନୀ ଉତ୍ସବ। ଏଥିରେ ମୁଖ୍ୟଅତିଥି ଭାବେ ଓଡ଼ିଶା ବିଧାନସଭାର ବାଚସ୍ପତି ପ୍ରଦୀପ କୁମାର ଅମାତ ଓ ସମ୍ମାନିତ ଅତିଥି ଭାବେ ଜିଲାପାଳ ଶିତାଂଶୁ ରାଉତ, ବରିଷ୍ଠ ଆଇନଜୀବୀ ତାରିଣୀ ମହାପାତ୍ର ଯୋଗଦେଇ କୃତୀ ଖେଳାଳୀଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ବାଚସ୍ପତି ଅମାତ କହିଥିଲେ, ଜିଲାରେ ନୂତନ ଷ୍ଟାଡିୟମ ନିର୍ମାଣ ହୋଇସାରିଥିବାବେଳେ ଖୁବ୍‌ଶୀଘ୍ର ଏହା ଜିଲାର ଖେଳାଳୀମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ କରାଯିବ। ତେବେ ଏହି ଷ୍ଟାଡିୟମ ନିର୍ମାଣ ପାଇଁ ଜିଲା କ୍ରୀଡା ସଂସଦ ପକ୍ଷରୁ ପ୍ରାୟ ୩ଏକର ନିଜସ୍ୱ ଜମି ହସ୍ତାନ୍ତର କରାଯାଇଛି ବୋଲି କହିଥିଲେ। ଜିଲାପାଳ ରାଉତ ଜିଲାରେ କ୍ରୀଡାର ଭିତ୍ତିଭୂମିର ଅଭାବ ନଥିବାବେଳେ ଉତ୍ତମ ପ୍ରଶିକ୍ଷକ ଦ୍ୱାରା ଖେଳାଳିମାନଙ୍କୁ ତାଲିମ ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା କ୍ରିଡା ସଂସଦର କର୍ମକର୍ତ୍ତା ଜ୍ୟୋତିରଞ୍ଜନ ପଟ୍ଟନାୟକ, ଓ କ୍ରୀଡା ପ୍ରଶିକ୍ଷକ ବରୁଣ ଭୋଇ, କୃଷ୍ଣ ଚନ୍ଦ୍ର ସେଠୀ, ତପନ ନାଏକ, ଜଗନ୍ନାଥ ବେହେରା, ଅରବିନ୍ଦ ମାହାର, ରୋଜାଲିନ ରାଜହଂସ, ଗରିବ ବେହେରା, ସତ୍ୟ ପ୍ରଧାନ, ଧବଳେଶ୍ୱର ଦାସିଆ ଓ ଜିଲାର ବିଭିନ୍ନ ବିଦ୍ୟାଳୟରୁ ଯୋଗଦେଇଥିବା କ୍ରୀଡା ପ୍ରଶିକ୍ଷକମାନେ ସହଯୋଗ କରିଥିଲେ।

### ଗଡଜାତ ଲୋକ ମହୋତ୍ସବ ଉଦ୍‌ଘାଟିତ

ବୌଦ୍ଧ,୧୫।୧୨(ସ୍ୱ.ପ୍ର.)
ହରଭଙ୍ଗା ବ୍ଲକର ବୀରନରସିଂହପୁରଠାରେ ଶନିବାର ଦ୍ୱିତୀୟ ରାଜ୍ୟସ୍ତରୀୟ ଗଡଜାତ ଲୋକ ମହୋତ୍ସବ ଉଦ୍‌ଘାଟିତ ହୋଇଛି। ସ୍ଥାନୀୟ ସାଧୁ ଚରଣ ଉଚ୍ଚ ବିଦ୍ୟାଳୟ ପରିସରରେ ହୋଇଥିଲା ଏହି କାର୍ଯ୍ୟକ୍ରମ। ମହୋତ୍ସବ ପାଇଁ ଶନିବାର ସକାଳୁ ବିରାମଚନ୍ଦ୍ରପୁର ଶିବ ମନ୍ଦିରଠାରୁ ଏକ ମଶାଲ ଶୋଭାଯାତ୍ରା ମହୋତ୍ସବ ପଡିଆରେ ପହଞ୍ଚିଥିଲା। ମୁଖ୍ୟ ଅତିଥି ଭାବେ ଜିଲାପାଳ ଶିତାଂଶୁ ରାଉତ, ବ୍ଲକ ଅଧକ୍ଷ ବିଶ୍ୱଜିତ ମିଶ୍ର, ବିଡିଓ ରବୀନ୍ଦ୍ର ଶତପଥୀ, ବିଇଓ ସନାତନ ଗାହାଣ, ସରପଞ୍ଚ ସୁବର୍ଣ୍ଣ ମଲିକ ପ୍ରମୁଖ ଯୋଗଦେଇଥିଲେ। ଉଦ୍‌ଘାଟନୀ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓଡଶୀ ନୃତ୍ୟ ପରିବେଷଣ କରିଥିଲେ। ରଙ୍ଗଶାଳା ପୁରୀ, ବୌଦ୍ଧର ବରପଦରର ବଉଳି କଳାପରିଷଦ ପକ୍ଷରୁ ସମ୍ବଲପୁରୀ ନୃତ୍ୟ, ବଲାଙ୍ଗୀର ତୁଷୁରାର ଘୁଡୁକା ନୃତ୍ୟ, ଦୟାଲ ଏକାଡେମୀ ବାଲେଶ୍ୱର ଓ ହାସ୍ୟ ଅଭିନେତା ବିଦୁଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ମହୋତ୍ସବରେ ୧୨୦ଟି ଷ୍ଟଲରେ ସରକାରଙ୍କ ସଫଳତା, ମହିଳା ସ୍ୱୟଂସହାୟକ ଦଳ ଗୁଡିକର ସାମଗ୍ରୀ, ପଲ୍ଲିଶ୍ରୀ ମେଳାରେ ବିଭିନ୍ନ ସାମଗ୍ରୀ କିଣିବା ସହ, ମନଲୋଭା ଖାଦ୍ୟ ଆଦି ଥିବାରୁ ଦର୍ଶକମାନେ ଆନନ୍ଦସହକାରେ ବୁଲି ମଜାନେଇଥିଲେ।

# ସୁବଳୟା ହାଇସ୍କୁଲର ବାର୍ଷିକ କ୍ରୀଡା

ବୀରମହାରାଜପୁର, ୧୫।୧୨ (ଡି.ଏନ୍.ଏ.)
ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟା ହାଇସ୍କୁଲର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଶୁକ୍ରବାର ସକାଳେ ସ୍ଥାନୀୟ ସରପଞ୍ଚ ଲିଲି ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭ ଉଦ୍‌ଘାଟନ କରିଥିଲେ। ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୭୫୦ଜଣ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ଦୌଡ, ଲମ୍ଫଡିଆଁ, ଉଚ୍ଚଡିଆଁ, ସଟ୍‌ପୁଟ୍, ଜ୍ୟାଭଲିନ୍ ଓ ମ୍ୟୁଜକ୍ ଚେୟାର ଓ ଶେଷରେ କୌତୁକ ପୋଷାକ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ସର୍ବାଧିକ ପଏଣ୍ଟ ହାସଲ କରି ବାଳିକା (ବରିଷ୍ଠ) ବର୍ଗରେ ମିନି ମଲ୍ଲିକ ଓ କନିଷ୍ଠ ବର୍ଗରେ ମାଫ୍ରିତା ମିଞ୍ଜ ତଥା ବାଳକ (ବରିଷ୍ଠ) ବର୍ଗରେ ସାଜିତ୍ ମୁଣ୍ଡା ଓ କନିଷ୍ଠ ବର୍ଗରେ ହୃଦାନନ୍ଦ ପଧାନ ଚାମ୍ପିୟନ ଘୋଷିତ ହୋଇଥିଲେ। ଖେଳ ଶିକ୍ଷକ ପ୍ରଦୀପ ମହାନନ୍ଦଙ୍କ ସହ ଶିକ୍ଷକ ଚନ୍ଦ୍ରମଣି ବାଘ ଓ ଅସିତ୍ ପଧାନ କ୍ରୀଡା ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ପ୍ରଧାନଶିକ୍ଷକ ସଦାନନ୍ଦ ରଥଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର ମୁଖ୍ୟ ଅତିଥି ଏବଂ ଏବିଇଓ ଗରୁଡଧ୍ୱଜ ମୁଦୁଲି, ଶିକ୍ଷୟିତ୍ରୀ ମିନାକ୍ଷୀ ହୋତା, ସିଆରସିସି ଦୁଃଖନାଶନ ସାହୁ ଏବଂ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ହରିପାତ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଅରୁଣ କୁମାର ସିଂଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାକାର୍ଯ୍ୟ ପ୍ରାରମ୍ଭରେ ପ୍ରଭାସ ଚନ୍ଦ୍ର ତ୍ରିପାଠୀ ସ୍ୱାଗତ ସମ୍ଭାଷଣ ଜଣାଇଥିଲେ। ଶେଷରେ ପ୍ରଧାନ ଶିକ୍ଷକ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

### ଖୁଣ୍ଟିଗୋରାରେ 'ପିଠା' କାର୍ଯ୍ୟକ୍ରମ

ଘଣ୍ଟାପଡା,୧୫।୧୨(ଡି.ଏନ.ଏ.)
ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଖୁଣ୍ଟିଗୋରା ପଞ୍ଚାୟତରେ ରାଜ୍ୟ ସରକାରଙ୍କ ଆମ ଗାଁ ଆମ ବିକାଶ ଯୋଜନା ଅନ୍ତର୍ଗତ 'ପିଠା' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କଣ୍ଟାମାଳ ବିଡିଓ ରବିନ୍ଦ୍ରନାଥ କହଁର ସ୍ୱାଗତ ଭାଷଣ ସହ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ପିଓ ଘନଶ୍ୟାମ ସାହୁ, ସରପଞ୍ଚ ପ୍ରହ୍ଲାଦ ସେଠୀ, ନାଏବ ସରପଞ୍ଚ ବିମଳା ସାହୁ, ସମିତି ସଭ୍ୟ ଶରତ ସୁନା ପ୍ରମୁଖ ମଞ୍ଚାସୀନ ଥିଲେ। ସେହିପରି ବିଭିନ୍ନ ବିଭାଗର କର୍ମଚାରୀମାନେ ଉପସ୍ଥିତ ରହି ନିଜ ନିଜ ବିଭାଗର ସାହାଯ୍ୟ ସହଯୋଗ ଓ କର୍ତ୍ତବ୍ୟ ଉପରେ ମତ ରଖିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କଳାକାର ଭତ୍ତା ୧ଜଣ, ମଧୁବାବୁ ପେନସନ ଯୋଜନାରେ ୨୨ଜଣ ହିତାଧିକାରୀ ଓ ବିଜୁ ପକ୍କାଘର ଯୋଜନାରେ ୫ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ମା' କନ୍ଦେନବୁଢି ପାଲା ସଂଘ ଦେଢେଣମାଲର ଗୁରୁ ଭଜମନ ଘିଭେଲା ଓ ସାଥୀ ଲିଙ୍ଗରାଜ ମାହାର, ସୁରଥ ଛତ୍ରିଆ, ତେଜରାଜ ଘିଭେଲା ଓ ବୃହସ୍ପତି ପୁଟା ସଚେତନଧର୍ମୀ ପାଲା ପରିବେଷଣ କରିଥିଲେ। ହିଙ୍ଗୁଳା ସ୍ୱୟଂ ସହାୟିକା ଗୋଷ୍ଠୀ ଖୁଣ୍ଟିଗୋରା ଦ୍ୱାରା ପ୍ରସ୍ତୁତ ଆରିସା ପିଠା ଉପସ୍ଥିତ ସମସ୍ତଙ୍କୁ ବଣ୍ଟନ କରାଯାଇଥିଲା। ଯୋଗାଣ ସହାୟକ ସୁନୀଲ ଖଟୁଆ ଓ ଚିତ୍ରସେନ ଭୋଇ ସହଯୋଗ କରିଥିଲେ। ଅନୁରୂପ ଭାବେ ଉମା ପଞ୍ଚାୟତରେ ମଧ ପିଠା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

## ଜମ୍ଭେଶ୍ୱର ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଘଣ୍ଟାପଡା,୧୫।୧୨(ଡି.ଏନ.ଏ.)
ଘଣ୍ଟାପଡା ସମଲେଶ୍ୱରୀ ହାଇସ୍କୁଲ ଖେଳ ପଡିଆଠାରେ ଜମ୍ଭେଶ୍ୱର ମାଝୀ ମେମୋରିଆଲ ଟ୍ରଷ୍ଟ ଦ୍ୱାରା ଆୟୋଜିତ ଫୁଟବଲ ଟୁର୍ନାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ କଣ୍ଟାମାଳ ବ୍ଲକ ଅଧକ୍ଷ ଶଙ୍କର୍ଷଣ ପ୍ରଧାନ ଯୋଗଦେଇଥିଲେ। ବୌଦ୍ଧ, ବଲାଙ୍ଗୀର, କନ୍ଧମାଳ, ସୁବର୍ଣ୍ଣପୁର ଜିଲାର ବଛା ବଛା ୧୦ଟି ଦଳ ଏଥିରେ ଭାଗ ନେଇଛନ୍ତି। କଣ୍ଟାମାଳ, ବାଲିଖମାର, ମହିମୁଣ୍ଡା, ଖଲିଆପାଲି, ସିଂଘାରୀ ଗ୍ରୁପ ଏରୁ ଖେଳରେ କଣ୍ଟାମାଳ, ବାଲିଖମାରକୁ ୧-୦, ମହିମୁଣ୍ଡା, ଖଲିଆପାଲିକୁ ୨-୦, ଅର୍ଜ୍ଜୁନପୁର କଣ୍ଟାମାଳକୁ ୩-୨, ସିଙ୍ଘାରୀ ମହିମୁଣ୍ଡାକୁ ୪-୩ ଗୋଲରେ ପରାସ୍ତ କରି କ୍ୱାଟର ଫାଇନାଲ ଖେଳିବାକୁ ଯୋଗ୍ୟତା ହାସଲ କରିଛନ୍ତି। ସେହିପରି ଗ୍ରୁପ ବିର କର୍ଲାମୁହାଣ, କୁରୁକୁପା, କମସରା, ଆଠଗାଁ, ବରକାନୀ, ଘଣ୍ଟାପଡା ରବିବାର ଖେଳ ହେବ। ଉକ୍ତ ଟୁର୍ନାମେଣ୍ଟର ଆୟୋଜକ ଟ୍ରଷ୍ଟର ସଭାପତି ଜମିଦାର ବସନ୍ତ ମାଝି, ସମ୍ମାନିତ ଅତିଥି ଭାବେ ଆଞ୍ଚଳିକ ଗ୍ରାମ ପଞ୍ଚାୟତ ଡିଗ୍ରୀ କଲେଜର ସଭାପତି ଲିଙ୍ଗରାଜ ମଲିକ, ସ୍ଥାନୀୟ ସମିତି ସଭ୍ୟ ନିତ୍ୟାନନ୍ଦ ସେନାପତି, ଆମ୍ବଗାଁ ସିଆରସିସି ସହକାରୀ ଶିକ୍ଷକ ଶ୍ରୀପତି ମଲିକ, ୱାର୍ଡ ସଭ୍ୟ ତପନ ମହଲା, ସାମାଜିକକର୍ମୀ ମନୋଜ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ। ଭାଷ୍ୟକାର ଭାବେ ଅବସରପ୍ରାପ୍ତ ଶିକ୍ଷକ ମନ୍ଦରଧର ବେହେରା, ସୂର୍ଯ୍ୟ ନାରାୟଣ ସାହୁ ଓ ଅଶୋକ ସାହୁ କାର୍ଯ୍ୟ ତୁଲାଇଥିଲେ।

## ବ୍ୟବସାୟୀଙ୍କୁ ମାଡମାରି ଓ ଜିନିଷପତ୍ର ଫିଙ୍ଗିଲେ ଥାନା ଅଧିକାରୀ

# ବଦଳି ଦାବିରେ ବଣିକ ସଂଘ ଏସ୍‌ପିଙ୍କୁ ଫେରାଦ

ବୌଦ୍ଧ,୧୫।୧୨(ସ୍ୱପ୍ର)
ବୌଦ୍ଧ ଜିଲା ମନମୁଣ୍ଡା ଥାନା ଅଧିକାରୀ କ୍ଷମତାର ଅପବ୍ୟବହାର କରିଥିବା ଅଭିଯୋଗ ହୋଇଛି। ମନମୁଣ୍ଡା ବଜାରରେ ବ୍ୟବସାୟୀଙ୍କୁ ମାଡ ମାରିବା ସହ ଜିନିଷପତ୍ର ଫୋପାଡି ଦେଉଥିବା ନେଇ ମନମୁଣ୍ଡା ବଣିକ ସଂଘ ପକ୍ଷରୁ ଏସପିଙ୍କ ଠାରେ ଅଭିଯୋଗ କରାଯାଇଛି। ପ୍ରକାଶ ଯେ, ମନମୁଣ୍ଡା ବସ୍ତି ଦେଇ ଖୋର୍ଦ୍ଧା ବଲାଙ୍ଗୀର ୫୭ନଂ ଜାତୀୟ ରାଜପଥ ଯାଇଛି। ଫଳରେ ରାସ୍ତାର ସଂକୀର୍ଣ୍ଣତାକୁ ଦେଖି ବାଇପାଶ ନିର୍ମାଣ ଚାଲିଛି। ତେବେ ବାଇପାଶ ନିର୍ମାଣ କାର୍ଯ୍ୟ ଅଧପନ୍ତରିଆ ହୋଇ ପଡିରହିଥିବାବେଳେ ପ୍ରତିଦିନ ମନମୁଣ୍ଡା ବଜାରରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଏହି ଟ୍ରାଫିକ ଜାମ ଦେଖି ଗତ ୧୨ତାରିଖ ସନ୍ଧ୍ୟାରେ ହଠାତ୍ ହଠାତ ଥାନା ଅଧିକାରୀ ସୁବାଶ ଚନ୍ଦ୍ର ରାଇଗୁରୁ ସାଧାପୋଷାକରେ ସେଠାରେ ପହଞ୍ଚିଥିଲେ। ପରେ ଲକ୍ଷ୍ମୀ ନାରାୟଣ କପଡା ଦୋକାନର ମାଲିକ ସଞ୍ଜୟ ମେହେରଙ୍କ ଦୋକାନର ଜିନିଷପତ୍ର ଫିଙ୍ଗିବା ସହ ଅନ୍ୟ କିଛି ଦେକାନୀଙ୍କୁ ମାଡ ମାରିଥିଲେ। ଏହି ଘଟଣାକୁ ନେଇ ମନମୁଣ୍ଡା ବ୍ୟବସାୟୀ ସଂଘ ପକ୍ଷରୁ ପକ୍ଷରୁ ନିନ୍ଦା କରାଯାଇଛି। ଏହା ସହ ତୁରନ୍ତ ସମ୍ପୃକ୍ତ ଥାନାଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ତାଙ୍କୁ ଏଠାରୁ ବଦଳି କରିବାକୁ ଏସପି ସୁଧାଂଶୁ ଶେଖର ମିଶ୍ରଙ୍କ ନିକଟରେ ବଣିକ ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ତେବେ ଏସପି ମିଶ୍ର ଘଟଣାର ତଦନ୍ତ କରାଯିବା ନେଇ ବଣିକ ସଂଘର ପ୍ରତିନିଧିମଣ୍ଡଳୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ୭ଦିନ ମଧ୍ୟରେ ବାଇପାଶ ନିର୍ମାଣ କାର୍ଯ୍ୟ ଆରମ୍ଭ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବାକୁ ମନମୁଣ୍ଡାବାସୀଙ୍କ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଥିବା ଜଣାଯାଇଛି। ଘଟଣା ସମ୍ପର୍କରେ ଥାନା ଅଧିକାରୀ ରାଇଗୁରୁଙ୍କୁ ପଚରାଯିବାରୁ ମନମୁଣ୍ଡା ବଜାର ଦେଇ ଯାଇଥିବା ଜାତୀୟ ରାଜପଥ ସଂକୀର୍ଣ୍ଣ ଥିବାବେଳେ କିଛି ବ୍ୟବସାୟୀ ଜାଣିଶୁଣି ରାସ୍ତା ଉପରେ ନିଜର ଗାଡି ଓ ଜିନିଷପତ୍ର ରଖିଦେଉଥିବାରୁ ଟ୍ରାଫିକ ନିୟନ୍ତ୍ରଣ ଜଟିଳ ହୋଇଯାଉଛି। ବାରମ୍ବାର ତାଗିଦ ସତ୍ତ୍ୱେ ବ୍ୟବସାୟୀମାନେ ନିଜ ବ୍ୟବହାରରେ ପରିବର୍ତ୍ତନ ନଆଣିବାରୁ ପୋଲିସ ପକ୍ଷରୁ ଟ୍ରାଫିକ ନିୟନ୍ତ୍ରଣ ପାଇଁ କଡା ଆଭିମୁଖ୍ୟ ଗ୍ରହଣ କରାଯାଇଛି। ତେବେ ବଣିକ ସଂଘ ପକ୍ଷରୁ ତାଙ୍କ ବିରୋଧରେ ଅନେକ ମିଥ୍ୟା ଅଭିଯୋଗ ଅଣାଯାଇଥିବା ଥାନା ଅଧିକାରୀ ପ୍ରକାଶ କରିଛନ୍ତି।

## ବୌଦ୍ଧର ପ୍ରସିଦ୍ଧ ଧନୁଯାତ୍ରା ଓ କଂସବଧ ନାଟ୍ୟ ମହୋତ୍ସବ

# ପରିବେଷିତ ହେଲା ନାଟକ ରାଇ ମାନଭଞ୍ଜନ

ବୌଦ୍ଧ,୧୫।୧୨(ସ୍ୱ.ପ୍ର.)
ବୌଦ୍ଧର ପ୍ରସିଦ୍ଧ ଧନୁଯାତ୍ରା ଓ କଂସବଧ ନାଟ୍ୟ ମହୋତ୍ସବର ଶନିବାର ହେଉଛି ଷଷ୍ଠ ଦିବସ। ସ୍ଥାନୀୟ ଭୈରବୀ ପଡିଆଠାରେ ସହରର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ମଦନମୋହନ ନାଟ୍ୟ କଳା ପରିଷଦ ପକ୍ଷରୁ ଚାଲିଥିବା ଏହି ଧନୁଯାତ୍ରା ଓ କଂସବଧ ନାଟ୍ୟ ମହୋତ୍ସବ ଚଳିତ ବର୍ଷ ୮ଦିନ ହେବ। ଷଷ୍ଠ ରଜନୀରେ ନାଟକ ରାଇମାନଭଞ୍ଜନ ମଞ୍ଚସ୍ଥ ହୋଇଛି। ଏହି ନାଟକଟି ରାଧାକୃଷ୍ଣଙ୍କ ମାନଭାଙ୍ଗିବା, କୃଷ୍ଣଙ୍କର ମାଲ୍ୟାଣ ବେଶ, ନାପିତୁଣୀ, କାଚରାଣୀ ବେଶ, ଓ ପରେ ଯୋଗୀବେଶ ହୋଇ ରାଧାଙ୍କ ମାନ ଭିକ୍ଷା କରନ୍ତି ଆଦି ପର୍ଯ୍ୟନ୍ତ ପରିବେଷିତ ହୋଇଥିଲା। ନାଟକ ପ୍ରାରମ୍ଭରେ ନିର୍ବାକ ନୃତ୍ୟ ନାଟିକା ମାତୃ ରୁପେଣ ସଂସ୍ଥିତା ପରିବେଷଣ ହୋଇଥିଲା। ଧନୁଯାତ୍ରା ପାଇଁ ପୁରା ବୌଦ୍ଧ ସହରରେ ନାଟକ ଦେଖିବା ପାଇଁ ଲୋକଙ୍କ ଭିଡ ଲାଗି ରହିଛି। ଧନୁଯାତ୍ରା ପଡିଆଠାରେ ମୀନାବଜାର ଓ ବାଣିଜ୍ୟମେଳା ଅନୁଷ୍ଠିତ ହେଉଛି। ଆଜିର ନାଟକରେ ପ୍ରମୁଖ ଭୂମିକାରେ ହରିଶଙ୍କର ମେହେର, କମ୍ବୁ ସାହୁ, ବାଦଲ ସାହୁ, ବୃନ୍ଦାବନ ମେହେର, ନାରାୟଣ ରଣା, ପୀତବାସ ମେହେର, ବିଶ୍ୱରଞ୍ଜନ ସାହୁ, ସନୁ ବାରିକ, ବିଷ୍ଣୁ ବନଛର ଓ ଶତ୍ରୁଘ୍ନ କହଁର ଅଭିନୟ କରିଥିଲେ। ଏହି ନାଟ୍ୟୋତ୍ସବରେ ବୌଦ୍ଧର ଜଣାଶୁଣା ବରିଷ୍ଠ ନାଟ୍ୟକାର ହୃଦାନନ୍ଦ ମେହେରଙ୍କ ରଚିତ ଓ ଦେବାଙ୍ଗନ ମେହେରଙ୍କ ନିର୍ଦ୍ଦେଶନାରେ ପରିବେଷିତ ହେଉଛି। ଭଗବାନ ଶ୍ରୀକୃଷ୍ଣଙ୍କ ଲୀଳା ବା ପୌରାଣିକ କଥାବସ୍ତୁକୁ ଯାତ୍ରା ନାଟକ ଶୈଳୀରେ ପ୍ରତିଦିନ ସନ୍ଧ୍ୟାରୁ ଆରମ୍ଭ ହୋଇ ବିଳମ୍ବିତ ରାତି ପର୍ଯ୍ୟନ୍ତ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ପରିବେଷଣ କରାଯାଉଛି। ଯାତ୍ରା ସମୟରେ ସହରବାସୀଙ୍କୁ ନାଟକର ଭାବଧାରାରେ ବାନ୍ଧି ରଖିବା ପାଇଁ ବିଭିନ୍ନ ଛକସ୍ଥାନମାନଙ୍କରେ ପଥପ୍ରାନ୍ତ ନାଟକ ଆୟୋଜନ କରାଯାଉଛି।



ବୌଦ୍ଧ ଧନୁଯାତ୍ରାର ଏକ ଦୃଶ୍ୟ।

### ଶନି ମହାପ୍ରଭୁଙ୍କ ପଞ୍ଚମ ବାର୍ଷିକ ମହୋତ୍ସବ

ବୌଦ୍ଧ,୧୫।୧୨(ସ୍ୱ.ପ୍ର.)
ବୌଦ୍ଧ ରଥ ସାହିସ୍ଥିତ ଶନି ମନ୍ଦିରଠାରେ ଶନିବାର ମହାପ୍ରଭୁଙ୍କ ପଞ୍ଚମ ବାର୍ଷିକ ମହୋତ୍ସବ ଏବଂ ଶାନ୍ତି ମହାଯଜ୍ଞ ଆୟୋଜିତ ହୋଇଯାଇଛି। ପ୍ରାତଃ ସମୟରେ ଠାକୁରଙ୍କ ଦୈନନ୍ଦିନ ନିତ୍ୟକର୍ମ ସହ ସକାଳ ଧୂପ ସମ୍ପୂର୍ଣ୍ଣ କରାଯିବା ପରେ ସ୍ୱତନ୍ତ୍ର ପୂଜା ଆରମ୍ଭ ହୋଇଥିଲା। ସକାଳ ୯ଟାରେ କଳସ ଶୋଭାଯାତ୍ରାରେ ମହାନଦୀର ପବିତ୍ର ଜଳ ଅଣାଯାଇଥିଲା। କଳସ ସ୍ଥାପନା ପରେ ରାହୁ କେତୁ ଓ ଶନିଙ୍କର ସ୍ୱତନ୍ତ୍ର ବେଶ କରାଯାଇ ବାର୍ଷିକ ପୂଜା ଓ ଶାନ୍ତି ହୋମ ଆରମ୍ଭ କରାଯାଇଥିଲା। ବଦ୍ରିନାରାୟଣମିଶ୍ର ଓ ସ୍ତ୍ରୀ ସୋନାଲି ସହ କର୍ତ୍ତା ଭାବେ କାର୍ଯ୍ୟ ତୁଲାଇଥିଲେ। ଏହି ଅବସରରେ ଭକ୍ତମାନଙ୍କ ଦ୍ୱାରା ସାମୁହିକ ୧୦୮ ଶନି ଚାଳିଶା ପାଠ କରାଯାଇଥିଲା। ହଜାର ହଜାର ଭକ୍ତ ଦିନସାରାଦର୍ଶନ କରିବା ସହ ପୂଜାପାଠ କରିଥିଲେ। ଏହି ଅବସରରେ ବିନିକାର ସୁଶ୍ରୀ ବନ୍ଦିତା ନାଏକଙ୍କ ଦ୍ୱାରା ସୁନ୍ଦରାକାଣ୍ଡ ପାରାୟଣ କରାଯାଇଥିଲା।



ଯାହାର ହୃଦୟଟି ଭଲ, ସେ ଅଗାଧ ସମ୍ପତ୍ତିର ଅଧିକାରୀ।

-ସେକସ୍‌ପିଅର

## ସଂକ୍ଷେପରେ



### ବୋଡେନ, ସୁନାପୁରରେ ପିଠା ସମାରୋହ

ବୋଡେନ,୧୫।୧୨(ଡି.ଏନ୍.ଏ.) ନୂଆପଡା ଜିଲା ବୋଡେନ ବ୍ଲକର ରାଜିବ ଗାନ୍ଧି ସେବାକେନ୍ଦ୍ର ପରିସରରେ ଏବଂ ସୁନାପୁର ପଞ୍ଚାୟତ କାର୍ଯ୍ୟାଳୟଠାରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ପିଠା ସମାରୋହ ପାଳନ କରାଯାଇଛି । ସ୍ଥାନୀୟ ବୋଡେନ ସରପଞ୍ଚ ନୃପରାଜ ତାଣ୍ଡିଙ୍କ ଅଧକ୍ଷତାରେ ହୋଇଥିଲା ଏହି କାର୍ଯ୍ୟକ୍ରମ । ବୋଡେନ ବିଡିଓ ମନୋଜ ମହାନ୍ତି ଏହାର ଶୁଭ ଉଦ୍‌ଘାଟନ କରିଥିଲେ । ଏଠାରେ ବିଭିନ୍ନ ଅନୁଷ୍ଠାନ ତରଫରୁ ଷ୍ଟଲ୍ ଖୋଲାଯାଇଥିଲା । ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ପ୍ରେମଶିଳା ନାଗ, ଜିଲା ଓଏଲଏମର ବିପିଏମ, ପଞ୍ଚାୟତ କାର୍ଯ୍ୟନିର୍ବାହି ଅଧିକାରୀ ଟଙ୍କଧର ଭୋଇ, ବିଦ୍ୟୁତ ବିଭାଗର କନିଷ୍ଠ ଯନ୍ତ୍ରୀ ବେହେରା ବାବୁ, ଏପିଓ ଜିତେନ୍ଦ୍ର ସାହୁ, ବୋଡେନ ପଞ୍ଚାୟତ ନୋଡାଲ ଅଫିସର ଘନଶ୍ୟାମ ବାଗ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଡିଆରଡିଏପିଡି ଭୃଷଭ ଚନ୍ଦ୍ର ନାଏକ ପରିଦର୍ଶନରେ ଆସି ଉପସ୍ଥିତ ଜନତାଙ୍କୁ ରାଜ୍ୟସରକାରଙ୍କ ଜନହିତକାରୀ ଅନେକ ଯୋଜନା ସମ୍ପର୍କରେ ଅବଗତ କରିଥିଲେ । ପିଠା କାର୍ଯ୍ୟକ୍ରମରେ ବୋଡେନ ମା' ଦୁର୍ଗା ସ୍ୱଂୟସହାୟକ ଗୋଷ୍ଠୀ ସହାୟତାରେ ୧୯ପ୍ରକାରର ପିଠା ତିଆରି କରାଯାଇଥିଲା । ଏଥିରେ ୭ଜଣଙ୍କୁ ବିଜୁ ପକ୍କା ଘରର ୱାର୍କ ଅର୍ଡର ଓ ୭୧ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନା, ୩୦ଜଣ ଲୋକଙ୍କୁ ବିଦ୍ୟୁତ୍ ବଲ୍ ପ୍ରଦାନ କରାଯାଇଥିଲା । ଓଡିଶା ସରକାରଙ୍କ ବିଭିନ୍ନ ଯୋଜନା ଗୁଡିକୁ ବାହକ ବାଦ୍ୟ ମାଧମରେ ଜନତାଙ୍କୁ ଆକୃଷ୍ଟ କରାଯାଇଥିଲା । ଏଥିରେ ପଞ୍ଚାୟତର ୱାର୍ଡ ସଭ୍ୟାସଭ୍ୟ ତଥା ମହିଳା ଓ ପୁରୁଷମାନେ ସହ ସହ ସଂଖ୍ୟାରେ ଯୋଗଦେଇଥିଲେ । ସେହିପରି ସୁନାପୁର ପଞ୍ଚାୟତଠାରେ ପିଠାସମାରୋହ ପାଳନ କରାଯାଇଛି । ଏଠାରେ ବ୍ଲକ ଅଧକ୍ଷା ପ୍ରେମଶିଳା ନାଗ, ବିଡିଓ ମନୋଜ ମହାନ୍ତି ସରପଞ୍ଚ ଜାନକି ଦଳ ସିଡିପିଓ ସବିନା ଲାକ୍ରା ନୋଡାଲ ଅଫିସର ବି.କେ ମିଶ୍ର ପଞ୍ଚାୟତ କାର୍ଯ୍ୟନିର୍ବାହି ଅଧିକାରୀ ଦୁର୍ଗୁ ନିଆଳ ପ୍ରମୁଖ ଉପସ୍ଥିତଥିଲେ । ଲୋକମାନଙ୍କ ମନୋରଞ୍ଜନ ପାଇଁ ଘୁମୁରା ନାଚ ପରିବେଷଣ କରାଯାଇଥିଲା । ଏଠାରେ ମଧ ପଞ୍ଚାୟତର ବିଭିନ୍ନ ଗାଁରୁ ମହିଳା ଓ ପୁରୁଷମାନେ ଉପସ୍ଥିତ ଥିଲେ ପଞ୍ଚାୟତର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

## ଅଧାରେ ପ୍ରଧାନମନ୍ତ୍ରୀ ଆବାସ,

# ଭଙ୍ଗାଘରେ ବୃଦ୍ଧ ଦମ୍ପତି

ନୂଆପଡା ଅଫିସ,୧୫।୧୨



ଭଙ୍ଗାଘରେ ଭୋକ ଉପାସରେ ରହିଛନ୍ତି ବୃଦ୍ଧଦମ୍ପତି ।

- ପରିବାର ଲୋକ ଯାଇଛନ୍ତି ଦାଦନ
- ଅର୍ଦ୍ଧାହାରରେ କଟୁଛି ଦିନ
- ଠିକାଦାର ଟଙ୍କା ନେଇ ଫେରାର

ସରକାର ସିଧାସଳଖ ଗରିବ ଲୋକଙ୍କୁ ଘର ଟିକକ ନିର୍ମାଣ କରିବାକୁ କାର୍ଯ୍ୟାଦେଶ ସହ ଆକାଉଣ୍ଟକୁ ଟଙ୍କା ଦେଉଛନ୍ତି । ଅନ୍ୟପଟେ ପଞ୍ଚାୟତ ସରପଞ୍ଚ, କାର୍ଯ୍ୟନିବାହୀ ଅଧିକାରୀଙ୍କୁ ଟାର୍ଗେଟ ଦିଆଯାଉଛି ସମ୍ପୂର୍ଣ୍ଣ କରିବାକୁ। ଗରିବ ଲୋକ କୁଆଡୁ ଘର ନିର୍ମାଣ ସାମଗ୍ରୀ ଠୁଳ କରିବ। ଠିକ୍ ଏହାର ସୁଯୋଗ ନେଇ ସରପଞ୍ଚ, କାର୍ଯ୍ୟନିର୍ବାହୀ ଅଧିକାରୀ ଠିକାଦାରଙ୍କୁ ଡାଲ କରି କାମ ସବୁ କରିଥାନ୍ତି । ହେଲେ କାମକୁ ଅଧାରେ ଛାଡି ଦେଇ ତଥାକଥିତ ଠିକାଦାରମାନେ ଚମ୍ପଟ ମାରୁଥିବାରୁ ଘର ସବୁ ଅଧାପନ୍ତରିଆ ହୋଇ ରହୁଥିବାବେଳେ ହିତାଧିକାରୀମାନେ ଭଙ୍ଗାଘରେ ବାଧ ହୋଇ ବିପଦସଙ୍କୁଳ ଅବସ୍ଥାରେ ରହୁଛନ୍ତି । ଠିକ୍ ଏହିଭଳି ଅବସ୍ଥା ହୋଇଛି ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ କାଣ୍ଡେତରା ଗ୍ରାମପଞ୍ଚାୟତରେ। ଏଠିକାର ମାଲପଡା ଗାଁର ବେଟିଖାଇ ବିନ୍ଧାଣୀ (୬୫) ନାମ୍ନୀ ଜନୈକ ବୃଦ୍ଧାଙ୍କୁ ଆଜକୁ ବର୍ଷକ ତଳେ ଘର ନିର୍ମାଣ ପାଇଁ କାର୍ଯ୍ୟାଦେଶ ମିଳିଥିଲା। ତାଙ୍କ କହିବାନୁଯାୟୀ ସେହି ଦିନଠାରୁ କାର୍ଯ୍ୟାଦେଶ ପତ୍ରଟି ସରପଞ୍ଚଙ୍କ ନିକଟରେ ରହିଛି । କାମକୁ ତାଙ୍କ ନିର୍ଦ୍ଦେଶକ୍ରମେ ଜନୈକ ଠିକାଦାର କରୁଥିଲେ । ଯେତେ ଟଙ୍କା ଆସିଲା ତାକୁ ସେ ନେଇଚାଲିଗଲେ । ଏପରିକି ବେଟିଖାଇଙ୍କ ପରିବାର ଲୋକ କାମ କରିଥିଲେ ମଧ୍ୟ ତାଙ୍କୁ ମଜୁରୀ ମିଳିନାହିଁ । ଅନ୍ୟପଟେ କରଜ ସୁଝିବାକୁ ବେଟିଖାଇଙ୍କ ଦୁଇ ପୁଅ ଏବଂ ବୋହୂମାନେ ରାଜ୍ୟବାହାରକୁ ଦାଦନ ଖଟିବାକୁ ଯାଇଛନ୍ତି । ଘରେ ବେଟିଖାଇ ଏବଂ ତାଙ୍କ ସ୍ୱାମୀ ସୁକ୍ରୁ(୭୦) ରହିଛନ୍ତି । ସୁକ୍ରୁ କେଉଁ ଏକ ଅଜଣା ରୋଗରେ ପଡି ଖଟିଆରେ ଛଟପଟ ହେଉଛନ୍ତି । ଚିକିତ୍ସା କରିବାକୁ କେହି ନାହିଁ । ଏପଟେ ଦୁଇ ବୃଦ୍ଧାବୃଦ୍ଧଙ୍କୁ ଓଳିଏ ମିଳିଲେ ଓଳିଏ ଭୋକ ଉପାସରେ ରହୁଥିବା କହୁଛନ୍ତି । ଏହା ଉପରେ ତୁରନ୍ତ ପ୍ରଶାସନ ହସ୍ତକ୍ଷେପ କରି କାର୍ଯ୍ୟାନୁଷ୍ଠାନ କରିବାକୁ ବିଜୁ ଯୁବ ବାହିନୀର ପଞ୍ଚାୟତ ସଂଯୋଜକ ଅସରଫ ମହମ୍ମଦ ଦାବି କରିଛନ୍ତି । ଏହା ଉପରେ ସରପଞ୍ଚ ସନ୍ତରାମ ସାହୁଙ୍କୁ ପଚାରିବାରୁ କାମରେ ଥିବା କିଛି ସାମଗ୍ରୀକୁ ଅନ୍ୟ ଲୋକ ନେଇଯାଇଥିବାରୁ କାମ ବନ୍ଦ ରହିଛି । ପଞ୍ଚାୟତରେ ୮ଜଣ ନିହାତି ଗରିବ ଲୋକଙ୍କ ଘରକୁ ମଧସ୍ଥି ଠିକାଦାରଙ୍କ ଜରିଆରେ କରାଯାଉଥିବା ସରପଞ୍ଚ ସ୍ୱୀକାର କରିଛନ୍ତି । ଏହାକୁ କିପରି ସମ୍ପୂର୍ଣ୍ଣ କରାଯିବ ସେଥିପ୍ରତି ସେ ନିଜେ ଦୃଷ୍ଟି ଦେବେ ବୋଲି କହିଛନ୍ତି । ଗରିବ ପରିବାରକୁ କିଛି ସହାୟତା ଦେବେ ବୋଲି କହିଛନ୍ତି ।

# ବୈଜ୍ଞାନିକ ପ୍ରତିଭାକୁ ପଦାକୁ ଆଣିଥାଏ ପ୍ରଦର୍ଶନୀ

ନୂଆପଡା ଅଫିସ,୧୫।୧୨



କ୍ଲଷ୍ଟରସ୍ତରୀୟ ବିଜ୍ଞାନ, ଗଣିତ ଏବଂ ପରିବେଶ ପ୍ରଦର୍ଶନୀରେ ମଞ୍ଚାସୀନ ଅତିଥିବୃନ୍ଦ ।

- ୪୫ ପ୍ରକଳ୍ପ ପ୍ରଦର୍ଶିତ
- କୁନି ଶିଶୁ କାଲିର ଆଇନଷ୍ଟାଇନ ହେବେ

ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ କାଣ୍ଡେତରା ଗ୍ରାମପଞ୍ଚାୟତ ସଦର ହାଇସ୍କୁଲଠାରେ ଗଣ୍ଡାମେର କ୍ଲଷ୍ଟରସ୍ତରୀୟ ବିଜ୍ଞାନ, ଗଣିତ ଏବଂ ପରିବେଶ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ରେଶମଲାଲ ନାୟକ ଯୋଗଦେଇଥିଲେ। ଅପରାହ୍ନରେ ଉଦ୍‌ଯାପନୀ ଉତ୍ସବରେ ମା' ବସ୍ତ୍ରାୟଣୀ ହାଇସ୍କୁଲର ପ୍ରଧାନଶିକ୍ଷକ ଜୀବନାନନ୍ଦ ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସନ୍ତରାମ ସାହୁ ଯୋଗଦେଇଥିବାବେଳେ ଖରିଆରରୋଡ ବାଳିକା ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବୃନ୍ଦାବନ ପାଢୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏବିଇଓ ପ୍ରଫୁଲ୍ଲ ନାଏକ, ସିପିଏସ ଡବ୍ଲ୍ୟୁ ନିର୍ଦ୍ଦେଶକ ବିରଞ୍ଚି ନାରାୟଣ ମହାପାତ୍ର, ଅବସରପ୍ରାପ୍ତ ଶିକ୍ଷକ ମାନସିଂ ସତନାମୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଲାଲ ଖାନ, ମଧ ଇଂଲିଶ ବିଦ୍ୟାଳୟର ପ୍ରଧାନଶିକ୍ଷକ ନବୀନ ଭୋଇ, ସମିତି ସଭ୍ୟା ସୁବଳୟା ଦଣ୍ଡସେନା ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ସିଆରସିସି ସୁବଳ ଶ୍ୟାମ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ବକ୍ତାମାନେ ବିଜ୍ଞାନର ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ । ପିଲାଙ୍କ ବିଜ୍ଞାନ ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଆଣିବାକୁ ଛାତ୍ରୀଛାତ୍ରଙ୍କ ସହ ଶିକ୍ଷକମାନେ ଆଗକୁ ଆସି ନିଜର ଦକ୍ଷତା ଦେଖାଇବା ଦରକାର ରହିଛି ବୋଲି କହିଥିଲେ । ଏହା ସହ ଏହି ପ୍ରଦର୍ଶନୀ ପିଲାଙ୍କ ମଧ୍ୟରେ ଥିବା ବୈଜ୍ଞାନିକ ପ୍ରତିଭାକୁ ପଦାକୁ ଆଣିବାରେ ସହାୟକ ହେଉଛି । ଆଜିର ଶିଶୁ କାଲି ଆଇନଷ୍ଟାଇନଙ୍କ ଭଳି ବୈଜ୍ଞାନିକ ହେବେ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ମୋଟ ୧୫ଟି ବିଦ୍ୟାଳୟରୁ ୪୫ଟି ପ୍ରକଳ୍ପ ଆସିଥିଲା । ଗ୍ରାମାଞ୍ଚଳ ସତ୍ତ୍ୱେ ଏଠାରେ ପିଲାଙ୍କ ଆଗ୍ରହ ଏବଂ ଉଚ୍ଚକୋଟିର ପରିଚାଳନା ବ୍ୟବସ୍ଥା ପ୍ରତି ବକ୍ତାମାନେ ପ୍ରଶଂସା କରିଥିଲେ । ଏହି ଅବସରରେ ସ୍ଥାନୀୟ ସେବାଶ୍ରମର ମେଟ୍ରନ ସରୋଜିନି ବନଛୋରଙ୍କ ନିର୍ଦ୍ଦେଶିତ ଛାତ୍ରୀମାନଙ୍କ ଦ୍ୱାରା ସ୍ୱଚ୍ଛଭାରତ ସମ୍ପର୍କୀତ ସଚେତନତା ଧର୍ମୀ ଏକ ନୃତ୍ୟଗୀତ ପରିବେଶିତ ହୋଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ମହତାବ ଗିରି, ନରଚାନ୍ଦ ଶବର, ଗଙ୍ଗାରାମ ସତନାମୀ, ରାଇଧର ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ ।

## ବ୍ଲକସ୍ତରୀୟ ଭୀମ ଭୋଇ ସାମର୍ଥ୍ୟ ଶିବିର

# ଯୋଗଦେଲେ ୪୫୦ଦିବ୍ୟାଙ୍ଗ

ନୂଆପଡା ଅଫିସ,୧୫।୧୨

ନୂଆପଡା ଜିଲା ସମଗ୍ର ଶିକ୍ଷା ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ମିଳିତ ଆନୁକୂଲ୍ୟରେ ନୂଆପଡା ବ୍ଲକସ୍ତରୀୟ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଡିଓ ସୁନୀଲ କେର୍କେଟା ସଭାପତିତ୍ୱ କରିଥିବାବେଳେ ଜିଲାପାଳ ଡା. ପୋମା ଟୁଡୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ତାରେଶ୍ୱରୀ ସାହୁ, ବ୍ଲକ ଉପାଧକ୍ଷ ଚିନିଲାଲ ସାହୁ ପ୍ରମୁଖ ଯୋଗଦେଇଥିଲେ । ଏଥିରେ ବ୍ଲକର ସମସ୍ତ ଗ୍ରାମପଞ୍ଚାୟତର ବିଭିନ୍ନ ଗାଁରୁ ଦିବ୍ୟାଙ୍ଗମାନେ ଆସି ପଞ୍ଜୀକରଣ କରିଥିଲେ । ଦୃଷ୍ଟି ବାଧିତ, ଅସ୍ଥିଶଲ୍ୟ, ଶ୍ରବଣ ବାଧିତ, ମାନସିକ ଅନଗ୍ରସର, ସିକଲ ସେଲ ଆଦି ବିଭାଗରେ ମୋଟ ୪୫୦ଜଣ ଦିବ୍ୟାଙ୍ଗ ପଞ୍ଜୀକୃତ ହୋଇଥିଲେ । ବିଶେଷଜ୍ଞ ଡାକ୍ତରଙ୍କ ପରୀକ୍ଷଣ ପରେ ୨୬୦ଜଣ ସାର୍ଟିଫିକେଟ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ । ଏମାନଙ୍କୁ ବିଭିନ୍ନ ସାମଗ୍ରୀ ଯୋଗାଇଦେବାର ବ୍ୟବସ୍ଥା ରହିଥିବା ସମଗ୍ର ଶିକ୍ଷା ବିଭାଗର ଜିଲା ସଂଯୋଜକ ହେମନ୍ତ ଭୋଇ କହିଛନ୍ତି । ଏହି କାର୍ଯ୍ୟକ୍ରମକୁ ନୂଆପଡା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଯୋଗେଶ୍ୱର ବାରିକ ପରିଚାଳନା କରିଥିବାବେଳେ ବ୍ଲକ ଏବଂ ଡିପିସି କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗୀତା କରିଥିଲେ ।



ଜିଲାପାଳ ଦିବ୍ୟାଙ୍ଗ ପିଲାଙ୍କ ସହ ଶିବିରରେ ବୁଲୁଛନ୍ତି ।

## ରାସ୍ତା ସମ୍ପୂର୍ଣ୍ଣ ଦାବିରେ ଭାଜପାର ଆନ୍ଦୋଳନ

ଭବାନୀପାଟଣା,୧୫।୧୨(ଡି.ଏନ୍.ଏ.)

କଳାହାଣ୍ଡି ଜିଲାର ବିଭିନ୍ନ ରାସ୍ତା କାମ ଅସମ୍ପୂର୍ଣ୍ଣ ହୋଇ ପଡିରହିଛି । ଏନେଇ ତୁରନ୍ତ ରାସ୍ତା କାମ ସମ୍ପୂର୍ଣ୍ଣ କରିବା ଦାବି ନେଇ ଶନିବାର ଭବାନୀପାଟଣା ବ୍ଲକ ଅଧୀନ ସାନଖଇରମାଲଠାରେ ଜିଲା ଭାଜପା ପକ୍ଷରୁ ଜନଆନ୍ଦୋଳନ କରାଯାଇଥିଲା । ଦୟାନିଧି ନାଏକଙ୍କ ଏହାର ନେତୃତ୍ୱ ନେଇଥିଲେ । ଆନ୍ଦୋଳନରେ ଭାଜପା ଜିଲା ସଭାପତି ପ୍ରଦୀପ୍ତ କୁମାର ନାଏକ, ଜିଲା ପରିଷଦର ଉପସଭାପତି ଭବସିନ୍ଧୁ ମଙ୍ଗରାଜ, ଜିଲା ସାଧାରଣ ସମ୍ପାଦକ ଯୁଗଳ କିଶୋର ପୋଡ, ଜିଲାପରିଷଦ ସଭ୍ୟା ଗିତା ଶବର, ଭବାନୀପାଟଣା ବ୍ଲକ ଅଧକ୍ଷା ସନ୍ତୋଷିନୀ ଦାସ, କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦଶ୍ୟ ମନୋଜ କୁମାର ସାହୁ, ତ୍ରିପତି ପ୍ରଧାନ, ତରଣୀସେନ ପାତ୍ର, ବଳଭଦ୍ର ବଗର୍ତ୍ତୀ, ନିଳମଣି ବାଗ, ଭୁବନେ ବାଗ, ରାଜେନ୍ଦ୍ର ବାରିକ, ସମିତି ସଭ୍ୟା ଗିତା ବାଗ, ଜଳନ୍ଧର ଯାନୀ, ଲକ୍ଷ୍ମଣ ବାଗ, ନାରା ମାଝି ପ୍ରମୁଖ ଉପସ୍ଥିତ ଥିଲେ ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳଦ୍ୱାର (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Branches-Bhubaneswar,Cuttack,Bhadrak, Rourkela & Brahmapur

SMS JOB
ଭାରତର Reputed Company ରେ SMS JOB କରି Part/Full Time ଘରେ ବସି ଶିକ୍ଷିତ ବେରୋଜଗାର ମାସକୁ ୧୫୦୦୦/- ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
କମ୍ପାନୀ ଦ୍ୱାରା Mobile+Laptop+ Sim + ୫୦୦୦୦ର ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9631847145
9006905977

ଧୂପକାଠି ମେସିନ୍
DEP, PERFUME, MATCH BOX, READYMADE COVER, PREMIX
ସହଜ ଋଣ ବ୍ୟବସ୍ଥା ଉପଲବ୍ଧ
ଧୂପକାଠି ମେସିନ୍ ବସାଇ ତିଆରି ପ୍ରଡକ୍ଟସ୍‌କୁ ଆମ ମାଧ୍ୟମରେ ବିକ୍ରୟ କରି ଦିନକୁ ୧୫୦୦/- ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ ଏବଂ ସମସ୍ତ ପ୍ରକାର ଧୂପକାଠି କଞ୍ଚାମାଲ୍ ସୁଲଭ ମୂଲ୍ୟରେ ଉପଲବ୍ଧ ।
SAMEEPTA INDUSTRIES PVT. LTD
B-157, Baramunda, BBSR
9777196285
9861088447

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି ।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲ୍ୟୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

TCF FINANCE
TCF ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୧ ଦିନରେ । 0% ସୁଧ 45% ଛାଡ । ଘରେ ବସି ପାଆନ୍ତୁ
ଖର୍ଚ୍ଚ ଲୋନ ପାସ ହେଲା ପରେ
Plot No-14/524, Chandini Chowk, Kolkata
8938866345
7088891905

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

BUSINESS
ପଞ୍ଜୀକୃତ କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଉପରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ।
ଅଗ୍ରିମ ୬୫ ଲକ୍ଷ
ଭଡ଼ା ୭୫,୦୦୦
କୌଣସି ଏଗ୍ରିମେଣ୍ଟ ଦେୟ ନାହିଁ
6391829110
6391829112
Add : T-51, Gautampuri Delhi-53

FINANCE
Mahalaxmi Credit Services
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ
25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469
8395030162

ଟି.ସି.ଏଫ୍. ଫାଇନାନ୍ସ
(ସରକାରୀ ପଞ୍ଜୀକୃତ)
ଋଣ ମାତ୍ର ୬ ଘଣ୍ଟାରେ ।
ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, ୦% ସୁଧ, ୫୦% ରିହାତି।
୦୮୮୫୯୬୬୮୫୫୮
୩୯, ପଟେଲ ନଗର, ଆଶିକ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

FINANCE
National Corporation
ପର୍ସନାଲ, ଏଜୁ୍ୟକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଉପଲବ୍ଧ ।
(B.B.28, Sec. 4, Salt Lake City Kolkatta- 700064)
7606086442
7606062768
nationalcoop98@gmail.com

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!!
ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!!
ପ୍ରକ୍ରିୟାକରଣ ୨ କାଗଜ ଉପରେ !!!
୨% ସୁଧ, ୪୦% ସବ୍‌ସିଡି !!!
ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370
7840058835
H.No.-258, VPO Duhai, Ghaziabad, (U.P.) 201203

BUSINESS
ନ୍ୟାଶନାଲ କମ୍ପାନୀ
ନିଜର ଖାଲି ଜମି, ଛାତ, ଚାଷଜମି ଉପରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ।
ଅଗ୍ରିମ ୭୦ ଲକ୍ଷ
ଭଡ଼ା ୩୫,୦୦୦
୧ ବ୍ୟକ୍ତିଙ୍କ ପାଇଁ ୩୫,୦୦୦ର ଅନ୍ୟାନ୍ୟ ସୁବିଧା
7048574723
7048574637
Add : 41/14, Sce.1, Pushp Vihar, Delhi-17

ବାବା ବଙ୍ଗାଳୀ
ଫ୍ରି ସେବା ବାବା ବଙ୍ଗାଳୀ ୧୫ ମିନିଟ୍‌ରେ ଘରେବସି ସମାଧାନ
ସ୍ପେଶାଲିଷ୍ଟ:
ପ୍ରେମବିବାହ, ବଶୀକରଣ, ମୁଠକରଣୀ, ସଉତୁଣୀ ଶତ୍ରୁମୁକ୍ତି, ପତି - ପତ୍ନୀ ଅନବନ, ପାଠରେ ମନ ନଲାଗିବା, ଗୃହକ୍ଲେଶ, ବ୍ୟବସାୟରେ ବାଧା । A to Z ସମସ୍ୟାର ଘରେବସି ୧୦୧% ଗ୍ୟାରେଣ୍ଟେଡ ଫ୍ରୀ ସମାଧାନ
9982292667
8239254882

ITEL କମ୍ପାନୀ ଦ୍ୱାରା ଖାଲି ଜମି ଉପରେ ଡିଜିଟାଲ ଉପକରଣ ଲଗାନ୍ତୁ, ଅଗ୍ରିମ - ୯୦ ଲକ୍ଷ, ଭଡ଼ା - ୪୫୦୦୦ + ମାସିକ ୧୫୦୦୦ର ଅନ୍ୟାନ୍ୟ ସୁବିଧା + ଆଜୀବନ ଜୀବନ ବୀମା + ମେଡିକାଲ ସୁବିଧା ମାଗଣା।
Email- iteltowerltd@gmail.com
WhatsApp
7788995264
9126351642
Gram Bakrihari, Dhaka, East Champaran, Bihar - 845418

BUSINESS
SURYA କମ୍ପାନୀ
ଦ୍ୱାରା ନିଜ ଖାଲି ଜମି, ଛାତ, ପ୍ଲଟ୍ ଉପରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। ଅଗ୍ରିମ 1 କୋଟି, ଭଡ଼ା 55000/- + ଗାଡ଼ି।
ଯୋଗାଯୋଗ କରନ୍ତୁ
9804822350

**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

TARIFF — MORE SPACE • SAME PRICE — * GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୧୬ ଡିସେମ୍ବର, ୨୦୧୮



ଅଶେଷ ଦୁର୍ଗତି ଓ ଦୁଃସମୟରେ ମଧ ଯେଉଁମାନେ ଶାନ୍ତ ଓ ସ୍ଥିର ରହିପାରନ୍ତି, ସେମାନେ ଦୃଢ଼ମନା ଏବଂ ସ୍ଥିର ଚିତ୍ତ ଅଟନ୍ତି।
- ସାରଳା ଦାସ



## ସଂକ୍ଷେପରେ

### ଜୁଆ ଖେଳ ବେଳେ ପୋଲିସ ଚଢ଼ାଉ, ୪ ଗିରଫ

**ଖପ୍ରାଖୋଲ, ୧୫।୧୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ଅନ୍ତର୍ଗତ ଦେଦର୍ହ ଗାଁରେ ଜୁଆଖେଳ ବେଳେ ପୋଲିସ ଚଢ଼ାଉ କରି ୪ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୧୨୪୦ଟଙ୍କା ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ନୃପ ରଣା, କୀର୍ତ୍ତନ ମେହେର, ଗୁନୁ ନାଗ ଓ ପହିତରାମ ମାଝି। ଏ ନେଇ ଖପ୍ରାଖୋଲ ଥାନାରେ ଏକ ମାମଲା(ନଂ. ୧୫୬/୧୮)ରୁଜୁ ହୋଇଥିବା ଏଏସଆଇ ଗୋକୁଳାନନ୍ଦ ମିଶ୍ର କହିଛନ୍ତି। ଦେଦର୍ହ ଗାଁରେ ଜୁଆ ଖେଳ ଚାଲିଥିବା ନେଇ ଶୁକ୍ରବାର ବିଳମ୍ବିତ ରାତିରେ ଖପ୍ରାଖୋଲ ପୋଲିସକୁ ଖବର ମିଳିବା ପରେ ଏହି ଚଢ଼ାଉ କରାଯାଇଥିଲା।

### ବୁଢ଼ାରଜା ଫୁଟବଲ ଟୁର୍ନାମେଣ୍ଟ: କରେଲଧୁଆ, ତୁଷୁରା ବିଜୟୀ

**ଟିକ୍ରାପଡା,୧୫।୧୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଲା ବ୍ଲକ କରମତଲାଠାରେ ଯୁବ ସମାଜ ଆନୁକୂଲ୍ୟରେ ଆୟୋଜିତ ଦଶମ ବାର୍ଷିକ ଜୟ ବୁଢ଼ାରଜା ଫୁଟବଲ ଟୁର୍ନାମେଣ୍ଟର ଶନିବାର ଥିଲା ଦ୍ୱିତୀୟ ଦିବସ । ଅନୁଷ୍ଠିତ ପ୍ରଥମ ମ୍ୟାଚ କରେଲଧୁଆ ଓ କରମତଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ କରମତଲା ଦଳକୁ ୨-୦ ଗୋଲରେ ହରାଇ କରେଲଧୁଆ ବିଜୟୀ ହୋଇଥିଲା । ଦ୍ୱିତୀୟ ମ୍ୟାଚରେ ନାରେନକୁ ୧-୦ ଗୋଲରେ ହରାଇ ତୁଷୁରା ବିଜୟୀ ହୋଇଥିଲା। ବଳରାମ ବାଗ, ସନ ଭୋଇ, ଦିବ୍ୟସିଂ ଭୋଇ ଖେଳ ପରିଚାଳନା କରିଥିଲେ । ମୁଖ୍ୟ ଅତିଥି ଭାବେ ସମିତି ସଭ୍ୟ ସୁବାଷ ଚନ୍ଦ୍ର ବୁଡେକ ଯୋଗଦେଇଥିଲେ। ପୁର ଦାଶ, ଶେଷଦେବ ରଣା ଧାରା ବିବରଣୀ ପ୍ରଦାନ କରିଥିଲେ। ରବିବାର ପ୍ରଥମ ମ୍ୟାଚ କେନ୍ଦୁଉଡାର ବନାମ ଭୁତିଆରବାହାଲ ଓ ଦ୍ୱିତୀୟ ମ୍ୟାଚ ଡଙ୍ଗାପଟା ବନାମ ଟିକ୍ରାପଡା ଅନୁଷ୍ଠିତ ହେବ।

### ବ୍ରାହ୍ମଣ ସମାଜ ପକ୍ଷରୁ ଗୀତା ଜୟନ୍ତୀ

**ମୁରିବାହାଲ, ୧୫।୧୨(ଡି.ଏନ.ଏ):** ମୁରିବାହାଲ ବ୍ଲକ ବ୍ରାହ୍ମଣ ସମାଜ ପକ୍ଷରୁ ୫ମ ବାର୍ଷିକ ଗୀତା ଜୟନ୍ତୀ ମହୋତ୍ସବ ଶନିବାର ସ୍ଥାନୀୟ ବଜାରପଡା ହନୁମାନ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୯ଟାରେ ବ୍ରାହ୍ମଣ ସମାଜର ବିଶିଷ୍ଟ କାର୍ଯ୍ୟକର୍ତ୍ତାମାନଙ୍କୁ ନେଇ ସୂର୍ଯ୍ୟପୂଜା ଓ ବ୍ରାହ୍ମଣ ବରଣ କରାଯାଇଥିଲା। ଏଥିରେ ୯ଜଣ ବ୍ରାହ୍ମଣ ସାମୂହିକ ଗୀତ ପଠନ କରିଥିଲେ। କୃଷ୍ଣଚନ୍ଦ୍ର ଦାସଙ୍କ ନେତୃତ୍ୱରେ ସବ୍ୟସାଚୀ ମିଶ୍ର, ଆଚାର୍ଯ୍ୟ ପ୍ରଣବ କୁମାର ଦାସ ପୂଜାକାର୍ଯ୍ୟକୁ ନିର୍ବାହ କରିଥିଲେ। କର୍ତ୍ତା ଭାବେ ବୈଚେନ୍ଦ୍ର ବଗର୍ତ୍ତି କାର୍ଯ୍ୟ ତୁଲାଇଥିଲେ।

### ଜଳଯୋଗାଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

**ଦେଓଗାଁ, ୧୫।୧୨(ଡି.ଏନ.ଏ.) :** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁତୁର୍ଲା ପଞ୍ଚାୟତ ଅନ୍ତର୍ଗତ ବହଲିରେ ଶନିବାର ଜଳଯୋଗାଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚ ବଡ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ସଭ୍ୟ ଶୁଶୀଲ କୁମାର ଚାନ୍ଦ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ସମ୍ମାନୀତ ଅତିଥିଭାବେ ଆଦ୍ରିଜା ମଞ୍ଜରୀ ଦେବୀ, ସ୍ଥାନୀୟ ସମିତି ସଭ୍ୟା ରଞ୍ଜୁ ଭୋଇ,ବଡବନ୍ଧ ପଞ୍ଚାୟତର ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ଭୋଇ ପ୍ରମୁଖ ଯୋଗଦେଇ ଥିଲେ ।

ଟିଟିଲାଗଡ ଜିଲା ଦାବି ଆନ୍ଦୋଳନ

# ବନ୍ଦ ହେଲା 'ପିଠା' କାର୍ଯ୍ୟକ୍ରମ

**ଟିଟିଲାଗଡ଼, ୧୫।୧୨ (ଡି.ଏନ.ଏ.)**





ପିଠା କାର୍ଯ୍ୟକ୍ରମକୁ ବିରୋଧ କରି ଜିଲା କ୍ରିୟାନୁଷ୍ଠାନ କମିଟି ସଦସ୍ୟମାନେ ଅଦାବାହାଲ ପଞ୍ଚାୟତ ଅଫିସ ସମ୍ମୁଖରେ ଧାରଣାରେ ବସିଛନ୍ତି।

ବଲାଙ୍ଗୀର ଜିଲା ଟିଟିଲାଗଡ ଜିଲା ଦାବି ନେଇ ଗତ ୪୫ଦିନ ଧରି ସରକାରି କାର୍ଯ୍ୟାଳୟ, କୋର୍ଟ କଚେରି ବନ୍ଦ ରହିବା ସହ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଜାରି ରହିଛି। ଏ ନେଇ ଜିଲା ପ୍ରଶାସନ ତଥା ରାଜ୍ୟ ସରକାର କୌଣସି ପଦକ୍ଷେପ ନେଉ ନ ଥିବା ନେଇ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ହେବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ସରକାରଙ୍କ 'ପିଠା' କାର୍ଯ୍ୟକ୍ରମକୁ ଜିଲା ସମର୍ଥକ ତୀବ୍ର ବିରୋଧ କରିଛନ୍ତି। ଟିଟିଲାଗଡ ବ୍ଲକ ଅଦାବାହାଲଠାରେ ବିରୋଧ ଯୋଗୁଁ ପିଠା କାର୍ଯ୍ୟକ୍ରମ କେବଳ ଭତ୍ତା ବଣ୍ଟନରେ ସୀମିତ ରହିଥିବା ଜଣାଯାଇଛି। ଏ ନେଇ ଜିଲା କ୍ରିୟାନୁଷ୍ଠାନ କମିଟି ସଦସ୍ୟ ପ୍ରଭାସ ବହିଦାର, ଶ୍ୟାମାପ୍ରସାଦ ଗରିଆ, ତୁଳସୀ ସାହୁ, ରାଜେଶ ପ୍ରଧାନ, ବୀରେନ୍ଦ୍ର ବାଗ, ଛାତ୍ର ନେତା ଅମ୍ଳାନ ଷଡଙ୍ଗୀ ପ୍ରମୁଖ ବହୁ ସମର୍ଥକ ଅଦାବାହାଲ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ବିରୋଧ ସହ ଧାରଣା ଦେଇଥିଲେ। ଅପରପକ୍ଷରେ ଉପଖଣ୍ଡ ଅନ୍ତର୍ଗତ ବେଲଗାଁଠାରେ ବିରୋଧ ଯୋଗୁଁ ପିଡି ମହେଶ୍ୱର ସ୍ୱାଇଁ ସଭା ଛାଡି ଚାଲିଯାଇଥିବା ଜଣାଯାଇଛି। ସେହିପରି ସଇଁତଲା ବ୍ଲକ ଅନ୍ତର୍ଗତ ଶିଶକେଲା ଏବଂ ଭଦ୍ରା ପଞ୍ଚାୟତରେ ମଧ୍ୟ ଜିଲା ଦାବି ସମର୍ଥକ ବରିଷ୍ଠ ଆଇନଜୀବୀ ଅରବିନ୍ଦ ମହତୋ, ଆଲୋକ ନାୟକ, ସଞ୍ଜୟ ପଣ୍ଡା ପହଞ୍ଚି ଭୋଜିଭାତ ହେଉ, ସଭା ହେବନି ବୋଲି କହି ବିରୋଧ କରିଥିବା ଜଣାଯାଇଛି। ମୁରିବାହାଲ ବ୍ଲକ ପତ୍ରାପାଲିକୁ ମଧ୍ୟ କ୍ରିୟାନୁଷ୍ଠାନ କମିଟି ସଦସ୍ୟ ସଞ୍ଜିବ ପାଢୀ, ସୁଧିର ଘଡେଇ ପ୍ରମୁଖ ପହଞ୍ଚି କଣ୍ଟାବାଞ୍ଜି ବିଧାୟକ ଆୟୁବ ଖାନ, ମୁରିବାହାଲ ପଞ୍ଚାୟତ ସମିତି ଅଧ୍ୟକ୍ଷ ହଂସରାଜ ଜୈନଙ୍କୁ ନିରାଡମ୍ବରରେ ସଭା କରିବା ପାଇଁ ଅନୁରୋଧ କରିଥିବା ଜଣାଯାଇଛି।

ଅପରପକ୍ଷରେ ଶନିବାର ଜିଲା ଦାବିକୁ ନେଇ ଟିଟିଲାଗଡ ଉପଖଣ୍ଡ ଯାଦବ ମହାସଭାର ସହସ୍ରାଧିକ ସଦସ୍ୟ ବାଇକ ରାଲି କରିଥିଲେ। କାନ ଖୁଲି କରି ଶୁନ୍ ସରକାର୍, ଯାଦବ ସମାଜ ଦେଲା ହୁଙ୍କାର ନାରାରେ ସହର କମ୍ପିଥିଲା। ଉପଖଣ୍ଡ ଯାଦବ ମହାସଭା ସଭାପତି ଘିନୁ ଆଡଯୁଆଡ, ପିତାମ୍ବର ବଗର୍ତି, ବାଳକୃଷ୍ଣ ଷାଣ୍ଢ, ଝସକେତନ ଛତର, ଆଇନଜୀବୀ ମନୋଜ ହାତି, ଜିଲା ପରିଷଦ ସଭ୍ୟ ଦିଲିପ ଖର୍ସେଲ ପ୍ରମୁଖଙ୍କ ନେତୃତ୍ୱରେ ଜିଲା ଦାବିକୁ ସମର୍ଥନ କରି ଆନ୍ଦୋଳନକାରୀ ଟିଟିଲାଗଡ ସହର ପରିକ୍ରମା କରି ଗଣଧାରଣାରେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଷ୍ଣୁ ପ୍ରସାଦ ନାଗ, ପୃଥ୍ୱୀରାଜ ଚିନାଗୁର, ଗତିକୃଷ୍ଣ ବଗର୍ତ୍ତୀ, ଗିରିଶ ନାଗ, ନିଲଶଙ୍କର ବାଗ, ଲଳିତ ବାଗ ପ୍ରମୁଖ ବହୁ ଯାଦବ ସମାଜ କର୍ମକର୍ତ୍ତା ସାମିଲ ହୋଇଥିଲେ।

## ଲାଠୋର ଅଞ୍ଚଳରେ 'ପିଠା' କାର୍ଯ୍ୟକ୍ରମ

**ଲାଠୋର, ୧୫।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର, ଟଙ୍କପାଣି, କରୁଆଁଝର ପଞ୍ଚାୟତରେ ବିଡିଓ ତରଣୀ ସୁନାଙ୍କ ଆବାହକତ୍ୱରେ ଶନିବାର 'ପିଠା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟଙ୍କପାଣି ପଞ୍ଚାୟତ କାର୍ଯ୍ୟାଳୟଠାରେ ସରପଞ୍ଚ ଉତ୍ତରା ଭୋଇଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତ ଅଧିନ ସମସ୍ତ ଗ୍ରାମର ମହିଳା ସ୍ୱଂୟ ସହାୟୀକା ଗୋଷ୍ଠୀର ସଦସ୍ୟାଙ୍କ ଗ୍ରାମ ପରିକ୍ରମା ଭିତରେ ପିଠା କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ନୋଡଲ ଅଫିସର ଭାବେ ଯୋଗାଣ ନିରୀକ୍ଷକ ରାଜାରାମ ହୋତାଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀ କର୍ମଚାରୀମାନେ ଯୋଗଦେଇଥିଲେ। ସେହିପରି ଲାଠୋର ପଞ୍ଚାୟତରେ ସରପଞ୍ଚ ପ୍ରବୀଣ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନୋଡାଲ ଅଫିସର ଭାବେ ଡବ୍ଲୁଇଓ ଡ.ନନ୍ଦିକିଶୋର ତାଣ୍ଡି, ପଞ୍ଚାୟତ ସମିତି ଅଧ୍ୟକ୍ଷା ପୁର୍ଣ୍ଣମାସି ବରିହା, ଜିଲା ପରିଷଦ ସଭ୍ୟ ବିପ୍ର ବିଶିଙ୍କ ସହ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। କରୁଆଁଝର ପଞ୍ଚାୟତରେ ସରପଞ୍ଚ ବିଜୟଲକ୍ଷ୍ମୀ ବାଗଙ୍କ ଅଧ୍ୟକ୍ଷତାରେ ନୋଡାଲ ଅଫିସର ଭାବେ ଗ୍ରାମ ପଞ୍ଚାୟତ ଅଧିକାରୀ ସୁଶାନ୍ତ ପାଣି ଯୋଗଦେଇଥିଲେ। କାର୍ଯ୍ୟକ୍ରମମାନଙ୍କୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ପରିଚାଳନା କରିଥିବା ବେଳେ ଆଇସିଡିଏସ ସୁପରଭାଇଜର ବିଦ୍ୟୁତପ୍ରଭା ନାଗ ଓ ଅଞ୍ଜଳି ମିଶ୍ର ତିନିଗୋଟି ପଞ୍ଚାୟତର ଅଙ୍ଗନୱାଡି କର୍ମୀ ମାନଙ୍କୁ ନେଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବିଭିନ୍ନ ମହିଳା ସ୍ୱଂୟ ସହାୟକ ଗୋଷ୍ଠିର ମହିଳାମାନେ ତିଆରି କରି ଆଣିଥିବା ବିଭିନ୍ନ ରକମର ପିଠାକୁ ପ୍ରଦର୍ଶନୀ ଭାବେ ଦେଖାଯାଇଥିଲା।

## ୫ ପଞ୍ଚାୟତରେ ପିଠା କାର୍ଯ୍ୟକ୍ରମ ସମ୍ପନ୍ନ

**ଗୁଡ଼ଭେଲା,୧୫।୧୨(ଡି.ଏନ.ଏ.)**

ରାଜ୍ୟ ସରକାରଙ୍କ ପିଠା କାର୍ଯ୍ୟକ୍ରମ ଶନିବାର ପ୍ରଥମ ପର୍ଯ୍ୟାୟରେ ଗୁଡଭେଲା ବ୍ଲକର ୫ଟି ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି । ସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନା ଉପରେ ଆଲୋକପାତ କରାଯାଇଥିବା ବେଳେ ବିଡିଓ ରାମବିଳାଶ ମଙ୍ଗରାଜ ଓ ଜିପିଓ ହିମାଂଶୁ ଶେଖର ମିଶ୍ର ଏହାର ତଦାରଖ କରିଥିଲେ । ଏହି ଅବସରରେ ଗୁଡଭେଲା, ମାଡେକେଲା, ଘୁନା, ଜାମୁଟ ଓ ଗମ୍ଭାରୀଗୁଡା ପ୍ରଭୃତି ପଞ୍ଚାୟତରେ ଶତାଧିକ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା, ବିଜୁ ପକ୍କା ଘର କାର୍ଯ୍ୟାଦେଶ, ସମୟ ସୀମା ମଧ୍ୟରେ ଘର ନିର୍ମାଣ କରିଥିବା ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ଏଥିସହିତ କେତେକ ହିତାଧିକାରୀଙ୍କୁ ନୂତନ ବିଦ୍ୟୁତ ସଂଯୋଗ ଓ କଳାକାର ପେନସନ ଯୋଜନାରେ ସାମିଲ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସରପଞ୍ଚ, ସମିତି ସଭ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ,ବିଦ୍ୟୁତ, ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗଣ ବିଭାଗ, ମହିଳା ଓ ଶିଶୁ ବିଭାଗର ପ୍ରତିନିଧିମାନେ ଉପସ୍ଥିତ ରହିଥିବା ବେଳେ ସମସ୍ତଙ୍କୁ ପିଠା ବଣ୍ଟନ କରାଯାଇଥିଲା ।



ଛତିଶଗଡ ଅଭିମୁଖେ ବାହାରିଥିବା ଖୋଖୋ ଟିମ୍।

ଜାତୀୟ ସ୍କୁଲ ଗେମ୍ସ

## ଓଡ଼ିଶା ଖୋଖୋ ଖେଳାଳିଙ୍କ ଛତିଶଗଡ଼ ଗସ୍ତ

**ଟିଟିଲାଗଡ, ୧୫।୧୨ (ଡି.ଏନ.ଏ.)**

ଜାତୀୟ ସ୍କୁଲ ଗେମ୍ସରେ ଭାଗ ନେବାପାଇଁ ଓଡିଶା ଖୋଖୋର ବାଳକ (୧୭) ଟିମ୍ ଶନିବାର ଟିଟିଲାଗଡରୁ ଛତିଶଗଡ ଗସ୍ତ କରିଛି। ବିଭିନ୍ନ ବିଦ୍ୟାଳୟରୁ ଚୟନ ହୋଇଥିବା ଖୋଖୋ ଟିମରେ ୧୨ ସଦସ୍ୟ ରହିଛନ୍ତି । ଟିଟିଲାଗଡରେ ୪ଦିନ ପ୍ରଶିକ୍ଷଣ ପରେ ୬୪ତମ ଜାତୀୟ ସ୍କୁଲ ଗେମ୍ସରେ ଯୋଗଦେବା ପାଇଁ ବସ୍ତର ଜିଲା ନାରାୟଣପୁରକୁ ଯାତ୍ରା କରିଛି ଟିମ୍ । ଆସନ୍ତା ୧୭ରୁ ଏହି ଜାତୀୟ କ୍ରୀଡା ଆରମ୍ଭ ହେବ ବୋଲି ଦଳର ମ୍ୟାନେଜର ସନ୍ତୋଷ ମେହେର ଏବଂ କୋଚ ବିନୋଦ ମହାପାତ୍ର ସୂଚନା ଦେଇଛନ୍ତି ।

## ମା' ଦୁର୍ଗା କ୍ରିକେଟ ଟୁର୍ନାମେଣ୍ଟ: ସେମିରେ ଘୁଙ୍ଗି, ଖୁଣ୍ଟପାଲି

**ଲୋଇସିଂହା,୧୫।୧୨(ଡି.ଏନ.ଏ)**

ଲୋଇସିଂହା ବ୍ଲକ ତଲିଉଡାର ଗ୍ରାମ ଖେଳପଡିଆରେ ଜୟ ମା' ଦୁର୍ଗା କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହେଉଛି । ଶନିବାର ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସରେ '୬ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଘୁଙ୍ଗି ଏକଦଶ ଏବଂ ଖୁଣ୍ଟପାଲି ଏକାଦଶ ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଘୁଙ୍ଗି ଏବଂ ବୈଦୁପାଲି ମଧ୍ୟରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମ୍ୟାଚରେ ଘୁଙ୍ଗି ବିଜୟୀ ହୋଇଥିଲା । ଖୁଣ୍ଟପାଲି ଏବଂ କହିଣ୍ଡାପାଲି ମଧ୍ୟରେ ଅନୁଷ୍ଠିତ ଅନ୍ୟ କ୍ୱାର୍ଟର ଫାଇନାଲରେ ଖୁଣ୍ଟପାଲି ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ୮ ଓଭର ବିଶିଷ୍ଟ କ୍ରିକେଟ ଧମାକ ଶୁକ୍ରବାର ଆରମ୍ଭ ହୋଇଥିଲା ।

## ୨୯ଦିନରେ କଣ୍ଟାବାଞ୍ଜି ଜିଲା ଦାବି ଆନ୍ଦୋଳନ

**କଣ୍ଟାବାଞ୍ଜି, ୧୫।୧୨(ଡି.ଏନ.ଏ.)**

କଣ୍ଟାବାଞ୍ଜି ଜିଲା ଦାବି ନେଇ ସ୍ଥାନୀୟ ତହସିଲ ଅଫିସ ସମ୍ମୁଖରେ ଚାଲିଥିବା ଧାରଣା ଶନିବାର ୨୯ଦିନରେ ପହଞ୍ଚିଛି। ଦିନର ଧାରଣାରେ ସ୍ଥାନୀୟ ଅଖିଳ ଭାରତୀୟ ମାରୱାଡି ମହିଳା ସମ୍ମେଳନ ସମର୍ଥନ କରି ସାମିଲ ହୋଇଛି । ହରିଭବନରୁ ସଭାନେତ୍ରୀ ଶିଳ୍ପା ଖଣ୍ଡେଲୱାଲଙ୍କ ନେତୃତ୍ୱରେ ସେମାନେ ଶୋଭାଯାତ୍ରାରେ ଆସି ଧାରଣାରେ ସାମିଲ ହୋଇଥିଲେ। ଧାରଣାରେ ସମ୍ପାଦିକା ମମତା ଡାଲମିଆ, କିରଣ ଘୁମେରିଆ, ସଙ୍ଗୀତା ଝରବାହାଲିଆ, ସନ୍ତୋଷୀ ଜୈନ, ଚନ୍ଦାଦେବୀ ଅଗ୍ରୱାଲ ପ୍ରମୁଖ ସାମିଲ ଥିଲେ। ସେହିପରି ୱାର୍ଡ ନଂ. ୧୦ ଶ୍ରଦ୍ଧା ଏସଏଚଜି ସଭାନେତ୍ରୀ ଗୋମତୀ ବେହେରାଙ୍କ ନେତୃତ୍ୱରେ ସମ୍ପାଦିକା ହୀରାବତୀ ବେହେରା ପ୍ରମୁଖ ଜଗନ୍ନାଥ ମନ୍ଦିରରୁ ଶୋଭାଯାତ୍ରାରେ ବାହାରି ଧାରଣସ୍ଥଳରେ ପହଞ୍ଚି ଥିଲେ।

## ବସ୍ ଧକ୍କାରେ ଶ୍ୱଶୁର ମୃତ, ଜ୍ୱାଇଁ ଗୁରୁତର

### ୫୯ ନମ୍ବର ଜାତୀୟ ରାଜପଥ ଅବରୋଧ

**ମୁରିବାହାଲ, ୧୫।୧୨ (ଡି.ଏନ.ଏ.)**



ଉତ୍ତ୍ୟକ୍ତ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରୁଛନ୍ତି।

ବଲାଙ୍ଗୀର ଜିଲା ମୁରିବାହାଲ ଥାନା ଅନ୍ତର୍ଗତ ଗଁରେଇ ଗ୍ରାମରେ ଶନିବାର ସକାଳ ପ୍ରାୟ ସାଢ଼େ ୬ଟାରେ ବସ୍ ଧକ୍କାରେ ଜଣେ ବାଇକ ଆରୋହୀଙ୍କର ମୃତ୍ୟୁ ଘଟିଥିବା ବେଳେ ତାଙ୍କ ଜ୍ୱାଇଁ ଗୁରୁତର ହୋଇଛନ୍ତି। ମୃତକ ହେଲେ ପର୍ଶୁ ରଣା(୫୫)। ବାଇକରେ ଥିବା ତାଙ୍କ ଜ୍ୱାଇଁ ଅର୍ଜ୍ଜୁନ ରଣାଙ୍କୁ ବଙ୍ଗୋମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ପରେ ଡ୍ରାଇଭର ବସ୍‌କୁ ନେଇ ଫେରାର ହୋଇଯାଇଥିଲେ। ଖବର ଜଣାପଡିବା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ୧୦ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କରି ଉତ୍ତ୍ୟକ୍ତ ଗ୍ରାମବାସୀ ୫୯ ନମ୍ବର ଜାତୀୟ ରାଜପଥକୁ ୩ଘଣ୍ଟା ଧରି ଅବରୋଧ କରିଥିଲେ। ଖବର ପାଇ ମୁରିବାହାଲ ଥାନା ଏଏସଆଇ ରବିନାରାୟଣ ତ୍ରିପାଠୀ, ରାଷ୍ଟ୍ରପତି ରଣା ଓ ସତ୍ୟବାନ ରାଉତ୍ ଘଟଣାସ୍ଥଳରେ ପହଞ୍ଚି ଅବରୋଦକାରୀଙ୍କୁ ବୁଝାଶୁଝା କରିଥିଲେ। ବସ୍ ମାଲିକ ଘଟଣାସ୍ଥଳକୁ ଆସି କ୍ଷତି ପୂରଣ ବାବଦକୁ ୧ଲକ୍ଷ ୭୦ ହଜାର ଟଙ୍କା ଦେବାକୁ ପ୍ରତିଶ୍ରୁତିଦେବା ପରେ ଅବରୋଧ ହଟିଥିଲା। ପୋଲିସ ମୃତଦେହ ଜବତ କରି ଟିଟିଲାଗଡକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ ମୁରିବାହାଲ ଥାନାରେ ଏକ ମାମଲା(ନଂ. ୧୪୦/୧୮) ରୁଜୁ କରାଯାଇଛି । ଖବର ନେବାରୁ ଜଣାପଡିଛି ଯେ, ଶନିବାର ସକାଳ ପ୍ରାୟ ସାଢ଼େ ୬ଟାରେ ବାଇକ ନଂ. ଓଡି ୦୩ ଏମ- ୩୭୨୪ରେ ଶ୍ୱଶୁର ପର୍ଶୁ ଓ ଜ୍ୱାଇଁ ଅର୍ଜ୍ଜୁନ ଶୌଚ ପାଇଁ ଗ୍ରାମ ନିକଟ ନିମାଇଁ ବନ୍ଧକୁ ଯାଉଥିଲେ। ଏହି ସମୟରେ ଟିଟିଲାଗଡରୁ ବଙ୍ଗୋମୁଣ୍ଡା ଅଭିମୁଖେ ଯାଉଥିବା ବସ୍ ନଂ. ଓଡି ୨୬-୨୦୧୭ ତାଙ୍କୁ ପଛପଟୁ ଧକ୍କା ଦେଇ ପଳାଇଥିଲା। ଘଟଣାସ୍ଥଳରେ ପର୍ଶୁଙ୍କର ମୃତ୍ୟୁ ଘଟିଥିବା ବେଳେ ଅର୍ଜ୍ଜୁନ ଗୁରୁତର ହୋଇଥିଲେ।

## ଶିଶୁ ମନ୍ଦିର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

**ମୁରିବାହାଲ, ୧୫।୧୨ (ଡି.ଏନ.ଏ)**

ମୁରିବାହାଲ ସରସ୍ୱତୀ ଶିଶୁ ମନ୍ଦିର ୧୪ତମ ବାର୍ଷିକ କ୍ରୀଡା ମୁରିବାହାଲ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଖେଳ ପଡିଆଠାରେ ଶନିବାର ଉଦ୍‌ଯାପିତ ହୋଇଯାଇଛି । ଓଷ୍ଟା ସଂଘ ଜିଲା ଉପସଭାପତି ପ୍ରଦୀପ କୁମାର ପୁଟେଲ ମୁଖ୍ୟଅତିଥିଭାବେ ଯୋଗଦେଇ କ୍ରୀଡା ପତାକା ଉତ୍ତୋଳନ କରିବା ସହ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ । ଏଥିରେ ୩୧ ଗୋଟି ବିଭାଗରେ ପ୍ରତିଯୋଗୀମାନ ଅନୁଷ୍ଠିତ ହୋଇଥିଲା । ତନ୍ମଧ୍ୟରୁ ୨୫, ୫୦, ୧୦୦, ୨୦୦ ମିଟର ଦୌଡ, ଉମ୍ଫଡିଆଁ, ହାଇଜମ୍ପ, ଗୋଲାଫିଙ୍ଗା, ଅଖାଦୌଡ, ବେଲୁନ ଧରା ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ୧୨୬ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ମେଡାଲ ପ୍ରଦାନ କରାଯାଇଥିଲା। ଉଦଯାପନୀ ସମାରୋହରେ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ପିତବାସ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡାବିତମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଖେଳ ଶିକ୍ଷକ ଦେବାନନ୍ଦ ଦାସ, ସାମାଜିକ କର୍ମୀ ପ୍ରଫୁଲ୍ଲ କୁମାର ବଘାର, ପରିଚାଳନା କମିଟି ସଭାପତି ଶ୍ରୀବସ୍ତ ବେହେରା, ସମ୍ପାଦକ ନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ସୁମନାନନ୍ଦ ଖମାରୀଙ୍କ ସଂଯୋଜନାରେ ଗୋବିନ୍ଦ ଦାସ, ସରୋଜା ବାଗ, ଭଗବାନ ପଧାନ, ଗିରିଧାରୀ ବାଗ, ନିରେନ୍ଦ୍ର ନାଗ, କମଳିନୀ ଦନ୍ତା, ଜାହ୍ନବି ପଧାନ, ଶୁଶିଲା ଶର୍ମା, ଜ୍ୟୋତିମୟୀ ଛନ୍ଦ, ସବିତା ଦାସ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ ।

## ସ୍ୱାସ୍ଥ୍ୟ, ପୁଷ୍ଟି ସମ୍ବନ୍ଧୀୟ କର୍ମଶାଳା

**ଲୋଇସିଂହା,୧୫।୧୨(ଡି.ଏନ.ଏ.)**



କର୍ମଶାଳାରେ ଉପସ୍ଥିତ ମହିଳା।

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ବଡଟିକା ଗାୟିତ୍ରୀ କ୍ଲବଠାରେ ସ୍ୱାସ୍ଥ୍ୟ ଓ ପୁଷ୍ଟି ସମ୍ବନ୍ଧୀୟ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ପଲ୍ଲୀ ଆଲୋକ ପାଠାଗାର ନଅଗାଁ(ଖ) ଏବଂ ସିଡବ୍ଲୁଏସ ତରଫରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଝରଣୀପାଲି ଏବଂ ବଡଟିକା ଗ୍ରାମପଞ୍ଚାୟତର ସମସ୍ତ ଗ୍ରାମର ଅଙ୍ଗନୱାଡି, ଆଶାକର୍ମୀ, ପଞ୍ଚାୟତ ପ୍ରତିନିଧି ଏବଂ ମହିଳା ସଭ୍ୟମାନେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ପିଏପିର ସଂଯୋଜକ ହିରାଲାଲ ମିଶ୍ର ମା' ଓ ଶିଶୁ ମୃତ୍ୟୁ ହାର କିପରି କମା ଯାଇ ପାରିବ ତାହା ଉପରେ ଆଲୋଚନା କରିଥିଲେ । ସରକାରଙ୍କ ବିଭିନ୍ନ ସ୍ୱାସ୍ଥ୍ୟଭିତ୍ତିକ ଯୋଜନା ଏବଂ ପୃଷ୍ଟିପୋଷକ ଆହରଣ କଲେ ମହିଳାମାନେ ଉପକୃତ ହେବେ ତାହା ଉପରେ କହିଥିଲେ । ଆଲୋଚନାଚକ୍ର ପରେ ସ୍ୱାସ୍ଥ୍ୟ ଏବଂ ପୃଷ୍ଟିକୁ ନେଇ ଗ୍ରାମ୍ୟସ୍ତରୀୟ ଯୋଜନା ପ୍ରସ୍ତୁତ ହୋଇଥିଲା । ଏଥିରେ ପ୍ରତ୍ୟେକ ପ୍ରସୂତି ଓ ଗର୍ଭବତୀମାନେ ସରକାରଙ୍କ ତରଫରୁ ଯୋଗାଣ ଛତୁଆ, ଲୌହ ବଟିକା ଖାଇବା, ସ୍ୱଚ୍ଛତା ରହିବା ଓ ପ୍ରତ୍ୟେକ ଘରେ ପୃଷ୍ଟି ବଗିଚା କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ପ୍ରହଲ୍ଲାଦ ପଧାନ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଗୋବିନ୍ଦ ଚନ୍ଦ୍ର ବିଶି ସ୍ୱାଗତ ଅଭିଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ ।

ଉନ୍ନୀତ ହାଇସ୍କୁଲର ବାର୍ଷିକ କ୍ରୀଡା ପ୍ରତିଯୋଗିତା

## ସଙ୍ଗୀତା ବାଳିକା, ସଚିନ ବାଳକ ଚାମ୍ପିୟନ

**ଦେଓଗାଁ, ୧୫।୧୨(ଡି.ଏନ.ଏ.)**



ବାର୍ଷିକ କ୍ରୀଡା ଉଦ୍‌ଯାପନୀ ଅବସରରେ ଚାମ୍ପିୟନଙ୍କୁ ପୁରସ୍କୃତ କରାଯାଉଛି ।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବ୍ରାହ୍ମଣୀଯୋର ପଞ୍ଚାୟତ ଅନ୍ତର୍ଗତ ବ୍ରାହ୍ମଣୀଯୋର ଉନ୍ନିତ ହାଇସ୍କୁଲରେ ୨ ଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡାଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି । ପ୍ରଧାନଶିକ୍ଷକ ପ୍ରଦୀପ କୁମାର ଛତ୍ରୀୟାଙ୍କ ସଭାପତିତ୍ୱ ତଥା ଦେବଦତ୍ତ ଦ୍ୱିବେଦୀଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବ୍ଲକ ଶିକ୍ଷାଧିକାରୀ ଭାଗ୍ୟବତୀ ଦାଶ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଅଭିନ୍ନ ଚନ୍ଦ୍ର ନାଏକ, ମନୋହର ଉଟୀ, ସ୍କୁଲ ପରିଚାଳନା କମିଟି ସଭାପତି ରୁକ୍ମଣୀ ଘିଭେଲା, ଆରସିଡିସି ଆଞ୍ଚଳିକ ମୁଖ୍ୟ ସମ୍ବିତ ଶାସ୍ୱାମ୍ବର, ସ୍ଥାନୀୟ ସିଆରସିସି ସଂକିର୍ତ୍ତନ ମହାଲିଙ୍ଗ, ଜରାସିଂହା ସିଆରସିସି ଜ୍ୟୋତି ପ୍ରକାଶ ଷଡଙ୍ଗୀ ପ୍ରମୁଖ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଖେଳ ଶିକ୍ଷକ ବିରେନ୍ଦ୍ର ସୁନାଙ୍କ ପରିଚାଳନାରେ ୧୦୦ ମି, ୨୦୦ମି, ୪୦୦ମି. ଦୌଡ, ଉଚ୍ଚଡିଆଁ, ଲମ୍ବଡିଆଁ, ସଟପୁଟ ଥ୍ରୋ, ଡିସକସ ଥ୍ରୋ, ମ୍ୟୁଜିକାଲ ଚେୟାର, ନିଡିଲ ରେସ, ପଟାଟୋ ରେସ ଆଦି ୨୨ଟି ଇଭେଣ୍ଟରେ ୧୬୦ ଜଣ ଛାତ୍ରୀଛାତ୍ର ଭାଗନେଇଥିଲେ । ବାଳିକା ବିଭାଗରେ ଦଶମ ଶ୍ରେଣୀର ସଙ୍ଗୀତା ଘିଭେଲା ଓ ବାଳକ ବିଭାଗରେ ସଚିନ ପରାଭୂଏ ଚାମ୍ପିୟନ ହୋଇ ପୁରସ୍କୃତ ହୋଇଥିଲେ। ଶୁକ୍ରବାର ମୁଖ୍ୟ ଅତିଥିଭାବେ ଏବିଇଓ ନାଏକ ଯୋଗଦେଇ କ୍ରୀଡାର ଉଦ୍‌ଘାଟନ କରିଥିଲେ । ଉତ୍ସବକୁ ଶିକ୍ଷୟିତ୍ରୀ ଲିନା ସାହୁ, ପୁଷ୍ପାଞ୍ଜଳି ସାହୁ,ଗିତାଞ୍ଜଳି ପଟେଲ, ରୂପାଳୀ ସେଠୀ, ଶିକ୍ଷକ ସଦାନନ୍ଦ ନାଏକ ତଥା କମିଟି ବୃନ୍ଦ ସହଯୋଗ କରିଥିଲେ ।



❝ ରୋଗ, ଶତ୍ରୁ ଓ ଋଣ, ଏମାନଙ୍କୁ ସବୁବେଳେ ଶେଷ କରିବାକୁ ଚେଷ୍ଟା କରିବ।
ପାପ, ହିଂସ୍ର ପ୍ରାଣୀ ଓ ହିଂସ୍ର ମନୁଷ୍ୟଙ୍କଠାରୁ ସର୍ବଦା ଦୂରରେ ରହିବ।
- ଶ୍ରୀଚୈତନ୍ୟ



## ସଂକ୍ଷେପରେ

### ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା

**ସଇଁତଲା, ୧୫।୧୨(ଡି.ଏନ.ଏ.):** ସଇଁତଲା ବ୍ଲକ ଢ଼େଙ୍ଗ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚ ଜେମାମଣୀ ମଲ୍ଲିକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗୀତାରେ ୩୧୪ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। କନିଷ୍ଠ ବାଳକ ବିଭାଗରେ ତୁଳସୀରାମ ପଧାନ, ବାଳିକା ବିଭାଗରେ ପୂର୍ଣ୍ଣିମା ଭୋଇ, ବରିଷ୍ଠ ବାଳକ ବିଭାଗରେ ଚନ୍ଦ୍ରଶେଖର ମାଝୀ ଓ ବାଳିକା ବିଭାଗରେ ଇତି ମାଝୀ ଚାମ୍ପିୟନ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ବିଶ୍ୱାମ୍ବର ପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଆଞ୍ଚଳିକ ସାଧନ କର୍ମୀ ଅଗସ୍ତି ଦୀପ, ଢେଙ୍ଗ ଡାକପାଳ ରାଜେନ୍ଦ୍ର ଖମାରୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମହେନ୍ଦ୍ର ରଣା ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ଲମ୍ବୋଦର ସାହୁ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଶିକ୍ଷକ ବ୍ରଜମୋହନ ମାଝୀ, ବିଶ୍ୱନାଥ ମେହେର, ସୁଦର୍ଶନ ଦାଶ, ଲିଙ୍ଗରାଜ ନନ୍ଦ, ପ୍ରକାଶ ଚନ୍ଦ୍ର ରଣା, ଭାରତୀ ପଧାନଙ୍କ ସହ ଜୁନିୟର ରେଡ଼କ୍ରସର ସଦସ୍ୟମାନେ ଏଥିରେ ସହଯୋଗ କରିଥିଲେ ।




ଶନିବାର ବଲାଙ୍ଗୀର ଲିଟିଲ ଫ୍ଲାୱାର ସ୍କୁଲର ୩୧ତମ ବାର୍ଷିକ ଉତ୍ସବରେ ଛାତ୍ରୀଛାତ୍ରଙ୍କ ଓଡିଶୀ ନୃତ୍ୟ ପରିବେଷଣ ।

### ମହୀମୁଣ୍ଡାରେ ଚାଷୀଙ୍କ ଧାରଣା ପ୍ରତ୍ୟାହୃତ

# ବିନା କଟ୍‌ନୀରେ ଧାନ କିଣିବାକୁ ପ୍ୟାକ୍ସ ରାଜି

**ବଲାଙ୍ଗୀର ଅଫିସ, ୧୫।୧୨**

ପୁଇଁତଲା ବ୍ଲକ ମହୀମୁଣ୍ଡା ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ)ରେ ଲାଗି ରହିଥିବା ଧାନକିଣା ଅଚଳାବସ୍ଥା ଦୂର ହେବା ନେଇ ବାଟ ବାହାରିଛି । ଶନିବାର ମଣ୍ଡି ସମ୍ମୁଖରେ ଧାରଣାରତ ଚାଷୀଙ୍କ ସହ ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ମହାନନ୍ଦ, ଜିଲା ପରିଷଦ ସଦସ୍ୟ ରାଜକିଶୋର ନାଏକ, ଏଆରସିଏସ୍ ଗଜେନ୍ଦ୍ର ପଣ୍ଡା, ଆରଏମ୍‌ସି କର୍ମଚାରୀଙ୍କ ଉପସ୍ଥିତିରେ ଦୀର୍ଘ ଆଲୋଚନା ପରେ ଧାନ କିଣା ବାଟ ଫିଟିଛି । ବିନା କଟ୍‌ନୀରେ ଚାଷୀଙ୍କ ଠାରୁ ଧାନ କିଣାଯାଉ ବୋଲି ଦାବି କରି ମହୀମୁଣ୍ଡା ପ୍ୟାକ୍ସ ସମ୍ମୁଖରେ ଚାଷୀମାନେ ଦୁଇଦିନ ହେଲା ଧାରଣାରେ ବସିଥିଲେ । ଏଫ୍‌ଏକ୍ୟୁ ମାନର ଧାନ ଆସୁ ନ ଥିବା ଦର୍ଶାଇ ପ୍ୟାକ୍ସ ବିନା କଟ୍‌ନୀ ଧାନ କିଣିବାକୁ ରାଜି ହୋଇ ନ ଥିଲା । ଫଳରେ ଚାଷୀମାନେ ଧାରଣାରେ ବସିଥିଲେ । ଶନିବାର ଜିଲା ପରିଷଦ ଅଧ୍ୟକ୍ଷା ମହାନନ୍ଦ, ଜିଲା ପରିଷଦ ସଦସ୍ୟ ନାଏକ, ମହୀମୁଣ୍ଡା କୃଷକ ସଂଗଠନ ସଭାପତି ରାମଚନ୍ଦ୍ର ବିଶ୍ୱାଳ, ଉପସଭାପତି ରାମଶଙ୍କର ବିଶ୍ୱାଳ, ସମ୍ପାଦକ ଶରତ ବିଶ୍ୱାଳ, ଆଡଭୋକେଟ୍ ତଥା ଚାଷୀ ମଳୟ ରଞ୍ଜନ ଗଡତ୍ୟା, ଥବୀର ବେହେରା, ଜଳନ୍ଧର ପ୍ରଧାନ, ଅକ୍ଷୟ ପ୍ରଧାନ, ପ୍ୟାକ୍ସ ସମ୍ପାଦକ ସୂର୍ଯ୍ୟକାନ୍ତ ସାହୁ, ମାନସ ରଞ୍ଜନ ବିଶ୍ୱାଳ, ଶ୍ରୀକର ପ୍ରଧାନ, ସୁଧୀର କୁମାର ରଥ, ଅନଙ୍ଗ ବିଶ୍ୱାଳ ଓ ଅନ୍ୟ ଚାଷୀ ଆଲୋଚନା କରିଥିଲେ। ଆଲୋଚନା ପରେ ଏଆରସିଏସ୍ ପଣ୍ଡା ଓ ପ୍ୟାକ୍ସ ସମ୍ପାଦକ ଅରୂପାନନ୍ଦ ସାହୁ ବିନା କଟ୍‌ନୀରେ ଧାନ କିଣିବାକୁ ରାଜି ହୋଇଥିଲେ । ତେବେ ଚାଷୀମାନେ ପ୍ୟାକ୍ସକୁ ସମ୍ପୂର୍ଣ୍ଣ ସଫା ଧାନ ଆଣିବେ ବୋଲି ସର୍ତ୍ତ ରଖାଯାଇଛି । ଏହାକୁ ଚାଷୀମାନେ ମଧ୍ୟ ରାଜି ହୋଇଥିଲେ । ଏହାପରେ ଚାଷୀଙ୍କ ଧାରଣ ପ୍ରତ୍ୟାହୃତ ହୋଇଥିଲା । ଆନ୍ଦୋଳନ ପରେ ଚାଷୀଙ୍କ ଧରାନ ବିନା କଟ୍‌ନୀରେ କିଣାଯିବ ବୋଲି ପ୍ୟାକ୍ସ ରାଜି ହେବା ପରେ ଚାଷୀ ମହଲରେ ଆନନ୍ଦ ପ୍ରକାଶ ପାଇଥିଲା ।



ମହୀମୁଣ୍ଡା ପ୍ୟାକ୍ସରେ ଚାଷୀମାନେ ଜିଲା ପରିଷଦ ଅଧ୍ୟକ୍ଷା, ଜିଲା ପରିଷଦ ସଦସ୍ୟଙ୍କ ଉପସ୍ଥିତିରେ ଏଆରସିଏସ୍ ସହ ଆଲୋଚନା କରୁଛନ୍ତି ।

**ଆଜି କ'ଣ କେଉଁଠି**

ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ଶିକ୍ଷାର ବିକାଶରେ ମା'ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ମୁରିବାହାଲ, ୧୫।୧୨ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ସରସ୍ୱତୀ ଶିଶୁ ମନ୍ଦିର ପକ୍ଷରୁ ବିଦ୍ୟାଳୟର ବୌଦ୍ଧିକ ମଣ୍ଡପଠାରେ ୧୪ତମ ମାତୃ ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ସୁମନାନନ୍ଦ ଖମାରୀଙ୍କ ସଂଯୋଜନାକ୍ରମେ ଆୟୋଜିତ କାର୍ଯ୍ୟକ୍ରମକୁ ମୁରିବାହାଲ ତହସିଲଦାର ସରିତା ଗୁପ୍ତା ମୁଖ୍ୟଅତିଥିଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଶିକ୍ଷାର ବିକାଶରେ ମା'ମାନଙ୍କର କର୍ତ୍ତବ୍ୟ ଉପରେ ସେ ମତବ୍ୟକ୍ତ କରିଥିଲେ। ସମ୍ମାନୀତ ଅତିଥିଭାବେ ପରିଚାଳନା କମିଟି ସମ୍ପାଦକ ନାରାୟଣ ସାହୁ, ଉପସଭାପତି ରାଜୀବ କୁମାର ମହାନ୍ତିପ୍ରମୁଖ ଯୋଗଦେଇ ସମ୍ମିଳନୀର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମୁଖ୍ୟବକ୍ତା ଭାବେ ଟିକ୍ରାପଡା ସରସ୍ୱତୀ ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ବିଶ୍ୱମୋହନ ତ୍ରିପାଠୀ ଯୋଗଦେଇ ପ୍ରତିଯୋଗୀତାମୂଳକ ଦୁନିଆରେ ଶିକ୍ଷାର ବିକାଶ ପାଇଁ ମାତୃମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତପ୍ରକାଶ କରିଥିଲେ। ଏହି ଅବସରରେ ଶିଶୁ ମନ୍ଦିର ପକ୍ଷରୁ ମାତୃମାନଙ୍କୁ ନେଇ ଝୋଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୨୯ଜଣ ମା' ଅଂଶଗ୍ରହଣ କରିଥିଲେ। ଦୀପାଞ୍ଜଳି ମାଝୀ ଓ ସୁଜାତା ମହାନ୍ତିଙ୍କୁ ଯୁଗ୍ମ ଭାବରେ ପ୍ରଥମ ହୋଇଥିବା ବେଳେ ଅରୁଣୀ ଭୋଇ ଦ୍ୱିତୀୟ, ସରିତା ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଚାରକ ଭାବେ ପରିଚାଳନା କମିଟି ସଭ୍ୟା ଶ୍ୱେତାସିନୀ ମାଝୀ ଓ ସଞ୍ଜୁକ୍ତା ପଣ୍ଡା କାର୍ଯ୍ୟ ତୁଲାଇଥିଲେ ।

## ଦେଓଗାଁ ବ୍ଲକ: ପିଠା କାର୍ଯ୍ୟକ୍ରମର ଶୁଭାରମ୍ଭ

**ଦେଓଗାଁ, ୧୫।୧୨(ଡି.ଏନ.ଏ.)**

ଦେଓଗାଁ ବ୍ଲକ ଅନ୍ତର୍ଗତ ଅର୍ଜ୍ଜୁନପୁର, ଉପରଝର, ମହଲାଇ, ବଡବାହାଲ ଓ କୁଲୁତାପଡା ଆଦି ୫ଟି ପଞ୍ଚାୟତରେ ଶନିବାର ପିଠା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ଅର୍ଜ୍ଜୁନପୁର ପଞ୍ଚାୟତରେ ସରପଞ୍ଚ ଭଗବତୀ ନାଗଙ୍କ ସଭାପତିତ୍ୱରେ ବିଡିଓ ଶଙ୍କର ପ୍ରସାଦ ସାହୁ, ବ୍ଲକ ହିସାବରକ୍ଷକ ପ୍ରିୟବ୍ରତ ସାହୁ ,ସମିତି ସଭ୍ୟା ପୁଷ୍ପାବାଳି ପୋଢ଼ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ସରକାରୀ ଯୋଜନା ଉପରେ ଆଲୋକପାତ କରିଥିଲେ। ଅର୍ଜ୍ଜନପୁରରେ ଏସଏଚଜି ସଭ୍ୟାଙ୍କ ଦ୍ୱାରା ଏକ ପିଠା ପ୍ରଦର୍ଶନୀ ଆକର୍ଷଣର କେନ୍ଦ୍ର ସାଜିଥିଲା । ତଦ୍ରୂପ ସଦର ବ୍ଲକ ଭୂତିଆରବାହାଲରେ ମଧ୍ୟ ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।




ବଲାଙ୍ଗୀର ରାଜଲକ୍ଷ୍ମୀ ଟିଭିଏସ୍ ଶୋ'ରୁମ୍‌ରେ ମ୍ୟାନେଜିଂ ଡାଇରେକ୍ଟର ପ୍ରଥମ ଗ୍ରାହକଙ୍କୁ ନୂଆ ଗାଡି ହସ୍ତାନ୍ତର କରୁଛନ୍ତି ।

## ବଲାଙ୍ଗୀରରେ ଲଞ୍ଚ ହେଲା ଟିଭିଏସ୍ ଏକ୍ସଏଲ ୧୦୦ ଆଇ ଟଚ୍ ଷ୍ଟାର୍ଟ

**ବଲାଙ୍ଗୀର ଅଫିସ, ୧୫।୧୨**

ବଲାଙ୍ଗୀର ରାଜଲକ୍ଷ୍ମୀ ଟିଭିଏସ୍ ଶୋ ରୁମ୍‌ରେ ଅଗ୍ରଣୀ ଦୁଇଚକିଆ ଓ ତିନିଚକିଆ ଯାନ ନିର୍ମାତା ଟିଭିଏସ୍ ମୋଟର କମ୍ପାନୀର ଅତ୍ୟାଧୁନିକ ଟିଭିଏସ୍ ୧୦୦ ଏକ୍ସଏଲ ହେଭିଡ୍ୟୁଟି ଆଇ ଟଚ୍ ଷ୍ଟାର୍ଟ ଶନିବାର ଲଞ୍ଚ କରାଯାଇଥିଲା । ଉନ୍ମୋଚନ ସମାରୋହରେ ଟିଭିଏସ୍ କମ୍ପାନୀର ଟେରିଟରି ମ୍ୟାନେଜର ପ୍ରଶାନ୍ତ ପଣ୍ଡା, ଏରିଆର ମ୍ୟାନେଜର ଡି ବାପିରାଜୁ, ରାଜଲକ୍ଷ୍ମୀ ଟିଭିଏସ୍ ଶୋରୁମ୍‌ର ମ୍ୟାନେଜିଂ ଡାଇରେକ୍ଟର ଲକ୍ଷ୍ମଣ ପୁରୋହିତ, ନେଟ୍‌ୱର୍କ ମ୍ୟାନେଜର ଦିନେଶ ସାହୁ ଓ ସେଲସ୍ ମ୍ୟାନେଜର ପ୍ରଭୁଦତ୍ତ ବେଦ୍‌ବାକ ଉପସ୍ଥିତ ଥିଲେ । ଉନ୍ମୋଚନ ଉତ୍ସବ ଅବସରରେ ଟେରିଟରି ମ୍ୟାନେଜର ପଣ୍ଡା ନୂଆ ଟିଭିଏସ୍ ଏକ୍ସଏଲ ୧୦୦ହେଭିଡ୍ୟୁଟି ଆଇ ଟଚ୍ ଷ୍ଟାର୍ଟ ଗାଡିର ଫିଚର ସମ୍ପର୍କରେ ସୂଚନା ଦେଇ ଏହା କିଭଳି ଗ୍ରାହକଙ୍କ ପାଇଁ ଅଧିକ ଆରାମଦାୟକ ହେବା ସହ ନିର୍ଭରଯୋଗ୍ୟ ସେ ସମ୍ପର୍କରେ କହିଥିଲେ। ସମଗ୍ର ଭାରତବର୍ଷରେ ପ୍ରଥମ କରି ଆଇ ଟଚ୍ ଷ୍ଟାର୍ଟ ଟେକ୍‌ନୋଲଜି ଏହି ଗାଡିରେ ବ୍ୟବହୃତ ହୋଇଥିବା ସୂଚନା ଦିଆଯାଇଥିଲା । ଏହି ସୁବିଧା ଯୋଗୁଁ ଉପଭୋକ୍ତା ବା ଚାଳକ ଗାଡି ଉପରେ ବସି ସହଜରେ ଟଚ୍ ଷ୍ଟାର୍ଟ କରିପାରିବେ ବୋଲି କହିଥିଲେ । ଏହି ଗାଡି ଇଲେକ୍ଟ୍ରିକ୍ ଷ୍ଟାର୍ଟ ପ୍ରଯୁକ୍ତି ଆଇ ଟଚ୍ ଷ୍ଟାର୍ଟ କୌଶଳରେ ତିଆରି ବୋଲି ସୂଚନା ଦିଆଯାଇଥିଲା। ହାଇସ୍ପାର୍କ ଶକ୍ତି ଇଞ୍ଜିନ ଥିବା ଟିଭିଏସ୍ ୧୦୦ ଏକ୍ସଏଲ ହେଭିଡ୍ୟୁଟି ଆଇ ଟଚ୍ ଷ୍ଟାର୍ଟ ଶ୍ରେଷ୍ଠ ପିକ୍ ଅପ୍ ଓ ସୁଦୃଢ଼ ପ୍ରଦର୍ଶନ ପ୍ରଦାନ କରୁଛି ବୋଲି କୁହାଯାଇଥିଲା । ଏଥିରେ ବିଏସ୍-୪ ନିୟମ ପାଳନ କରୁଥିବା ୯୯.୭ ସିସି ଫୋର ଷ୍ଟ୍ରୋକ୍ ଇଞ୍ଜିନ ଯାହା ସର୍ବାଧିକ ୬ ହଜାର ଆରସିଏମ୍‌ରେ ୩.୨୦ କେଡବ୍ଲ୍ୟୁ ଶକ୍ତି ଓ ୩୫୦୦ ଆରପିଏମ୍‌ରେ ୬.୫ ଏନ୍‌ଏମ୍ ଟର୍କ ସୃଷ୍ଟି କରୁଥିବା କହିଥିଲେ । ଏହି ଅବସରରେ ଟିଭିଏସ୍ ମୋଟର କମ୍ପାନୀ ୟୁଟିଲିଟି ଉତ୍ପାଦ ଉପସଭାପତି ଏସ୍ ବୈଦ୍ୟନାଥନ୍ କହିଥିବା ଟିଭିଏସ୍ ଏକ୍ସଏଲ ୧୦୦ ବ୍ରାଣ୍ଡ ସବୁବେଳେ ଗ୍ରାହକଙ୍କୁ ବିବିଧ କାର୍ଯ୍ୟ, ଦୀର୍ଘସ୍ଥାୟୀତ୍ୱ ଓ ଆରାମଦାୟକ ଅନୁଭୂତି ପ୍ରଦାନ କରିଥାଏ ବୋଲି ସୂଚନା ଦେଇଥିଲେ । ଏହି ଅବସରରେ ଟିଭିଏସ୍ କମ୍ପାନୀ ପକ୍ଷରୁ ପ୍ରସ୍ତୁତ ଏକ ବୃତ୍ତଚିତ୍ର ଦେଖାଯାଇଥିଲା । ଏହି ଗାଡିଟି ସବୁଜ, ଲାଲ, ଟି ଗ୍ରେ, କଳା, ନୀଳ ଓ କପର ଉପଲବ୍ଧ ହେଉଥିବାବେଳେ ଏବେ ମିନେରାଲ ପର୍ପଲ ନୂତନ ରଙ୍ଗରେ ଗାଡି ଉପଲବ୍ଧ ହେଉଥିବା ସୂଚନା ଦିଆଯାଇଥିଲା। ଏହି ଟିଭିଏସ୍ ୧୦୦ ଏକ୍ସଏଲ ହେଭିଡ୍ୟୁଟି ଆଇ ଟଚ୍ ଷ୍ଟାର୍ଟ ଗାଡିର ମୂଲ୍ୟ ଓଡିଶାରେ ୩୬, ୯୧୩ ଟଙ୍କା ଥିବା କୁହାଯାଇଛି। ଏହି ଅବସରରେ ରାଜଲକ୍ଷ୍ମୀ ଟିଭିଏସ୍ ଶୋ ରୁମ୍‌ରେ ଗାଡି ଲଞ୍ଚ ହେବା ପରେ ପ୍ରଥମ ଗ୍ରାହକ ଭାବେ ଗୌରାଙ୍ଗ ମିଶ୍ରଙ୍କୁ ନୂଆ ଗାଡି ହସ୍ତାନ୍ତର କରାଯାଇଥିଲା।




ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ୧୬ ଡିସେମ୍ବର, ୨୦୧୮




ଯାହାର ଲୋଭ, ମାନ ଓ ଅପମାନ ନ ଥାଏ, ସିଏ ସମ୍ପଦ ଓ ବିପଦକୁ ସମାନ ମଣେ। ତାକୁ ହିଁ ଭକ୍ତ କୁହାଯାଏ। - ସନ୍ଥ ତୁଳସୀଦାସ



## ସଂକ୍ଷେପରେ

### ପାଇଖାନା ସଫା କଲେ ଛାତ୍ରୀଛାତ୍ର

ପଲମ,୧୫।୧୨(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ପଲମ ପଞ୍ଚାୟତ ପଲମ ଇନ୍ଦିରା କଲୋନୀ ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ପାଇଖାନା ସଫା କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଗତ ଗୁରୁବାର ପୂର୍ବାହ୍ନ ପ୍ରାୟ ସାଢେ ୧୦ଟା ସମୟରେ ବିଦ୍ୟାଳୟର ଛାତ୍ରୀଛାତ୍ର ପାଇଖାନା ସଫା କରୁଥିବା ଗ୍ରାମର ମହିଳାମାନେ ଦେଖିବାକୁ ପାଇଥିଲେ। ଏନେଇ ମହିଳାମାନେ ସ୍ଥାନୀୟ ଖବରଦାତାଙ୍କୁ ଡାକି ଘଟଣା ସଂକ୍ରାନ୍ତରେ ଜଣାଇଥିଲେ। ଖବରଦାତା ଘଟଣାସ୍ଥଳରେ ପହଞ୍ଚି ଏହାର ଫଟୋ ଉତ୍ତୋଳନ କରି ବିଦ୍ୟାଳୟର ଶିକ୍ଷା କମିଟିର ଦୃଷ୍ଟି ଆକର୍ଷଣ କରିଥିଲେ। ଏପରି କି ସିଆର୍‌ସିସି ବିପ୍ର ବଗର୍ତ୍ତି ଏବଂ ନର୍ଲା ଏବିଇଓ ମହେଶ ଚାନ୍ଦଙ୍କୁ ଅବଗତ କରାଇଥିଲେ। ଏନେଇ ବିଇଓ ନର୍ଲା ନିରୁପମା ଦୋରାଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରାଯିବ ବୋଲି ପ୍ରକାଶ କରିଥିଲେ। ବିଦ୍ୟାଳୟ ଶିକ୍ଷା କମିଟି ସଭାପତି ସଙ୍ଗୀତା ମାଝିଙ୍କୁ ପଚାରିବାରୁ ଏନେଇ ପ୍ରଧାନ ଶିକ୍ଷୟିତ୍ରୀ ସୁଷମା ବାଗଙ୍କୁ ଜଣାଇଥିଲେ ମଧ୍ୟ ଏହାର କୌଣସି ପ୍ରତିକାର ହୋଇପାରି ନ ଥିବା କହିଥିଲେ। ଏନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଷମା ବାଗଙ୍କୁ ପଚାରିବାରୁ ସେ କହିଲେ ପାଇଖାନା ସଫା କରିବା ପାଇଁ ସରକାରଙ୍କ ପକ୍ଷରୁ କୌଣସି ବ୍ୟବସ୍ଥା ହୋଇନାହିଁ। ଏନେଇ ବିଦ୍ୟାଳୟର ସମସ୍ତେ ମିଶି ପାଇଖାନା ସଫା କରିଥାଉ ବୋଲି କହିଥିଲେ।

### ତଳମଲା ପଞ୍ଚାୟତରେ ପିଠା କାର୍ଯ୍ୟକ୍ରମ

ଜୁନାଗଡ,୧୫।୧୨(ଡି.ଏନ୍.ଏ)- କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ତଳମଲା ପଞ୍ଚାୟତରେ ଶନିବାର ରାଜ୍ୟ ସରକାରଙ୍କ ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ଦୁଃଶିଳା ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜୁନାଗଡ଼ ବିଡିଓ ପରମ ବ୍ରହ୍ମ ଯୋଷୀ, ତହସିଲଦାର ଉପେନ୍ଦ୍ର ଲୁହା, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସିଦ୍ଧେଶ୍ୱର ମେହେର, ଭାରପ୍ରାପ୍ତ ବିଏସ୍‌ଏସ୍‌ଓ ସୁମନ୍ତ ମାଝି, ଆର୍‌ଡବ୍ଲୁଏସ୍‌ଏସ୍ ଯନ୍ତ୍ରୀ ବିନୋଦ କୁମାର ସିଂହ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଓ ଏହାର କାର୍ଯ୍ୟକାରିତା ଉପରେ ଜନସାଧାରଣଙ୍କୁ ବୁଝାଇଥିଲେ। ଏହି ଅବସରରେ ମସିଗାଁ ସାରା ଆକାଶ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଘୁମୁରା ପ୍ରଦର୍ଶନ କରାଯାଇଥିଲା। ଯାହାକି ବେଶ ଆକର୍ଷିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ପିଇଓ ମହାଦେବ ସୁନାନୀ, ନାଏବ ସରପଞ୍ଚ ମିତା ମାଝିଙ୍କ ସମେତ ସମସ୍ତ ୱାର୍ଡ ସଦସ୍ୟା, ସଦସ୍ୟ ଉପସ୍ଥିତ ରହିଥିଲେ।

## ବ୍ଲକସ୍ତରୀୟ ଶିଶୁ ଉତ୍ସବ

# ଲୁକ୍କାୟିତ ପ୍ରତିଭା ଅନ୍ୱେଷଣର ଏକ ମାଧ୍ୟମ

କୋକସରା,୧୫।୧୨(ଡି.ଏନ.ଏ.)

ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଂଘ ଓଷ୍ଟା ଆନୁକୂଲ୍ୟରେ କୋକସରା ବ୍ଲକ ଟେମରା ଇନ୍ଦିରା ମେମୋରିଆଲ ହାଇସ୍କୁଲଠାରେ ଶନିବାର ବ୍ଲକସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ହାଇସ୍କୁଲର ପ୍ରଧାନଶିକ୍ଷକ ଜୟନାରାୟଣ ଠାକୁର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଛାତ୍ରୀମାନଙ୍କ ଦ୍ୱାରା ଅତିଥିମାନଙ୍କୁ ସ୍ୱାଗତ କରାଯାଇଥିଲା। ପରେ ଓଷ୍ଟା ବ୍ଲକ ସଭାପତି ଅଶୋକ କୁମାର ଦାସ ପ୍ରଦୀପ ପ୍ରଜ୍ୱଳନ ସହ ପତାକା ଉତ୍ତୋଳନ କରି ଉତ୍ସବର ଶୁଭାରମ୍ଭ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଟେମରା ସରପଞ୍ଚ ଗୌରୀ ଦଳପତି, ମୁଖ୍ୟବକ୍ତା ଅବସରପ୍ରାପ୍ତ ଶିକ୍ଷାବିତ୍ ଜଗବନ୍ଧୁ ମାଝି, ସମ୍ମାନିତ ଅତିଥି କୋକସରା ଜବାହର ଉଚ୍ଚ ବିଦ୍ୟାପୀଠ ପ୍ରଧାନଶିକ୍ଷକ ଅଶୋକ କୁମାର ଦାସ, ଆମପାଣି ବୁଢାରଜା ହାଇସ୍କୁଲ ପ୍ରଧାନ ଶିକ୍ଷକ ମୌସୁଧି ବାଗ, କୋକସରା ଅତିରିକ୍ତ ଶିକ୍ଷା ଅଧିକାରୀ ତୋଫାନ କୁମାର ମାଝି, ଅବସରପ୍ରାପ୍ତ ଶିକ୍ଷକ ଗଗନ ବିହାରୀ ପୂଝାରୀ, ବରିଷ୍ଠ ନାଗରିକ ତନୁରାମ ମାଝି, ପୁରନ୍ଦର ସତନାମୀ, ପଦ୍ମଲୋଚନ ଦଳପତି, ଭତରା ସମାଜ ସଭାପତି ଗରୁଡଧ୍ୱଜ ମାଝି ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ଗ୍ରାମାଞ୍ଚଳରେ ଶିକ୍ଷାର ବିକାଶ ସହ ଛାତ୍ରୀଛାତ୍ରଙ୍କ ମଧ୍ୟରେ ରହିଥିବା ଅନ୍ତଃନିହିତ ଶକ୍ତିର ବିକାଶ ହେଲେ ଆଗାମୀ ଭବିଷ୍ୟତ ଉଜ୍ଜ୍ୱଳମୟ ହେବ ବୋଲି କହିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସାଧାରଣଜ୍ଞାନ, ବକ୍ତୃତା, ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ କଳମପୁର ବ୍ଲକ ଜିଲା ପରିଷଦସଭ୍ୟ ବିଜୟଦେବ ସାହୁ, ମୁଖ୍ୟବକ୍ତା କୋକସରା ଡିଗ୍ରୀ କଲେଜ ଓଡ଼ିଆ ଅଧ୍ୟାପକ ଅଶ୍ୱୀନ କୁମାର ପଟ୍ଟନାୟକ, ସମ୍ମାନୀତ ଅତିଥି ବ୍ଲକ ଶିକ୍ଷା ଅଧିକାରୀ ଈଶ୍ୱର ମାଝି, ଟେମରା ସମିତିସଭ୍ୟ ରାଜେନ୍ଦ୍ର ନାଏକ, ସୁଧୀର କୁମାର ପାତ୍ର, ଶିକ୍ଷାବିତ୍ ଚୌବନ ରଣା, ଜୟଲାଲ ନାଏକ ପ୍ରମୁଖ ଯୋଗଦେଇ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ କମିଟିକୁ ଧନ୍ୟବାଦ ଦେଇଥିଲେ। ଅତିଥିମାନେ କହିଥିଲେ ଯେ, ଶିଶୁ ଉତ୍ସବ ଏକ ଉତ୍ତମ ମାଧ୍ୟମ। ଏହା ଦ୍ୱାରା ଛାତ୍ରୀଛାତ୍ରମାନଙ୍କ ଲୁକ୍କାୟିତ ପ୍ରତିଭା ଲୋକଲୋଚନକୁ ଆସି ପାରିବ ବୋଲି କହିଥିଲେ। ଏହି ଅବସରରେ ଅତିଥିଙ୍କ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷକ ସୂର୍ଯ୍ୟ ପ୍ରସାଦ ଠାକୁର, ସାମନ୍ତ ପାଟ୍ଟଯୋଷୀ, ସୁଧୀର କୁମାର ପଣ୍ଡା, ପ୍ରସନ୍ନ କୁମାର ସିଂ, ଟେମରା ଗ୍ରାମର ଉଦ୍ୟମୀ ଯୁବକ ବିଶ୍ୱରନ ସାହୁ, କ୍ଷୀରସିନ୍ଧୁ ହଂସ ପ୍ରମୁଖ ସହଯୋଗ କରିଥିଲେ।



ବ୍ଲକସ୍ତରୀୟ ଶିଶୁ ଉତ୍ସବ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

# ଧବଳେଶ୍ୱର କଲେଜର ବାର୍ଷିକ କ୍ରୀଡ଼ା

ମୋହନଗିରି,୧୫।୧୨(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ମୋହନଗିରିଠାରେ ଥିବା ଧବଳେଶ୍ୱର ମହା ବିଦ୍ୟାଳୟର ପଞ୍ଚମ ବାର୍ଷିକ କ୍ରୀଡ଼ା ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଗତ ୧୩ ତାରିଖରେ କ୍ରୀଡ଼ା ଉତ୍ସବ ଉପଲକ୍ଷେ ତେଜିପଡା ଗ୍ରାମ ଜଗନ୍ନାଥ ମନ୍ଦିରରୁ ମଶାଲ ଆଣି କଲେଜ ପରିସରରେ ସ୍ଥାପନ କରାଯାଇଥିଲା। ଉତ୍ସବରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ଖେଳ ପ୍ରତିଯୋଗିତା ହେବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଉଦ୍‌ଯାପନୀ ଉତ୍ସବର ଆୟୋଜିତ ସଭାରେ ମହାବିଦ୍ୟାଳୟ ଅଧ୍ୟକ୍ଷା ମିନାକ୍ଷୀ ଭୋଇ ସଭାପତିତ୍ୱ କରିଥିବା ବେଳେ ମୋହନଗିରି ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡାକ୍ତର ତାପସ ରଞ୍ଜନ ପଧାନ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସିଂହପୁର ସରପଞ୍ଚ ବିଦ୍ୟାଧର ପାତ୍ର, ଯୁକ୍ତ ୨ ଯୁକ୍ତ ୩ ମହାବିଦ୍ୟାଳୟର ସମ୍ପାଦକ ଶୁକଦେବ ସାହୁ, ଅମୀୟ ରଞ୍ଜନ ପଧାନ, ମହାବିଦ୍ୟାଳୟର କାର୍ଯ୍ୟକାରୀ ସଭାପତି ଗୋକୁଳାନନ୍ଦ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଖେଳ ଶିକ୍ଷକ ଧୀରେନ୍ଦ୍ର କୁମାର ବିଶ୍ୱାଳ ଖେଳ ପରିଚାଳନା କରିଥିଲେ। ଅଧ୍ୟାପକ ଲକ୍ଷ୍ମୀକାନ୍ତ ବେହେରା ମଞ୍ଚ ପରିଚାଳନା କରିଥିଲେ।





ଧବଳେଶ୍ୱର କଲେଜ ବାର୍ଷିକ କୀଡ଼ା ଉତ୍ସବ ଅବସରରେ ବାହାରିଥିବା ମଶାଲ ଶୋଭାଯାତ୍ରା।

## ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟ ଯୋଜନା

# ବ୍ଲକସ୍ତରୀୟ ପରାମର୍ଶ ଶିବିର





ଶିବିରରେ ଉପସ୍ଥିତ ଅତିଥିବୃନ୍ଦ।

କର୍ଲାମୁଣ୍ଡା,୧୫।୧୨(ଡି.ଏନ.ଏ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ କାର୍ଯ୍ୟାଳୟ ପରିସରରେ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟ ଯୋଜନା ପକ୍ଷରୁ ବ୍ଲକସ୍ତରୀୟ ପରାମର୍ଶ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କର୍ଲାମୁଣ୍ଡା ତହସିଲଦାର ତଥା ଭାରପ୍ରାପ୍ତ ବିଡିଓ ଅବନୀକାନ୍ତ ସାହୁ, ବ୍ଲକ ଅଧ୍ୟକ୍ଷା ଅମ୍ରିତା ସାହୁ, ଅତିରିକ୍ତ ତହସିଲଦାର ଶୁଭ୍ରାଂଶୁ ଶେଖର ପାଢୀ, ପ୍ରଗତି ସହାୟକ ପୁରୁଷୋତ୍ତମ ଧରୁଆ, ଡିଆର୍‌ଡିଏ ଜିଲ୍ଲା ସଂଯୋଜକ(ସ୍କିଲ୍) ଆଶିଷ କୁମାର ମିଶ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ ଶିବିରର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅତିଥିମାନେ କହିଥିଲେ, ଶିବିର ମାଧ୍ୟମରେ ଯୁବତୀ, ଯୁବକମାନଙ୍କୁ ଦକ୍ଷତା ଅନୁସାରେ ଚିହ୍ନଟ କରି ବିଭିନ୍ନ ତାଲିମ ପ୍ରଦାନ କରାଯିବ। ୦ପରେ ସେମାନଙ୍କୁ ନିଯୁକ୍ତି ଯୋଗାଇ ଦେବାନେଇ ଆଲୋଚନା କରିଥିଲେ। ଏଥିରେ ବିଭିନ୍ନ କମ୍ପାନୀର କର୍ମଚାରୀ ଉପସ୍ଥିତ ରହି ଯୁବତୀ, ଯୁବକମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଏସ୍‌ଇଓ ସସ୍ମିତା ପଟେଲ, ପିଇଓ ଓମ୍ ଜଗଦୀଶ୍ୱର ଜାନୀ, ସତ୍ୟ ପଧାନ, ବିରଞ୍ଚି ଗହୀର, ଅଜିତ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ। ଅନ୍ୟପକ୍ଷେ ପ୍ରଚାରପ୍ରସାର ଅଭାବ ଯୋଗୁ ବ୍ଲକର ଅଧିକାଂଶ ଯୁବତୀ, ଯୁବକ ଶିବିରରେ ଯୋଗଦେଇ ପାରି ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

## ଜିଲାସ୍ତରୀୟ ବିଜ୍ଞାନ ମେଳା ଉଦ୍‌ଯାପିତ

ଭବାନୀପାଟଣା ୧୫।୧୨(ଡି.ଏନ୍.ଏ.)

ସ୍ଥାନୀୟ ବ୍ରଜମୋହନ ହାଇସ୍କୁଲଠାରେ ଚାଲିଥିବା ଜିଲାସ୍ତରୀୟ ବିଜ୍ଞାନମେଳା ଶନିବାର ଉଦ୍‌ଯାପିତ ହୋଇଯାଇଛି। ମେଳାରେ ଜିଲାର ବିଭିନ୍ନ ବ୍ଲକରୁ ବରିଷ୍ଠ ଓ କନିଷ୍ଠ ବିଭାଗରେ ମୋଟ ୧୩୭ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଭବାନୀପାଟଣା ସଦର ବିଧାୟକ ଅନାମ ନାଏକ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ଅତିରିକ୍ତ ଜିଲାପାଳ ଶରତଚନ୍ଦ୍ର ଶ୍ରୀ ଚନ୍ଦନ, ଓୟୁଏଟିର ସହକାରୀ ପ୍ରଫେସର, ନିରାକାର ରଣସିଂହ, ଜିଲା ଶିକ୍ଷା ଅଧିକାରୀ ସଞ୍ଜୀବ ସିଂହ, ଜିଲା ପ୍ରାଥମିକ ଶିକ୍ଷା ପ୍ରକଳ୍ପ ପ୍ରକଳ୍ପ ସଂଯୋଜକ ଗବାକ୍ଷ ନାଏକ, ଜିଲା ବିଜ୍ଞାନ ପରିଦର୍ଶକ ହିମାଂଶୁ ଶେଖର ପଟ୍ଟନାୟକ, ବ୍ଲକ ଶିକ୍ଷା ଅଧିକାରୀ ଜଗନ୍ନାଥ ପୁରୋହିତ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବ୍ରଜମୋହନ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ତଥା ଜିଲାସ୍ତରୀୟ ବିଜ୍ଞାନ ମେଳାର ସଂଗଠନ ସମ୍ପାଦିକା ସୁଶ୍ରୀ ସବିତା ପଟ୍ଟନାୟକ ଉପସ୍ଥିତ ରହି ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

# କୋକସରା ବ୍ଲକରେ ପିଠା ଯୋଜନା ଶୁଭାରମ୍ଭ

କୋକସରା,୧୫।୧୨(ଡି.ଏନ.ଏ.)

ରାଜ୍ୟ ସରକାରଙ୍କ ପିଠା ଯୋଜନା ରାଜ୍ୟର ୩୧୪ଟି ବ୍ଲକରେ ଆରମ୍ଭ ହୋଇଛି। ଏହି ଯୋଜନା ମାଧ୍ୟମରେ ସରକାରଙ୍କ ଲୋକାଭିମୁଖୀ ଯୋଜନାର ରୂପ ରେଖ ଏବଂ ବ୍ଲକ ଓ ପଞ୍ଚାୟତରେ କାର୍ଯ୍ୟକାରୀ ହେଉଥିବା ଜନହିତକାରୀ ଯୋଜନାର ସମୀକ୍ଷା ସହ ଏହାର ଲାଭ କିଭଳି ହିତାଧିକାରୀ ପାଇ ପାରିବେ ସେନେଇ ଆଲୋଚନା କରାଯିବ। ଏହି ପରିପ୍ରେକ୍ଷୀରେ ଶନିବାର କୋକସରା ବ୍ଲକର କୋକସରା, ଫୁପଗାଁ, ଡାଲଗୁମା ଓ ରେଙ୍ଗାଲପାଲି ପଞ୍ଚାୟତରେ ପିଠା ଯୋଜନାର ଶୁଭାରମ୍ଭ କରାଯାଇଥିଲା। କୋକସରାଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ, ଏପିଓ ମୋନାଲିଶା ସାମଲ, ଫୁପଗାଁ ସରପଞ୍ଚ କୀର୍ତ୍ତନ ଶବର, ବ୍ଲକ ପିଏ ଟିକେଲାଲ କୁମ୍ଭାର, ଡାଲଗୁମା ସରପଞ୍ଚ ଯଦୁମଣି ହଂସ, କନିଷ୍ଠଯନ୍ତ୍ରୀ ମହେଶ ନାଏକ, ରେଙ୍ଗାଲପାଲି ସରପଞ୍ଚ ବିନୋଦ ବିହାରୀ ପାଣିଗ୍ରାହୀ, କନିଷ୍ଠ ଯନ୍ତ୍ରୀ ହର କୁମାର ସେନ ପ୍ରମୁଖ ଉପସ୍ଥିତ ରହି ପିଠା ଯୋଜନାର ପରିଚାଳନା କରିଥିଲେ। ଏଥିରେ ଅଙ୍ଗନୱାଡି, ଆଶାକର୍ମୀ ଉପସ୍ଥିତ ରହିଥିଲେ। କୋକସରା ବିଡିଓ ବସନ୍ତ କୁମାର ସେଠୀ, ପଞ୍ଚାୟତ ଅଧିକାରୀ ଦାମୋଦର ବିଶ୍ୱାଳ, ବିଏସ୍‌ଏସ୍‌ଓ ଦୀପକ କୁମାର ବେହେରା ୪ଟି ପଞ୍ଚାୟତରେ ହୋଇଥିବା ପିଠା ଯୋଜନାକୁ ତଦାରଖ କରିଥିଲେ। ଏହି ଅବସରରେ କୋକସରା ପଞ୍ଚାୟତର ୩ ଜଣ, ଫୁପଗାଁ ପଞ୍ଚାତୟର ୨ଜଣ, ଡାଲଗୁମା ପଞ୍ଚାୟତର ୫ ଜଣ କଳାକାରଙ୍କୁ କଳାକାର ଭତ୍ତା ଯୋଜନାରେ ସାମିଲ କରାଯାଇଥିଲା।



ପିଠା ଯୋଜନାର ଶୁଭାରମ୍ଭ ଅବସରରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

# ଖୋଲାଆକାଶ ତଳେ ଚାଲିଛି ମଣ୍ଡି

## କୋହଲା ପାଗ, ବର୍ଷା ଦେଖି ଚାଷୀ ଛାନିଆ



ନକଟିଗୁଡ଼ା ମଣ୍ଡିରେ ଖୋଲାଆକାଶ ତଳେ ଚାଲିଛି ଧାନ କିଣା।

ଜୁନାଗଡ,୧୫।୧୨(ଡି.ଏନ୍.ଏ)

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଯୋଗୁ ଶନିବାର କଳାହାଣ୍ଡି ଜିଲାରେ ପାଗ କୋହଲା ରହିଥିଲା। ଏପରି କି ସନ୍ଧ୍ୟାରୁ ଝିପି ଝିପି ବର୍ଷା ଆରମ୍ଭ ହୋଇଛି। ଅନ୍ୟପକ୍ଷେ ଲଘୁଚାପର ପ୍ରଭାବରେ ରବିବାର ବର୍ଷା ହେବ ବୋଲି ପାଣିପାଗ ବିଭାଗରୁ କୁହାଯାଇଛି। ଏନେଇ ଚାଷୀକୁଳ ଛାନିଆ ହୋଇପଡିଛନ୍ତି। ଜିଲାର ଜୁନାଗଡ଼ ବ୍ଲକର ପ୍ରାୟ ମଣ୍ଡି ଖୋଲା ଆକାଶ ତଳେ ଚାଲିଥିବାରୁ ସେଠାରେ ହଜାର ହଜାର କୁଇଣ୍ଟାଲ ଧାନ ପଡିରହିଛି। ବର୍ଷା ହେଲେ ଧାନ ଭିଜିବା ଆଶଙ୍କା ରହିଥିବାରୁ ଜୁନାଗଡ଼ ନିୟନ୍ତ୍ରୀତ ବଜାର କମିଟି ପକ୍ଷରୁ ଚାଷୀଙ୍କୁ ଧାନ ଢାଙ୍କିବା ପାଇଁ ଆବଶ୍ୟକ ପରିମାଣରେ ପଲିଥିନ ଯୋଗାଇ ଦିଆଯାଇଥିବା ଜଣାପଡିଛି। ହେଲେ ଧାନ କିଣା ବାଧାପ୍ରାପ୍ତ ହେବା ସହ ଧାନ ସାମାନ୍ୟ ଓଦା ହେଲେ ମଧ୍ୟ ମାନ ଖରାପ ହେବା ନେଇଁ ଯଥେଷ୍ଟ ସମ୍ଭାବନା ରହିଛି। ଏପରି କି ଅଧିକାଂଶ ଚାଷୀଙ୍କ ଧାନ ଖଳା ଓ ଜମିରେ ରହିଛି। ଜୁନାଗଡ଼ ବ୍ଲକରେ ୩୫ଟି ମଣ୍ଡି ଖୋଲିଥିବା ବେଳେ ଶୁକ୍ରବାର ସୁଦ୍ଧା ୧୦୧୨ଜଣ ଚାଷୀଙ୍କ ୪୩୯୮୧.୬୮କୁଇଣ୍ଟାଲ ଧାନ ସଂଗ୍ରହ ହୋଇଥିବା ଜଣାପଡିଛି। ଏନେଇ ଜୁନାଗଡ଼ ଆରଏମ୍‌ସି ସମ୍ପାଦକ ବସନ୍ତ କୁମାର ସେଠୀଙ୍କୁ ପଚାରିବାରୁ ଲଘୁଚାପ ଜନିତ ବର୍ଷାକୁ ଦୃଷ୍ଟିରେ ରଖି ସମସ୍ତ ମଣ୍ଡିକୁ ଆବଶ୍ୟକ ପରିମାଣରେ ପଲିଥିନ ଯୋଗାଇ ଦିଆଯାଇଛି। ଏପରି କି ମଣ୍ଡିରେ ଧାନ ଢାଙ୍କିବା ପାଇଁ ଯଦି କେଉଁ ଚାଷୀଙ୍କ ପଲିଥିନ ଆବଶ୍ୟକ ପଡେ ସେ ଜଣାଇଲେ ତୁରନ୍ତ ପଲିଥିନ ଯୋଗାଇ ଦିଆଯିବ ବୋଲି କହିଥିଲେ।

## ଆନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତା

# ଲାଞ୍ଜିଗଡ଼ ଛାତ୍ରଙ୍କ କୃତୀତ୍ୱ

ଲାଞ୍ଜିଗଡ଼,୧୫।୧୨(ଡି.ଏନ୍.ଏ)

ଝାଡଖଣ୍ଡର ରାଞ୍ଚିରେଠାରେ ଅନୁଷ୍ଠିତ ଡିଏଭି ଆନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ଲାଞ୍ଜିଗଡ଼ ଡିଏଭି ଆନ୍ତର୍ଜାତୀୟ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ପଞ୍ଛୁ ମାଝି ଉଚ୍ଚଡିଆଁରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣପଦକ ଲାଭ କରିଛନ୍ତି। ପଞ୍ଛୁ ଏହି କୃତିତ୍ୱ ହାସଲ କରି ବିଦ୍ୟାଳୟ ତଥା ଅଞ୍ଚଳର ଗୌରବ ବୃଦ୍ଧି କରିଛନ୍ତି। ଏନେଇ ସ୍କୁଲ ଅଧ୍ୟକ୍ଷା ଶୁକ୍ଳା ଚକ୍ରବର୍ତ୍ତୀ ଛାତ୍ର ପଞ୍ଛୁଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି।

# ମହିଚଲାରେ ବ୍ଲକସ୍ତରୀୟ ଶିଶୁମେଳା

ଜୁନାଗଡ,୧୫।୧୨(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ମହିଚଲା ବାଳାଜୀ ଉଚ୍ଚ ବିଦ୍ୟାପୀଠରେ ଶନିବାର ବ୍ଲକସ୍ତରୀୟ ଶିଶୁମେଳା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜୁନାଗଡ଼ ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟର ନବମ ଏବଂ ଦଶମ ଶ୍ରେଣୀର ଛାତ୍ରୀଛାତ୍ର ଭାଗନେଇଥିଲେ। ସେମାନଙ୍କ ମଧ୍ୟରେ ନାଚ, ଗୀତ, ଚିତ୍ରାଙ୍କନ, ବିତର୍କ, ସାଧାରଣ ଜ୍ଞାନ, ପ୍ରବନ୍ଧ ଲିଖନ ଆଦି ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଏଥିରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଉଥିଲା। ଓଷ୍ଟାର ଜିଲା ସଭାପତି ଜଗବନ୍ଧୁ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ରାସ ବିହାରୀ ବେହେରା, ଜିଲାପରିଷଦ ଉପାଧ୍ୟକ୍ଷ ଭବସିନ୍ଧୁ ମଙ୍ଗରାଜ, ମୁଖ୍ୟ ବକ୍ତା ଶିକ୍ଷାବିତ୍ ତ୍ରିଲୋଚନ ସିଂହ ବେଲଦାର, ଚକ୍ରଧର ବେହେରା, ମହିଚଲା ସରପଞ୍ଚ ଅଜୟ କୁମାର ବେହେରା, ସାମାଜିକ କର୍ମୀ ଦୁର୍ଗା ପ୍ରସାଦ ନାଏକ, ପ୍ରହ୍ଲାଦ କିଶୋର ବେହେରା, ଏବିଇଓ ନବକିଶୋର ପାଢୀ, ଜୁନାଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତପିମଣି ଜାନି, ଓଷ୍ଟାର ଜୁନାଗଡ ବ୍ଲକ ସଭାପତି ଶଶିସେନ ଯୋଷୀ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ମନୋରଞ୍ଜନ ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ। ମହିଚଲା ବାଳାଜୀ ଉଚ୍ଚ ବିଦ୍ୟାପୀଠର ପ୍ରଧାନଶିକ୍ଷକ ସଞ୍ଜୟ କୁମାର ମୁଣ୍ଡ, ଶିକ୍ଷକ ମନୋରଞ୍ଜନ ସିଂହ, ପ୍ରତାପ କୁମାର ଠାକୁର, ଦେବଦତ୍ତପାଢୀ, ପ୍ରିୟଚରଣ ଦାଶ, ଚୌଧୁରୀ ନାଏକ, ନରେଶ ରାଉତ, ଈଶ୍ୱରୀ ପ୍ରସାଦ ମେହେର, ସୁଧୀର ବେହେରା, କଳ୍ପେଶ୍ୱର ସୁନାନୀ ପ୍ରମୁଖ ସହଯୋଗ କରିଥିଲେ। କୃତୀ ହୋଇଥିବା ଛାତ୍ରୀଛାତ୍ରମାନେ ଜିଲାସ୍ତରୀୟ ଶିଶୁମେଳାରେ ଭାଗ ନେଇ ପାରିବ ବୋଲି କୁହାଯାଇଛି।





ବ୍ଲକସ୍ତରୀୟ ଶିଶୁମେଳାରେ ଉପସ୍ଥିତ ଅତିଥି।

# କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ: ପିଲିକିଆ ବିଜୟୀ

ଜୁନାଗଡ଼,୧୫।୧୨(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଚିଚୈଗୁଡ଼ା-ନୂଆଗୁଡା ମଧ୍ୟରେ ଥିବା ତାରାତାରେଣୀ ପଡିଆରେ ଶନିବାର ଲମ୍ବୋଦର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ ପିଲିକିଆ ଏବଂ ଲମ୍ବୋଦର ବିଜ୍ଞାନ ମହାବିଦ୍ୟାଳୟ ମଧ୍ୟରେ ହୋଇଥିଲା। ପିଲିକିଆ ଦଳ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୧୨ ଓଭରରେ ୭ ଉଇକେଟ୍ ହରାଇ ୧୦୦ରନ୍ ସଂଗ୍ରହ କରିଥିଲା। ଏହାର ଜବାବ୍‌ରେ ଲମ୍ବୋଦର ବିଜ୍ଞାନ ମହାବିଦ୍ୟାଳୟ ୧୧ଓଭରରେ ସମସ୍ତ ଉଇକେଟ ହରାଇ ୮୦ରନ୍ କରି ପରାଜିତ ହୋଇଥିଲା। ଉଦ୍‌ଘାଟନୀ ମ୍ୟାଚ୍‌କୁ ରାଜା ବାରିକ, ଅଲେଖ ମେହେର ପରିଚାଳନା କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ମେହେର ଯୋଗଦେଇ ଟୁର୍ନାମେଣ୍ଟର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜୁନାଗଡ଼ ବ୍ଲକ ଉପାଧ୍ୟକ୍ଷ ଟଙ୍କଧର ନାଏକ, ସ୍ଥାନୀୟ ନାଏବ ସରପଞ୍ଚ ନବୀନ ମେହେର, ଭ୍ରମରବର ବିଷି, ଅଶ୍ୱିନ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଚିଚୈଗୁଡ଼ା ପଲ୍ଲୀ ମଙ୍ଗଳ ଯୁବ ସମିତି ଟୁର୍ନାମେଣ୍ଟର ଆୟୋଜନ କରୁଥିବା ବେଳେ ରେଡ୍ ରିବନ କ୍ଲବ ପକ୍ଷରୁ ସହଯୋଗ କରାଯାଉଛି। ଟୁର୍ନାମେଣ୍ଟରେ ରାଜେନ୍ଦ୍ର ମେହେର, ଜନ୍ମେଜୟ ମେହେର, ଦିନେଶ ମେହେର, ବିକି ମେହେର, ଜିନୁ ମେହେର, ଚାଣକ୍ୟ ମେହେର, ନବଘନ ମେହେର, ବିକାଶ ମେହେର ପ୍ରମୁଖ ସହଯୋଗ କରୁଛନ୍ତି। ଆସନ୍ତା ୩୧ ତାରିଖରେ ଫାଇନାଲ ମ୍ୟାଚ ଖେଳାଯିବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।



ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।



ସବୁ ବାଧାବିଘ୍ନ ଅତିକ୍ରମ କରି ଓ କଠିନ ପରିଶ୍ରମ ପରେ ଅନ୍ୟମାନେ ଯେଉଁଠି ପହଞ୍ଚି ପାରନ୍ତି, ସେହି ଚିନ୍ତାରାଜ୍ୟରେ ଯିଏ ବାସ କରନ୍ତି ତାଙ୍କୁ ହିଁ ମୁଁ ବଡ଼ ବୋଲି ମନେ କରେ।

- ଆର. ଡବ୍ଲ୍ୟୁ. ଇମରସନ

## ସଂକ୍ଷେପରେ

### ଏଟିଏମ ଭାଙ୍ଗି ୨ ଅଟକ

**ପାଇକମାଳ,୧୫।୧୨(ଡି.ଏନ.ଏ):** ପାଇକମାଳରେ ଥିବା ୟୁକୋ ବ୍ୟାଙ୍କ ଏଟିଏମକୁ ଶୁକ୍ରବାର ରାତିରେ ଦୁର୍ବୃତ୍ତମାନେ ଭାଙ୍ଗି ଦେଇଥିଲେ ମଧ ଲୁଟିବାକୁ ସକ୍ଷମ ହୋଇନାହାନ୍ତି । ସେମାନେ ରାତି ପ୍ରାୟ ୧୨ଟା ୪୦ରେ ଏଟିଏମକୁ ଆସି ଟଙ୍କା ଉଠାଣ ପାଇଁ ଚେଷ୍ଟା କରିଥିଲେ । ପରେ ମୁହଁରେ କପଡା ବାନ୍ଧି ଦୁଇଟି ସିସି କ୍ୟାମେରା ଭାଙ୍ଗି ଦେଇଥିଲେ । ଲୁହା ରଡ୍‌ରେ ଏଟିଏମକୁ ଭାଙ୍ଗିବା ପାଇଁ ଚେଷ୍ଟା କରି ବିଫଳ ହେବାରୁ ସେଥିରେ ଲାଗି ଥିବା ୫ଟି ବ୍ୟାଟେରୀ ଖୋଲି ନିକଟରେ ଫିଙ୍ଗି ଦେଇଥିଲେ । ଏ ନେଇ ପାଇକମାଳ ଥାନାରେ ଅଭିଯୋଗ ହେବା ପରେ ଆଇଆଇସି ବିଶ୍ୱଜିତ ମନବୋଧ ଘଟଣାସ୍ଥଳକ ଯାଇ ତଦନ୍ତ କରିଛନ୍ତି । ଏହି ଘଟଣାରେ ପୋଲିସ ଦୁଇ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି ।

ରାଜ୍ୟସ୍ତରୀୟ ଶକ୍ତି ସଂରକ୍ଷଣ କୁଇଜ୍ ପ୍ରତିଯୋଗିତା

# ଆଶୁତୋଷଙ୍କୁ ସ୍ୱର୍ଣ୍ଣ, ତରୁଣଙ୍କୁ ରୌପ୍ୟ

**ଝାରସୁଗୁଡ଼ା ଅଫିସ/ବେଲପାହାଡ଼, ୧୫।୧୨ (ଡି.ଏନ୍.ଏ.)**

ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ ଶକ୍ତି ସଂରକ୍ଷଣ କୁଇଜ୍ ପ୍ରତିଯୋଗିତାରେ ଝାରସୁଗୁଡ଼ା ଜିଲାର ଦୁଇ ଛାତ୍ର ପୁରସ୍କୃତ ହୋଇଛନ୍ତି। ବନ୍ଧବାହାଲ ଡିଏଭି ସ୍କୁଲର ଆଶୁତୋଷ ପରିଡ଼ା ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଥିବାବେଳେ ବେଲପାହାଡ଼ ରିଫ୍ରାକ୍ଟୋରିଜ ହାଇସ୍କୁଲ ଦଶମ ଶ୍ରେଣୀ ଛାତ୍ର ତରୁଣ ଖେଡ଼କର ରୌପ୍ୟ ପଦକ ପାଇଛନ୍ତି। ଶୁକ୍ରବାର ଭୁବନେଶ୍ୱର ଜୟଦେବ ଭବନରେ ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳନ ଅବସରରେ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବରେ ରାଜ୍ୟ ଶକ୍ତି ବିଭାଗ ସଚିବ ତଥା କମିଶନର ହେମନ୍ତ କୁମାର ଶର୍ମା ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ରାଜ୍ୟ ଶକ୍ତି ଓ ପରିବେଶ ବିଭାଗ ପକ୍ଷରୁ ଆୟୋଜିତ ବ୍ଲକ ଓ ଜିଲାସ୍ତରୀୟ କୁଇଜ୍ ପ୍ରତିଯୋଗିତାରେ ତରୁଣ ଦ୍ୱିତୀୟ ସ୍ଥାନ ଅଧିକାର କରି ଜିଲା ଶିକ୍ଷା ଅଧିକାରୀଙ୍କଠାରୁ ପୁରସ୍କୃତ ହୋଇଛନ୍ତି। ତରୁଣଙ୍କ ଏହି ସଫଳତା ପାଇଁ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହ୍ରିଦେଶ ସେହଗଲ, ପ୍ରଧାନ ଶିକ୍ଷକ ନିରଞ୍ଜନ ତ୍ରିପାଠୀ ଏବଂ ଅନ୍ୟାନ୍ୟ ଶିକ୍ଷୟିତ୍ରୀ ଓ ଶିକ୍ଷକ ତରୁଣଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ଆଶୁତୋଷଙ୍କ ନିକଟକୁ ମଧ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।



ରାଜ୍ୟ ଶକ୍ତି ବିଭାଗ ସଚିବ ହେମନ୍ତ କୁମାର ଶର୍ମା ତରୁଣଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।

# ଜାତୀୟ ଦୌଡ଼କୁଦ ପ୍ରତିଯୋଗିତାରେ ଅନନ୍ୟା

**ବେଲପାହାଡ଼, ୧୫।୧୨(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ଇଂଲିଶ ମିଡିୟମ ସ୍କୁଲ ଛାତ୍ରୀ ଅନନ୍ୟା ସିଂ ୧୭ ବର୍ଷରୁ କମ୍ ବୟସ ବର୍ଗରେ ଜାତୀୟ ଦୌଡ଼କୁଦ ପ୍ରତିଯୋଗିତାରେ ଯୋଗଦେଇଛନ୍ତି। ଏହି ପ୍ରତିଯୋଗିତା ଶୁକ୍ରବାରଠାରୁ ଦିଲ୍ଲୀରେ ଆରମ୍ଭ ହୋଇଛି। ଏହା ବୁଧବାର ପର୍ଯ୍ୟନ୍ତ ଚାଲିବ। ସ୍କୁଲ ଗେମ୍ସ ଫେଡେରେଶନ ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ଅନନ୍ୟା ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି। ପୂର୍ବରୁ କେନ୍ଦୁଝରଠାରେ ଅନୁଷ୍ଠିତ ବିଦ୍ୟାଳୟ ସମୂହ ରାଜ୍ୟସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତାରେ ସେ ଭାଗନେଇ ଉଚ୍ଚ ଡିଆଁରେ ପ୍ରଥମ ହୋଇ ସ୍ୱର୍ଣ୍ଣପଦକ ହାସଲ କରିଥିଲେ।


ଅନନ୍ୟା ସିଂ।

ଜାତୀୟସ୍ତରୀୟ ପ୍ରତିଯୋଗିତାରେ ତାଙ୍କ ଅଂଶଗ୍ରହଣକୁ ନେଇ ଜିଲା ଶିକ୍ଷା ଅଧିକାରୀ ମିତ୍ରଭାନୁ କଚ୍ଛପ, ବେଲପାହାଡ଼ ଇଂଲିଶ ମିଡିୟମ ସ୍କୁଲ ଅଧକ୍ଷା ରମା କାର୍ତ୍ତିକ ଏବଂ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଅନନ୍ୟାଙ୍କୁ ଶୁଭେଚ୍ଛା ଜଣାଇ ସଫଳତା କାମନା କରିଛନ୍ତି।

# ଓଡ଼ିଶା ଖୋଖୋ ଖେଳାଳିଙ୍କ ଛତିଶଗଡ଼ ଗସ୍ତ

**ଟିଟିଲାଗଡ, ୧୫।୧୨ (ଡି.ଏନ.ଏ.)**

ଜାତୀୟ ସ୍କୁଲ ଗେମ୍ସରେ ଭାଗ ନେବାପାଇଁ ଓଡିଶା ଖୋଖୋର ବାଳକ (୧୭) ଟିମ୍ ଶନିବାର ଟିଟିଲାଗଡରୁ ଛତିଶଗଡ ଗସ୍ତ କରିଛି। ବିଭିନ୍ନ ବିଦ୍ୟାଳୟରୁ ଚୟନ ହୋଇଥିବା ଖୋଖୋ ଟିମରେ ୧୨ ସଦସ୍ୟ ରହିଛନ୍ତି । ଟିଟିଲାଗଡରେ ୪ଦିନ ପ୍ରଶିକ୍ଷଣ ପରେ ୬୪ତମ ଜାତୀୟ ସ୍କୁଲ ଗେମ୍ସରେ ଯୋଗଦେବା ପାଇଁ ବସ୍ତର ଜିଲା ନାରାୟଣପୁରକୁ ଯାତ୍ରା କରିଛି ଟିମ୍ । ଆସନ୍ତା ୧୭ରୁ ଏହି ଜାତୀୟ କ୍ରୀଡା ଆରମ୍ଭ ହେବ ବୋଲି ଦଳର ମ୍ୟାନେଜର ସନ୍ତୋଷ ମେହେର ଏବଂ କୋଚ ବିନୋଦ ମହାପାତ୍ର ସୂଚନା ଦେଇଛନ୍ତି ।

# ଡକାୟତି ଘଟଣା, ପୁଣି ଜଣେ ଗିରଫ

**ବରଗଡ଼ ଅଫିସ୍,୧୫।୧୨**

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଜଗଦଲପୁର ଥାନା ଶୁକ୍ଲିପାହାଡ଼ ନିକଟରେ ହୋଇଥିବା ଡକାୟତି ଘଟଣାରେ ପୋଲିସ ଆଉ ଜଣେ ଅଭିଯୁକ୍ତ ବଡ଼କୁଞ୍ଚାରୀ ଗ୍ରାମର ସାମନ୍ତ ଲୁହାର(୩୩)ଙ୍କୁ ଗିରଫ କରିଛି। ଘଟଣା ପରଠାରୁ ନିଜ ଶ୍ୱଶୁରଘର ଗୁଏବାହାଲି ନିକଟ ଡୁଙ୍ଗୁରିପାଲିଠାରେ ଲୁଚିଥିବା ଖବର ପାଇ ପୋଲିସ ସେଠାରେ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା । ଶନିବାର ତାଙ୍କୁ ପଦ୍ମପୁର କୋର୍ଟକୁ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବା ପରେ ଗିରଫ ଅଭିଯୁକ୍ତଙ୍କୁ ପଦ୍ମପୁର ସବଜେଲ୍‌କୁ ପଠାଇ ଦିଆଯାଇଛି । ପ୍ରକାଶଥାଉକି, ଗତ ନଭେମ୍ବର ୧୯ତାରିଖରେ ବଡ଼ଉଡ଼େନ ଗ୍ରାମର ୩ଜଣ ଯୁବକ ପୁଟୁକା ଗୋରୁ ବଜାରରୁ ମଇଁଷି କିଣି ଫେରୁଥିବାବେଳେ ଅଭିଯୁକ୍ତମାନେ ସେମାନଙ୍କୁ ପୋଲିସ ପରିଚୟ ଦେଇଥିଲେ ଏବଂ ବାଇକ, ଟଙ୍କା ଓ ମଇଁଷି ନେଇଯାଇଥିଲେ । ଏ ନେଇ ଏତଲା ପାଇବା ପରେ ପୋଲିସ ଏକ ମାମଲା(ନଂ.୧୩୬/୧୮) ରୁଜୁ କରି ପୂର୍ବରୁ ୪ ଅଭିଯୁକ୍ତଙ୍କୁ ଗିରଫ କରିଥିଲା ।


ବିଧାୟକ ନୂଆ ହିତାଧିକାରୀଙ୍କୁ ଭତ୍ତା ଦେଉଛନ୍ତି।

# ବେଦାନ୍ତରରେ ଶକ୍ତି ସଂରକ୍ଷଣ ସପ୍ତାହ ପାଳିତ

**ଝାରସୁଗୁଡ଼ା ଅଫିସ,୧୫।୧୨**

ଝାରସୁଗୁଡ଼ା ବେଦାନ୍ତ ଲିମିଟେଡ୍ ପକ୍ଷରୁ ରାଷ୍ଟ୍ରୀୟ ଶକ୍ତି ସଂରକ୍ଷଣ ସପ୍ତାହ ଉଦ୍‌ଯାପିତ ହୋଇଯାଇଛି। ସ୍ମେଲ୍ଟର-୨ର ମୁଖ୍ୟ କ୍ଲିଷ୍ଟଙ୍କ ସହ ଜୟକୃଷ୍ଣ ମହାନ୍ତି, ଅଲି ଶକୁହି, ହିମାନୀ ଥପଲିଆ, ଏନ୍. ଶ୍ରୀନିବାସ, ବିଜନେଶ୍ୱର ମହାନ୍ତି ଓ ମଞ୍ଜୁ ଶ୍ରୀନିବାସ ପ୍ରମୁଖ ଏଥିରେ ଅଂଶଗ୍ରହଣ କରିଥିଲେ। ଡିସେମ୍ବର ୮ରେ ଏହି ସପ୍ତାହ ଆରମ୍ଭ ହୋଇଥିଲା। ପର୍ଯ୍ୟାୟକ୍ରମେ ବିଭିନ୍ନ କୁଇଜ୍, ଚିତ୍ରାଙ୍କନ, ନମୁନା ପ୍ରଦର୍ଶନ ପ୍ରତିଯୋଗିତା ଆୟୋଜନ ହୋଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ କମ୍ପାନୀ ସିଇଓ ଅଭିଜିତ ପତି ଶକ୍ତି ସଂରକ୍ଷଣ ଆବଶ୍ୟକତାକୁ ନେଇ ବେଦାନ୍ତ ଓ ଏହାର କର୍ମଚାରୀ ଠିକ୍ ଭାବରେ ସଚେତନ ଥିବା କହିଥିଲେ। ବିଭିନ୍ନ ସରକାରୀ ଓ ଘରୋଇ ସ୍କୁଲର ୧୫୦ରୁ ଅଧିକ ଛାତ୍ରୀଛାତ୍ର ଭାଗନେଇଥିଲେ। ଏହି ଅବସରରେ କମ୍ପାନୀ ପକ୍ଷରୁ ୮୦୦ରୁ ଅଧିକ ବୃକ୍ଷରୋପଣ କରାଯାଇଥିଲା।



ବେଦାନ୍ତ ପକ୍ଷରୁ ଶକ୍ତି ସଂରକ୍ଷଣ ସପ୍ତାହ ପାଳନ କରାଯାଉଛି।

# 'ପିଠା' କାର୍ଯ୍ୟକ୍ରମ, ପ୍ରମାଣପତ୍ର ବଣ୍ଟନ

**ଲଖନପୁର,୧୫।୧୨(ଡି.ଏନ୍.ଏ.)**

ରାଜ୍ୟ ସରକାରଙ୍କ ଆମ ଗାଁ, ଆମ ବିକାଶ କାର୍ଯ୍ୟକ୍ରମ ବିଷୟରେ ତୃଣମୂଳସ୍ତରରେ ଲୋକଙ୍କୁ ଅବଗତ କରିବା ଓ ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ ଯେପରି ଲୋକଙ୍କ ପାଖରେ ପହଞ୍ଚିପାରିବ ସେ ନେଇ ରାଜ୍ୟ ସରକାର ଏକ ଅଭିନବ ଯୋଜନା ପିପୁଲ୍‌ସ ଏମ୍‌ପାୱାରମେଣ୍ଟ ଏନାବିଲିଂ ଟ୍ରାନ୍ସପରେନ୍ସି ଆଣ୍ଡ ଆକାଉଣ୍ଟାବିଲିଟି ଅଫ୍ ଓଡ଼ିଶା ଇନିସିଏଟିଭ୍ (ପିଠା) କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ରାଜ୍ୟର ପ୍ରତ୍ୟେକ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ କରିବା ପାଇଁ ସରକାରୀ ନିର୍ଦ୍ଦେଶ ରହିଛି। ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ୧୯ଖଣ୍ଡ ମୌଜାର ୫ ପଞ୍ଚାୟତରେ ଶନିବାର ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଚାରପାଲି ପଞ୍ଚାୟତରେ ସରପଞ୍ଚ ପ୍ରଦୀପ ବିଶ୍ୱାଳଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ନୋଡାଲ ଅଫିସ୍‌ର ଭାବେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଭବାନୀ ଶଙ୍କର ମେହେର, ବିଦ୍ୟୁତ ବିଭାଗ କନିଷ୍ଠଯନ୍ତ୍ରୀ ମୀନକେତନ ପ୍ରଧାନ, ମତ୍ସ୍ୟ ଅଧିକାରୀ ପାଣ୍ଡବ ତେଲ୍‌କି, ଆଇସିଡିଏସ୍ ଅଧିକାରିଣୀ କଲ୍ୟାଣୀ ହାଓ, କୃଷି ଗ୍ରାମସେବିକା ତନୟା ସାହୁ, ସ୍ୱାସ୍ଥ୍ୟ କର୍ମଚାରୀ ଦୀନେଶ ବିଶ୍ୱାଳ, ପ୍ରାଣୀ ଚିକିତ୍ସକ ସୁରସେନ୍ ଭୋଇ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଏସ୍‌ଏଚ୍‌ଜି ସଦସ୍ୟାମାନେ ବିଭିନ୍ନ ପ୍ରକାର ପିଠା ତିଆରି କରି ପ୍ରଦର୍ଶନ କରିଥିଲେ। ପିଠା ପ୍ରସ୍ତୁତି ନେଇ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପଞ୍ଚାୟତର ନିର୍ମାଣ ଶ୍ରମିକ, ରାଜ୍ୟ ଖାଦ୍ୟସୁରକ୍ଷା ଯୋଜନା, ବିଦ୍ୟୁତ ସଂଯୋଗ ଆଦି ଯୋଜନାର ହିତାଧିକାରୀଙ୍କୁ ଅତିଥିମାନେ ପ୍ରମାଣପତ୍ର ବଣ୍ଟନ କରିଥିଲେ।



ସରପଞ୍ଚ ପ୍ରଦୀପ ବିଶ୍ୱାଳ ଜଣେ ମହିଳା ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରୁଛନ୍ତି।

# ୩୦୩ ନୂଆ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ

**ଝାରସୁଗୁଡ଼ା ଅଫିସ,୧୫।୧୨**

ଝାରସୁଗୁଡ଼ା ପୌରାଞ୍ଚଳର ୩୦୩ ଜଣ ନୂଆ ହିତାଧିକାରୀଙ୍କୁ ଶନିବାର ଭତ୍ତା ପ୍ରଦାନ କରାଯାଇଛି। ଝାରସୁଗୁଡ଼ା ପୌର ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସଭାରେ ୩୦୦ ମଧୁବାବୁ ପେନସନ୍ ଯୋଜନା ଏବଂ ୩ କଳାକାର ଭତ୍ତା ଯୋଜନା ହିତାଧିକାରୀଙ୍କୁ ଏହି ଭତ୍ତା ପ୍ରଦାନ କରାଯାଇଥିଲା। ଝାରସୁଗୁଡ଼ା ବିଧାୟକ ନବକିଶୋର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଭତ୍ତା ବଣ୍ଟନ କରିଥିଲେ। ସରକାର ଦେଇଥିବା ଭତ୍ତାକୁ ଠିକ୍ ବାଟରେ ଉପଯୋଗ କରିବାକୁ ବିଧାୟକ କହିଥିଲେ। ପୌର ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ପ୍ରଧାନଙ୍କ ସମେତ ଅନ୍ୟ ପୌର କର୍ମଚାରୀ ଉପସ୍ଥିତ ଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

BUSINESS
ପଞ୍ଜୀକୃତ କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଉପରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ।
ଅଗ୍ରିମ ୭୫ ଲକ୍ଷ
ଭଡ଼ା ୭୫,୦୦୦
କୌଣସି ଏଗ୍ରିମେଣ୍ଟ ଦେୟ ନାହିଁ
6391829110
6391829112
Add : T-51, Gautampuri Delhi-53

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Branches-Bhubaneswar,Cuttack,Bhadrak, Rourkela & Brahmapur

SMS JOB
ଭାରତର Reputed Company ରେ SMS JOB କରି Part/Full Time ଘରେ ବସି ଶିକ୍ଷିତ ବେରୋଜଗାର ମାସକୁ ୧୫୦୦୦/- ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ।
କମ୍ପାନୀ ଦ୍ୱାରା Mobile+Laptop+ Sim + ୫୦୦୦ର ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9631847145
9006905977

ଧୂପକାଠି ମେସିନ୍
DEP, PERFUME, MATCH BOX, READYMADE COVER, PREMIX
ସହଜ ଋଣ ବ୍ୟବସ୍ଥା ଉପଲବ୍ଧ
ଧୂପକାଠି ମେସିନ୍ ବସାଇ ତିଆରି ପ୍ରଡକ୍ଟସ୍‌କୁ ଆମ ମାଧମରେ ବିକ୍ରୟ କରି ଦିନକୁ ୧୫୦୦/- ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ ଏବଂ ସମସ୍ତ ପ୍ରକାର ଧୂପକାଠି କଞ୍ଚାମାଲ୍ ସୁଲଭ ମୂଲ୍ୟରେ ଉପଲବ୍ଧ।
SAMEEPTA INDUSTRIES PVT. LTD
B-157, Baramunda, BBSR
9777196285
9861088447

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲ୍ୟୁଭାଇନ, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଳ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

TCF FINANCE
TCF ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତିପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୧ ଦିନରେ । 0% ସୁଧ 45% ଛାଡ । ଘରେ ବସି ପାଆନ୍ତୁ
ଖର୍ଚ୍ଚ ଲୋନ ପାସ ହେଲା ପରେ
Plot No-14/524, Chandini Chowk, Kolkata
8938866345
7088891905

BUSINESS
ନ୍ୟାଶନାଲ କମ୍ପାନୀ
ନିଜର ଖାଲି ଜମି, ଛାତ, ଚାଷଜମି ଉପରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ।
ଅଗ୍ରିମ ୭୦ ଲକ୍ଷ
ଭଡ଼ା ୩୫,୦୦୦
୧ ବ୍ୟକ୍ତିଙ୍କ ପାଇଁ ୩୫,୦୦୦ର ଅନ୍ୟାନ୍ୟ ସୁବିଧା
7048574723
7048574637
Add : 41/14, Sce.1, Pushp Vihar, Delhi-17

ବାବା ବଙ୍ଗାଳୀ
ପ୍ରିଂ ସେବା ବାବା ବଙ୍ଗାଳୀ ୧୫ ମିନିଟ୍‌ରେ ଘରେବସି ସମାଧାନ
ସ୍ପେଶାଲିଷ୍ଟ:
ପ୍ରେମବିବାହ, ବଶୀକରଣ, ମୂଠକରଣୀ, ସଉତୁଣୀ ଶତ୍ରୁମୁକ୍ତି, ପତି - ପତ୍ନୀ ଅନବନ, ପାଠରେ ମନ ନଲାଗିବା, ଗୃହକ୍ଲେଶ, ବ୍ୟବସାୟରେ ବାଧା । A to Z ସମସ୍ୟାର ଘରେବସି ୧୦୧% ଗ୍ୟାରେଣ୍ଟେଡ ଫ୍ରୀ ସମାଧାନ
9982292667
8239254882

FINANCE
Mahalaxmi Credit Services
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ
25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469
8395030162

ଟି.ସି.ଏଫ୍. ଫାଇନାନ୍ସ
(ସରକାରୀ ପଞ୍ଜୀକୃତ)
ଋଣ ମାତ୍ର ୬ ଘଣ୍ଟାରେ । ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କସିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, ୦% ସୁଧ, ୫୦% ରିହାତି।
୦୮୮୫୯୬୬୮୫୪୮
୩୯, ପଟେଲ ନଗର, ଆଶିକ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

FINANCE
National Corporation
ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର, ଟେକ୍‌ଓଭର ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଉପଲବ୍ଧ ।
(B.B.28, Sec. 4, Salt Lake City Kolkatta- 700064)
7606086442
7606062768
nationalcoop98@gmail.com

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!! ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!! ପ୍ରକ୍ରିୟାକରଣ ୨ କାଗଜ ଉପରେ !!! ୨% ସୁଧ, ୪୦% ସବ୍‌ସିଡି !!! ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370
7840058835
H.No.-258, VPO Duhai, Ghaziabad, (U.P.) 201203

ITEL କମ୍ପାନୀ ଦ୍ୱାରା ଖାଲି ଜମି ଉପରେ ଡିଜିଟାଲ ଉପକରଣ ଲଗାନ୍ତୁ, ଅଗ୍ରିମ - ୯୦ ଲକ୍ଷ, ଭଡ଼ା - ୪୫୦୦୦ + ମାସିକ ୧୫୦୦୦ର ଅନ୍ୟାନ୍ୟ ସୁବିଧା + ଆଜୀବନ ଜୀବନ ବୀମା + ମେଡିକାଲ ସୁବିଧା ମାଗଣା।
Email- iteltowerltd@gmail.com
WhatsApp
7788995264
9126351642
Gram Bakrihari, Dhaka, East Champaran, Bihar - 845418

BUSINESS
SURYA କମ୍ପାନୀ
ଦ୍ୱାରା ନିଜ ଖାଲି ଜମି, ଛାତ, ପ୍ଲଟ୍ ଉପରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। ଅଗ୍ରିମ 1 କୋଟି, ଭଡ଼ା 55000/- + ଗାଡ଼ି।
ଯୋଗାଯୋଗ କରନ୍ତୁ
9804822350

**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

MORE SPACE • SAME PRICE

TARIFF

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra



ଲେଖନୀ ଓ ତରବାରୀ ଉଭୟ ଶକ୍ତିଶାଳୀ, କିନ୍ତୁ ଲେଖନୀର ହିଁ ଜୟ ହୁଏ।
- ନେପୋଲିୟନ୍



## ସଂକ୍ଷେପରେ

### ସେଣ୍ଟ ପଲ ସ୍କୁଲ ଛାତ୍ରଙ୍କ ସଫଳତା

**ରାଉରକେଲା ଅଫିସ,୧୫।୧୨-** ଜାତୀୟ ଶକ୍ତି ସଂରକ୍ଷଣ ଦିବସ ଅବସରରେ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଆୟୋଜିତ କୁଇଜ ପ୍ରତିଯୋଗିତାରେ ସେଣ୍ଟ ପଲ ସ୍କୁଲ ଟପ୍ପର ହୋଇଥିବା ବିଦ୍ୟାଳୟ ପକ୍ଷରୁ କୁହାଯାଇଛି। ଏହି ବିଦ୍ୟାଳୟ ଛାତ୍ର ଓଁକାର ପଟ୍ଟନାୟକ ପ୍ରଥମ ସ୍ଥାନ ଅଧିକାର କରି ପ୍ଲାଟିନମ ସମ୍ମାନ ହାସଲ କରିଛନ୍ତି। ତାଙ୍କୁ ୮ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଛି। ଏଥିରେ ପ୍ରତି ଜିଲାରୁ ୩ଜଣ ଲେଖାଏଁ ୯୦ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳନ ଅବସରରେ ଜୟଦେବ ଭବନରେ ଆୟୋଜିତ ଉତ୍ସବରେ ଓଁକାର ପଟ୍ଟନାୟକଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିବା ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କଠାରୁ ସୂଚନା ମିଳିଛି।

### ହାତୀ ଆକ୍ରମଣରେ ବୃଦ୍ଧା ଆହତ

**ଲହୁଣୀପଡା, ୧୫।୧୨ (ଡି.ଏନ.ଏ)-** ସୁନ୍ଦରଗଡ ଜିଲା ଚାନ୍ଦିପୋଷ ଥାନା ବାଙ୍କି ରେଞ୍ଜ ଅଧିନସ୍ଥ କୁଡାପାଣି ଗ୍ରାମରେ ଶୁକ୍ରବାର ରାତିରେ ହାତୀ ମୁହଁରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି ବୃଦ୍ଧା। ସେ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। କୁଡାପାଣି ଗ୍ରାମର ଗ୍ରାବିଏଲ ହେମ୍ରମଙ୍କ ସ୍ତ୍ରୀ ମାଗଦାଲି ହେମ୍ରମ (୬୦) ଏବଂ ପରିବାର ଓ ଅନ୍ୟ ୩ରୁ ୪ ଜଣ ରାତି ପ୍ରାୟ ୧୦ଟା ବେଳେ ଧାନ ଖଳାରେ ଥିଲେ। ହଠାତ ହାତୀ ବୋଲି ଚିତ୍କାର ଶୁଣିବାରୁ ଅନ୍ୟମାନେ ଘର ଭିତରକୁ ଦୌଡି ପଳାଇଥିବାବେଳେ ବୟସାଧିକ ଯୋଗୁ ବୃଦ୍ଧା ମାଗଦାଲି ଯାଇପାରିଲେ ନାହିଁ। ଫଳରେ ବୃଦ୍ଧାଙ୍କୁ ହାତୀ ଶୁଣ୍ଢରେ ଆକ୍ରମଣ କଲା । ହାତୀ ଆକ୍ରମଣ ଭୟରେ ତଥା ଦ୍ୱାରବନ୍ଧରେ ବାଡେଇ ହୋଇ ମାଗଦାଲିର ଡାହାଣ ହାତ କାନ୍ଧରେ ଆଘାତ ଲାଗିଥିଲା । ଖବରପାଇ ବାଙ୍କି ରେଞ୍ଜ ବନ କର୍ମଚାରୀ ଶନିବାର ସକାଳୁ ପହଞ୍ଚି ଆହତ ମାଗଦାଲିଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରି ଚିକିତ୍ସା ବ୍ୟବସ୍ଥା କରିଛନ୍ତି।

### ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର

**ରାଜଗାଙ୍ଗପୁର, ୧୫।୧୨ (ଡି.ଏନ.ଏ)-** ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ଥାନା ଅଧିନ ବରଙ୍ଗାଖୋଲ ଗ୍ରାମରେ ଶନିବାର ଏକ ଅଜଣା ଯୁବକଙ୍କ ମୃତଦେହ ରାଜଗାଙ୍ଗପୁର ପୋଲିସ ଉଦ୍ଧାର କରିଥିବା ବେଳେ ଏହା ଏକ ହତ୍ୟା ଘଟଣା ବୋଲି ପୋଲିସ ସନ୍ଦେହ କରୁଛି। ବରଙ୍ଗାଖୋଲ ଗ୍ରାମର ଏକ ରାସ୍ତା କଡରେ ଜଣେ ଯୁବକଙ୍କ ମୃତଦେହ ପଡିଥିବା ଦେଖି ଗ୍ରାମବାସୀ ରାଜଗାଙ୍ଗପୁର ପୋଲିସକୁ ଖବର ଦେଇଥିଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଚିହ୍ନଟ ପାଇଁ ପ୍ରୟାସ କରିଥିଲେ। ହେଲେ ଚିହ୍ନଟ ହୋଇପାରିନାହିଁ । କୌଣସି ଅସ୍ତ୍ରରେ ଯୁବକଙ୍କୁ ମାଡ ହୋଇଥିବାରୁ ତାଙ୍କ ମୁହଁରେ କ୍ଷତ ହେବା ସାଙ୍ଗକୁ ଆଖି ଡୋଳା ବାହାରକୁ ବାହାରି ପଡିଛି। ଏଣୁ ଏହାକୁ ଏକ ହତ୍ୟାକାଣ୍ଡ ବୋଲି ପୋଲିସ ସନ୍ଦେହ କରୁଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

# ଷ୍ଟିଲ୍ ସିଟିରେ ଶିଶୁ ଯତ୍ନକାରୀ ଗୃହ ଖୋଲ

## ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କଲା ଭାରତୀୟ ଆଇନଜୀବୀ ସଂଘ

**ରାଉରକେଲା ଅଫିସ,୧୫।୧୨**

ଷ୍ଟିଲ ସିଟି ରାଉରକେଲା ଓଡ଼ିଶାର ଶିଳ୍ପ ରାଜଧାନୀ ଭାବେ ପରିଚିତ। ଏଠାରେ ବହୁ ଭାଷା, ଧର୍ମ ଓ ସମ୍ପ୍ରଦାୟର ୬ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ବାସ କରନ୍ତି। ଏମାନଙ୍କ ମଧ୍ୟରୁ ୫୦ ହଜାରରୁ ଅଧିକ ହେଉଛନ୍ତି କର୍ମଜୀବୀ ମହିଳା। ଏମାନେ ବିଭିନ୍ନ ସରକାରୀ, ଘରୋଇ ତଥା ବ୍ୟବସାୟିକ ପ୍ରତିଷ୍ଠାନ ସମେତ କୋର୍ଟକଚେରିରେ କାମ କରନ୍ତି। ହେଲେ ସହରରେ ଗୋଟିଏ ସୁଦ୍ଧା ଶିଶୁ ଯତ୍ନକାରୀ ଅନୁଷ୍ଠାନ (କ୍ରେଚ୍) ନାହିଁ। ଫଳରେ କର୍ମଜୀବୀ ମହିଳାମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଭାରତୀୟ ଆଇନଜୀବୀ ସଂଘ ପକ୍ଷରୁ ସୁନ୍ଦରଗଡ଼ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ରାଉରକେଲ ସମେତ ସମଗ୍ର ସୁନ୍ଦରଗଡ଼ ଜିଲାରେ ଶତାଧିକ କଳ କାରଖାନା ରହିଛି। ଏମାନେ ଫାକ୍ଟ୍ରି ଆକ୍ଟ ଧାରା ୪୮କୁ କାର୍ଯ୍ୟକାରୀ କରନ୍ତି ନାହିଁ। ସୁପ୍ରିମକୋର୍ଟରେ ଆଗତ ଏକ ଜନସ୍ୱାର୍ଥ ମାମଲାର ବିଚାର କରି ଜଷ୍ଟିସ ରଞ୍ଜନ ଗୋଗୋଇ ଓ ଜଷ୍ଟିସ ଆର୍. ଭାନୁମତୀଙ୍କ ଖଣ୍ଡପୀଠ ତାଙ୍କ ରାୟରେ ନିର୍ଦ୍ଦେଶ ଜାରି କରି କହିଥିଲେ, କୋର୍ଟରେ କାର୍ଯ୍ୟରତ ବିଚାରପତି, ଆଇନଜୀବୀଙ୍କ ହିତ ଦୃଷ୍ଟିରୁ ଏକ ଶିଶୁ ଯତ୍ନକାରୀ ଗୃହ ଖୋଲାଯାଉ। ଯାହାକୁ କେବେଠାରୁ କାର୍ଯ୍ୟକାରୀ କରାଗଲାଣି। ତତ୍କାଳୀନ ମୁଖ୍ୟ ବିଚାରପତି ଦୀପକ ମିଶ୍ର ସୁପ୍ରିମକୋର୍ଟ ପରିସରରେ ଏହି ଗୃହ ଉଦ୍‌ଘାଟନ କରିଥିଲେ। ଯେଉଁଠି ଉପରୋକ୍ତ ବର୍ଗର ଶିଶୁମାନଙ୍କ ଯତ୍ନ ନିଆଯାଇ ପାରୁଛି। ଏହାକୁ ଦୃଷ୍ଟିରେ ରଖି ଭାରତୀୟ ଆଇନଜୀବୀ ସଂଘ ରାଉରକେଲା ଶାଖା ପକ୍ଷରୁ ସହରରେ ଶିଶୁ ଯତ୍ନକାରୀ ଗୃହ ବା କ୍ରେଚ୍ ସେଣ୍ଟର ଖୋଲିବାକୁ ଦାବି କରିଥିଲେ ହେଁ ଆଜିପର୍ଯ୍ୟନ୍ତ ବିଭାଗୀୟ ତତ୍ପରତା ପ୍ରକାଶ ପାଇନାହିଁ। ଏପରି ଅବସ୍ଥାରେ ଶାଖା ସଭାପତି ମହମ୍ମଦ ରଫିକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଶନିବାର ରାଉରକେଲା ଅତିରିକ୍ତ ଜିଲାପାଳ ମୋନୀଷା ବାନାର୍ଜୀଙ୍କ ଜରିଆରେ ସୁନ୍ଦରଗଡ଼ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ପ୍ରତିନିଧି ଦଳରେ ଜିଲା ଶାଖା ସାଧାରଣ ସମ୍ପାଦକ ସହସ୍ରାଂଶୁ ହୋତା, ପଞ୍ଚାନନ ଶତପଥୀ, ସଦାନନ୍ଦ ସାହୁ, ସ୍ୱାଗତିକା ମହାନ୍ତି, ସନ୍ତୋଷ ଭଦ୍ର, ଅନୁସୟା ପଣ୍ଡା, ଯସ୍ମିତା ପ୍ରଧାନ, ଅରୁଣ ଦାସ, ଗାର୍ଗୀ ପଣ୍ଡା, ବ୍ରହ୍ମା ଗରୁଡ଼, ମାଧବ ନାୟକ ଓ ପ୍ରସନ୍ନ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଏ ନେଇ ପଦକ୍ଷେପ ନିଆ ନ ଗଲେ ସଂଘ ପକ୍ଷରୁ ଆଇନର ଆଶ୍ରୟ ନିଆଯିବ ବୋଲି ସୂଚନା ଦିଆଯାଇଛି।




ଶିଶୁ ଯତ୍ନକାରୀ ଗୃହ ଖୋଲିବା ପାଇଁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଆସିଛନ୍ତି ଭାରତୀୟ ଆଇନଜୀବୀ ସଂଘ ସଦସ୍ୟ।

# ନିର୍ମାଣାଧୀନ ଷ୍ଟାଡିୟମ ଝରକାରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ରାଉରକେଲା ଅଫିସ,୧୫।୧୨**

ପାନପୋଷ ହକି ଛକ ନିକଟ ଏକ ନିର୍ମାଣାଧୀନ ଇନ୍‌ଡୋର ଷ୍ଟାଡିୟମ କୋଠା ଝରକାରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ତାଙ୍କ ନାଁ ଅଜୟ ସମାସୀ (୨୭)। ସେ ପାଖ ବସ୍ତିବାସିନ୍ଦା ବୋଲି ଜଣାଯାଇଛି। ଅଜୟ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ଶନିବାର ସକାଳ ୯ଟାରେ ଝରକାରେ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା। ରଘୁନାଥପାଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ମିଳିଥିବା ସୂଚନା ଅନୁଯାୟୀ, ପାରିବାରିକ କଳହରୁ ଅଜୟ ଶୁକ୍ରବାର ରାତି ୧୧ଟାରେ ଘରୁ ବାହାରି ଆଉ ଫେରି ନ ଥିଲେ। ରଘୁନାଥପାଲି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି।

# ପକ୍ଷୀ ମଡ଼କ: ନମୁନା ସଂଗ୍ରହ

**ରାଉରକେଲା ଅଫିସ,୧୫।୧୨**

ଷ୍ଟିଲ ସିଟିରେ ପକ୍ଷୀ ମଡ଼କ ନେଇ ଶନିବାର ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରୁ ନମୁନା ସଂଗ୍ରହ କରାଯାଇଛି। ଗତ ଦୁଇଦିନ ହେବ ଛେଣ୍ଡ, ବାସନ୍ତୀ କଲୋନୀ, ଫର୍ଟିଲାଇଜର ଟାଉନଶିପ ଭଳି କେତେକ ସ୍ଥାନରେ କାଉ ମରି ପଡ଼ିବା ଦେଖାଯାଇଛି। ଏପରି ଅବସ୍ଥାରେ କୁକୁଡ଼ା, ବତକ ଆଦି ପକ୍ଷୀଙ୍କୁ ବାର୍ଡ ଫ୍ଲୁ ନେଇ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏଭଳି ଘଟଣା ପ୍ରଚାରିତ ପରେ ଶୁକ୍ରବାରଠାରୁ କେତେକ ଫାଷ୍ଟଫୁଡ ଷ୍ଟଲରେ ଚିକେନ ଅଣ୍ଡା ଆଦି ଖାଦ୍ୟ ବିକ୍ରି ମାନ୍ଦା ପଡ଼ିଛି।



ଫର୍ଟିଲାଇଜର ଟାଉନଶିପ ଚିପ୍ ଟାଇପ୍ ମାର୍କେଟ ଅଞ୍ଚଳରେ ଶନିବାର ସକାଳେ ମରି ପଡ଼ିଥିବା ଏକ କାଉ।

# ୨ ବାଇକ୍ ମୁହାଁମୁହିଁ ଧକ୍କା: ୩ ଗୁରୁତର

**ବଡଗାଁ, ୧୫।୧୨ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ବଡଗାଁ ଥାନା ଅନ୍ତର୍ଗତ ଗରିଆମାଲ ଗାଁ ନିକଟ ରାଜ୍ୟରାଜପଥ-୧୦ ପାର୍ଶ୍ୱ ଏକ ପେଟ୍ରୋଲ ପମ୍ପ ସମ୍ମୁଖରେ ୨ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୩ଜଣ ବାଇକ ଚାଳକ ଓ ଆରୋହି ଗୁରୁତର ଆହତ ହୋଇଥିଲେ। ୨ ଜଣ ଆରୋହୀ ସାମାନ୍ୟ ଆହତ ହୋଇଛନ୍ତି। ଲକ୍ରାଘୀରା ଗ୍ରାମର ବିନୋଦ ଡୁଙ୍ଗଡୁଙ୍ଗ (୩୮) ଓ ସୁମିତ ଡୁଙ୍ଗଡୁଙ୍ଗ (୨୧) ବାଇକରେ ସୁନ୍ଦରଗଡ ପଟକୁ ଯାଉଥିଲାବେଳେ ସମ୍ମୁଖରୁ ବାଇକ୍‌ରେ ଆସୁଥିବା ରାଏଡିହି ଗ୍ରାମର ରାଜେଶ ହାଁସଦା (୩୫) ଓ ତାଙ୍କ ୨ ବନ୍ଧୁଙ୍କ ବାଇକ ମଧ୍ୟରେ ଧକ୍କା ହୋଇଥିଲା। ସମସ୍ତଙ୍କ ଗୋଡ ଓ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ହୋଇଛି। ତାଙ୍କୁ ବଡଗାଁ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରି ରାଉରକେଲା ଆଇଜିଏଚ ପଠାଯାଇଛି।

### ଦୁର୍ଘଟଣାଗ୍ରସ୍ତ ବାଇକରେ ଧକ୍କା ହୋଇ ଚାଳକ ମୃତ

**ବଡଗାଁ, ୧୫।୧୨ (ଡି.ଏନ.ଏ)**

ବଡଗାଁ ଥାନା ଗରିଆମାଲ ଗ୍ରାମ ନିକଟ ରାଜ୍ୟ ରାଜପଥ-୧୦ରେ ଦୁଇ ବାଇକ ମଧ୍ୟରେ ଧକ୍କା ହୋଇ ୩ଗୁରୁତର ହୋଇଥିଲେ । ଏହି ଦୁର୍ଘଟଣାଗ୍ରସ୍ତ ବାଇକକୁ ପୋଲିସ ରାସ୍ତା ପାର୍ଶ୍ୱରେ ରଖିଥିଲେ। ଦୁର୍ଘଟଣାର ୨ଘଣ୍ଟା ପରେ ପ୍ରାୟ ୮ଟାରେ ଜମର୍ଲା ଗ୍ରାମର ଦୟାଲ ସଏ (୨୮) ଓ ତାଙ୍କ ଜଣେ ବନ୍ଧୁ ଦ୍ରୁତଗତିରେ ଯାଉଥିଲା ବେଳେ ଦୁର୍ଘଟଣାଗ୍ରସ୍ତ ବାଇକରେ ଧକ୍କା ଦେଇଥିଲେ । ଘଟଣାସ୍ଥଳରେ ଦୟାଲଙ୍କ ମୃତ୍ୟୁ ହୋଇଥିଲା । ତାଙ୍କ ବନ୍ଧୁ ବଡଗାଁ ଡାକ୍ତରଖାନାରୁ କୁଆଡେ ଚାଲିଯାଇଥିଲେ । ପୋଲିସ ଶବ ଜବତ କରି ଘଟଣାର ତଦନ୍ତ କରୁଛି।

# ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ରାଜଗାଙ୍ଗପୁର, ୧୫।୧୨ (ଡି.ଏନ.ଏ)**

ରାଜଗାଙ୍ଗପୁର ଥାନା ଅଧିନ ରାଜ୍ୟ ରାଜପଥ- ୧୦ର ଝଗରପୁର ଗ୍ରାମ ପାଖରେ ଥିବା ଜ୍ୟୋତି ଢ଼ାବା ପାଖ ଡ୍ରେନରେ ସୋମନାଥ ଦାଶ ନାମକ ଜଣେ ଯୁବକଙ୍କ ମୃତଦେହ ଶନିବାର ରାଜଗାଙ୍ଗପୁର ପୋଲିସ ଉଦ୍ଧାର କରିଛି। ଏହା ଏକ ହତ୍ୟାକାଣ୍ଡ ବୋଲି ପୋଲିସ ସନ୍ଦେହ କରୁଛି । ଶନିବାର ସକାଳେ ରାଜଗାଙ୍ଗପୁର ଥାନା ଅଧିନ ଝଗରପୁର ଗ୍ରାମର ପାଖରେ ଥିବା ଜ୍ୟୋତି ଢ଼ାବା ନିକଟରେ ରାଜ୍ୟ ରାଜପଥ ଡ୍ରେନରେ ଏକ ମୃତଦେହ ପଡିଥିବା ଦେଖି କେତେକ ଗ୍ରାମବାସୀ ରାଜଗାଙ୍ଗପୁର ପୋଲିସକୁ ଖବର ଦେଇଥିଲେ। ପୋଲିସ ସାଇଣ୍ଟିଫିକ୍ ଟିମ୍ ସହିତ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ମୃତ ଯୁବକ ଜଣକ ସୋମବାର ଦାଶ ହୋଇଥିବାବେଳେ ତାଙ୍କଘର ସମ୍ବଲପୁର ଧନୁପାଲି ଅଞ୍ଚଳରେ ବୋଲି ଜଣାପଡିବା ସାଙ୍ଗକୁ ସେ ରାଜଗାଙ୍ଗପୁର ଏକ୍ସିସ୍ ବ୍ୟାଙ୍କରେ କାମ କରନ୍ତି ବୋଲି ଜଣାପଡିଥିଲା । ପରେ ବ୍ୟାଙ୍କ କର୍ମଚାରୀ ଏବଂ ତାଙ୍କ ଘରଲୋକଙ୍କୁ ଖବର ଦିଆଯାଇଥିଲା । ଚିହ୍ନଟ ପରେ ମୃତଦେହ ବ୍ୟବଚ୍ଛେଦ କରି ତାଙ୍କ ଘର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ପୋଲିସ ଏକ ମାମଲା ( ନଂ. ୩୨୦/୧୮) ରୁଜୁ କରି ତଦନ୍ତ କରିଥିବା ବେଳେ ଯୁବକଙ୍କ ବେକରେ କୌଣସି ଧାରୁଆ ଅସ୍ତ୍ରରେ ମରାଯାଇଥିବାରୁ ଏହା ଏକ ହତ୍ୟା ଘଟଣା ବୋଲି ରାଜଗାଙ୍ଗପୁର ପୋଲିସ ଅଧିକାରୀ ପ୍ରଦୀପ କୁମାର ଜେନା ପ୍ରକାଶ କରିଛନ୍ତି।

### ପ୍ରାତଃ ଭ୍ରମଣବେଳେ ଗାଡ଼ି ଧକ୍କା: ଯୁବକଙ୍କ ମୃତ୍ୟୁ

**ବଡଗାଁ, ୧୫।୧୨ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ବଡଗାଁ ଥାନା ଅନ୍ତର୍ଗତ ଟିକିଲିପଡା ଗ୍ରାମ ନିକଟ ୧୦ନଂ. ରାଜ୍ୟ ରାଜପଥରେ ଶନିବାର ଭୋର ୫ଟାରେ ସ୍ଥାନୀୟ ଗ୍ରାମର ବାସୁଦେବ ବେହେରା (୨୧) ରାସ୍ତାରେ ପ୍ରାତଃ ଭ୍ରମଣରେ ଯାଉଥିଲାବେଳେ ଅଜଣା ଗାଡି ଧକ୍କା ଦେବାରୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି। ଏହି ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ରାଜପଥ ଅବରୋଧ କରିଥିଲେ। ବଡଗାଁ ଥାନା ପୋଲିସ ଓ ମାଜିଷ୍ଟ୍ରେଟ ଦାୟୀତ୍ୱରେ ତହସିଲଦାର ସୋନାଲି ଚାନ୍ଦ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କଲାପରେ ରାସ୍ତା ଅବରୋଧ ଖୋଲିଥିଲା।



ରାଉରକେଲା ସେକ୍ଟର-୬ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଶୁକ୍ରବାର ସନ୍ଧ୍ୟାରେ ଆୟୋଜିତ ଏହାର ବାର୍ଷିକୋତ୍ସବରେ ଛାତ୍ରୀମାନେ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।

# ଆଇଡିଏମ୍‌ଏସ୍‌ର ବାର୍ଷିକୋତ୍ସବ ଆଜି

**ରାଉରକେଲା ଅଫିସ,୧୫।୧୨**

ଦକ୍ଷିଣ ରାଉରକେଲା ଅନ୍ତର୍ଗତ ଅଇଡିଏଲ୍ କାରଖାନାରେ କାମ କରୁଥିବା ଶ୍ରମିକ କର୍ମଚାରୀଙ୍କୁ ନେଇ ଗଠିତ ଇଣ୍ଡିଆନ ଡେଟୋନେଟର୍ସ ମଜଦୁର ସଭା (ଆଇଡିଏମ୍‌ଏସ୍)ର ୪୧ତମ ବାର୍ଷିକକୋତ୍ସବ ରବିବାର ବାଲିଯୋଡ଼ିସ୍ଥିତ ୟୁନିୟନ କାର୍ଯ୍ୟାଳୟ ସମ୍ମୁଖରେ ପାଳନ କରାଯିବ। ଏଥିପାଇଁ ସଂଗଠନ ପକ୍ଷରୁ ପ୍ରସ୍ତୁତି କରାଯାଇଛି। ୧୯୭୨ଠାରୁ ହିନ୍ଦ୍ ମଜଦୁର ସଭା (ଏଚ୍‌ଏମ୍‌ଏସ୍) ସହବନ୍ଧିତ ଏହି ୟୁନିୟନ ବାର୍ଷିକୋତ୍ସବରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହିବେ ବୋଲି କୁହାଯାଇଛି। ଆଇଡିଏଲ୍ କାରଖାନା ପରିଚାଳନା କର୍ତ୍ତୃପକ୍ଷ ଠିକା ଶ୍ରମକଙ୍କୁ କିଭଳି ସେମାନଙ୍କ ନ୍ୟାଯ୍ୟ ଦାବିରୁ ବଞ୍ଚିତ କରି ଶୋଷଣ କରୁଛନ୍ତି ସେ ସମ୍ପର୍କରେ ଆଲୋଚନା କରାଯିବ ବୋଲି ୟୁନିୟନ ପକ୍ଷରୁ କୁହାଯାଇଛି।

# ଗୁରୁ ନାନକ ବିଦ୍ୟାଳୟର ବାର୍ଷିକୋତ୍ସବ

**ରାଉରକେଲା ଅଫିସ,୧୫।୧୨**

ସେକ୍ଟର-୨୧ ନୟାବଜାରସ୍ଥିତ ଗୁରୁ ନାନାକ ଇଲିଶ ମିଡିୟମ ସ୍କୁଲର ୧୩ଶ ବାର୍ଷିକୋତ୍ସବ ଶନିବାର ପାଳିତ ହୋଇଛି। ମୁଖ୍ୟଅତିଥି ରୂପେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମହାପାତ୍ର କହିଥିଲେ, ଖୁବ କମ୍ ସମୟ ମଧ୍ୟରେ ଏହି ସ୍କୁଲ ଏକ ଉଚ୍ଚମାନର ଶିକ୍ଷାନୁଷ୍ଠାନରେ ପରିଣତ ହୋଇପାରିଛି। ଜୀବନରେ ସୁନାଗରିକ ହେବାକୁ ହେଲେ ନିଷ୍ଠା ଓ କର୍ତ୍ତବ୍ୟପରାୟଣତାକୁ ଆପଣାଇବା ଉଚିତ। ଏ ଦିଗରେ ଛାତ୍ରୀଛାତ୍ର ଯତ୍ନବାନ ହେବାକୁ ମହାପାତ୍ର ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ଦୀପିକା ଇଂଲିଶ ମିଡିୟମ ସ୍କୁଲ ଅଧ୍ୟକ୍ଷ ପ୍ରମୋଦ ସାହୁ ଯୋଗଦେଇ କହିଲେ, ଗୁରୁଙ୍କ ଗାରିମାକୁ କେବେ କାହା ସହିତ ତୁଳନା କରାଯାଇପାରିବ ନାହିଁ। ଗୁରୁ ଶିଷ୍ୟଙ୍କ ସମ୍ପର୍କ ସର୍ବଦା ପବିତ୍ର ଓ ଅତୁଳନୀୟ। ଗୁରୁଙ୍କ ପ୍ରତି ଛାତ୍ରୀଛାତ୍ରଙ୍କ ସକାରାତ୍ମକ ଦୃଷ୍ଟିଭଙ୍ଗୀ ଉପରେ ସାହୁ ଗୁରୁତ୍ୱାରୋପ କରିଥିଲେ। ସ୍କୁଲ ଅଧ୍ୟକ୍ଷ ଡ. ମନମିତ କୌରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପରିଚାଳନା କମିଟି କର୍ମକର୍ତ୍ତା ନିର୍ମଳ ସିଂ, କୁଲବିନ୍ଦର ସିଂ ଓ ଜଗଦେବ ସିଂ ପ୍ରମୁଖ ମଞ୍ଚାସୀନ ଥିଲେ। ଛାତ୍ରୀଛାତ୍ର ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସ୍ଥାନୀୟ ଆଦିବାସୀ ଉନ୍ନୟନ ପରିଷଦ ଦ୍ୱାରା ପରିଚାଳିତ ସ୍କୁଲ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ସ୍କୁଲ ବ୍ୟାଗ ପ୍ରଦାନ କରିଥିଲେ।




ସେକ୍ଟର-୨୧ ନୟାବଜାରସ୍ଥିତ ଗୁରୁ ନାନକ ବିଦ୍ୟାଳୟ ପରିସରରେ ଆୟୋଜିତ ଏହାର ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି।

### ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ଦାବିପତ୍ର

# ଭାରତକୁ ହିନ୍ଦୁ ରାଷ୍ଟ୍ର ଘୋଷଣା କର: ଭିଏଚ୍‌ପି

**ରାଉରକେଲା ଅଫିସ,୧୫।୧୨**

୧୯୪୭ ଦେଶ ବିଭାଜନ ପରେ ଭାରତକୁ ହିନ୍ଦୁ ରାଷ୍ଟ୍ର ଘୋଷଣା କରିବାର ଥିଲା ବୋଲି ୩ଦିନ ପୂର୍ବେ ମେଘାଳୟ ହାଇକୋର୍ଟ ବିଚାରପତି ମତ ଦେଇଥିବା ବେଳେ ଏହାକୁ ଦୃଢ଼ ସମର୍ଥନ କରିଛି ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି)। ଭିଏଚ୍‌ପି ପଶ୍ଚିମ ଓଡ଼ିଶା ଧର୍ମ ପ୍ରସାର ସମ୍ପାଦକ ଶାନ୍ତନୁ କୁସୁମଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ପାନପୋଷ ଉପଜିଲାପାଳ ବିଶ୍ୱଜିତ ମହାପାତ୍ରଙ୍କ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଦାବିପତ୍ର ପ୍ରଦାନ କରିଛି। ଭାରତକୁ ତୁରନ୍ତ ହିନ୍ଦୁ ରାଷ୍ଟ୍ର ଘୋଷଣା କରିବାକୁ ଦାବି କରାଯାଇଛି। ଏହାବ୍ୟତୀତ ପାକିସ୍ତାନ, ଆଫଗାନିସ୍ତାନ ଓ ବାଂଲାଦେଶରେ ନିର୍ଯାତିତ ହିନ୍ଦୁଙ୍କୁ ଉଦ୍ଧାର କରି ଭାରତରେ ଥଇଥାନ ପାଇଁ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବାକୁ ଦାବି କରାଯାଇଛି।

୧୯୪୭ରେ ଧର୍ମ ଆଧାରରେ ଦେଶ ବିଭାଜନ କରାଗଲା। ପାକିସ୍ତାନକୁ ମୁସଲମାନ ଦେଶ ଘୋଷଣା କରାଯାଇଥିଲା। ହେଲେ ବିଭାଜନର ୭୧ ବର୍ଷ ପରେ ବି ଭାରତ ହିନ୍ଦୁ ରାଷ୍ଟ୍ର ଘୋଷିତ ନ ହେବା ନିଶ୍ଚିତ ଭାବେ ଏକ ଆଶ୍ଚର୍ଯ୍ୟଜନକ ଘଟଣା। ସାରା ବିଶ୍ୱରେ ଖ୍ରୀଷ୍ଟିଆନମାନଙ୍କୁ ନେଇ ୧୫୭ ଦେଶ ରହିଥିବା ବେଳେ ମୁସଲମାନ ସମ୍ପ୍ରଦାୟକୁ ନେଇ ୫୨ ଦେଶ ରହିଛି। ଏପରି ଅବସ୍ଥାରେ ହିନ୍ଦୁମାନଙ୍କ ନିଜସ୍ୱ ଦେଶ ବୋଲି କିଛି ନାହିଁ। ହିନ୍ଦୁଙ୍କ ଏକମାତ୍ର ଆଶ୍ରୟସ୍ଥଳ ଭାରତ ଏକ ଧର୍ମ ନିରପେକ୍ଷ ରାଷ୍ଟ୍ର। ତେବେ ଏଠାରେ ହିନ୍ଦୁ ନିର୍ଯାତିତ ଅବସ୍ଥାରେ ରହନ୍ତି। ଦେଶରେ ହିନ୍ଦୁଙ୍କ ଧାର୍ମିକ ଅଧିକାରକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଉଛି ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଅତି ଆଶ୍ଚର୍ଯ୍ୟଜନକ ଭାବେ ହିନ୍ଦୁ ସଂଖ୍ୟା ଦେଶରୁ କମିବାରେ ଲାଗିଛି। ଏମିତି କେତେକ ରାଜ୍ୟ ରହିଛି ଯେଉଁଠି ହିନ୍ଦୁ ଆଜି ସଂଖ୍ୟାଲଘୁରେ ପରିଣତ ହୋଇଛନ୍ତି। ଏପରି ଅବସ୍ଥାରେ ଦେଶର କେଉଁଠି ନା କେଉଁଠି ମଠ ମନ୍ଦିର ଭଙ୍ଗାଯାଉଛି। ସରକାରୀ କଂସେଇଖାନାରେ ଗୋମାତାଙ୍କୁ ନିର୍ମମ ଭାବେ ହତ୍ୟା କରାଯାଉଛି। ସରଳ ଆଦିବାସୀଙ୍କୁ ପ୍ରଲୋଭିତ କରାଯାଇ ସେମାନଙ୍କ ଧର୍ମ ପରିବର୍ତ୍ତନ କରାଯାଉଛି। ହିନ୍ଦୁ ମା' ଭାଉଣୀଙ୍କ ସହ ଛଳ କପଟ କରାଯାଇ ଧର୍ମ ପରିବର୍ତ୍ତନ ଷଡ଼ଯନ୍ତ୍ର ରଚାଯାଉଛି। ହିନ୍ଦୁ ସମାଜ ପ୍ରତି ହେଉଥିବା ଅତ୍ୟାଚାରକୁ ରୋକା ନ ଗଲେ ଭାରତ ହିନ୍ଦୁଶୂନ୍ୟ ହେବା ଅସମ୍ଭବ ନୁହେଁ ବୋଲି ଭିଏଚ୍‌ପି ପକ୍ଷରୁ ଆଶଙ୍କା ବ୍ୟକ୍ତ କରାଯାଇଛି।



ଭାରତକୁ ହିନ୍ଦୁ ରାଷ୍ଟ୍ର ଘୋଷଣା ପାଇଁ ପାନପୋଷ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ବିଶ୍ୱ ହିନ୍ଦୁ ପରିଷଦ ପ୍ରତିନିଧି ମଣ୍ଡଳୀ।



ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ବ୍ୟାଟେରି ଚୋରି: ଦୁଇ ଗିରଫ

**ଝାରସୁଗୁଡ଼ା ଅଫିସ,୧୫।୧୨**-ହାଇୱାରୁ ବ୍ୟାଟେରି ଚୋରି ଅଭିଯୋଗରେ ବଡ଼ମାଲ ପୋଲିସ ଦୁଇଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଝାରସୁଗୁଡ଼ା ମଙ୍ଗଳବଜାରର ଏମ୍‌ଡି. ସମିମ୍ ଏବଂ ଏମ୍‌ଡି. ସାଗିର। ପୋଲିସ ସେମାନଙ୍କ ଠାରୁ ଦୁଇଟି ବ୍ୟାଟେରି ଜବତ କରିଛି। ଶନିବାର ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି। ବୃନ୍ଦାମାଲଠାରେ ପାର୍କିଂ କରାଯାଇଥିବା ଦୁଇଟି ହାଇୱାର ବ୍ୟାଟେରି ଚୋରି ହୋଇଥିବା ବଡ଼ମାଲ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା।

### କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ଝାରସୁଗୁଡ଼ା ଅଫିସ,୧୫।୧୨**-ଝାରସୁଗୁଡ଼ା ରେଲୱେ କଲୋନୀସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ପଡ଼ିଆରେ ସ୍କୁଲର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶନିବାର ଉଦ୍‌ଘାଟିତ ହୋଇଛି। ଝାରସୁଗୁଡ଼ା ଅତିରିକ୍ତ ଜିଲାପାଳ ତ୍ରିଲୋଚନ ମାଝି ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜବାହର ନବଦୋୟ ବିଦ୍ୟାଳୟ ଅଧକ୍ଷା ଦୀକ୍ଷାଜ୍ୟୋତି ମିଶ୍ର, ବରିଷ୍ଠ ରେଲୱେ ଅଧିକାରୀ ଜଗଦୀଶ ଚନ୍ଦ୍ର ନାୟକ, ଜମିଲ ଅହମ୍ମଦ ମଞ୍ଚାସୀନ ଥିଲେ। ସ୍କୁଲ ଅଧକ୍ଷ ଅରବିନ୍ଦ କୁମାର ଶର୍ମା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶନିବାର ଜୁନିୟର ବର୍ଗର ବିଭିନ୍ନ ଦୌଡ଼ ପ୍ରତିଯୋଗିତା ସମେତ ସିନିୟର ବର୍ଗର ୧୦୦ମି., ୫୦ମି. ଦୌଡ଼ ପ୍ରତିଯୋଗିତା ହୋଇଥିଲା। ଅତିଥିମାନେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ରାକେଶ କୁମାର ପ୍ରଧାନ, କୁଞ୍ଜବିହାରୀ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଏନ୍‌ଟିପିସି ପାଇପ୍ ଲାଇନ୍‌କୁ ବିରୋଧ

**ଲଖନପୁର,୧୫।୧୨(ଡି.ଏନ୍.ଏ.)**

- ପୁଣି ତ୍ରିପାକ୍ଷିକ ଆଲୋଚନା ବିଫଳ
- କ୍ଷତିପୂରଣ ପାଇଁ ଆବେଦନ କରିବେ ଜମି ମାଲିକ
- ବିଚାର ନ ହେବା ପର୍ଯ୍ୟନ୍ତ ନିର୍ମାଣ କାମ ସ୍ଥଗିତ

ସୁନ୍ଦରଗଡ଼ ଜିଲା ଦର୍ଲିପାଲିରେ ନିର୍ମାଣ ଚାଲିଛି ଏନ୍‌ଟିପିସି ସୁପର ଥର୍ମାଲ ପାୱାର ଷ୍ଟେଶନ। ଏହି ନିର୍ମାଣାଧୀନ ପ୍ରକଳ୍ପକୁ ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଛଡ଼ାରମା ନିକଟ ହୀରାକୁଦ ଜଳଭଣ୍ଡାରରୁ ୪୦ କିଲୋମିଟର ଦୂର ପାଇପ୍ ଯୋଗେ ପାଣି ଯିବ। ଏଥିପାଇଁ କମ୍ପାନୀ କର୍ତ୍ତୃପକ୍ଷ ପାଇପ୍ ବିଛାଇବାକୁ ସରକାରୀ ଜମି ହାତେଇ ନେଇଛନ୍ତି। ଅବଶିଷ୍ଟ ରୟତ ଜମିକୁ ରାଇଟ୍ ଅଫ୍ ୟୁଜ୍ ନିୟମ ଅନୁସାରେ କମ୍ପାନୀ ଜମି ମାଲିକଙ୍କୁ କ୍ଷତିପୂରଣ ଦେଇ ପାଇପ୍ ବିଛା କାମ ଆରମ୍ଭ କରିଛି। ଏହି କ୍ଷତିପୂରଣ ରାଶି ପ୍ରଦାନରେ ତାରତମ୍ୟ ରହିଥିବାରୁ କେତେଜଣ ଜମି ମାଲିକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଅସନ୍ତୁଷ୍ଟ ଜମି ମାଲିକମାନେ ପାଇପ୍ ଲାଇନ୍ କାମକୁ ବିରୋଧ କରିଆସୁଛନ୍ତି। ଏନେଇ କମ୍ପାନୀ କର୍ତ୍ତୃପକ୍ଷ ଓ ଜମିମାଲିକଙ୍କ ମଧ୍ୟରେ ମୁହାଁମୁହିଁ ହେଉଥିବା ଦେଖିବାକୁ ମିଳୁଛି। କେତେକ ସ୍ଥାନରେ କମ୍ପାନୀ କର୍ତ୍ତୃପକ୍ଷ ପୋଲିସ ମୁତୟନ କରି କାମ କରୁଛନ୍ତି। ଯେଉଁ ସ୍ଥାନରେ ଜମି ମାଲିକମାନେ ଜିଦ୍‌ରେ ଅଟଳ ରହିଛନ୍ତି, ସେ ସ୍ଥାନରେ ନିର୍ମାଣ କାମ ବନ୍ଦ ରହିଛି। ଏହା କମ୍ପାନୀ କର୍ତ୍ତୃପକ୍ଷଙ୍କ ମୁଣ୍ଡବିନ୍ଧାର କାରଣ ହୋଇଛି। ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ଲଖନପୁର ବ୍ଲକ ସରଣ୍ଡାମାଲ ପଞ୍ଚାୟତ ତଲିବାହାଲ ଗ୍ରାମରେ। ଗ୍ରାମର ଜମି ମାଲିକମାନେ ଉପଯୁକ୍ତ କ୍ଷତିପୂରଣ ଦାବିରେ ଅଡ଼ିବସି ପାଇପ୍ ଲାଇନ୍ କାମକୁ ପ୍ରଥମରୁ ବିରୋଧ କରିଆସୁଛନ୍ତି। ଲୋକଙ୍କୁ ମନାଇବା ପାଇଁ କମ୍ପାନୀ କର୍ତ୍ତୃପକ୍ଷ ଗ୍ରାମରେ ପହଞ୍ଚି ଆଲୋଚନା କରୁଛନ୍ତି। କିନ୍ତୁ କୌଣସି ଫଳ ମିଳୁନାହିଁ। ଶୁକ୍ରବାର ଗ୍ରାମରେ କମ୍ପାନୀ କର୍ତ୍ତୃପକ୍ଷ ଓ ଗ୍ରାମବାସୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲେ ମଧ୍ୟ ତାହା ବିଫଳ ହୋଇଥିଲା। ଏଥିରେ ଜିଲା ପ୍ରଶାସନ ହସ୍ତକ୍ଷେପରେ ଶନିବାର ଗ୍ରାମରେ ଏକ ତ୍ରିପାକ୍ଷିକ ଆଲୋଚନା ହୋଇଥିଲା। ଏଥିରେ ଉପଜିଲାପାଳ ବଜ୍ରବନ୍ଧୁ ଭୋଇ, ଲଖନପୁର ତହସିଲଦାର



ତଲିବାହାଲ ଗ୍ରାମରେ ଚାଲିଥିବା ତ୍ରିପାକ୍ଷିକ ଆଲୋଚନା।

ଜ୍ୟୋତ୍ସ୍ନାରାଣୀ ସାହୁ, ବନହରପାଲି ଥାନା ଆଇଆଇସି ପୁରୁଷୋତ୍ତମ ଭୋଇ, କୁମ୍ଭାରବନ୍ଧ ଫାଣ୍ଡି ଅଧିକାରୀ ରାଜକିଶୋର ସାମଦ ପ୍ରମୁଖ ଉପସ୍ଥିତ ଥିଲେ। କମ୍ପାନୀ ପକ୍ଷରୁ ଏଜିଏମ୍ ସନ୍ଦିପ ଦାସ, ସୁଧୀର ପାଣି ଓ ଗ୍ରାମବାସୀଙ୍କ ପକ୍ଷରୁ ରବୀନ୍ଦ୍ର ପାଢ଼ୀ, ଗୋପାଳ ପାଢ଼ୀ, ଅଶୋକ ପାଢ଼ୀ, ସୁନୀଲ ପାଢ଼ୀ, ସାଲେଗ୍ରାମ ନାୟକ, ୱାଚ୍‌ମ୍ୟାନ୍ ସେଠ୍, ରଞ୍ଜନ ସା, ପ୍ରସନ୍ନ ପାଢ଼ୀ, ମିତ୍ରଭାନୁ ପାଢ଼ୀ, ସନ୍ତୋଷ ପାଢ଼ୀ, ପ୍ରଦୀପ ପାଢ଼ୀ, ସୁରେନ୍ଦ୍ର ପାଢ଼ୀ, ସୁଜିତ ପାଢ଼ୀ ଓ ଅମର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମର ଜମି ମାଲିକମାନେ ପୂର୍ବ ଦାବି ଦୋହରାଇଥିଲେ। ଫଳରେ ଆଲୋଚନା ବିଫଳ ହୋଇଥିଲା। କମ୍ପାନୀ ଲୋକଙ୍କ ଜମିରେ ପାଇପ୍ ଲାଇନ୍ ବିଛାଇବ। ବିଦ୍ୟୁତ ସରବରାହ ପାଇଁ ଟାୱାର ଲାଇନ୍ ନିର୍ମାଣ କରିବ। ଫଳରେ ଏହି ଜମିରେ କିଛି କରିହେବ ନାହିଁ। ତେଣୁ କମ୍ପାନୀ ସବୁ ଜମି ନେଇ ସରକାରୀ ଧାର୍ଯ୍ୟ ମୂଲ୍ୟରେ ମାଲିକଙ୍କୁ କ୍ଷତିପୂରଣ ପ୍ରଦାନ କରୁ ବୋଲି ଗ୍ରାମବାସୀ ଦାବି କରିଥିଲେ। ଗ୍ରାମବାସୀଙ୍କ ଏଭଳି ଦାବିକୁ ନେଇ ଉପଜିଲାପାଳ ଭୋଇ କହିଛନ୍ତି, ପ୍ରଶାସନିକ ବିଧିବ୍ୟବସ୍ଥା ମଧ୍ୟରେ ଜମି ମାଲିକମାନେ ଉପଯୁକ୍ତ କ୍ଷତିପୂରଣ ପାଇଁ ଏକ ସ୍ୱତନ୍ତ୍ର ଫର୍ମରେ ଜିଲାପାଳଙ୍କ ନିକଟରେ ଆବେଦନ କରନ୍ତୁ। ଏ ସମ୍ପର୍କରେ ବିଚାର କରାଯିବ ବୋଲି ସେ କହିଛନ୍ତି। ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜମି ମାଲିକମାନେ କ୍ଷତିପୂରଣ ପାଇଁ ଆବେଦନ କରିବେ। ଏହାର ବିଚାର ନ ହେବା ପର୍ଯ୍ୟନ୍ତ କମ୍ପାନୀ ପାଇପ୍ ଲାଇନ୍ କାମ ସ୍ଥଗିତ ରଖିବ ବୋଲି ନିଷ୍ପତ୍ତି ହୋଇଛି।

### ଅଭିଯୋଗ ସତ୍ତ୍ୱେ ଏସ୍‌ଏଚ୍‌ଜିକୁ ପୁନର୍ବାର ଦାୟିତ୍ୱ

**କୋଲାବିରା,୧୫।୧୨(ଡି.ଏନ୍.ଏ.)**

କୋଲାବିରା ବ୍ଲକ ଝିଲ୍ଲାପାଲିରେ ସାଧାରଣ ବଣ୍ଟନ ଦାୟିତ୍ୱରେ ଥିବା ଏକ ଏସ୍‌ଏଚ୍‌ଜି ବିରୋଧରେ ଅନିୟମିତତା ଅଭିଯୋଗ ସତ୍ତ୍ୱେ ସମ୍ପୃକ୍ତ ସଂସ୍ଥାକୁ ପୁନର୍ବାର ଦାୟିତ୍ୱ ଦିଆଯାଇଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଝିଲ୍ଲାପାଲି ପଞ୍ଚାୟତରେ ମା' ସରସ୍ୱତୀ ଏସ୍‌ଏଚ୍‌ଜି ସାଧାରଣ ବଣ୍ଟନ ଦାୟିତ୍ୱ ସମ୍ପାଦନ କରୁଛି। ତେବେ ସମ୍ପୃକ୍ତ ଏସ୍‌ଏଚ୍‌ଜି ହିତାଧିକାରୀଙ୍କଠାରୁ ଧାର୍ଯ୍ୟ ଦରଠାରୁ ଅଧିକ ଆଦାୟ କରୁଥିବା ନେଇ ଗତ ଅକ୍ଟୋବର ମାସରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ବ୍ଲକ ଯୋଗାଣ ଅଧିକାରୀ ଗ୍ରାମକୁ ଯାଇ ହିତାଧିକାରୀଙ୍କ ବୟାନ ସଂଗ୍ରହ କରିବା ସହ କାହାଠାରୁ କେତେ ଟଙ୍କା ଅଧିକ ନିଆଯାଇଛି, ତାହାର ତାଲିକା ପ୍ରସ୍ତୁତ କରି ଦସ୍ତଖତ ନେଇଥିଲେ। ମାତ୍ର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ଚଳିତ ମାସ ପୁନର୍ବାର ବଣ୍ଟନ ଦାୟିତ୍ୱ ଦିଆଯାଇଥିବାରୁ ଏସ୍‌ଏଚ୍‌ଜି ଏବଂ ବିଭାଗୀୟ ଅଧିକାରୀଙ୍କ ସମ୍ପର୍କକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଗ୍ରାମବାସୀ। ଏ ସଂକ୍ରାନ୍ତରେ ବ୍ଲକ ଯୋଗାଣ ଅଧିକାରୀ ଦୀପ୍ତିଲତା ବାରିକଙ୍କୁ ପଚାରିବାରୁ କହିଲେ, ଅଭିଯୋଗ ପରେ ତଦନ୍ତ କରି ଉପଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରାଯାଇଛି। ତେବେ ସେଠାରୁ କୌଣସି ନିର୍ଦ୍ଦେଶ ଆସି ନ ଥିବାରୁ ପୁର୍ନବାର ଉକ୍ତ ଗ୍ରୁପ୍‌କୁ ବଣ୍ଟନ ଦାୟିତ୍ୱ ଦିଆଯାଇଥିବା ସେ କହିଛନ୍ତି।

# ଓଡ଼ିଶାର ବିକାଶ ପାଇଁ କିନ୍ନରଙ୍କ ଆରାଧନା

**ଝାରସୁଗୁଡ଼ା ଅଫିସ,୧୫।୧୨**

ଓଡ଼ିଶାର ସାମଗ୍ରିକ ବିକାଶ, ଲୋକଙ୍କ ସୁଖ, ସମୃଦ୍ଧି, ରାଜ୍ୟରେ ଏକ ସୁସରକାର, ସୁସ୍ଥ ବାତବରଣ କାମନା କରି କିନ୍ନର ଆଖଡ଼ା ପକ୍ଷରୁ ଶକ୍ତି ଆରାଧନା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଡିସେମ୍ବର ୪ରେ ଏହା ପୁରୀ ଜିଲା କାକଟପୁର ମା' ମଙ୍ଗଳାଙ୍କ ପୀଠରୁ ଆରମ୍ଭ ହୋଇଥିବା ବେଳେ ଶନିବାର ଏହି ଅଭିଯାନ ଝାରସୁଗୁଡ଼ାରେ ପହଞ୍ଚିଛି। ମଧ୍ୟାହ୍ନରେ ଆରାଧନା ପାଇଁ ଓଡ଼ିଆ କିନ୍ନର ଆଖଡ଼ାର ମହାମଣ୍ଡଳେଶ୍ୱର ମୀରା ପରିଡ଼ା, ମହନ୍ତ ନିଲମ ମା, ସାମାଜିକ କର୍ମୀ ଲିଙ୍କନ ସୁବୁଦ୍ଧି, ସଖାର ସମ୍ପାଦକ ସନ୍ତୋଷ ଚମ୍ପତି ପ୍ରମୁଖ ଝାରସୁଗୁଡ଼ା ଷ୍ଟେଶନଛକସ୍ଥିତ କନକଦୁର୍ଗା ମନ୍ଦିରରେ ପୂଜା କରିଥିଲେ। ପରମ ପୂଜ୍ୟ ସନ୍ଥ ଶ୍ରୀଦିବ୍ୟାନନ୍ଦ ଗିରିଙ୍କ ତତ୍ତ୍ୱାବଧାନରେ ଏହା ଆରମ୍ଭ ହୋଇଛି। ରଜ୍ୟର ସମସ୍ତ ଶକ୍ତିପୀଠରେ ଏହି ଆରାଧନା କରାଯିବ ବୋଲି ସୂଚନା ଦିଆଯାଇଛି।

**ବ୍ରଜରାଜନଗର(ଡି.ଏନ୍.ଏ)**- ବ୍ରଜରାଜନଗର ଅଞ୍ଚଳର ଆରାଧ୍ୟ ଦେବୀ ମା' ରାମଚଣ୍ଡୀଙ୍କ ପୀଠରେ ମଧ୍ୟ ମୀରା ପୂଜା କରିଛନ୍ତି। ନିଶାର୍ଦ୍ଧରେ ମା'ଙ୍କ ପାଖରେ ହୋମଯଜ୍ଞ କରାଯାଇଛି। ରବିବାର ସକାଳେ ସେ ବନ୍ଧବାହାଲ ଦେବୀ ମନ୍ଦିରରେ ପୂଜାର୍ଚ୍ଚନା କରି ମା' ସମଲେଶ୍ୱରୀଙ୍କ ପୀଠକୁ ଯିବେ ବୋଲି ମୀରା ପ୍ରକାଶ କରିଛନ୍ତି। ପୂର୍ବତନ ପୌରାଧକ୍ଷ ନନ୍ଦକିଶୋର ଅଗ୍ରୱାଲ, ସାମାଜିକ କର୍ମୀ ଗୁଡ୍ଡୁରା ଓଲାନୀ ଓ ମାରୱାଡି ଯୁବାମଞ୍ଚ ସଦସ୍ୟମାନେ ତାଙ୍କୁ ସ୍ୱାଗତ କରିବା ସହିତ ସମସ୍ତ ସହାୟତା କରିଥିଲେ।



ଝାରସୁଗୁଡ଼ା ଷ୍ଟେଶନ ଛକ କନକଦୁର୍ଗା ମନ୍ଦିରରେ କିନ୍ନରଙ୍କ ପୂଜା।






କୋମଳ ଉତ୍ତର କ୍ରୋଧକୁ ଦମନ କରେ,
ମାତ୍ର କଟୁବାକ୍ୟ କୋପ ଜନ୍ମାଏ।
- **ଯୀଶୁଖ୍ରୀଷ୍ଟ**



## ସଂକ୍ଷେପରେ

### ମାରପିଟ ଅଭିଯୋଗରେ ୪ ଗିରଫ

**ହେମଗିର, ୧୫।୧୨ (ଡି.ଏନ.ଏ)-** ହେମଗିର ଥାନା ଅନ୍ତର୍ଗତ ଡୁଙ୍ଗୁରିଡିହି ଗ୍ରାମରେ ଗତ ୨୨ ତାରିଖରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଡୁଙ୍ଗୁରିଡିହି ଗ୍ରାମର ମଟଲୁ ବନଛୋର (୩୦), ହେମସାଗର ସିଂ (୩୦), ପ୍ରେମସାଗର ସିଂ ଓ ସଞ୍ଜୟ ଧନଗୁଦନ (୨୦) ଉତ୍ୟକ୍ତ ହୋଇ ସେହି ଗ୍ରାମର କାନ୍ତା ସିଂ (୩୫)ଙ୍କ ଉପରେ ମାଡପିଟ କରିଥିଲେ। ଏନେଇ କାନ୍ତା ସିଂ ହେମଗିର ଥାନାରେ ଏତଲା ଦେଇଥିଲେ। ପୋଲିସ ଏତଲାକୁ ଭିତ୍ତିକରି ଏକ ମାମଲା (ନଂ. ୧୬୯/୧୮) ରୁଜୁ କରିଛନ୍ତି। ଉକ୍ତ ଚାରି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ଜୁଆ ଖେଳ ବେଳେ ପୋଲିସ ଚଢ଼ାଉ, ୪ ଗିରଫ

**ଖପ୍ରାଖୋଲ, ୧୫।୧୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ଅନ୍ତର୍ଗତ ଦେବର୍ହ ଗାଁରେ ଜୁଆଖେଳ ବେଳେ ପୋଲିସ ଚଢାଉ କରି ୪ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୧୨୪୦ଟଙ୍କା ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ନୃପ ରଣା, କୀର୍ତ୍ତନ ମେହେର, ଗୁନୁ ନାଗ ଓ ପହିତରାମ ମାଝି। ଖପ୍ରାଖୋଲ ଥାନାରେ ଏକ ମାମଲା ରୁଜୁ ହୋଇଥିବା ଏଏସଆଇ ଗୋକୁଳାନନ୍ଦ ମିଶ୍ର କହିଛନ୍ତି। ଦେବର୍ହ ଗାଁରେ ଜୁଆ ଖେଳ ଚାଲିଥିବା ନେଇ ଶୁକ୍ରବାର ବିଳମ୍ବିତ ରାତିରେ ଖପ୍ରାଖୋଲ ପୋଲିସକୁ ଖବର ମିଳିବା ପରେ ଏହି ଚଢାଉ କରାଯାଇଥିଲା।

ବସୁନ୍ଧରା କୋଇଲା ଖଣି ପାର୍ଶ୍ୱବର୍ତ୍ତୀ ଗ୍ରାମବାସୀଙ୍କ ବିସ୍ଥାପନ ସମସ୍ୟା

# ପ୍ରଶାସନ-ଗ୍ରାମବାସୀଙ୍କ ଆଲୋଚନା ବିଫଳ

**ସୁନ୍ଦରଗଡ଼, ୧୫।୧୨ (ଡି.ଏନ୍.ଏ)**



ପ୍ରଶାସନ-ଗ୍ରାମବାସୀ ଆଲୋଚନାବେଳେ ଜଣେ ଗ୍ରାମବାସୀ କହୁଛନ୍ତି।

**ହେମଗିର ବ୍ଲକ**
- ବୈଠକରୁ ଜିଲାପାଳ ଉଠିଚାଲି ଯିବାରୁ ଅସନ୍ତୋଷ
- ସୁପ୍ରିମକୋର୍ଟ ଆଦେଶର ୮ବର୍ଷ ବି ସମାଧାନ ହୋଇନି

ମହାନଦୀ କୋଲଫିଲଡ ଲିମିଟେଡ ତରଫରୁ ସୁନ୍ଦରଗଡ ଜିଲା ହେମଗିର ବ୍ଲକରେ ବସୁନ୍ଧରା କୋଇଲାଖଣି ଆରମ୍ଭ ହେବାର ଦୀର୍ଘବର୍ଷ ବିତିଯିବା ପରେ ମଧ୍ୟ ପାର୍ଶ୍ୱବର୍ତ୍ତୀ ଅଞ୍ଚଳଗୁଡିକରେ ଥିବା ପ୍ରଭାବିତ ଗ୍ରାମଗୁଡିକର ସମସ୍ୟାର ସମାଧାନ ଦିଗରେ ଖଣି କର୍ତ୍ତୃପକ୍ଷ ତଥା ପ୍ରଶାସନିକ ଉଦାସୀନତା ନୀତି ଯୋଗୁ ବିସ୍ଥାପିତ ହେବାକୁ ଥିବା ଗ୍ରାମବାସୀ ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି। ୧୯୮୭ରୁ ବସୁନ୍ଧରା ଖଣି ପାରିପାର୍ଶ୍ୱିକ ଅଞ୍ଚଳକୁ ଜମିଜମା କାରବାର ଉପର ରହିତାଦେଶ ଜାରି ହୋଇଛି। ଫଳରେ ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଦୀର୍ଘ ୩୨ ବର୍ଷ ପରେ ମଧ୍ୟ ସେମାନଙ୍କୁ କୌଣସି ନିଯୁକ୍ତି କିମ୍ବା ଅନ୍ୟ କୌଣସି ସୁବିଧା, ସୁଯୋଗ ମିଳୁନାହିଁ। ଏନେଇ ଖଣି କର୍ତ୍ତୃପକ୍ଷଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଜିଲା ପ୍ରଶାସନର ଆମନ୍ତ୍ରଣ କ୍ରମେ ଶନିବାର ସନ୍ଧ୍ୟାରେ ସ୍ଥାନୀୟ ବିକାଶ ଭବନଠାରେ ଜିଲାପାଳ ଓ ବିସ୍ଥାପନ ହେବାକୁ ଥିବା ତୁମୁଲିଆ, ଗୋପାଳପୁର, ସୁମରା ଓ କିରିପସିରା ପଞ୍ଚାୟତବାସୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଏହି ଗ୍ରାମବାସୀଙ୍କର ବିସ୍ଥାପନ ସମସ୍ୟାର ସମାଧାନ ତୁରନ୍ତ କରିବା ପାଇଁ ସୁପ୍ରିମକୋର୍ଟ ଆଦେଶ ଦେବାର ୮ବର୍ଷ ବିତିଯିବା ପରେ ମଧ୍ୟ ଏହାର ସମାଧାନ କରିବାରେ କାହିଁକି ବିଳମ୍ବ ହେଉଛି ବୋଲି ଗ୍ରାମବାସୀମାନେ ଅଭିଯୋଗ ମକରିଥିଲେ। କୋଇଲା ଖନନ କାର୍ଯ୍ୟ ଯୋଗୁ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡିକରେ କୃଷିକାର୍ଯ୍ୟ ଉଜୁଡି ଯିବାକୁ ବସିଛି। ନିଜ ଜମି ଥାଇ ମଧ୍ୟ କିଣା ବିକାରେ ରହିତାଦେଶ ଯୋଗୁ କୌଣସି ବ୍ୟକ୍ତି ନିଜର ପିଲା ଛୁଆଙ୍କୁ ଉଚ୍ଚଶିକ୍ଷା କିମ୍ବା ବିବାହ ଓ କୌଣସି ବ୍ୟକ୍ତି ଉଚ୍ଚମାନର ଚିକିତ୍ସା ପାଇବାରୁ ବଞ୍ଚିତ ହେଉଛନ୍ତି। ଏପରିକି ଏମ୍‌ସିଏଲ ଜମି ଅଧିଗ୍ରହଣ କରିଥିବା ହେତୁ ଚଳିତବର୍ଷ ଚାଷୀମାନେ ମରୁଡି ସହାୟତା ପାଇବାରୁ ବଞ୍ଚିତ ରହିବାର ସମ୍ଭାବନ ଦେଖାଦେଇଛି। କୋଇଲାଗୁଣ୍ଡରେ ଦୂଷିତ ପାନୀୟ ଜଳ ବ୍ୟବହାର କରି ଲୋକେ ନାନା ରୋଗରେ ମୃତ୍ୟୁବରଣ କରୁଛନ୍ତି। ଟପରିଆରୁ ସୁନ୍ଦରଗଡ ରାସ୍ତାରେ କୋଇଲା ପରିବହନ ଯେଗୁ ଜନସାଧାରଣ ନିତିଦିନ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏଥି ସହିତ କୋଇଲାଖଣିରେ ହେଉଥିବା ଭୟଙ୍କର ବ୍ଲାଷ୍ଟିଂ ଯୋଗୁ ତୁମୁଲିଆ ତଥା ଆଖପାଖ ଗ୍ରାମଗୁଡିକରେ ଘରକାନ୍ଥ ଗୁଡିକରେ ଫାଟ ସୃଷ୍ଟି ହେବା ସହ ଲୋକେ ନିରାପଦ ମଣୁ ନାହାନ୍ତି। ସୁପ୍ରମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ବିସ୍ଥାପିତ ହେଉଥିବା ଗ୍ରାମବାସୀଙ୍କୁ କ୍ଷତିପୂରଣ, ଥଇଥାନ ଓ ନିଯୁକ୍ତି ଯଥାଶିଘ୍ର କରାଯିବା ପାଇଁ ଗ୍ରାମବାସୀ ଅଡି ବସିଥିଲେ। ଜିଲାପାଳ ସୁରେନ୍ଦ୍ର କୁମାର ମୀନା ଗ୍ରାମବାସୀଙ୍କୁ ଜାନୁୟାରୀ ଶେଷସୁଦ୍ଧା ଏସବୁ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ବୈଠକର ଶେଷ ପର୍ଯ୍ୟାୟ ବେଳକୁ କିଛି ଗ୍ରାମବାସୀ ଏହାର ସମାଧାନ ଶିଘ୍ର କରିବାକୁ ଦାବିକରି ପାଟିତୁଣ୍ଡ କରିବା ପରେ ଜିଲାପାଳ ଉଠି ଚାଲିଯାଇଥିଲେ। ଆଲୋଚନା ନ ସରୁଣୁ ଜିଲାପାଳଙ୍କ ଉଠି ଚାଲିଥିବା ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ବିସ୍ଥାପିତ ହେବାକୁ ଥିବା ଗ୍ରାମବାସୀଙ୍କର ସମସ୍ୟା ଯଥାଶିଘ୍ର ସମାଧାନ ନ ହେଲେ ଏମ୍‌ସିଏଲ କୋଇଲାଖଣିକୁ ବନ୍ଦ କରି ଆନ୍ଦୋଳନ ଜାରି ରହିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏହି ବୈଠକରେ ସଦର ଉପଜିଲାପାଳବୀରସେନ ପ୍ରଧାନ, ହେମଗିର ବିଡିଓ ପ୍ରଦୀପ ଡାଙ୍ଗ, ଏମସିଏଲ୍ ବସୁନ୍ଧରା ଖଣି ଜିଏମ୍ ନୀରଜ ବାର୍ଲା, ସଦର ଏସଡିପିଓ ବଳଭଦ୍ର ଦୀପ, ହେମଗିର ଆଇଆଇସି ଶ୍ରଦ୍ଧାଞ୍ଜଳି ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ।



ଭାରସାମ୍ୟ ହରାଇ ଟ୍ରକ୍ ଓଲଟି ପଡ଼ିଛି।

### ଘାଟି ତଳକୁ ଖସିଲା ଟ୍ରକ: ଚାଳକ ମୃତ

**ଲହୁଣୀପଡା, ୧୫।୧୨ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ବରସୁଆଁ- ଟେନସା ରାସ୍ତା ୧୬ ନମ୍ବର ଘାଟି ହନୁମାନ ମନ୍ଦିର ନିକଟରେ ଶୁକ୍ରବାର ବିଳମ୍ବିତ ରାତ୍ରିରେ ଦୁର୍ଘଟଣା ଘଟି ଟ୍ରକ ଚାଳକଙ୍କ ମୃତ୍ୟୁ ଘଟିଛି। ରୁଗୁଡିଡିହି ଖଣି ଅଞ୍ଚଳରୁ ଲୁହା ପଥର ବୋଝେଇ ସିଜି ୦୪ ଏଚୱାଇ- ୬୧୬୧ ୧୨ଚକିଆ ଟ୍ରକ ଲହୁଣୀପଡା ପଟେ ଆସୁଥିବା ବେଳେ ୧୬ ନମ୍ବର ଘାଟିକୁ ଭାରସାମ୍ୟ ହରାଇ ଓଲଟି ପଡିଥିଲା । ଫଳରେ ଚାଳକ ଅମରେଶ କୁମାର (୩୪) ଚାପି ହୋଇ ମୃତ୍ୟୁବରଣ କରିଥିଲେ। ଖବର ପାଇ ଟେନସା ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଗାଡି ଭିତରୁ ବାହାର କରି ବ୍ୟବଚ୍ଛେଦ ପାଇଁ ଲହୁଣୀପଡା ଡାକ୍ତରଖାନାକୁ ପଠାଇବା ସହିତ ଟ୍ରକକୁ ଜବତ କରିଛନ୍ତି। ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି । ମୃତ ଚାଳକ ଅମରେଶ କୁମାର ବିହାରର ନୱାଡା ଜିଲା ଗୋୱାସା ଗ୍ରାମର ବୋଲି ପୋଲିସର ପ୍ରାଥମିକ ତଦନ୍ତରୁ ଜଣାଯାଇଛି।

## ଛାତ୍ରୀଛାତ୍ରଙ୍କ ବୃତ୍ତି ସମ୍ବନ୍ଧୀୟ ପରାମର୍ଶ କର୍ମଶାଳା

**ଲହୁଣୀପଡା,୧୫।୧୨(ଡି.ଏନ.ଏ)**

ଲହୁଣୀପଡା ବ୍ଲକ ଅନ୍ତର୍ଗତ କୁର୍ଡା ପଞ୍ଚାୟତ ଉଚ୍ଚବିଦ୍ୟାଳୟ ସଭାଗୃହଠାରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଛାତ୍ରୀଛାତ୍ରଙ୍କ ବୃତ୍ତି ସମ୍ବନ୍ଧୀୟ ପରାମର୍ଶ କର୍ମଶାଳା ବିଦ୍ୟାଳୟର ପ୍ରଧାନଶିକ୍ଷକ ଜୀବନଲାଲ ମହାନ୍ତଙ୍କ ଅଧ୍ୟକ୍ଷତାରେ ଶନିବାର ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ବୃତ୍ତିଜୀବନକୁ ସୁରକ୍ଷିତ କରି ଆବଶ୍ୟକ ପରାମର୍ଶ ଯୋଗାଇଦେବା ଏହି ପରାମର୍ଶ କର୍ମଶାଳାର ଉଦ୍ଦେଶ୍ୟ ରହିଥିବା ଜଣାପଡିଛି। ବିଦ୍ୟାଳୟର ସହକାରୀ ଶିକ୍ଷକ ରବୀନ୍ଦ୍ର କୁମାର ସାହୁ କର୍ମଶାଳାରେ ଉପସ୍ଥିତ ବିଶେଷଜ୍ଞଙ୍କ ପରିଚୟ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ। ଏଥିରେ ଶିକ୍ଷାବିଭାଗ ବିଶେଷଜ୍ଞ ବାବା ବାଣେଶ୍ୱର କନିଷ୍ଠ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରମୋଦ କୁମାର ମହାନ୍ତି, ଗଣମାଧ୍ୟମ, ଏମବିଏ ବିଭାଗ ବିଶେଷଜ୍ଞ ଗୁରୁଣ୍ଡିଆ ମହାବିଦ୍ୟାଳୟର ଅଧ୍ୟାପକ ତପନ କୁମାର ଦଣ୍ଡିଆ, ସ୍ୱାସ୍ଥ୍ୟ ବିଶେଷଜ୍ଞ କେ.ବଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର କମଳାକାନ୍ତ ମହାନ୍ତ, ଡାକ୍ତର ବିଜୟ ଭାରତୀ ମହାନ୍ତ, ବ୍ୟାଙ୍କ ଓ ଜୀବନ ବୀମା ବିଭାଗ ବିଶେଷଜ୍ଞ ଶିଶିର କୁମାର କିସାନ, ବୃତ୍ତିଗତ ଶିକ୍ଷକ ପ୍ରଶିକ୍ଷଣ ବିଭାଗ ବିଶେଷଜ୍ଞ ଜୀବନ ଚନ୍ଦ୍ର ମିଶ୍ର, କୃଷି ବିଭାଗ ବିଶେଷଜ୍ଞ ଯତୀନ୍ଦ୍ର କୁମାର ପ୍ରଧାନ ପ୍ରମୁଖ ନିଜ ବିଭାଗରେ ଛାତ୍ରୀଛାତ୍ରଙ୍କ ନିମନ୍ତେ ରହିଥିବା ବୃତ୍ତିଗତ ସୁବିଧା, ସେମାନଙ୍କ ପାଇଁ ଆବଶ୍ୟକ ନିର୍ଦ୍ଧାରିତ ଯୋଗ୍ୟତା, ଅଧ୍ୟୟନ ଅନୁଷ୍ଠାନର ସୁବିଧାସୁଯୋଗ, ସରକାରୀ ଏବଂ ବେସରକାରୀ କ୍ଷେତ୍ରରେ ଉପଲବଧ ବିଶାଳ ନିଯୁକ୍ତିର ସୁବିଧା ଏବଂ ସେସବୁର ବୃତ୍ତିଗତ ଭବିଷ୍ୟତ ବିଷୟରେ ଉପସ୍ଥିତ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ କୁମାର ଗୌତମ ବାରିକ, ଦାଶରଥୀ ପଣ୍ଡା ଯୋଗଦେଇଥିଲେ। ଏହି କର୍ମଶାଳାର ଆୟୋଜନରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ ।ଶେଷରେ ସହକାରୀ ଶିକ୍ଷକ ଏସବି ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।




କୃତୀ ପ୍ରତିଯୋଗୀ ଖେଳାଳିଙ୍କ ସହିତ ଅତିଥି ।

## ବିଜୁ ଯୁବ ବାହିନୀ ପକ୍ଷରୁ ବ୍ୟକ୍ତିଗତ କ୍ରୀଡ଼ା ପ୍ରତିଯୋଗିତା

**ବଡଗାଁ, ୧୫।୧୨ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ବଡଗାଁ ବ୍ଲକର ୧୫ଟି ପଞ୍ଚାୟତରେ ବିଶ୍ୱ ହକି ଓଡିଶାରେ ହେଉଥିବାରୁ ଖେଳାଳି, କ୍ରୀଡାପ୍ରେମୀମାନଙ୍କୁ ଉତ୍ସାହିତ କରିବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରୟୋଜିତ କ୍ରୀଡା ପ୍ରତିଯୋଗିତା ପ୍ରତ୍ୟେକ ପଞ୍ଚାୟତରେ ଅନୁଷ୍ଠିତ ହୋଇଛି। ଶନିବାର ବଡଗାଁ ହାଇସ୍କୁଲ ଖେଳ ପଡିଆରେ ବିଜୁ ଯୁବ ବାହିନୀ ମାଧ୍ୟମରେ ପ୍ରତିଯୋଗିତା ହୋଇଛି। ୧୦୦,୨୦୦,୪୦୦ ଦୌଡ, ଉଚ୍ଚଡିଆଁ ଓ ଲମ୍ବଡିଆଁ ପ୍ରତିଯୋଗିତାରେ ଶୁଭାଂଶୁ ନାଏକ, ସୌଭାଗ୍ୟ ସା, ସୁମିତ ମିଞ୍ଜ, ୨ଶହ ମିଟର ଦୌଡରେ ସୌଭାଗ୍ୟ, ରୋଶନ ନାଏକ, ସୁମିତ, ୪ଶହ ମିଟରରେ ଭୂପେନ୍ଦ୍ର ହସ୍ତି, ପ୍ରଦୀପ ମିଞ୍ଜ, ଆକାଶ ଟପ୍ପେ, ଉଚ୍ଚଡିଆଁରେ ଶ୍ରୀକାନ୍ତ କିଷାନ, ସୌଭାଗ୍ୟ, ପୁଷ୍ପଜିତ ପ୍ରଧାନ, ଲମ୍ବଡିଆଁରେ ଶୁଭାଂଶୁ, ସୌଭାଗ୍ୟ, ବ୍ରହ୍ମାନନ୍ଦ ବାଗ, ସାଇକଲ ସ୍ଲୋରେ କାହ୍ନା ସାହୁ, ପ୍ରଶାନ୍ତ ସୁହୁଲା, ସମିର କିଷାନ ଯଥାକ୍ରମେ ପ୍ରଥମରୁ ତୃତୀୟ ସ୍ଥାନ ପାଇ ପୁରସ୍କୃତ ହୋଇଥିଲେ। ଏକଦିବସୀୟ ଏହି କ୍ରୀଡା ପ୍ରତିଯୋଗିତାରେ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ମିଞ୍ଜ ମୁଖ୍ୟ ଅତିଥି ଓ ପୂର୍ବତନ ସରପଞ୍ଚ ବସନ୍ତ ଡନସନା, ବ୍ଲକ ବିଜୁ ଯୁବ ବାହିନୀର ସଂଯୋଜକ ଅମିତ ଜେନା, ଅଶୋକ ଷଡଙ୍ଗୀ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ଯୁବ ବାହିନୀର ପଞ୍ଚାୟତ ସଭାପତି ସୁଶାନ୍ତ ସା, ସମ୍ପାଦକ ରଞ୍ଜନ ପାଣିଗ୍ରାହୀ, ସଦସ୍ୟ ଅଙ୍କିତ କୁମାର, ଶୁଭମ ପାଣିଗ୍ରାହୀ, ସରୋଜ ଇନ୍ଦୁଆର, ରାଜ ଇନ୍ଦୁଆର, ମହେନ୍ଦ୍ର କୁମାର ନାଏକ, ଅମରେଶ ପଟେଲ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

ରାଜଗାଙ୍ଗପୁରରେ ପିଠା କାର୍ଯ୍ୟକ୍ରମ

## ଅସ୍ୱାସ୍ଥ୍ୟକର ସ୍ଥାନରେ ଲୋକଙ୍କୁ ଦେଲେ ଖାଇବାକୁ

**ରାଜଗାଙ୍ଗପୁର, ୧୫।୧୨ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ବ୍ଲକର କୁଟୁଣିଆ, ଝଗରପୁର, ଜଉରୁମାଲ ଓ ରଏକାକଚ୍ଛାର ଗ୍ରାମରେ ସରକାରଙ୍କ ପିଠା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରଏକାକଚ୍ଛାର ଗ୍ରାମରେ ଆୟୋଜିତ ପିଠା କାର୍ଯ୍ୟକ୍ରମରେ ଏକ ଅସ୍ୱାସ୍ଥ୍ୟକର ପରିବେଶରେ ଉପସ୍ଥିତ ଲୋକଙ୍କୁ ଖାଇବାକୁ ଦିଆଯାଇଥିବା ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମରେ ରାଜଗାଙ୍ଗପୁର ବ୍ଲକ ଉନ୍ନୟନ ଅଧିକାରୀ ଖଗେଶ୍ୱର ପାତ୍ର, କାର୍ଯ୍ୟନିର୍ବାହୀ ଅଧିକାରୀ ଲୋକନାଥ ରଣା, ନୋଡାଲ ଅଫିସର ଦୀପକ ପଟେଲ, ପକ୍କାଘର ଯୋଜନାର ସଂଯୋଜକ ଦିଶାୟନ ନାଏକଙ୍କ ସମେତ ବିଜୁଳି ବିଭାଗ ଓ ରାଜଗାଙ୍ଗପୁର ଡାକ୍ତରଖାନାର ଅଧିକାରୀମାନେ ଉପସ୍ଥିତ ରହିଥିଲେ। ସରକାରଙ୍କ ମହାତ୍ମା ଗାନ୍ଧୀ କର୍ମ ନିଯୁକ୍ତି ଯୋଜନା, ପକ୍କା ଘର ଯୋଜନା ନିର୍ମାଣ ଶ୍ରମିକଙ୍କ ପାଇଁ ଯୋଜନା, ମାଗଣା ବିଜୁଳି ସଂଯୋଗ, ବିଜୁ ସ୍ୱାସ୍ଥ୍ୟ ଯୋଜନା ଭଳି ବିଭିନ୍ନ ଯୋଜନା ସମ୍ବନ୍ଧରେ ଉପସ୍ଥିତ ଲୋକଙ୍କୁ ବୁଝାଇବା ସାଙ୍ଗକୁ ବହୁ ଯୋଜନାରେ ହିତାଧିକାରୀଙ୍କ ପଞ୍ଜିକରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ଗ୍ରାମବାସୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଉପସ୍ଥିତ ଗ୍ରାମବାସୀଙ୍କୁ ଖାଇବା ପାଇଁ ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଇଥିଲା। ହେଲେ ଅନାବନା ଗଛ ସାଙ୍ଗକୁ ଘାସବୁଦା ପରିପୂର୍ଣ୍ଣ ସ୍ଥାନରେ ଲୋକଙ୍କୁ ଖାଇବାକୁ ଦିଆଯାଇଥିବା ଦେଖିବାକୁ ମିଳିଥିଲା। ଏଠି ସ୍ୱଚ୍ଛ ଭାରତ ମିଶନ ପାଇଁ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରି ଲୋକଙ୍କୁ ସଚେତନ କରାଯାଉଥିବା ବେଳେ ଅନ୍ୟ ପଟେ ସରକାରୀ ଯୋଜନାଗୁଡିକୁ ଅସ୍ୱାସ୍ଥ୍ୟକର ପରିବେଶରେ କରାଯାଉଥିବା ଏକ ଚିନ୍ତାଜନକ ବିଷୟ ଅଟେ ବୋଲି ସାଧାରଣରେ ଆଲୋଚନା କରାଯାଉଛି।

## ସରକାରୀ ଉଚ୍ଚ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉତ୍ସବ

**ବାଲିଶଙ୍କରା, ୧୫।୧୨ (ଡି.ଏନ.ଏ)**

ବାଲିଶଙ୍କରା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଦୁଇ ଦିନ ଧରି ଚାଲିଥିବାବେଳେ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଅଧାପକ ଶିଶିର ବଡ଼େଇ ଯୋଗଦେଇ କ୍ରୀଡା ଜଗତରେ ପଦ୍ମଶ୍ରୀ ଦିଲୀପ ତିର୍କୀ, ପ୍ରବୋଧ ତିର୍କୀ, ଇଗ୍ନେସ ତିର୍କୀ, ସୁଭଦ୍ରା ପ୍ରଧାନ ଭଳି ଖେଳାଳି ହେବାକୁ ଉତ୍ସାହିତ କରିଥିଲେ। କଠିନ ପରିଶ୍ରମ, ଏକାଗ୍ରତା, ଧୈର୍ଯ୍ୟ, ଆତ୍ମ ବିଶ୍ୱାସ ଦ୍ୱାରା ସେମାନେ ସଫଳ ହୋଇପାରିଥିବା ମୁଖ୍ୟଅତିଥି ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଏସଆଇ ଧନେଶ୍ୱର ନାଏକ, କାମିଲ ତିର୍କୀ, ସୁଗ୍ରୀବ ବାଗ, ଉତ୍ତମ କୁମାର ତନ୍ତି, କିର୍ତ୍ତୀରାମ ରାଏକଳିଆ ପ୍ରମୁଖ ଯୋଗଦେଇ କ୍ରୀଡା ଉପରେ ଆଲୋକପାତ କରିଥିଲେ।

ଏହି ୫୮ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ ଦୌଡ, ଲମ୍ଫଡିଆଁ, ଉଚ୍ଚଡିଆଁ ପ୍ରଭୃତି ପ୍ରତିଯୋଗିତା ହୋଇଥିଲା । ଶିକ୍ଷକ ପ୍ରମୋଦ କୁମାର ସାହୁ ମଞ୍ଚ ପରିଚାଳନା ଓ ଅତିଥି ପରିଚୟ କରିଥିଲେ। ଖେଳ ଶିକ୍ଷୟିତ୍ରୀ ଅର୍ଚ୍ଚନା ସେନାପତି, ଖ୍ରୀଷ୍ଟୋପାରବା, ଅମରେନ୍ଦ୍ର ବେହେରା, ବିଜୟ ନାଏକ, ଜନସନ କୁଜୁର, ରାଜିରମଣ କୁଜୁର, ଦୀପ୍ତିରାଣୀ ପକ୍ଲେଇ, ମୋହନ ମାଝି, ତରୁଣ ସାହୁ ପ୍ରମୁଖ ସକ୍ରିୟ ଭାବେ କାର୍ଯ୍ୟ ତୁଲାଇଥିଲେ। ଶେଷରେ ଶିକ୍ଷକ ପ୍ରମୋଦ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।




ବାଲିଶଙ୍କରା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପନୀରେ ମଞ୍ଚାସୀନ ଅତିଥି।

## ବ୍ଲକର ୪ ପଞ୍ଚାୟତରେ 'ପିଠା' କାର୍ଯ୍ୟକ୍ରମ

- ପଦ୍ମପୁର ଓ କୁଆଁରମୁଣ୍ଡା ପଞ୍ଚାୟତରେ ଲୋକଙ୍କ ଭିଡ଼

**କୁଆଁରମୁଣ୍ଡା,୧୫।୧୨ (ଡି.ଏନ.ଏ.)**

ରାଜ୍ୟ ସରକାରଙ୍କ ଆମ ଗାଁ, ଆମ ବିକାଶ କାର୍ଯ୍ୟକ୍ରମକୁ କିଭଳି ଅଧିକ ଲୋକାଭିମୁଖି କରାଯାଇପାରିବ ଓ ବିଭିନ୍ନ ଯୋଜନାର କାର୍ଯ୍ୟକାରିତାରେ ଗ୍ରାମାଞ୍ଚଳରେ ରହୁଥିବା ଅପହଞ୍ଚ ଇଲାକାର ବାସିନ୍ଦା ସାମିଲ ହୋଇ ଉପକୃତ ହୋଇପାରିବେ ସେ ନେଇ ଏକ ଅଭିନବ କାର୍ଯ୍ୟକ୍ରମ 'ପିଠା' (ପିପୁଲ୍ସ ଏମ୍ପାୱାରମେଣ୍ଟ ଏନେବ୍ଲିଂ ଟ୍ରାନ୍ସପରେନ୍ସି ଆଣ୍ଡ ଆକାଉଣ୍ଟାବିଲିଟି ଅଫ ଓଡିଶା ଇନିସିଏଟିଭ୍‌ସ) ଶନିବାର ରାଜ୍ୟର ବିଭିନ୍ନ ବ୍ଲକରେ ଅନୁଷ୍ଠିତ ହୋଇଯାଇଛି। ହେଲେ ଏହି କାର୍ଯ୍ୟକ୍ରମ ଆଦିବାସୀବହୁଳ ସୁନ୍ଦରଗଡ଼ ଜିଲାର କୁଆଁରମୁଣ୍ଡା ବ୍ଲକର ପଦ୍ମପୁର ଓ କୁଆଁରମୁଣ୍ଡା ପଞ୍ଚାୟତରେ ଅଭୂର୍ତ୍ତ ସଫଳତା ପାଇପାରିଛି। ପଦ୍ମପୁର ପଞ୍ଚାୟତରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରାୟ ଏକ ହଜାରରୁ ଊର୍ଦ୍ଧ୍ୱ ମହିଳା/ପୁରୁଷ ଓ ବରିଷ୍ଠ ନାଗରିକମାନେ ସକାଳ ୧୦ଟାରୁ ଅଂଶ ଗ୍ରହଣ କରିଥିଲେ। ବିଭିନ୍ନ ଜନହିତକାରୀ ଯୋଜନା ବିଶେଷ କରି ବିଜୁ ପକ୍କା ଘର,ସମସ୍ତଙ୍କୁ ବିଜୁଳି ଯୋଗାଣ ବ୍ୟବସ୍ଥା ଠାରୁ ଆରମ୍ଭ କରି ସମସ୍ତଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ଇତ୍ୟାଦି ବିଷୟରେ ଅବଗତ ହୋଇଛନ୍ତି। ସରକାରଙ୍କ ଉପରୋକ୍ତ ଯୋଜନା ବିଶେଷ କରି ନିର୍ମାଣ ଶ୍ରମିକ,ବିଜୁ ପକ୍କାଘର,ବିଜୁ ସ୍ୱାସ୍ଥ୍ୟ ବୀମା ଯୋଜନା ସହ ମଧୁବାବୁ ପେନସନ ଯୋଜନା, ମୁଖ୍ୟମନ୍ତ୍ରୀ କଳାକାର ଭତା ଇତ୍ୟାଦି ବିଷୟରେ ଏଲଇଡି ପ୍ରୋଜେକ୍ଟର ମାଧ୍ୟମରେ ଉପସ୍ଥିତ ଜନସାଧାରଣଙ୍କ ପାଇଁ ଦୃଶ୍ୟଶ୍ରାବ୍ୟ ବ୍ୟବସ୍ଥା କରାଯାଇଥିଲା। ମିଳିଥିବା ସୂଚନାନୁଯାୟୀ, କୁଆଁରମୁଣ୍ଡାରେ ମଧୁବାବୁ ପେନସନ ଯୋଜନାରେ ୭ ଜଣ ଓ ନୂଆଭାବେ ବିଜୁଳି ସଂଯୋଗ ପାଇଁ ୧୪ ଜଣଙ୍କ ନାମ ପଞ୍ଜିକୃତ ହୋଇଛି। ସେହିପରି ପଦ୍ମପୁର ପଞ୍ଚାୟତରେ ମଧୁବାବୁ ପେନସନ ଯୋଜନାରେ ୩୩ ଜଣ,୧୦ ଜଣଙ୍କୁ ନୂତନଭାବେ ବିଜଳି ସଂଯୋଗ, ପୁଟ୍ରିଖିମଣ ପଞ୍ଚାୟତରେ ମୁଖ୍ୟମନ୍ତ୍ରୀ କଳାକାର ଭତ୍ତା ପାଇଁ ୯ ଜଣ, ମଧୁବାବୁ ପେନସନ ଯୋଜନାରେ ୮ ଜଣ, ନୂତନ ବିଜୁଳି ସଂଯୋଗ ପାଇଁ ୩୫ ଜଣ ଓ ଝାରବେଡା ପଞ୍ଚାୟତରେ ମଧୁବାବୁ ପେନସନ ଯୋଜନାରେ ୨୧ ଜଣ, ନୂତନ ବିଜଳି ସଂଯୋଗ ପାଇଁ ୮୬ ଜଣଙ୍କ ନାମ ପଞ୍ଜିକୃତ କୃତ ହୋଇଛି। ପଦ୍ମପୁର ପଞ୍ଚାୟତରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଡିଓ ପିୟୁଷ ଲୋହାର ନୋଡାଲ ଅଧିକାରୀଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ କୁଆଁରମୁଣ୍ଡା ୱେଷ୍କୋ ଏସଡିଓ ଶୁଭାଶିଷ ମହାନ୍ତି, ବିଏସଏସଓ ସୁନିଲ ନାଏକ, ସରପଞ୍ଚ ବିଜୟଲକ୍ଷ୍ମୀ କାଲୋ, ସିମିତି ସଭ୍ୟା ରୋସା କିଷାନ, ଜେଇ ସ୍ମିତାରାଣି ନାଥ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମ ପଞ୍ଚାୟତ ନିର୍ବାହୀ ଅଧିକାରୀ ଦେବବ୍ରତ ଦାସଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏପିଇଓ କୃଷ୍ଣମୋହନ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି କୁଆଁରମୁଣ୍ଡା ପଞ୍ଚାୟତରେ ଏବିଡିଓ ଭବାନୀଶଙ୍କର ପାଢୀ ନୋଡାଲ ଅଧିକାରୀଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସରପଞ୍ଚ ସୁଷମାକନ୍ତି କିଣ୍ଡୋ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ କୁଆଁରମୁଣ୍ଡା ପଞ୍ଚାୟତ ନିର୍ବାହୀ ଅଧିକାରୀ ମାରିୟାନୁସ୍ ଏକ୍କାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ସେହିପରି ଝାରବେଡା ପଞ୍ଚାୟତରେ ନୋଡାଲ ଅଧିକାରୀଭାବେ ଜିପିଇଓ ନିଞ୍ଜନ ନାଏକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଇଥିଲେ। ପିଇଓ ସିଂ ସମସ୍ତ କାର୍ଯ୍ୟ ସଞ୍ଚାଳନ କରିଥିଲେ। ସେହିପରି ପୁଟ୍ରିଖିମଣ ପଞ୍ଚାୟତରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ପିଇଓ ବୀରକିଶୋର ବିଲୁଙ୍ଗଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।



ପଦ୍ମପୁରରେ ଅନୁଷ୍ଠିତ ପିଠା କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ ।